# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୩୦/୨୦୨୧ (୧୨ ପୃଷ୍ଠା) | Bhubaneswar, Monday, August 30/2021 | ★★★★★★

୪୭ଶ ଭାଗ ୨୭୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-







**କିଛି ପ୍ରଶ୍ନର ଉତ୍ତର ନ ଥାଏ**
ବଲିଉଡ୍ ହଲିଉଡ୍ ମଧ୍ୟରୁ କେଉଁଟିକୁ ପସନ୍ଦ କରନ୍ତି ପ୍ରଶ୍ନର ଉତ୍ତରରେ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା କହିଛନ୍ତି କିଛି ପ୍ରଶ୍ନର ଉତ୍ତର ନ ଥାଏ। ୧୦

୧୧ **ବିଶ୍ୱ ରେକର୍ଡ କଲେ ୟେହୁଆଲା**
ଇଥିଓପିଆର ୟାଲେମ୍‌ଜେର୍ଫ ୟେହୁଆଲା ରବିବାର ମହିଳା ହାଫ୍ ମାରାଥନ ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି।




# ଭାରତକୁ ୩ ପଦକ

**କ୍ରୀଡ଼ା ଦିବସରେ ଦେଶକୁ ଉପହାର**

**ଭାବିନାବେନ, ନିଷାଦଙ୍କୁ ରୌପ୍ୟ, ବିନୋଦଙ୍କୁ ବ୍ରୋଞ୍ଜ**

**ଟୋକିଓ,୨୯।୮**

ଜାତୀୟ କ୍ରୀଡ଼ା ଦିବସରେ ଟୋକିଓ ପାରାଲିମ୍ପିକ୍ସରେ ଭାରତର ୩ଜଣ ଖେଳାଳି ପଦକ ଜିତି ଦେଶକୁ ଉପହାର ପ୍ରଦାନ କରିଛନ୍ତି। ଦୁଇ ଜଣ ଆଥ୍‌ଲେଟ ରୌପ୍ୟ ଓ ଜଣେ ବ୍ରୋଞ୍ଜ ପଦକ ହାସଲ କରି ଦେଶ ପାଇଁ ଗୌରବ ଆଣିଦେଇଛନ୍ତି। ରବିବାର ମହିଳା ପାରା ଟେବୁଲ ଟେନିସ ଖେଳାଳି ଭାବିନାବେନ ପଟେଲ ଓ ପୁରୁଷ ହାଇଜମ୍ପର ନିଷାଦ କୁମାର ରୌପ୍ୟ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି। ସେହିପରି ବିନୋଦ କୁମାର ଡିସ୍‌କସ୍ ଥ୍ରୋ'ରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ପାରାଲିମ୍ପିକ୍ସର ଏହି ୧୬ତମ ସଂସ୍କରଣରେ ଗୋଟିଏ ଦିନରେ ଭାରତର ଆଥ୍‌ଲେଟମାନେ ୩ଟି ପଦକ ହାସଲ କରିଛନ୍ତି। ଅପରପକ୍ଷରେ ବିନୋଦଙ୍କ ଡିଜାବିଲିଟି କ୍ଲାସିଫିକେଶନକୁ ନେଇ ଅଭିଯୋଗ ହେବା ପରେ ତାଙ୍କର ବ୍ରୋଞ୍ଜ ପଦକ ଫଳାଫଳକୁ ସ୍ଥଗିତ ରଖାଯାଇଛି। କେଉଁ କାରଣରୁ ତାଙ୍କ କ୍ଲାସିଫିକେଶନକୁ ନେଇ ଅଭିଯୋଗ କରାଯାଇଛି ସେ ନେଇ କିଛି ସ୍ପଷ୍ଟ କରାଯାଇନାହିଁ। ଇଭେଣ୍ଟର ଫଳାଫଳକୁ ନେଇ ତର୍ଜମା କରାଯାଉଛି। ଭିକ୍ଟ୍ରି ସେରିମନିକୁ ମଧ୍ୟ ଏଥିପାଇଁ ସୋମବାର ସନ୍ଧ୍ୟା ସେସନ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି ବୋଲି ଆୟୋଜକଙ୍କ ତରଫରୁ କୁହାଯାଇଛି। ତେବେ ବିନୋଦଙ୍କ ବ୍ରୋଞ୍ଜ ପଦକ କାଏମ ରହିବ ବୋଲି ଭାରତ ଚିଫ୍ ଡି ମିଶନ ଗୁରଶରନ ସିଂ କହିଛନ୍ତି।

ଗୁଜରାଟର ଭାବିନାବେନ ମହିଳା ସିଙ୍ଗଲ୍ସ ଟେବୁଲ ଟେନିସ କ୍ଲାସ୍ ୪ ଫାଇନାଲରେ ୦-୩ରେ ଚାଇନାର ୟିଙ୍ଗ୍ ଝୋଉଙ୍କଠାରୁ ପରାସ୍ତ ହୋଇ ରୌପ୍ୟରେ ସନ୍ତୁଷ୍ଟ ହୋଇଛନ୍ତି। ୩୪ ବର୍ଷୀୟ ଭାବିନାବେନ ଏଥିସହ ଭାରତର ଦ୍ୱିତୀୟ ମହିଳା ଭାବେ ପାରାଲିମ୍ପିକ୍ସରେ ପଦକ ଜିତିବାର ଗୌରବ ଅର୍ଜନ କରିଛନ୍ତି। ସାରା ଟୁର୍ନାମେଣ୍ଟରେ ☞ପୃଷ୍ଠା-୪


ଭାବିନାବେନ ପଟେଲ


ନିଷାଦ କୁମାର


ବିନୋଦ କୁମାର

## ସେପ୍ଟେମ୍ବର ୩୦ ଯାଏ ଅନ୍ତଃରାଷ୍ଟ୍ରୀୟ ବିମାନ ଉଡ଼ାଣ ବାତିଲ

**ନୂଆଦିଲ୍ଲୀ,୨୯।୮**

କେନ୍ଦ୍ର ସରକାର ଅନ୍ତର୍ଜାତୀୟ ବିମାନ ସେବା କଟକଣାକୁ ସେପ୍ଟେମ୍ବର ୩୦ ଯାଏ ବଢ଼ାଇଛନ୍ତି। ଅର୍ଥାତ୍ ସେପ୍ଟେମ୍ବର ୩୦ ଯାଏ ବିଦେଶକୁ କମର୍ସିଆଲ ଫ୍ଲାଇଟଗୁଡ଼ିକ ବାତିଲ ରହିବ। କୋଭିଡ୍-୧୯ ସ୍ଥିତିକୁ ବିଚାର କରି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଜଣାପଡିଛି। ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ ଏ ନେଇ ରବିବାର ସ୍ପଷ୍ଟ କରାଯାଇଛି। ଚଳିତ ବର୍ଷ ଜୁନ ୨୬ରେ ମଧ୍ୟ ସରକାର ଏ ନେଇ ଏକ ବିଜ୍ଞପ୍ତି ଜାରି କରିଥିଲେ। ଏଥିରେ ବର୍ତ୍ତମାନ କିଛିଟା ପରିବର୍ତ୍ତନ କରାଯାଇଛି। କେତେକ ବଛାବଛା ରୁଟ୍‌ରେ ଅନ୍ତର୍ଜାତୀୟ ବିମାନ ସେବା ପୂର୍ବବତ୍ ଜାରି ରହିବ। ବିମାନ ଯୋଗେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମତରେ 'କେଁ'**

# ୯୨ହଜାର ଶିଶୁ ସଂକ୍ରମିତ ଆଶଙ୍କା

- **ରାଜ୍ୟରେ ସଂକ୍ରମଣ ହାର ବଢ଼ିଲା, ଆଉ ୬୯ ମୃତ**
- **ସତର୍କ କରାଇଲେ ସ୍ୱାସ୍ଥ୍ୟମନ୍ତ୍ରୀ**

**ଭୁବନେଶ୍ୱର, ୨୯।୮(ବ୍ୟୁରୋ)**

ରାଜ୍ୟରେ ଗତ କିଛିଦିନ ହେବ ତଳମୁହାଁ ରହିଥିବା ସଂକ୍ରମଣ ଏବେ ପୁଣି ମୁଣ୍ଡ ଟେକିଛି। ଗତ ୨୪ ଘଣ୍ଟାରେ ୬୮,୬୬୭ ନମୁନା ପରୀକ୍ଷା କରାଯାଇଥିବାବେଳେ ୮୪୯ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ହାର ୧.୨୪%କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ୧୮ବର୍ଷରୁ କମ୍ ବୟସର ୧୧୯ଜଣ ରହିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି। ସେପଟେ ଦେଶରେ ସଂକ୍ରମଣ ହାର ହୁହୁ ହୋଇ ବଢ଼ୁଥିବାରୁ ତୃତୀୟ ଲହର ମୁକାବିଲା ପାଇଁ ରାଜ୍ୟରେ ତତ୍ପରତା ପ୍ରକାଶ ପାଇଛି। ଏଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ରବିବାର ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ କହିବା ସହ ରାଜ୍ୟବାସୀଙ୍କୁ ସତର୍କ କରାଇଛନ୍ତି। ବିଭିନ୍ନ ହସ୍ପିଟାଲରେ ବେଡ୍ ଓ ଔଷଧ ମହଜୁଦ ଅଛି। ରାଜ୍ୟ ଓ ଜିଲାସ୍ତରୀୟ ଟାସ୍କଫୋର୍ସ ଗଠନ ହୋଇଛି। ଛୋଟ ପିଲା ଅଧିକ ଆକ୍ରାନ୍ତ ସମ୍ଭାବନା ରହିଛି।



ରାଜ୍ୟରେ ପ୍ରାୟ ୯୨ହଜାର ଶିଶୁ କରୋନାରେ ସଂକ୍ରମିତ ହୋଇପାରନ୍ତି ବୋଲି ବିଭିନ୍ନ ମଡେଲ ତଥ୍ୟ ଦେଉଛି। ତେଣୁ ଶିଶୁଙ୍କ ପାଇଁ ହସ୍ପିଟାଲରେ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଆଗକୁ ପାର୍ବଣ ଋତୁ ଆସୁଛି। ତେଣୁ ସମସ୍ତେ ମାସ୍କ ବ୍ୟବହାର କରନ୍ତୁ ଓ କୋଭିଡ୍ ନିୟମ ପାଳନ କଲେ କରୋନାର ତୃତୀୟ ଲହରକୁ ହରାଇପାରିବା ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।

ଏଥିସହ ସେ କହିଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ଏମରଜେନ୍ସି କୋଭିଡ୍ ରେସପନ୍ସ ପ୍ୟାକେଜ୍ ବା ଇସିଆର୍‌ପି-୨କୁ ମଞ୍ଜୁରୀ ମିଳିଥିବାବେଳେ ଆସନ୍ତା ଡିସେମ୍ବର ସୁଦ୍ଧା କାମ ଶେଷ କରିବା ଲାଗି ଜିଲାପାଳଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଇସିଆର୍‌ପି-୨ରେ ଡାଏଗ୍ନୋଷ୍ଟିକ, ଟେଲିମେଡିସିନ୍, ଗୁରୁତର ରୋଗୀଙ୍କୁ ସ୍ଥାନାନ୍ତର, କୋଭିଡ୍ କେୟାର ସେଣ୍ଟର, ଶିଶୁଙ୍କ ପାଇଁ ଆଇସିୟୁ ଓ ଅକ୍ସିଜେନ୍ ଯୋଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ତୃତୀୟ ଲହରର ମୁକାବିଲା ପାଇଁ ଔଷଧ ପାଇଁ ୩୦ କୋଟି ମଞ୍ଜୁର ହୋଇଛି। ବରଗଡ଼, ରାୟଗଡ଼ାରେ ୩୨ ଶଯ୍ୟା ବିଶିଷ୍ଟ ଶିଶୁ ୟୁନିଟ୍ ପ୍ରତିଷ୍ଠା କରାଯିବ। ଏଥିରେ ୨୦ ଅକ୍ସିଜେନ୍ ଶଯ୍ୟା, ୮ ଏଚ୍‌ଡିୟୁ ଓ ୪ ଆଇସିୟୁ ଶଯ୍ୟା ରହିବ। ସେହିପରି ୨୬ ଜିଲା ମୁଖ୍ୟ ଚିକିତ୍ସାଳୟ ୪୨ଶଯ୍ୟା ବିଶିଷ୍ଟ ଶିଶୁ ୟୁନିଟ୍ ଓ ୪ଟି ଜିଲା ମୁଖ୍ୟ ଚିକିତ୍ସାଳୟରେ ଶିଶୁଙ୍କ ପାଇଁ ୨୦ଟି ଶଯ୍ୟା ରହିବ। ଏଥିସହ ୨୮ଟି ଫିଲ୍ଡ ହସ୍ପିଟାଲ ପ୍ରତିଷ୍ଠା କରାଯିବା ଲାଗି ମଞ୍ଜୁରୀ ମିଳିଛି। ପ୍ରତି ଫିଲ୍ଡ ହସ୍ପିଟାଲରେ ୫୦ ଲେଖାଏ ମୋଟ ୧,୪୦୦ ଶଯ୍ୟା ରହିବ। ମୋଟ ୧୭,୬୦୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏଥିପାଇଁ ଜିଲାସ୍ତରରେ ୮/୯ହଜାର ବର୍ଗ ଫୁଟ୍‌ର ମୁକ୍ତ ଜାଗା ଚିହ୍ନଟ ଲାଗି ଜିଲାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ଦାସ କହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ ଆଉ ୬୯ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୨୯ଜଣଙ୍କର ଅନ୍ୟ କୌଣସି ରୋଗ ନ ଥିବା ଜଣାପଡ଼ିଛି। ସେମାନେ କେବଳ କରୋନାରେ ସଂକ୍ରମିତ ହୋଇ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# କାବୁଲରେ ଆମେରିକାର ଡ୍ରୋନ୍ ଷ୍ଟ୍ରାଇକ୍

- **ଆତ୍ମଘାତୀଙ୍କ ବିସ୍ଫୋରଣ ଉଦ୍ୟମ ପଣ୍ଡ**
- **ଶିଶୁଙ୍କ ସମେତ ୨ ନିହତ**
- **ହାଇଆଲର୍ଟରେ ଏୟାରପୋର୍ଟ**

**କାବୁଲ, ୨୯।୮**

ଆଫଗାନିସ୍ତାନର କାବୁଲସ୍ଥିତ ହମିଦ୍ କାର୍‌ଜାଇ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଆତଙ୍କବାଦୀ ଆକ୍ରମଣ ନେଇ ହାଇଆଲର୍ଟ ଜାରି କରିବା ପରେ ଆମେରିକା ରବିବାର ସେଠାରେ ଡ୍ରୋନ୍ ଷ୍ଟ୍ରାଇକ୍ କରିଛି। ଏଥିରେ ଜଣେ ଶିଶୁଙ୍କ ସମେତ ୨ ଜଣଙ୍କ ମୃତ୍ୟୁ ଘଟିଥିବା ଆଫଗାନ୍ ପୋଲିସ ପକ୍ଷରୁ କୁହାଯାଇଛି। କାବୁଲସ୍ଥିତ ଖୁୱାଜା ବୁଘ୍ରାର ଗୁଲାଇ ଅଞ୍ଚଳରେ ଥିବା ଏକ ବାସଭବନରେ ରକେଟ୍ ମାଡ଼ ହୋଇଥିବା ଜଣାଯାଇଛି। ବିମାନବନ୍ଦରରେ ବିସ୍ଫୋରଣ ଯୋଜନା କରି ଏକ ଗାଡ଼ିରେ ଏକାଧିକ ଆତ୍ମଘାତୀ ଆତଙ୍କବାଦୀ ଯାଉଥିବାବେଳେ ସେମାନଙ୍କୁ ଟାର୍ଗେଟ କରି ଆମେରିକା ଡ୍ରୋନ୍ ଯୋଗେ ଆକ୍ରମଣ କରିଥିବା କହିଛି। ଏଥିଯୋଗୁ ଏକ ବଡ଼ଧରଣର ଆକ୍ରମଣ ଉଦ୍ୟମ ପଣ୍ଡ ହୋଇଛି। ଆତ୍ମଘାତୀଙ୍କ ଉପରେ ଆମେରିକା ରକେଟ ମାଡ଼ କରିଥିବା ତାଲିବାନ୍ ମୁଖପାତ୍ର ଜବିହୁଲ୍ଲା ମୁଜାହିଦ ମଧ୍ୟ ସ୍ପଷ୍ଟ କରିଛନ୍ତି। ତେବେ ଅଗଷ୍ଟ ୩୧ ପରେ ଆଫଗାନିସ୍ତାନରେ କୌଣସି ପ୍ରକାର ଷ୍ଟ୍ରାଇକ୍ ପାଇଁ ଆମେରିକାକୁ ଅନୁମତି ଦିଆଯିବ ନାହିଁ ବୋଲି ସେ କହିଛନ୍ତି।

ଗତ ଗୁରୁବାର କାବୁଲ ବିମାନବନ୍ଦର ବିସ୍ଫୋରଣରେ ୧୩ ଆମେରିକୀୟ ସୈନ୍ୟଙ୍କ ସମେତ ୨ ଶହରୁ ଊର୍ଦ୍ଧ୍ୱ ଜଣଙ୍କ ମୃତ୍ୟୁ ଘଟିବା ପରେ ସେଠାରେ ପୁଣି ଆକ୍ରମଣ ଆଶଙ୍କା ଥିବା ନେଇ ଆମେରିକା ଡ୍ରୋନ୍ ଷ୍ଟ୍ରାଇକ୍ କରିବା ପୂର୍ବରୁ କହିଥିଲା। ଆଗାମୀ ୩୬ ଘଣ୍ଟା ମଧ୍ୟରେ ଆତଙ୍କବାଦୀ ଆଉ ଏକ ବିସ୍ଫୋରଣ ଘଟାଇପାରନ୍ତି ବୋଲି ☞ପୃଷ୍ଠା-୪


ଜାତୀୟ କ୍ରୀଡ଼ା ଦିବସ ଅବସରରେ ରବିବାର ଲୋକସେବା ଭବନରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ହକି ତାରକା ଅମିତ ରୋହିଦାସଙ୍କୁ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରରେ ସମ୍ମାନିତ କରୁଛନ୍ତି। **(ରିପୋର୍ଟ: ଖେଳ ପୃଷ୍ଠା)**

# ନାବାଳିକାଙ୍କୁ ଗଣବଳାତ୍କାର: ୭ ଅଭିଯୁକ୍ତ ନାବାଳକ

**ନୂଆଦିଲ୍ଲୀ/ଭୁବନେଶ୍ୱର (ବ୍ୟୁରୋ), ୨୯।୮**

ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚି ନିକଟରେ ଜଣେ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଛି। ଏହି ଘୃଣ୍ୟ ଅପରାଧ ଭିଆଇଥିବା ସମସ୍ତ ୭ ଅଭିଯୁକ୍ତ ହେଉଛନ୍ତି ନାବାଳକ। ମୁଖ୍ୟ ଅଭିଯୁକ୍ତ ସମ୍ପୃକ୍ତ ନାବାଳିକାଙ୍କୁ ପୂର୍ବରୁ ଜାଣିଥିଲେ। ସେ ତାଙ୍କୁ ବାଇକ୍‌ରେ ବୁଲାଇବା ବାହାନାରେ ଏକ ନିଛାଟିଆ ସ୍ଥାନକୁ ନେଇଯାଇଥିଲେ। ଯୋଜନା ମୁତାବକ ସେଠାରେ ପୂର୍ବରୁ ଅନ୍ୟ ୬ ନାବାଳକ ଅପେକ୍ଷା କରିଥିଲେ। ଝିଅ ପହଞ୍ଚିବା ପରେ ଜଣେ ପରେ ଜଣେ ସମସ୍ତେ ତାଙ୍କୁ ଗଣବଳାତ୍କାର କରିଥିଲେ। ପୀଡ଼ିତା ସେଠାରୁ ଖସିଯିବା ପାଇଁ ଉଦ୍ୟମ କରିଥିଲେ ହେଁ ଶେଷରେ ୭ କାମାସକ୍ତ କିଶୋରଙ୍କ ବାହୁବଳ ଆଗରେ ହାର ମାନିଥିଲେ। ସେମାନେ ଯୌନ ଲାଳସା ମେଣ୍ଟାଇବା ପରେ ମୁଖ୍ୟ ଅଭିଯୁକ୍ତ ତାଙ୍କୁ ପୁଣି ବାଇକ୍‌ରେ ନେଇ ଘରେ ଛାଡ଼ିଦେଇଥିଲେ। ଅଗଷ୍ଟ ୨୬ରେ ରାଞ୍ଚି ନିକଟସ୍ଥ ମନ୍ଦାର ଅଞ୍ଚଳରେ ଘଟିଥିବା ଏହି ଘଟଣା ରବିବାର ସାମ୍ନାକୁ ଆସିଛି। ପୀଡ଼ିତାଙ୍କ ପରିବାରର ଅଭିଯୋଗକ୍ରମେ ପୋଲିସ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି) ଏବଂ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ପୋକ୍ସୋ ଆଇନ ବଳରେ ମାମଲା ରୁଜୁ କରିଛି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଧରାଯାଇଥିବାବେଳେ ଅନ୍ୟ ୩ ଅଭିଯୁକ୍ତ ଏବେ ବି ଫେରାର ଅଛନ୍ତି। ଏହା ପୂର୍ବରୁ ଅଗଷ୍ଟ ୨୪ରେ କର୍ନାଟକର ମହୀଶୂରରେ ଜଣେ କଲେଜ ଛାତ୍ରୀ ଗଣବଳାତ୍କାରର ଶିକାର ହୋଇଥିଲେ। ଏମ୍‌ବିଏ ଛାତ୍ରୀ ଜଣକ ରାତି ୮ଟାରେ ଚାମୁଣ୍ଡି ହିଲ୍ସରୁ ନିଜ ବନ୍ଧୁଙ୍କ ସହ ଫେରୁଥିବାବେଳେ ଅଭିଯୁକ୍ତମାନେ ଦୁହିଁଙ୍କୁ ଅଟକାଇଥିଲେ। ସେମାନେ ଛାତ୍ରୀଙ୍କୁ ବଳାତ୍କାର କରିବା ସହ ତାଙ୍କ ବନ୍ଧୁଙ୍କୁ ମାଡ଼ ମାରିଥିଲେ। ଏହି ସମ୍ବେଦନଶୀଳ ଘଟଣାକୁ ନେଇ ବିକ୍ଷୋଭ ବଢ଼ିବା ପରେ ଜାତୀୟ ଗଣମାଧ୍ୟମରେ ଏହା ଶିରୋନାମା ମଣ୍ଡନ କରିଥିଲା। ଫଳରେ ପୋଲିସ ଉପରେ ଚାପ ବଢ଼ିଥିଲା ଓ କର୍ନାଟକ ପୋଲିସ ମହାନିର୍ଦ୍ଦେଶକ ପ୍ରବୀଣ ସୁଦ୍‌ଙ୍କ ନେତୃତ୍ୱରେ ତଦନ୍ତ ☞ପୃଷ୍ଠା-୪




## କିଶୋରଙ୍କ ମଧ୍ୟରେ ବଢ଼ୁଛି ଅପରାଧ ପ୍ରବଣତା

୨୦୧୨ ଡିସେମ୍ବର ୧୬ରେ ସାରା ଦେଶକୁ ସ୍ତବ୍ଧ କରିଦେଇଥିବା ଦିଲ୍ଲୀର ବହୁଚର୍ଚ୍ଚିତ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ୬ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ନାବାଳକ ଥିଲେ। ୨୦୨୧ ଜାନୁୟାରୀ ୨ରେ ବିହାରର ପୂର୍ବ ଚମ୍ପାରନ୍ ଜିଲାରେ ଜଣେ ୩ ବର୍ଷୀୟା କନ୍ୟା ଘର ପାଖରେ ଖେଳୁଥିବାବେଳେ ତାଙ୍କୁ ଗଣବଳାତ୍କାର କରାଯାଇଥିଲା। ଏହି ମାମଲାରେ ଧରାପଡ଼ିଥିବା ତିନିଜଣ ଅଭିଯୁକ୍ତଙ୍କ ବୟସ ହେଉଛି ୧୧ ବର୍ଷରୁ କମ୍। ☞ପୃଷ୍ଠା-୪

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୩୦ ଅଗଷ୍ଟ, ୨୦୨୧



## ସଂକ୍ଷେପରେ

### ୟେମେନ୍‌ରେ ଡ୍ରୋନ୍ ଆକ୍ରମଣ: ୩୦ ସୈନ୍ୟ ନିହତ

ସନା, ୨୯।୮ : ୟେମେନର ଏକ ପ୍ରମୁଖ ସାମରିକ ଘାଟି ଉପରେ ରବିବାର କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣରେ ୩୦ ସୈନ୍ୟଙ୍କ ମୃତ୍ୟୁ ଘଟିଛି। ଲାହଜ ପ୍ରଦେଶର ଅଲ୍-ଆନଡ୍ ଏୟାରବେସ୍‌ରେ ହୋଇଥିବା ଏହି ଆକ୍ରମଣରେ ଅନ୍ୟ ୬୫ ଜଣ ଆହତ ହୋଇଛନ୍ତି। ଆକ୍ରମଣ ପାଇଁ କୌଣସି ଆତଙ୍କବାଦୀ ସଂଗଠନ ନିଜକୁ ଦାୟୀ କରିନାହାନ୍ତି। ଏୟାରବେସ୍‌ରେ ୩ଟି ବିସ୍ଫୋରଣ ଘଟିଥିଲା। ଏହାର ପ୍ରଶିକ୍ଷଣ ଅଞ୍ଚଳରେ ଏକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା ବୋଲି ଜଣେ ଅଧିକାରୀ କହିଛନ୍ତି। ୨୦୧୪ରୁ ୟେମେନରେ ଗୃହଯୁଦ୍ଧ ଲାଗି ରହିଛି। ହାଉଥି ବିଦ୍ରୋହୀ ଅଧିକାଂଶ ଉତ୍ତରାଞ୍ଚଳ ସମେତ ରାଜଧାନୀ ସନାକୁ କବ୍‌ଜା କରିବା ପରେ ସେଠାର ଅନ୍ତର୍ଜାତୀୟ ସ୍ୱୀକୃତିପ୍ରାପ୍ତ ସରକାର ନିର୍ବାସିତ ହୋଇଛନ୍ତି। ଆକ୍ରମଣ ପାଇଁ ହାଉଥିକୁ ଦାୟୀ କରାଯାଇଛି।

### ମନ୍ଦିର ନ ଖୋଲିଲେ ଅନଶନରେ ବସିବେ ଆନ୍ନା



ମୁମ୍ବାଇ, ୨୯।୮ : ମହାରାଷ୍ଟ୍ରରେ ସର୍ବସାଧାରଣଙ୍କ ପାଇଁ ମନ୍ଦିର ଖୋଲିବା ନିମନ୍ତେ ଦାବି ଜୋର୍ ଧରିଛି। ଦୁଇ ସପ୍ତାହ ମଧ୍ୟରେ ମନ୍ଦିର ନ ଖୋଲିଲେ ଅନଶନରେ ବସିବେ ବୋଲି ସମାଜସେବୀ ଆନ୍ନା ହଜାରେ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛନ୍ତି। କରୋନାର ଦ୍ୱିତୀୟ ଲହର ଯୋଗୁ ରାଜ୍ୟର ସମସ୍ତ ମନ୍ଦିର ବନ୍ଦ ରହିଥିଲା। ଏବେ ସଂକ୍ରମଣ ଯଥେଷ୍ଟ ହ୍ରାସ ପାଇଥିବାରୁ ମନ୍ଦିର ଖୋଲିବା ଲାଗି ବିରୋଧୀ ଦଳ ପକ୍ଷରୁ ଦାବି କରାଯାଇଛି। ଆନ୍ନା ହଜାରେ ଏହାକୁ ସମର୍ଥନ କରିଛନ୍ତି। ମଦ ଦୋକାନ ଖୋଲିପାରୁଥିବାବେଳେ ମନ୍ଦିର କାହିଁକି ଖୋଲିବ ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି।

### ରାଣେଙ୍କୁ ଗିରଫ ପାଇଁ ନିର୍ଦ୍ଦେଶ ଦେଇଥିବା ମନ୍ତ୍ରୀଙ୍କୁ ଇଡି ସମନ

ମୁମ୍ବାଇ, ୨୯।୮: କେନ୍ଦ୍ରମନ୍ତ୍ରୀ ନାରାୟଣ ରାଣେଙ୍କୁ ଗିରଫ କରିବା ପାଇଁ ଗତ ସପ୍ତାହରେ ପୋଲିସକୁ ନିର୍ଦ୍ଦେଶ ଦେଇଥିବା ମହାରାଷ୍ଟ୍ର ପରିବହନ ମନ୍ତ୍ରୀ ଅନିଲ ପରବଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ନୋଟିସ ଜାରି କରିଛି। ମନି ଲଣ୍ଡରିଂ ମାମଲାରେ ତାଙ୍କୁ ମଙ୍ଗଳବାର ହାଜର ହେବା ଲାଗି ଇଡି କହିଛି। ସୂଚନାଯୋଗ୍ୟ ଭାଜପାର ଜନ ଆଶୀର୍ବାଦ ଯାତ୍ରା ବେଳେ ରତ୍ନଗିରିଠାରେ ଏକ ସଭାକୁ ସମ୍ବୋଧିତ କରିବା ଅବସରରେ କେନ୍ଦ୍ରମନ୍ତ୍ରୀ ରାଣେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ଚାପୁଡ଼ା ମାରିବେ ବୋଲି କହିଥିଲେ। ଉକ୍ତ ଜିଲା ଦାୟିତ୍ୱରେ ଥିବା ମନ୍ତ୍ରୀ ପରବ କେନ୍ଦ୍ରମନ୍ତ୍ରୀଙ୍କୁ ଗିରଫ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେବା ସମୟର ଦୃଶ୍ୟ କ୍ୟାମେରାରେ କଏଦ ହୋଇଥିଲା। ଜନ ଆଶୀର୍ବାଦ ଯାତ୍ରା ଶେଷ ହେବା ପରେ କେନ୍ଦ୍ର ସରକାର ପ୍ରତିଶୋଧ ମୂଳକ ପଦକ୍ଷେପ ଆରମ୍ଭ କରିଛନ୍ତି। ପରବଙ୍କୁ ଇଡି ସମନ ଜାରି କରିଛି। ଏହା ଏକ ଆଇନଗତ ଲଢ଼େଇ ଏବଂ ଆମେ ଏହା ବିରୋଧରେ କୋର୍ଟରେ ଲଢ଼ିବୁ ବୋଲି ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ ଟୁଇଟ୍ କରିଛନ୍ତି।

### ମୁସଲମାନଙ୍କୁ ଜୟ୍ ଶ୍ରୀରାମ କହିବାକୁ ବାଧ କରାଇ ୨ ଗିରଫ

ଭୋପାଳ, ୨୯।୮ : ମଧ୍ୟପ୍ରଦେଶ ଉଜ୍ଜୟିନୀ ଜିଲାରେ ଜଣେ ମୁସଲମାନ ସ୍କ୍ରାପ୍ ଡିଲରଙ୍କୁ ଧମକ ଦେବା ସହ 'ଜୟ୍ ଶ୍ରୀରାମ' ସ୍ଲୋଗାନ ଦେବାକୁ ବାଧ କରିବା ଅଭିଯୋଗରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଶନିବାର ଏହି ଘଟଣା ଘଟିଥିବାବେଳେ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ମହିଦପୁର ଏସ୍‌ଡିପିଓ ଆର୍.କେ. ରାୟଙ୍କ ସୂଚନା ଅନୁଯାୟୀ ଦୀର୍ଘଦିନ ହେବ ସେଠାରେ ସ୍କ୍ରାପ୍ ବ୍ୟବସାୟ କରିଆସୁଥିବା ଅବଦୁଲ ରଶିଦ ଶନିବାର ନିଜ ମିନିଟ୍ରକ୍‌ରେ କିଛି ରଦ୍ଦି ମାଲ ସଂଗ୍ରହ କରିବା ଲାଗି ସିକ୍‌ଲି ଗ୍ରାମକୁ ଯାଇଥିବାବେଳେ ତାଙ୍କୁ କେତେଜଣ ଲୋକ ଉକ୍ତ ଅଞ୍ଚଳରେ ବ୍ୟବସାୟ ବନ୍ଦ କରିବା ସହ ଗାଁ ଛାଡ଼ି ଚାଲିଯିବାକୁ କହିଥିଲେ। ପିପ୍ଲିୟା ଧୁମାଠାରେ ଦୁଇଜଣ ତାଙ୍କୁ ମାଡ଼ ମାରିବା ସହ ଜୟ୍ ଶ୍ରୀରାମ କହିବାକୁ ବାଧ କରିଥିଲେ। ଏହି ଘଟଣାରେ କମଲ ସିଂ(୨୨) ଏବଂ ଈଶ୍ୱର ସିଂ (୨୭)ଙ୍କ ବିରୋଧରେ ମାମଲା ରୁଜୁ କରାଯିବା ସହ ସେମାନଙ୍କୁ ଗିରଫ କରାଯାଇଛି।



# ଏୟାରପୋର୍ଟରେ ଛକାପଞ୍ଝା

ଏପଟେ ତାଲିବାନ୍‌ର ତାଗିଦ୍ ସେପଟେ ଦାଉ ସାଧୁଛି ଆଇଏସ୍ ଖୋରାସାନ୍। ଅଗଷ୍ଟ ୩୧ ଡେଡ୍‌ଲାଇନ ପାଖେଇ ଆସୁଥିବାରୁ ଇଭାକ୍ୟୁଏଶନ ଜୋରଦାର କରିଛି ଆମେରିକା। କାରଣ ଏବେ ବି ଆଫଗାନିସ୍ତାନରେ ଫସି ରହିଛନ୍ତି ୩୦୦ରୁ ଉର୍ଦ୍ଧ୍ୱ ଆମେରିକୀୟ। ଗୁରୁବାର ଘଟିଥିବା କାବୁଲ ଏୟାରପୋର୍ଟ ବିସ୍ଫୋରଣର ମୃତ୍ୟୁସଂଖ୍ୟା ୨୦୦ ଛୁଇଁବାକୁ ଯାଉଥିବାବେଳେ ପୁଣି ଆକ୍ରମଣ ଲାଗି ସୁଯୋଗ ଖୋଜୁଛି ତାଲିବାନ୍‌ର ଚିରଶତ୍ରୁ ଆଇଏସ୍‌କେ। ଏହି ସଙ୍ଗଠନର କେତେଜଣ ସଶସ୍ତ୍ର ଆତଙ୍କବାଦୀ ରବିବାର ସୈନ୍ୟମାନଙ୍କୁ ଟାର୍ଗେଟ କରି ବିସ୍ଫୋରଣ ଘଟାଇବାକୁ ଯାଉଥିବାବେଳେ ଆମେରିକା ଏୟାରଷ୍ଟ୍ରାଇକ୍ କରି ସେମାନଙ୍କ ଉଦ୍ୟମକୁ ପଣ୍ଡ କରିଛି। କୌଣସି ମତେ ଦେଶ ଛାଡ଼ି ପଳାୟନ କରିବା ପାଇଁ କାବୁଲ ଏୟାରପୋର୍ଟରେ ଏବେ ବି ହଜାର ହଜାର ଆଫଗାନ୍ ହାତରେ ଯାତ୍ରା ଦସ୍ତାବିଜ ଧରି ଅପେକ୍ଷାରତ। ମନରେ ଗୋଟିଏ ଚିନ୍ତା ସୈନ୍ୟ ଅପସାରଣ ପରେ କ'ଣ କରିବେ। ଏ ସବୁ ଭିତରେ ସମଗ୍ର ଏୟାରପୋର୍ଟ ଅଞ୍ଚଳରେ ଲାଗି ରହିଛି ଛକାପଞ୍ଝା ସ୍ଥିତି।



କାବୁଲ ଏୟାରପୋର୍ଟ ବାହାରେ ତାଲିବାନ୍ ଲଢୁଆଙ୍କ କଡ଼ା ପ୍ରହରା।

## ଛାଡ଼ିବନି ଆମେରିକା

ୱାଶିଂଟନ୍/କାବୁଲ, ୨୯।୮

କାବୁଲ ବିମାନବନ୍ଦର ବିସ୍ଫୋରଣରେ ୧୩ ଆମେରିକା ସୈନ୍ୟ ନିହତ ହେବା ପରେ ପ୍ରତିଶୋଧ ନେବାକୁ ଶପଥ ନେଇଛନ୍ତି ରାଷ୍ଟ୍ରପତି ଜୋ ବାଇଡେନ୍। ଆକ୍ରମଣ ଷଡ଼ଯନ୍ତ୍ରକାରୀଙ୍କୁ ଖୋଜିଖୋଜି ହତ୍ୟା କରିବାକୁ ବାଇଡେନ୍ କହିବା ସହ ବିସ୍ଫୋରଣର ୪୮ ଘଣ୍ଟା ଭିତରେ ଆମେରିକା ଆଇଏସ୍-କେ ଆତଙ୍କବାଦୀ ସଙ୍ଗଠନକୁ ଟାର୍ଗେଟ କରି ଶନିବାର ଏୟାରଷ୍ଟ୍ରାଇକ୍ କରିଥିଲା। ଆଗକୁ ମଧ୍ୟ ଆମେରିକା ଏଭଳି ପ୍ରତିଶୋଧ ନେବା ଜାରି ରଖିବ ବୋଲି ଜାତୀୟ ସୁରକ୍ଷା ପରାମର୍ଶଦାତା ଜାକି ସୁଲିଭାନ୍ ରବିବାର ଚେତାବନୀ ଦେଇଛନ୍ତି।

ସୁଲିଭାନ କହିଛନ୍ତି, ରାଷ୍ଟ୍ରପତି ବାଇଡେନ୍ ଆଫଗାନିସ୍ତାନରେ ଏକ ନୂତନ ଯୁଦ୍ଧ ଆରମ୍ଭ କରିବାକୁ ଚାହୁଁନାହାଁନ୍ତି। କିନ୍ତୁ ଆମ ସୈନିକଙ୍କ ଉପରେ ଆକ୍ରମଣ କରୁଥିବା ବ୍ୟକ୍ତି ବା ସଙ୍ଗଠନକୁ ଧ୍ୱଂସ କରିବାକୁ କମାଣ୍ଡରମାନଙ୍କ ସହ ଆଲୋଚନା କରାଯିବ। ଆଇଏସ୍-କେର ଚିହ୍ନବର୍ତ୍ତ ହଟାଇବାକୁ ସେମାନଙ୍କୁ ସମସ୍ତ ପ୍ରକାର ସାଧନ ଯୋଗାଯିବ। ଏଥିସହ ଆଇଏସ୍-କେ ଯେପରି କେବେ ଯୁଦ୍ଧଭୂମିରେ ଅବତରଣ କରି ନ ପାରେ ସେ ଦିଗରେ ଅଭିଯାନ ଆରମ୍ଭ ହେବ ବୋଲି ସେ କହିଛନ୍ତି। ଆମେରିକାର ଏଭଳି ଆଭିମୁଖ୍ୟକୁ ନେଇ ଆଇଏସ୍-କେ ଆହୁରି ଆକ୍ରମଣ ଯୋଜନା କରିପାରେ ବୋଲି ବାଇଡେନ୍ ଆଶଙ୍କା କରିଛନ୍ତି।



ଜୋ ବାଇଡେନ୍

ସେପଟେ ଅଗଷ୍ଟ ୩୧ ପରେ ଆମେରିକା ଆଫଗାନିସ୍ତାନରେ କୌଣସି ପ୍ରକାର ଆକ୍ରମଣ କିମ୍ବା ଷ୍ଟ୍ରାଇକ୍ କରିପାରିବନି ବୋଲି ତାଲିବାନ୍ କହିଛି। ଅନ୍ୟପକ୍ଷରେ କାବୁଲ ବିସ୍ଫୋରଣରେ ପ୍ରାଣ ହରାଇଥିବା ଆମେରିକା ସୈନ୍ୟଙ୍କ ମୃତଦେହକୁ ଆଫଗାନିସ୍ତାନରୁ ନିଆଯିବାକୁ ସ୍ଥିର ହୋଇଛି। ମୃତକଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ସେମାନଙ୍କ ପରିବାରକୁ ବାଇଡେନ୍ ଓ ତାଙ୍କ ସ୍ତ୍ରୀ ଜିଲ୍ ଭେଟିବେ ବୋଲି ହ୍ୱାଇଟହାଉସ୍ ପକ୍ଷରୁ କାର୍ଯ୍ୟସୂଚୀ ଜାରି କରାଯାଇଛି।

ଆମେରିକା ସୈନ୍ୟ ଏକ ବଡ଼ ଧରଣର ଏୟାର ଲିଫ୍ଟିଂ ଶେଷ କରିବାକୁ ଯାଉଛନ୍ତି। ସେଠାରେ ପ୍ରାୟ ୩ ଶହ ଆମେରିକୀୟ ଫସିରହିଛନ୍ତି। ଡେଡ୍‌ଲାଇନ୍ ପୂର୍ବରୁ ସେମାନଙ୍କ ସମେତ ସମସ୍ତ ଆଫଗାନ୍ ସହଯୋଗୀଙ୍କୁ ଉଦ୍ଧାର କରିନିଆଯିବ ବୋଲି ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି। ଆମେରିକା ବିମାନବନ୍ଦର ଛାଡ଼ିବା ପରେ ତାଲିବାନ୍ ଏହାକୁ ନିଜ ନିୟନ୍ତ୍ରଣକୁ ନେବା ଅପେକ୍ଷାରେ ରହିଛି।



ଆମେରିକା ଏୟାରଷ୍ଟ୍ରାଇକ୍‌ରେ କାବୁଲ ଏୟାରପୋର୍ଟ ନିକଟରେ ଧ୍ୱସ୍ତ ଏକ କାର୍।

## ସବୁ ବ୍ରିଟିଶ ସୈନ୍ୟ ପ୍ରତ୍ୟାହୃତ

ଲଣ୍ଡନ, ୨୯।୮(ପି.ଟି.): କାବୁଲରୁ ବ୍ରିଟିଶ ସେନା ପ୍ରତ୍ୟାହାର ରବିବାର ସମ୍ପୂର୍ଣ୍ଣ ହୋଇଛି। ତାଲିବାନ କ୍ଷମତା ଦଖଲ କରିବା ପରେ ଆଫଗାନିସ୍ତାନରେ ବ୍ରିଟେନର ୨୦ ବର୍ଷର ସେନା ଅଭିଯାନର ପୂର୍ଣ୍ଣଚ୍ଛେଦ ପଡ଼ିଛି। ବ୍ରିଟେନ୍ ନିଜର ୧୫ ହଜାର ନାଗରିକଙ୍କୁ ଫେରାଇନେବା ପରେ ରୟାଲ ଏୟାରଫୋର୍ସ ବିମାନ ଶନିବାର ରାତିରେ କାବୁଲ ବିମାନବନ୍ଦର ଛାଡ଼ି ଅକ୍ସଫୋର୍ଡଶାୟାରର ଆର୍‌ଏଏଫ୍ ବ୍ରିଜ ନର୍ଟନରେ ପହଞ୍ଚିଛି। ସେନା ପ୍ରତ୍ୟାହାର ପ୍ରକ୍ରିୟାରେ ସହାୟତା କରୁଥିବା ଆଫଗାନିସ୍ତାନରେ ବ୍ରିଟେନ ରାଷ୍ଟ୍ରଦୂତ ସାର୍ ଲାଉରି ବ୍ରିଷ୍ଟୋଙ୍କ ସମେତ ସମସ୍ତ ଅଧିକାରୀ ଓ ସୈନ୍ୟ ଫେରିଯାଇଛନ୍ତି।



ଅପରେଶନ ପିଟିଙ୍ଗ୍ (ଆଫଗାନିସ୍ତାନରୁ ବ୍ରିଟିଶଙ୍କୁ ଫେରାଇନେବା ଅଭିଯାନ) ଶେଷ ହେଲା ବୋଲି ରବିବାର ସକାଳେ ବ୍ରିଟେନ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍ କହିବା ସହ ଏହାର ଏକ ଭିଡିଓ ଟୁଇଟରରେ ପୋଷ୍ଟ କରିଛନ୍ତି।

## ଦେଶ ଛାଡ଼ିପାରନ୍ତି ୫ ଲକ୍ଷ ଆଫଗାନ୍

ଆଫଗାନିସ୍ତାନରେ ଭୟ ଓ ଅନିଶ୍ଚିତତାର ବାତାବରଣ ସୃଷ୍ଟି ହୋଇଛି। ଦେଶବାସୀ ନିଜକୁ ସୁରକ୍ଷିତ ମଣୁନାହାନ୍ତି। କିଛିଦିନ ମଧ୍ୟରେ ଅନେକ ଆଫଗାନ ଦେଶ ଛାଡ଼ିଲେଣି। ଆଗାମୀ ୪ ମାସ ମଧ୍ୟରେ ପ୍ରାୟ ୫ ଲକ୍ଷ ନାଗରିକ ଦେଶ ଛାଡ଼ିପାରନ୍ତି ବୋଲି ଜାତିସଂଘ ଶରଣାର୍ଥୀ ସଂସ୍ଥା ଆକଳନ କରିଛି। ରାଜନୈତିକ ଅନିଶ୍ଚିତତା ସୃଷ୍ଟି ଯୋଗୁ ବହୁସଂଖ୍ୟାରେ ଲୋକ ଦେଶ ଛାଡ଼ିବାକୁ ବାଧ ହେଉଥବା ୟୁଏନ୍‌ଏଚ୍‌ସିଆର୍ କହିଛି। ଆଫଗାନ ଶରଣାର୍ଥୀମାନଙ୍କ ପାଇଁ ସୀମା ଖୋଲା ରଖିବାକୁ ଉକ୍ତ ସଂସ୍ଥା ପଡୋଶୀ ଦେଶଗୁଡ଼ିକୁ କହିଛି। ଅସୁବିଧାରେ ଥିବା ଆଫଗାନ୍‌ମାନଙ୍କୁ ଖାଦ୍ୟ ଯୋଗାଇବା ପାଇଁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ (ଡବ୍ଲ୍ୟୁଏଫ୍‌ପି) ଜାତିସଂଘକୁ ୧୨ ନିୟୁତ ଡଲାର ମାଗିଛି।

## ପଞ୍ଜଶିରରେ ଇଣ୍ଟରନେଟ ବନ୍ଦ

### ସାଲେହଙ୍କୁ ରୋକିବାକୁ ତାଲିବାନ୍‌ର ଉଦ୍ୟମ

ପଞ୍ଜଶିରରେ ପ୍ରତିରୋଧୀ ବଳର ଶକ୍ତି କମାଇବାକୁ ଏବଂ ଆଫଗାନିସ୍ତାନର ଗାଦିଚ୍ୟୁତ ଉପରାଷ୍ଟ୍ରପତି ଅମରୁଲ୍ଲା ସାଲେହଙ୍କ ଟୁଇଟ୍ ଉପରେ ରୋକ ଲଗାଇବାକୁ ତାଲିବାନ ପଞ୍ଜଶିର ଉପତ୍ୟକାରେ ଇଣ୍ଟରନେଟ ସେବା ବନ୍ଦ କରାଇଛି। ଆଜି ପର୍ଯ୍ୟନ୍ତ ତାଲିବାନ୍ ଦଖଲ କରିପାରି ନ ଥିବା ଆଫଗାନିସ୍ତାନର ଏହି ଉପତ୍ୟକାରେ ପ୍ରତିରୋଧୀ ଦଳ ଏକାଠି ହୋଇଛନ୍ତି। ତାଲିବାନ୍ ବିରୋଧରେ ଲଢ଼େଇ ପାଇଁ ସାଲେହଙ୍କ ସମେତ ବିଦ୍ରୋହୀ କମାଣ୍ଡର ଅହମ୍ମଦ ଶାହ ମାସୁଦ୍‌ଙ୍କ ପୁଅ ଅହମ୍ମଦ ମାସୁଦ ବଳ ଗୋଟାଇବାରେ ଲାଗିଛନ୍ତି।



## ଟଙ୍କା ଉଠାଣ ଉପରେ ତାଲିବାନ୍‌ର କଟକଣା

ଆଫଗାନିସ୍ତାନରେ ବ୍ୟାଙ୍କରୁ ଟଙ୍କା ଉଠାଣ ଉପରେ କଟକଣା ଲଗାଇଛି ତାଲିବାନ୍। ଲୋକେ ସପ୍ତାହକୁ ଅତିବେଶିରେ ୨ ଶହ ଡଲାର (ପ୍ରାୟ ୧୪ ହଜାର ୭ଶହ ଟଙ୍କା) ଉଠାଇପାରିବେ ବୋଲି କୁହାଯାଇଛି। ବ୍ୟକ୍ତିଗତ ଟଙ୍କା ଉଠାଣ ସପ୍ତାହକୁ ୨ ଶହ ଡଲାରରେ ସୀମିତ ରଖିବାକୁ ଆଫଗାନିସ୍ତାନ ସେଣ୍ଟ୍ରାଲ ବ୍ୟାଙ୍କ ଦେ ଆଫଗାନିସ୍ତାନ ବ୍ୟାଙ୍କ(ଡିଏବି) ସମସ୍ତ ଘରୋଇ ଏବଂ ଅନ୍ତର୍ଜାତୀୟ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଜାରି କରିଛି। ଦେଶରେ ଆର୍ଥିକ ସମସ୍ୟା ଦେଖାଯାଇଥିବାରୁ ଅସ୍ଥାୟୀ ଭାବେ ଏପରି କଟକଣା ଲାଗୁ କରାଯାଇଛି ବୋଲି ଡିଏବି ପକ୍ଷରୁ କୁହାଯାଇଛି। କାବୁଲରେ ତାଲିବାନ୍ ପ୍ରବେଶ ପରେ ସେଠାରେ ବ୍ୟାଙ୍କିଙ୍ଗ ସେବା ଉପଲବ୍ଧ ନ ଥିବାରୁ ଲୋକଙ୍କ ସମସ୍ୟା ଆହୁରି ବଢ଼ିଛି।

## ଗାୟକଙ୍କୁ ହତ୍ୟା କଲା ତାଲିବାନ୍

ଆଫଗାନିସ୍ତାନର ଅନ୍ଦ୍ରାବି ଉପତ୍ୟକାରେ ଗାୟକ ଫୱାଦ୍ ଅନ୍ଦ୍ରାବିଙ୍କୁ ତାଲିବାନ୍ ହତ୍ୟା କରିଛି। ଲୋକଙ୍କ ମନୋରଞ୍ଜନ କରୁଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ଫୱାଦ୍‌ଙ୍କ ପୁଅ କହିଛନ୍ତି। ସାଂସ୍କୃତିକ ଅଧିକାର ଉପରେ ଜାତିସଂଘର ସ୍ୱତନ୍ତ୍ର ଦୂତ ଅନ୍ଦ୍ରାବିଙ୍କ ହତ୍ୟା ନେଇ ଏକ ଟୁଇଟ୍ କରିଛନ୍ତି। କଳାକାରଙ୍କ ସମ୍ମାନ ଓ ମାନବାଧିକାର ରକ୍ଷା ନିମନ୍ତେ ତାଲିବାନ୍ କାମ କରିବାକୁ ରାଷ୍ଟ୍ରଗୁଡ଼ିକ ଦାବି କରନ୍ତୁ ବୋଲି ସେ କହିଛନ୍ତି। ସେହିପରି କାନ୍ଦାହାରରେ ସଙ୍ଗୀତ, ରେଡିଓ ଚ୍ୟାନେଲ ଉପରେ ମଧ୍ୟ ତାଲିବାନ୍ କଟକଣା ଲଗାଇଛି। ଟିଭି ଚ୍ୟାନେଲଗୁଡ଼ିକରେ କୌଣସି ମହିଳା ଭଏସ୍ ଦେଇପାରିବେନି ବୋଲି ତାଲିବାନ୍ କହିଛି।

## ଯୁବ ସଶକ୍ତୀକରଣ ଉପରେ ଗୁରୁତ୍ୱ

ନୂଆଦିଲ୍ଲୀ, ୨୯।୮

ମହାମାରୀ ସମୟରେ ସ୍ୱଚ୍ଛ ଭାରତ ଅଭିଯାନକୁ ଆଗେଇ ନେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର 'ମନ୍ କୀ ବାତ୍'ରେ ଦେଶବାସୀଙ୍କୁ ପରାମର୍ଶ ଦେଇଛନ୍ତି। ଯୁବ ସମାଜର ସଶକ୍ତୀକରଣ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଯୁବପିଢ଼ିଙ୍କ ମାନସିକତାରେ ପରିବର୍ତ୍ତନ ଘଟିଛି ଓ ସେମାନେ କିଛି ନୂଆ କରି ଦେଖାଇବାକୁ ଚାହୁଁଛନ୍ତି। ସେମାନଙ୍କ ପାଇଁ ଦେଶର ଷ୍ଟାର୍ଟ-ଅପ୍ ସଂସ୍କୃତିରେ ଚମକ ଆସିଛି। ମହାକାଶ କ୍ଷେତ୍ରରେ ସଂସ୍କାର ଜନସାଧାରଣଙ୍କ କଳ୍ପନାକୁ ବାସ୍ତବ ରୂପ ଦେବାକୁ ଯାଉଛି। ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ଓ ଅନ୍ୟ ସେକ୍ଟରର ଯୁବବର୍ଗଙ୍କ ଦ୍ୱାରା ବହୁସଂଖ୍ୟାରେ ସାଟେଲାଇଟ୍ ବିକଶିତ ହେବା ନେଇ ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ରବିବାର ମେଜର ଧ୍ୟାନଚାନ୍ଦଙ୍କ ଜନ୍ମବାର୍ଷିକୀକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି। ଧ୍ୟାନଚାନ୍ଦ ଭାରତର ହକିକୁ ସାରା ବିଶ୍ୱରେ ଲୋକପ୍ରିୟ କରାଇଥିଲେ। ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଟିମ୍ ମେଡାଲ ଜିତିଥିବାରୁ ସାରା ଦେଶ ଉତ୍ସବ ପାଳନ କରିଥିଲା ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। କୋଭିଡ୍‌ର ମୁକାବିଲା ପାଇଁ ୬୨ କୋଟିରୁ ଉର୍ଦ୍ଧ୍ୱ ଡୋଜ୍ ଟିକା ଦିଆଗଲାଣି। ଏହା ସତ୍ତ୍ୱେ ଆମକୁ ସତର୍କ ଓ ଯତ୍ନଶୀଳ ହେବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍



## ପୋଲିସ ଲାଠିମାଡ଼ରେ ଆହତ ଚାଷୀଙ୍କ ମୃତ୍ୟୁ

ଚଣ୍ଡିଗଡ଼, ୨୯।୮

ହରିୟାଣାର କର୍ନଲ ଜିଲାରେ ଶନିବାର ପୋଲିସ ଲାଠିମାଡ଼ରେ ଆହତ ଜଣେ ଚାଷୀଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ବରିଷ୍ଠ ବିକେୟୁ ନେତା ଗୁରନାମ୍ ସିଂ ଚାଡୁନି ଏହି ସୂଚନା ଦେଇଛନ୍ତି। ସୁଶୀଲ କାଜଲ ନାମକ ଉକ୍ତ ଚାଷୀ ୯ ମାସ ହେଲା ଚାଷୀ ଆନ୍ଦୋଳନରେ ସାମିଲ ହୋଇଆସିଥିଲେ। ଶନିବାର କର୍ନଲରେ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାରଙ୍କ ନେତୃତ୍ୱରେ ଅନୁଷ୍ଠିତ ଭାଜପା ବୈଠକକୁ ଚାଷୀମାନେ ବିରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଟୋଲ ପ୍ଲାଜା ନିକଟରେ ଆନ୍ଦୋଳନରତ ଚାଷୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲାଠିଚାଳନା କରିବାରୁ ସୁଶୀଲଙ୍କ ସମେତ ୧୦ରୁ ଉର୍ଦ୍ଧ୍ୱ ଚାଷୀ ଆହତ ହୋଇଥିଲେ। ଗୁରୁତର ଆହତ ସୁଶୀଲଙ୍କର ସେଦିନ ରାତିରେ ହୃଦ୍‌ଘାତରେ ମୃତ୍ୟୁ ଘଟିଥିଲା। ତାଙ୍କ ବଳିଦାନକୁ ଚାଷୀକୁଳ ସବୁଦିନ ମନେରଖିବେ ବୋଲି ଚାଡୁନି ଟୁଇଟ୍ କରିଛନ୍ତି।

ଆନ୍ଦୋଳନରତ ଚାଷୀଙ୍କ ମୁଣ୍ଡ ଫଟାଇବାକୁ ପୋଲିସକୁ କହିଥିବା କର୍ନଲ ଏସ୍‌ଡିଏମ୍ ଆୟୁଷ ସିହ୍ନାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ହରିୟାଣା ଉପମୁଖ୍ୟମନ୍ତ୍ରୀ ଦୁଶ୍ୟନ୍ତ ଚୌତାଲା କହିଛନ୍ତି। ୨୦୧୮ ବ୍ୟାଚ୍‌ର ଆଇଏଏସ୍ ଅଫିସର ଲାଠିମାଡ଼ ପାଇଁ ନିର୍ଦ୍ଦେଶ ଦେବା ସମୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ଏହାକୁ ସମାଲୋଚନା କରାଯାଇଛି। ଭାଜପା ଏମ୍‌ପି ବରୁଣ ଗାନ୍ଧୀ ମଧ୍ୟ ଏସ୍‌ଡିଏମ୍‌ଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରିଛନ୍ତି।



### ମୁଣ୍ଡ ଫଟାଇବାକୁ କହିଥିବା ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ



କର୍ନଲ ଏସ୍‌ଡିଏମ୍ ଆୟୁଷ ସିହ୍ନା

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨୧,୭୦,୪୭,୮୩୩ | ୪୫,୧୨,୫୯୯ | ୧୯,୩୯,୭୦,୦୬୧ |
| ଭାରତ | ୩,୨୭,୩୭,୫୦୫ | ୪,୩୮,୩୭୬ | ୩,୧୯,୧୪,୯୫୬ |
| ଓଡ଼ିଶା | ୧୦,୦୬,୫୦୩ | ୭୮୩୪(+୫୩) | ୯,୯୧,୬୩୦ |

ରବିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ନୀଳଗିରି ବିଧାୟକ ଡାକ୍ତରଖାନାରେ ଭର୍ତ୍ତି



**ସଜନାଗଡ଼, ୨୯।୮(ଡି.ଏନ.ଏ.):** ନୀଳଗିରି ବିଧାୟକ ଇଂ. ସୁକାନ୍ତ ନାୟକ ଅସୁସ୍ଥ ହୋଇପଡ଼ିଛନ୍ତି। ସେ ଶନିବାର ନିର୍ବାଚନମଣ୍ଡଳୀ ଅଧୀନ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବେଳେ ହଠାତ୍ ଅସୁସ୍ଥତା ଅନୁଭବ କରିଥିଲେ। ସନ୍ଧ୍ୟାରେ କାର୍ଯ୍ୟାଳୟ ଆସି ପରେ ପୁନ୍ଦାଳସ୍ଥିତ ବାସଭବନକୁ ଫେରିଥିଲେ। ରବିବାର ଭୋରରେ ହଠାତ୍ ସେ ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ସ୍ଥାନୀୟ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଡାକ୍ତର ତାଙ୍କୁ ଜିଲା ମୁଖ୍ୟଚିକିତ୍ସାଳୟକୁ ନେବାକୁ କହିଥିଲେ। ସେଠାରେ ବିଧାୟକଙ୍କ ସ୍ୱାସ୍ଥ୍ୟବସ୍ଥା ଏବେ ସ୍ଥିର ଥିବା ଜଣାପଡ଼ିଛି।

### ଆଜି ୬ ଜିଲାରେ ବର୍ଷା

**ଭୁବନେଶ୍ୱର,୨୯।୮(ବ୍ୟୁରୋ):** ଉତ୍ତର-ପଶ୍ଚିମ ତଥା ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରର ଉତ୍ତର ଆନ୍ଧ୍ର ଓ ଦକ୍ଷିଣ ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ଏବେ ବି ସକ୍ରିୟ ରହିଛି। ଏହା ପ୍ରଭାବରେ ରବିବାର କୋରାପୁଟରେ ୧୭ମିମି, କଟକ ୧୫ ମିମି, ହୀରାକୁଦ ୧୪ମିମି, ବାରିପଦାରେ ୧୨ମିମି ବର୍ଷା ରେକର୍ଡ କରାଯାଇଛି। ସେହିପରି ଗଜପତି, ରାୟଗଡ଼ା, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ାରେ ମଧ୍ୟ ବର୍ଷା ହୋଇଛି। ସୋମବାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ନୂଆପଡ଼ା ଓ ବଲାଙ୍ଗୀର ଆଦି ୬ ଜିଲାରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଏଥସହ ଆସନ୍ତା ୫ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ଝଡ଼ବର୍ଷା ସହିତ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

### ଅଲ୍ ଓଡ଼ିଶା ବାର୍ ଆସୋସିଏଶନ ସଭାପତି, ସମ୍ପାଦକଙ୍କ ବୈଠକ

**ଭୁବନେଶ୍ୱର,୨୯।୮(ବ୍ୟୁରୋ):** ଭୁବନେଶ୍ୱର ବାର୍ ଆସୋସିଏଶନ ହଲ୍‌ରେ ରବିବାର ଅଲ୍ ଓଡ଼ିଶା ବାର୍ ଆସୋସିଏଶନ ସଭାପତି ଓ ସମ୍ପାଦକଙ୍କ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଓକିଲଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ଏକ ଆହ୍ବାନ କମିଟି ମାଧ୍ୟମରେ ଏହାର ସମାଧାନ ପାଇଁ ପ୍ରଚେଷ୍ଟା କରାଯିବ ବୋଲି ସ୍ଥିର କରାଯାଇଛି। ଯେଉଁଠାରେ ନୂତନ କୋର୍ଟ ଖୋଲାଯାଉଛି ସେଠାରେ ଓକିଲଙ୍କ ପାଇଁ ବାର୍ ଆସୋସିଏଶନ ହଲ୍, ଲାଇବ୍ରେରୀ ଓ କ୍ୟାଣ୍ଟିନ ଖୋଲିବାକୁ ଦାବି କରାଯିବ। ରାଜ୍ୟ ଆଇନଜୀବୀ ପରିଷଦ ନିର୍ବାଚନ ପାଇଁ ଓଡ଼ିଶାର ପ୍ରତ୍ୟେକ ବାର୍ ଆସୋସିଏଶନ ହାଇକୋର୍ଟରେ କେସ୍ କରିବ। ଓକିଲଙ୍କ ସୁରକ୍ଷା ପାଇଁ ଏକ ଆଇନ ଆଣିବା ଓ ଓଡିଶାର ଜନସାଧାରଣଙ୍କ ପାଇଁ ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ଯୋଜନା ଲାଗୁ କରିବା ପାଇଁ ସରକାରଙ୍କ ପାଖରେ ଦାବି କରାଯିବ ବୋଲି ମଧ୍ୟ ନିଷ୍ପତ୍ତି ହୋଇଛି। ବୈଠକକୁ ଭୁବନେଶ୍ୱର ବାର୍ ଆସୋସିଏଶନ ସଭାପତି ନିର୍ମଳ କିଶୋର ରଥ ପୌରୋହିତ୍ୟ କରିଥିବାବେଳେ ସମ୍ପାଦକ ରାଜ କିଶୋର ଦାସ, ଉପସଭାପତି ଦେବୀଦତ୍ତ ବାରିକ, ଯୁଗ୍ମ ସମ୍ପାଦକ ଅଶୋକ ବଡ଼ପଣ୍ଡା, କୋଷାଧ୍ୟକ୍ଷ ଲିଙ୍ଗରାଜ ମହାରଣା, ସହସମ୍ପାଦକ ଲିଙ୍ଗରାଜ ମହାରଣାଙ୍କ ସମେତ ଅନ୍ୟ ବାର୍ ଆସୋସିଏଶନର ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ରହିଥିଲେ।

### ଜଳିଗଲା ସିମେଣ୍ଟ ବୋଝେଇ ଟ୍ରକ୍

**ଭଦ୍ରକ ଅଫିସ/ଭଣ୍ଡାରିପୋଖରୀ, ୨୯।୮(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଧାମନଗର ଛକ ଓଭରବ୍ରିଜ୍ ଉପରେ ରବିବାର ଏକ ସିମେଣ୍ଟ ବୋଝେଇ ଟ୍ରକ୍ ଜଳିଯାଇଛି। ସିମେଣ୍ଟ ବୋଝେଇ କରି ଚଣ୍ଡିଖୋଲ ପଟୁ ଉକ୍ତ ଟ୍ରକ୍ ଭଦ୍ରକ ଆସୁଥିଲା। ଧାମନଗର ଓଭରବ୍ରିଜ୍‌ଠାରେ ହଠାତ୍ କ୍ୟାବିନ ଜଳି ଉଠିଥିଲା। ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ଟ୍ରକ୍ ବ୍ୟାଟେରି ଶର୍ଟସର୍କିଟ୍ ଯୋଗୁ ଗାଡ଼ିଟି ଜଳିଯାଇଥିବା ଅଗ୍ନିଶମ ବିଭାଗ ପକ୍ଷରୁ ଜଣାଯାଇଛି।



# ଜବାବ ଦେଉନି ସିପିସିବି

## ବେଦାନ୍ତର ଓସ୍ତପାଳ ଖଣିର ବର୍ଜ୍ୟଜଳ ପ୍ରଦୂଷଣ ମାମଲା

**ଯାଜପୁର ଅଫିସ,୨୯।୮**

ଯାଜପୁର ଜିଲା ସୁକିନ୍ଦା ଖଣି ଅଞ୍ଚଳରେ ବେଦାନ୍ତ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଫାକର ଓସ୍ତପାଳ କ୍ରୋମାଇଟ ଖଣିରୁ ଡମଶାଳା ନାଳକୁ ବର୍ଜ୍ୟଜଳ ଛାଡ଼ିବା ମାମଲା କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି)ରେ ଝୁଲିରହିଛି। ଅଭିଯୋଗର ପ୍ରମାଣ ଖୋଦ୍ ବେଦାନ୍ତର ଖଣି କର୍ମଚାରୀଙ୍କ ମଧ୍ୟରେ ହୋଇଥିବା ହ୍ୱାଟ୍ସଆପ୍ ଗ୍ରୁପ୍ କଥାବାର୍ତ୍ତାରୁ ମିଳିସାରିଛି। ଏହାସତ୍ତ୍ୱେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି) କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରସ୍ତୁତ କରିଥିବା ରିପୋର୍ଟରେ ବେଦାନ୍ତକୁ କ୍ଲିନ୍‌ଚିଟ୍ ଦିଆଯାଇଥିଲା। ତାହାକୁ ଏସ୍‌ପିସିବିର ସଦସ୍ୟ ସଚିବ ଗତ ଜୁନ୍ ୨୧ ତାରିଖରେ ସିପିସିବିରେ ଦାଖଲ କରିଥିଲେ। ଏନେଇ ଅଭିଯୋଗକାରୀ ଆର୍.କେ. ସିଂ ଆପତ୍ତି ଉଠାଇବା ପରେ ସିପିସିବିର ଡିଏଚ୍-ପିଆର୍-ଡିଭିଜନ ପକ୍ଷରୁ ଏମ୍.କେ. ଚୌଧୁରୀ ଗତ ଜୁଲାଇ ୧୩ରେ ଏସ୍‌ପିସିବି ସଦସ୍ୟ ସଚିବଙ୍କୁ ଜବାବ ତଲବ (ପତ୍ରସଂଖ୍ୟା: ସିବି/ପିଆର୍/ପିଜି/୨୦୨୧-୨୨) କରିଥିଲେ। କିନ୍ତୁ ଆଜି ଯାଏ ଏସ୍‌ପିସିବି ପକ୍ଷରୁ ଉତ୍ତର ଦିଆଯାଇନାହିଁ। ସିପିସିବି ମଧ୍ୟ ନୀରବିଯାଇଛି। କେବଳ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନୁହେଁ, କେନ୍ଦ୍ର ବୋର୍ଡ ମଧ୍ୟ ନିରବ ରହିବା ବିଷୟ ସ୍ଥାନୀୟ ଜନସାଧାରଣଙ୍କୁ ଆଶ୍ଚର୍ଯ୍ୟ କରୁଛି।

ଅଭିଯୋଗ ଅନୁସାରେ ଓସ୍ତପାଳ କ୍ରୋମାଇଟ ଖଣି ଗର୍ଭରେ ରହିଥିବା ପ୍ରାୟ ୧୫ ଲକ୍ଷ ଘନମିଟର ବିଷାକ୍ତ ପାଣିକୁ ଏଫ୍ଲୁଏଣ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ(ଇଟିପି) ବାହାରେ ଡମଶାଳା ନାଳରେ ଛଡ଼ାଯାଇଥିଲା। ଏନେଇ କେନ୍ଦ୍ର ସରକାରଙ୍କ ସେଣ୍ଟ୍ରାଲାଇଜ୍‌ଡ ପବ୍ଲିକ ଗ୍ରିଭାନ୍ସ ରିଡ୍ରେସ ଆଣ୍ଡ ମନିଟରିଂ ସିଷ୍ଟମ ଏବଂ ଯାଜପୁର ଜିଲାପାଳ ଓ ଏସ୍‌ପିସିବିକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମେତ ଆର୍.କେ. ସିଂ ଅଭିଯୋଗ କରିଥିଲେ। ଏହାପରେ ଏସ୍‌ପିସିବି ଜରିଆରେ ଏହି ଅଭିଯୋଗର ତଦନ୍ତ ହୋଇଥିଲେ ହେଁ ବେଦାନ୍ତକୁ ସୁହାଇଲା ଭଳି ରିପୋର୍ଟ ସିପିସିବିଠାରେ ଦାଖଲ ହୋଇଥିଲା। ଏହାପରେ ଅଭିଯୋଗକାରୀ ଆର୍.କେ. ସିଂ ୬।୭।୨୦୨୧ରେ ସିପିସିବିରେ ଅଭିଯୋଗ କରି ଦର୍ଶାଇଥିଲେ ଯେ, ବେଦାନ୍ତ ଖଣିର ବର୍ଜ୍ୟଜଳ ସିଧାସଳଖ ଡମଶାଳା ନାଳରେ ଛଡ଼ାଯାଇଥିବା ପ୍ରମାଣିତ ହୋଇସାରିଛି। ତେଣୁ ଏସ୍‌ପିସିବିର ତଦନ୍ତ ଅଧିକାରୀ ହୁଏତ କିଛି ଜାଣିନାହାନ୍ତି କିମ୍ବା ସେ ବେଦାନ୍ତ ନିର୍ଦ୍ଦେଶକୁ ଅନୁସରଣ କରି ତଦନ୍ତ ରିପୋର୍ଟ ଦାଖଲ କରିଥିଲେ। ତେଣୁ ଏହାର ଉପଯୁକ୍ତ ଓ ନିରପେକ୍ଷ ତଦନ୍ତ କରିବାକୁ ସେ ସିପିସିବିକୁ ଅନୁରୋଧ କରିଥିଲେ। ତଦନୁଯାୟୀ ଅଭିଯୋଗକାରୀଙ୍କୁ ଠିକ୍ ଉତ୍ତର ଦେବା ପାଇଁ ସିପିସିବି ପକ୍ଷରୁ ଏସ୍‌ପିସିବିକୁ ନିର୍ଦ୍ଦେଶ ହୋଇଥିଲା, ଯାହାକି କାର୍ଯ୍ୟକାରୀ ହୋଇନାହିଁ। ଇତିମଧ୍ୟରେ ଅଭିଯୋଗକାରୀ ସିଂ ଇମେଲ୍ ଯୋଗେ ଏକାଧିକ ଥର ସିପିସିବିଙ୍କୁ ଉତ୍ତର ମାଗିଥିଲେ ହେଁ କୌଣସି ଜବାବ ମିଳୁନାହିଁ। ଫାକର ଖଣି କମ୍ପାନୀର ଜେନେରାଲ ମ୍ୟାନେଜର ଏ.କେ. ପାତ୍ର ୨୦୨୦ ନଭେମ୍ବର ୧୩ରେ ବେଦାନ୍ତ ସିଇଓଙ୍କୁ କାଳିଆପାଣି ଥାନାଧିକାରୀ, ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ, ଡିଡିଏମ୍ ପ୍ରମୁଖଙ୍କ ପାଇଁ ଇମେଲ୍ ଯୋଗେ ମାସିକ ଟଙ୍କା ମାଗିଥିବାବେଳେ ସିପିସିବି ଅଧିକାରୀମାନେ ନିରବ ରହିବା ସନ୍ଦେହ ସୃଷ୍ଟି କରୁଛି। ଏନେଇ ଏସ୍‌ପିସିବି କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।



CENTRAL POLLUTION CONTROL BOARD
(Ministry of Environment, Forest & Climate Change)
'Parivesh Bhawan' C.B.D.Cum-Office Complex,
East Arjun Nagar, Shahdara, Delhi-110032
Tel. 22307078, 43102030, 43102454
Website: www.cpcb.nic.in

CB/PR/PG/2021-22/ dt: 13.07.2021

To,

The Member Secretary
Odisha Pollution Control Board,
A-118, Nilakanta Nagar, Unit –VIII,
Bhubaneshwar – 751012.

Sub: Vedanta Polluted Damsal Nala Sukinda odisha, discharged carcinogenic approx 15 Lacs Cumt Mine water. It is proved case, ETP in charge informed all including CEO about direct discharge to NALA. Officials didn't confront him even after solid evidence - reg.

Appeal: No. MOEAF/E/A/21/0000099 Date: 06/07/2021

Sir,

Please find herewith Grievance /Appeal of Sh. R.K. Singh, a resident of Amoura Post office Amoura Godari, Rohtas (Bihar) regarding the subject cited above. Details of Appeal are enclosed at Annexure-I.

It is requested to kindly look into the matter for providing appropriate reply to the petitioner with regard to the Appeal.

With regards,

Yours faithfully,

(M. K. Choudhury)
DH-PR-Division

CC to:

(i) Sh. R.K. Singh,
Amoura Post office Amoura Godari, Rohtas (Bihar)
Email id: replypl@rediff.com

(ii) DH- IPC-2 - for information pl.
(iii) Ps to MS - for kind information of MS pl.

ଅଭିଯୋଗକାରୀ ଆର୍.କେ. ସିଂଙ୍କୁ ଠିକ୍ ଉତ୍ତର ଦେବା ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବଙ୍କୁ ସିପିସିବି ପକ୍ଷରୁ ହୋଇଥିବା ଚିଠି।

# ଦଳିତ ସ୍ୱାର୍ଥ ଦୃଷ୍ଟିରୁ ଆୟୁଷ୍ମାନ ଭାରତ ଲାଗୁ ହେଉ: ଭାଜପା



ରାଜ୍ୟ ଭାଜପା କାର୍ଯ୍ୟାଳୟରେ ଅନୁଷ୍ଠିତ ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ।

## ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ଅନୁଷ୍ଠିତ

**ଭୁବନେଶ୍ୱର, ୨୯।୮(ବ୍ୟୁରୋ)**

ଓଡ଼ିଶାରେ ବିଜେଡି ଦଳିତଙ୍କ ଭୋଟରେ କ୍ଷମତା ଅକ୍ତିଆର କରିଥିବା ବେଳେ ସେମାନଙ୍କ ବିକାଶ ପାଇଁ ଶାସକ ଦଳର କୌଣସି ଆନ୍ତରିକତା ନାହିଁ। ଦଳିତଙ୍କୁ ଶୋଷଣ କରି ଧୋକା ଦେଇ ଶାସକ ଦଳ ସାଙ୍ଘାତିକ ଅପରାଧ କରୁଛି ବୋଲି ଭାଜପା ଅନୁସୂଚିତ ଜାତି ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷ ଲାଲ ସିଂ ଆର୍ଯ୍ୟ କହିଛନ୍ତି। ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଆର୍ଯ୍ୟ କହିଛନ୍ତି, ରାଜ୍ୟ ସରକାରଙ୍କ ତରଫରୁ ଦଳିତଙ୍କୁ ନ୍ୟାୟ ମିଳୁନାହିଁ। ଦଳିତ ବର୍ଗଙ୍କ ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ଆୟୁଷ୍ମାନ ଭାରତ ଯୋଜନାକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଦାବି କରାଯାଇଛି। ଦଳିତଙ୍କ ବିକାଶ ପାଇଁ କେନ୍ଦ୍ରରୁ ଆସୁଥିବା ପର୍ଯ୍ୟାପ୍ତ ପରିମାଣର ଅର୍ଥକୁ ରାଜ୍ୟ ସରକାର ଅଲଗା ଯୋଜନାରେ ଖର୍ଚ୍ଚ କରୁଛନ୍ତି। ଅନୁସୂଚିତ ଜାତିର ଲୋକଙ୍କ ଅଭିଯୋଗ ଶୁଣିବା ପାଇଁ କେନ୍ଦ୍ର ସରକାର କମିଶନ ଗଠନ କରିଛନ୍ତି। ଦେଶର ଅନ୍ୟ ରାଜ୍ୟଗୁଡିକ ଅନୁସୂଚିତ ଜାତି କମିଶନ ଗଠନ କରିସାରିଥିବା ବେଳେ ଅଦ୍ୟାବଧି ଓଡ଼ିଶାରେ ଏହା ଗଠନ କରା ନ ଯିବା ଦୁର୍ଭାଗ୍ୟଜନକ। ପକ୍କାଘର ତ ବହୁ ଦୂର କଥା, ଜମି ଖଣ୍ଡିଏ ଯୋଗାଇବାରେ ରାଜ୍ୟ ସରକାର ବିଫଳ। ରାଜ୍ୟରେ ଅଧିକାଂଶ ଅନୁସୂଚିତ ଜାତିର ଲୋକେ ଭୂମିହୀନ ହୋଇଥିବାରୁ ରାଜ୍ୟ ସରକାର ତୁରନ୍ତ ଚିହ୍ନଟ କରି ୨୦୨୨ ସୁଦ୍ଧା ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଡିହ ସହ ବାସଗୃହ ଯୋଗାଇ ଦିଅନ୍ତୁ। ସ୍ୱଚ୍ଛତା କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଥିବା ପ୍ରତ୍ୟେକ ଦଳିତ ବର୍ଗ ଲୋକଙ୍କୁ ପାଇଖାନା ଯୋଗାଇ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ରାଜ୍ୟରେ ଦଳିତଙ୍କ ପ୍ରତି ଅତ୍ୟାଚାର ଦିନକୁ ଦିନ ବଢିଚାଲିଛି। ଅନୁସୁଚିତ ଜାତି ଓ ଜନଜାତିଙ୍କ ଉପରେ ଅତ୍ୟାଚାର ଓ ପୋଲିସଠାରୁ ନ୍ୟାୟ ନ ମିଳିବାରେ ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛି। ମାତ୍ର, ଦଳିତ ବିରୋଧୀ ମାମଲାରେ ଓଡ଼ିଶାରେ ଦଣ୍ଡବିଧାନ ହାର ଅତ୍ୟନ୍ତ ନଗଣ୍ୟ। ଅଧିକାଂଶ ମାମଲାରେ ଚାର୍ଜସିଟ୍ ମଧ୍ୟ ଦାଖଲ କରାଯାଉନାହିଁ। ରାଜ୍ୟ ସରକାର ଆଇନଗତ ସହାୟତା ଯୋଗାଇବାରେ ଅକ୍ଷମ ହୋଇଥିବାରୁ ବିଶେଷ ଭାବେ ମହିଳାଙ୍କ ପ୍ରତି ଅତ୍ୟାଚାର ବୃଦ୍ଧି ପାଇଚାଲିଛି। ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ମୁକେଶ ମହାଲିଙ୍ଗ ରାଜନୈତିକ ଚିଠା ଉପସ୍ଥାପନା କରିଥିବାବେଳେ ବିଧାୟକ ସନାତନ ବିଜୁଳି ଏବଂ ନାଉରୀ ନାଏକ ସମର୍ଥନ ଜଣାଇଥିଲେ। ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଚିଠା ପ୍ରସ୍ତାବ ସଂକଳନ କରିଥିଲେ। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ରାଜ୍ୟ ସଭାପତି ସମୀର ମହାନ୍ତି ମଧ୍ୟ ଉପସ୍ଥିତ ଥିଲେ।

# ମୌସୁମୀ ଅଧିବେଶନ ଲାଗି ଶାସକ-ବିରୋଧୀ ପ୍ରସ୍ତୁତ

## ୩୧ରେ ସବୁ ବିଧାୟକ ଦଳ ବୈଠକ

**ଭୁବନେଶ୍ୱର, ୨୯।୮(ବ୍ୟୁରୋ)**

ବିଧାନସଭାର ମୌସୁମୀ ଅଧିବେଶନ ସେପ୍ଟେମ୍ବର ୧ରୁ ଆରମ୍ଭ ହୋଇ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଧାନସଭାରେ ବିରୋଧୀ ଭାଜପା ଓ କଂଗ୍ରେସ ବିଭିନ୍ନ ପ୍ରସଙ୍ଗରେ ଶାସକ ବିଜେଡିକୁ ଟାର୍ଗେଟ କରିବେ। ଆସନ୍ତା ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଭାଜପା ବିଧାୟକ ଦଳ ବୈଠକ ଅନୁଷ୍ଠିତ ହେବାକୁ ଥିବାବେଳେ ସେହିଦିନ କଂଗ୍ରେସ ମଧ୍ୟ ବୈଠକ କରିବ। କଂଗ୍ରେସ ରାଜ୍ୟ ପ୍ରଭାରୀ ଏ.ଚେଲାକୁମାର ସାମିଲ ହେବେ। ବିରୋଧୀଙ୍କୁ ମୁକାବିଲା କରିବା ଲାଗି ଶାସକ ବିଜେଡି ମଧ୍ୟ ନିଜ ରଣନୀତି ପ୍ରସ୍ତୁତ କରୁଛି। ଆସନ୍ତା ୩୧ ତାରିଖ ସନ୍ଧ୍ୟା ୬ଟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବିଧାୟକ ଦଳ ବୈଠକ ବସିବ।

ଭାଜପା ବିଧାୟକ ମୁକେଶ ମହାଲିଙ୍ଗ କହିଛନ୍ତି, ଶାସକ ଦଳର ବିଭିନ୍ନ ପ୍ରକାର ଦୁର୍ନୀତି ଓ ଅସଫଳତା ଗୃହରେ ଉଠାଯିବ। ମୁଖ୍ୟତଃ ଚାଷୀ ସମସ୍ୟା, ମରୁଡ଼ି ପ୍ରସଙ୍ଗ, ଆଦିକୁ ନେଇ ଶାସକ ଦଳଠାରୁ ଉତ୍ତର ମଗାଯିବ। ସେହିପରି କଂଗ୍ରେସ ବିଧାୟକ ଦାଶରଥି ଗମାଙ୍ଗ କହିଛନ୍ତି, ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ପ୍ରସଙ୍ଗ ରହିଛି। ଚାଷୀ ସମସ୍ୟା ସବୁଆଡେ ବ୍ୟାପକ ହେବାରେ ଲାଗିଛି। ଆଇନ ଶୃଙ୍ଖଳା ପରିସ୍ଥିତି, ମରୁଡି ସମସ୍ୟା ନେଇ ଶାସକ ଦଳକୁ ଘେରିବା ଲାଗି କଂଗ୍ରେସ ଯୋଜନା କରୁଛି।

ଶାସକ ଦଳ ବିଧାୟକ କିଶୋର ମହାନ୍ତି କହିଛନ୍ତି, ସେମାନଙ୍କ ନିକଟରେ ବିରୋଧ କରିବା ଭଳି କିଛି ବିଶେଷ ତଥ୍ୟ ନାହିଁ। ୨ରୁ ୩ ଦିନ ବିଧାନସଭା ବନ୍ଦ କରିବା ଛଡା କିଛି କରିପାରିବେ ନାହିଁ। ଅନେକ ପ୍ରସଙ୍ଗ ଅଛି, ଶାସକ ଦଳ ମଧ୍ୟ ଉତ୍ତର ରଖିବାକୁ ପ୍ରସ୍ତୁତ ବୋଲି ସେ କହିଛନ୍ତି।



ବାଣୀବିହାର-ରସୁଲଗଡ଼ ରାସ୍ତାପାର୍ଶ୍ୱରେ ପ୍ଲାଷ୍ଟରପ୍ୟାରିଶ୍ ଗଣେଶ ମୂର୍ତ୍ତି ତିଆରିରେ ନିମଗ୍ନ କାରିଗର।

# 'ଶିକ୍ଷା ଆକାଂକ୍ଷାକୁ ପୂରଣ କରୁଛି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ'

## ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୩ତମ ପ୍ରତିଷ୍ଠା ଦିବସରେ ଯୋଗଦେଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର/କୋରାପୁଟ, ୨୯।୮(ବ୍ୟୁରୋ/ସ୍ୱପ୍ର)**

କୋରାପୁଟ ଭଳି ଆକାଂକ୍ଷୀ ଜିଲାରେ ପ୍ରତିଷ୍ଠିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କେବିକେ ଅଞ୍ଚଳ ତଥା କଳାହାଣ୍ଡି, ବଲାଙ୍ଗୀର ଏବଂ କୋରାପୁଟ ସମେତ ଦେଶର ଶିକ୍ଷା ଆକାଂକ୍ଷାକୁ ପୂରଣ କରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୩ ତମ ପ୍ରତିଷ୍ଠା ଦିବସ ସମାରୋହରେ ଭିଡ଼ିଓ କନଫରେନ୍ସରେ ଧର୍ମେନ୍ଦ୍ର କହିଛନ୍ତି, ବିବିଧ ସଂସ୍କୃତିରେ ଭରପୂର କୋରାପୁଟ ବିକାଶର ପ୍ରୟୋଗଶାଳା। ବିଶ୍ୱବିଦ୍ୟାଳୟର ସାର୍ଥକତା ସେବେ ପୂରଣ ହେବ ଯେବେ ବିଶ୍ୱବିଦ୍ୟାଳୟ ଅବିଭକ୍ତ କୋରାପୁଟ ଅଞ୍ଚଳର ଆଦିବାସୀ ସଂସ୍କୃତି ଏବଂ ଗରିବ ଲୋକଙ୍କ ଜୀବନଧାରଣ ପଦ୍ଧତି ଓ ସାମଗ୍ରିକ ବିକାଶ କରିବାରେ ଶିକ୍ଷାର ମନ୍ଦିର ହେବ। ଶିକ୍ଷା ଯୁବପିଢ଼ିଙ୍କ ଚରିତ୍ର ନିର୍ମାଣରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ବିଶ୍ୱବିଦ୍ୟାଳୟରେ ଥିବା ପ୍ରାଧ୍ୟାପକଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ଧର୍ମେନ୍ଦ୍ର କହିଛନ୍ତି, ଛାତ୍ରୀଛାତ୍ରଙ୍କ ମଧ୍ୟରେ ବାସ୍ତବିକ କ୍ଷମତାକୁ ଚିହ୍ନିବାରେ ପ୍ରାଧ୍ୟାପକମାନେ ସହାୟକ ହେଉଛନ୍ତି। ଭାରତରେ ଥିବା ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକମାନେ ପିଲାଙ୍କ ମଧ୍ୟରେ ବୌଦ୍ଧିକ କ୍ଷମତାକୁ ବିକଶିତ କରିବାରେ ପରିଶ୍ରମ କରୁଛନ୍ତି। ରାଷ୍ଟ୍ର ନିର୍ମାଣରେ ଯୋଗଦାନ କରିବା ପାଇଁ ସେମାନଙ୍କୁ ସମର୍ଥ କରୁଛନ୍ତି। ଏକବିଂଶ ଶତାବ୍ଦୀରେ ଶିକ୍ଷା କ୍ଷେତ୍ରରେ ମୂଳଭୂତ ପରିବର୍ତ୍ତନ ଆଣିବା ତଥା ସମସ୍ତଙ୍କ ପାଇଁ ଶିକ୍ଷା, ସୁଲଭ, ସମାନ ଏବଂ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ୩ ଦଶନ୍ଧିରୁ ଅଧିକ ବ୍ୟବଧାନ ପରେ ଦେଶରେ ନୂତନ ଜାତୀୟ ଶିକ୍ଷା ନୀତି-୨୦୨୦ ଅଣାଯାଇଛି। ବିଶ୍ୱବିଦ୍ୟାଳୟ ରାଜ୍ୟରେ ଶିକ୍ଷା ଦୃଶ୍ୟପଟରେ ପରିବର୍ତ୍ତନ ଆଣିବା ଦିଗରେ ଉଦାହରଣ ହେବା ଉଚିତ ବୋଲି ଧର୍ମେନ୍ଦ୍ର କହିଛନ୍ତି।



କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କୁ ହତ୍ୟା

## ଅଭିଯୁକ୍ତ ଗିରଫ, କଟୁରି ଜବତ

**କଟକ ସଦର,୨୯।୮(ଡି.ଏନ.ଏ.)**

୫୫ନଂ. ଜାତୀୟ ରାଜପଥର କନ୍ଦରପୁର ଥାନା ଅଧୀନ ଆଦିବାସୀ ଛକଠାରେ ରବିବାର ଜଣେ ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷଙ୍କୁ ହତ୍ୟା କରାଯାଇଛି। ସେ ହେଲେ ଏହି ଥାନା ଅଧୀନ ସିଦ୍ଧେଶ୍ୱରପୁର ଗ୍ରାମର ସୁଦର୍ଶନ ଶତପଥୀ(୭୨)। ସ୍ଥାନୀୟ ପୋଲିସ ମୃତଦେହ ଜବତ କରିବା ସହ ଏକ ହତ୍ୟା ମାମଲା ରୁଜୁ କରିଛି। ଏହି ଘଟଣାରେ ସମ୍ପୃକ୍ତ ସିଦ୍ଧେଶ୍ୱରପୁର ଗ୍ରାମର ଅର୍ଜ୍ଜୁନୀ ଯେନା(୩୫)ଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ପୋଲିସ ଏକ କଟୁରି ଜବତ କରିଛି। ସୁଧ କାରବାରକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି ବୋଲି ଆଇଆଇସି ବିପିନି ବିହାରୀ ହୋତା କହିଛନ୍ତି।

ପୋଲିସ ସୂତ୍ରରୁ ପ୍ରକାଶ, ସନ୍ଧ୍ୟାରେ ସୁଦର୍ଶନ କ୍ଷୀର କିଣିବା ପାଇଁ ସ୍କୁଟିରେ ଆଦିବାସୀ ସାହି ବାଟଦେଇ ଯାଉଥିବାବେଳେ ପୂର୍ବରୁ ସେଠାରେ ଲୁଚି ରହିଥିବା ଅର୍ଜ୍ଜୁନୀ କଟୁରିରେ ତାଙ୍କୁ ଆକ୍ରମଣ କରି ପଳାଇ ଯାଇଥିଲେ। ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ ଡାକ୍ତରଖାନା ପଠାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ହତ୍ୟାକାଣ୍ଡ ପରେ ଅଭିଯୁକ୍ତ ଜଣଙ୍କ ସ୍ଥାନୀୟ ଗୋପାଳ ସ୍ମୃତି ବିଦ୍ୟାପୀଠ ନିକଟରେ ଲୁଚି ରହିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ପୋଲିସ ସେଠାରୁ ତାଙ୍କୁ ଗିରଫ କରିଥିଲା। କଟକ ବଡ ଡାକ୍ତରଖାନାରେ ସୋମବାର ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ସୁଦର୍ଶନ ନିଜର ଅଧ୍ୟାପନା ଜୀବନ କନ୍ଦରପୁର କଲେଜରୁ ଆରମ୍ଭ କରିଥିବାବେଳେ ସେହିଠାରେ ୧୯୮୪ରେ ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱ ତୁଲାଇଥିଲେ। ଶେଷରେ ଜଗତ୍‌ସିଂହପୁର ଜିଲା ଅଳକା ମହାବିଦ୍ୟାଳୟର ଅଧ୍ୟକ୍ଷ ରହି ଅବସର ଗ୍ରହଣ କରିଥିଲେ।

# ତୃତୀୟ ଲହର ପାଇଁ ବଢ଼ିପାରେ କଟକଣା

## ଶିଶୁଙ୍କ ଲାଗି ଆସିପାରେ ନୂଆ ଗାଇଡ୍‌ଲାଇନ୍

- ଏବେ ବି ରେଡ୍ ଜୋନ୍‌ରେ ଖୋର୍ଦ୍ଧା ଜିଲା
- ରାଜ୍ୟର ଅଧା ସକ୍ରିୟ ରୋଗୀ ଖୋର୍ଦ୍ଧାରେ
- ଭୁବନେଶ୍ୱରରେ ଶଟ୍‌ଡାଉନ୍ ଜାରି ରଖିବାକୁ ପରାମର୍ଶ



**ଭୁବନେଶ୍ୱର, ୨୯।୮(ବ୍ୟୁରୋ)**

କରୋନା ପାଇଁ ଦେଢ଼ବର୍ଷ ହେବ କଟକଣା ଭିତରେ ଜୀବନ ବିତୁଛି। ଦ୍ୱିତୀୟ ଲହର ସଂକ୍ରମଣ ନିମ୍ନସ୍ତରକୁ ଆସିଥିବାବେଳେ ଧୀରେ ଧୀରେ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିଭିନ୍ନ କ୍ଷେତ୍ର ସ୍ୱାଭାବିକ ହେଉଛି। ସ୍ଥିତିକୁ ଦେଖି କଟକଣାକୁ କୋହଳ କରାଯାଉଥିବାବେଳେ ଏବେ ସମ୍ଭାବ୍ୟ ତୃତୀୟ ଲହର ସତର୍କ ଘଣ୍ଟି ବଜାଉଛି। ରାଜ୍ୟ ସରକରଙ୍କ ପକ୍ଷରୁ ଜାରି ଅଗଷ୍ଟ ଗାଇଡ୍‌ଲାଇନ୍ ସରିବାକୁ ଗୋଟିଏ ଦିନ ବାକି ରହିଥିବାବେଳେ ସେପ୍ଟେମ୍ବର ପାଇଁ କ'ଣ ରହିବ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ତୃତୀୟ ଲହର ଓ ପାର୍ବଣକୁ ଦୃଷ୍ଟିରେ ରଖି ଏଥର କଟକଣା ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମଧ୍ୟ ଏନେଇ ରାଜ୍ୟ ସରକାରଙ୍କୁ ସତର୍କ କରିବା ସହ ପରାମର୍ଶ ଦେଇସାରିଛି। ବର୍ତ୍ତମାନ ଶିଶୁ ଓ କିଶୋର ସଂକ୍ରମଣ ଓ ମୃତ୍ୟୁକୁ ନେଇ ଚିନ୍ତା ବଢ଼ିଛି। ତେଣୁ ବିଭିନ୍ନ ଜିଲା ଓ ସହରାଞ୍ଚଳ ପାଇଁ ନୂଆ ଗାଇଡ୍‌ଲାଇନ୍‌ରେ ରାଜ୍ୟ ସରକାର ଶିଶୁଙ୍କ ସ୍ୱାସ୍ଥ୍ୟ ସୁରକ୍ଷାକୁ ଗୁରୁତ୍ୱ ଦେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିପାରନ୍ତି ବୋଲି ଆଶା କରାଯାଉଛି।

ଅଗଷ୍ଟ ଗାଇଡ୍‌ଲାଇନ୍ ଅନୁସାରେ, ସାଧାରଣ ଯାତାୟାତଠାରୁ ଆରମ୍ଭ କରି ପ୍ରାୟ ସବୁ କ୍ଷେତ୍ରରେ କଟକଣା କୋହଳ ହୋଇଛି। ପ୍ରାଥମିକ ବିଦ୍ୟାଳୟ ବ୍ୟତୀତ ଅନ୍ୟସବୁ ଶ୍ରେଣୀରେ ପାଠପଢ଼ା ଆରମ୍ଭ ହୋଇଛି। ମନ୍ଦିର, ଧର୍ମାନୁଷ୍ଠାନ, ଶିକ୍ଷାନୁଷ୍ଠାନ, ଫିଲ୍ମ ହଲ୍, ମଲ୍, ମାର୍କେଟ୍ ସବୁ ଖୋଲିଯାଇଥିବାବେଳେ ପର୍ଯ୍ୟଟନ କ୍ଷେତ୍ର ଚଳଚଞ୍ଚଳ ହେବାରେ ଲାଗିଛି। କେବଳ ଅଧିକ ସଂକ୍ରମଣ ହାର ରହିଥିବା ଭୁବନେଶ୍ୱର, କଟକ ଓ ପୁରୀରେ ଶନି ଏବଂ ରବିବାର ସପ୍ତାହାନ୍ତ ଶଟ୍‌ଡାଉନ୍ ଜାରି ରହିଛି। ଇତିମଧ୍ୟରେ ଅଗଷ୍ଟ ୨୦ରୁ ରାଜ୍ୟରେ ଦୈନିକ ସଂକ୍ରମଣ ଏକ ହଜାର ତଳକୁ ଖସିଛି। କିନ୍ତୁ ଖୋର୍ଦ୍ଧା ଜିଲା ସକ୍ରିୟ ରୋଗୀ ସଂଖ୍ୟାରେ ଏବେ ବି ରେଡ୍ ଜୋନ୍‌ରେ ରହିଛି। ରାଜ୍ୟରେ ୬,୯୮୬ଜଣ ସକ୍ରିୟ ରୋଗୀ ଥିବାବେଳେ ଏଥିମଧ୍ୟରୁ ଏହି ଜିଲାରେ ୨,୭୦୩ଜଣ ରହିଛନ୍ତି। ରାଜ୍ୟରେ ସଂକ୍ରମଣ ହାର ୧.୨୪% ଥିବାବେଳେ ଖୋର୍ଦ୍ଧା ୩.୧% ରହିଛି। ତେଣୁ ଖୋର୍ଦ୍ଧା ଜିଲାରେ କଟକଣାରେ କୌଣସି ପରିବର୍ତ୍ତନ ହୋଇ ନ ପାରେ ବୋଲି ଆଶଙ୍କା କରାଯାଉଛି। ସବୁଠାରୁ ବଡ଼ କଥା ହେଲା ଏହି ଜିଲାରେ ଦୈନିକ ଚିହ୍ନଟ ହେଉଥିବା ଆକ୍ରାନ୍ତଙ୍କ ମଧ୍ୟରୁ ଭୁବନେଶ୍ୱରରୁ ପ୍ରାୟ ୮୫% ଆକ୍ରାନ୍ତ ରହୁଛନ୍ତି। ଭୁବନେଶ୍ୱର ଲୋକେ କୋଭିଡ୍ ନିୟମ ଠିକ୍ ଭାବେ ମାନୁ ନ ଥିବାରୁ ସଂକ୍ରମଣ ଅଧିକ ରହୁଥିବା ବୋଲି ସ୍ୱାସ୍ଥ୍ୟ ବିଭାଗ କହୁଛି। ବିଶେଷଜ୍ଞଙ୍କ କହିବାନୁସାରେ, ସେପ୍ଟେମ୍ବରରେ ଶଟ୍‌ଡାଉନ ରହୁ। ବିଶେଷକରି ଭୁବନେଶ୍ୱରରେ କଟକଣାକୁ ଆହୁରି କଡ଼ାକଡ଼ି କରିବା ପାଇଁ ପରାମର୍ଶ ଦେଇଛନ୍ତି। ରାତ୍ରି କର୍ଫ୍ୟୁ ଓ ଶଟ୍‌ଡାଉନକୁ ଯଦିଓ କିଛି ଲୋକ ପାଳନ କରୁଛନ୍ତି, କିନ୍ତୁ କିଛି ଅମାନିଆ ରାତିରେ ବୁଲିବା ସହିତ ଗହଳି କରୁଛନ୍ତି। ତେଣୁ ପୂର୍ବଭଳି ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରିବା ଉଚିତ। ନ ହେଲେ ତୃତୀୟ ଲହରରେ ଅଧିକ ଲୋକ ସଂକ୍ରମଣର ଶିକାର ହେବେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହିଛନ୍ତି।

**ଆଜିର ମନ୍ତବ୍ୟ**
ଭାରତୀୟ ଭାଷାକୁ ସମୃଦ୍ଧ କରିବା ଲାଗି ଏକ ଗତିଶୀଳ ଓ ସକ୍ରିୟ ଦୃଷ୍ଟିକୋଣ ଗ୍ରହଣ କରିବା ଆବଶ୍ୟକ। ଭାଷାର ପ୍ରସାର ପାଇଁ ଅଭିନବ ପଦକ୍ଷେପ ନେବାକୁ ହେବ। **-ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି**

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ସାହିଲ
ପରିବାରବର୍ଗ


ସୁଇଟି
ପରିବାରବର୍ଗ


କ୍ରୀଷ୍ଟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭିଜିଲାନ୍ସ ମାମଲାରେ ଦମ୍ପତି ଗିରଫ

**ଭଦ୍ରକ ଅଫିସ, ୨୯।୮**

ଭିଜିଲାନ୍ସ ମାମଲାରେ ଭଦ୍ରକ ସିଡିପିଓ କାର୍ଯ୍ୟାଳୟର ସୁପରଭାଇଜର ମଲ୍ଲୀଲତା ଦାସ ଓ ତାଙ୍କ ସ୍ୱାମୀ ବିଦ୍ୟାଧର ଜେନାଙ୍କୁ ରବିବାର ଗିରଫ କରାଯାଇଛି। ସେମାନଙ୍କୁ ଆରଡ଼ି ଛକସ୍ଥିତ ବାସଭବନରୁ ବାଲେଶ୍ୱର ଭିଜିଲାନ୍ସ ଟିମ୍ ଗିରଫ କରି ନେଇଥିବା ସୂଚନା ମିଳିଛି। ପ୍ରକାଶ ଯେ, ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗତ ମଙ୍ଗଳବାର ଭିଜିଲାନ୍ସ ଟିମ୍ ସୁପରଭାଇଜର ଦାସଙ୍କ ବାସଭବନ, ସିଡିପିଓ ଅଫିସ୍ ଏବଂ ଆୟରୋଲିସ୍ଥିତ ବାପଘରେ ଚଢ଼ାଉ କରିଥିଲା। ୫ ମହଲାର ଏକ କୋଠା, ୪ ମହଲା ବିଶିଷ୍ଟ ମାର୍କେଟ୍ କମ୍ପ୍ଲେକ୍ସ, ପୈତୃକ ବାସଭବନ, ୨ଟି ପ୍ଲଟ, ଗୋଟିଏ ଚାରିଚକିଆ ଓ ଗୋଟିଏ ଦୁଇଚକିଆ ଗାଡ଼ି ଜବତ କରାଯାଇଥିଲା।

# ଦାଦାବଟିକୁ ନେଇ ଗୁଳିମାଡ଼

**ରାଉରକେଲା ଅଫିସ, ୨୯।୮**

ରାଉରକେଲା ବଣ୍ଡାମୁଣ୍ଡା ଥାନା ଅଧୀନ ସେକ୍ଟର-ଏ ହାଇସ୍କୁଲ ନିକଟରେ ରବିବାର ଗୁଳିମାଡ଼ ହୋଇଛି। ଏହି ଘଟଣାରେ ଶୀତଳନଗରର ପି. ଚିରଞ୍ଜୀବୀ ନାମକ ଜଣେ ଠିକାଦାର ଆହତ ହୋଇଛନ୍ତି। ତାଙ୍କ ବାମ ଜଂଘରେ ଗୁଳି ବାଜିଛି। ଆହତଙ୍କୁ ଇସ୍ପାତ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ରେ ଭର୍ତ୍ତି କରାଯାଇଛି। ଦାଦାବଟିକୁ ନେଇ ଏହି ଗୁଳିମାଡ ହୋଇଥିବା ପୋଲିସ ପ୍ରାଥମିକ ସୂତ୍ରରୁ ଜାଣିବାକୁ ପାଇଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗଙ୍ଗା ମାତା, ହିରଣ୍ୟ ବାପ**
**କଂସ ମାମୁ, କର୍ଣ୍ଣ ଭାଇ**
**ଏମାନଙ୍କଠାରେ ଦୟାମାୟା ନାହିଁ।**

ମାତା ଗଙ୍ଗା ନିଜ ଜନ୍ମିତ ସନ୍ତାନଙ୍କୁ ଜଳରେ ଭସାଇ ଦେଇଥିଲେ। ହିରଣ୍ୟକଶ୍ୟପୁ ବାପା ହୋଇ ମଧ୍ୟ ନିଜ ପୁତ୍ର ବିଷ୍ଣୁ ଭକ୍ତ ପ୍ରହଲ୍ଲାଦ ପ୍ରତି କଠୋର ମନୋଭାବ ପ୍ରଦର୍ଶନ କରିବା ସହ ମାରିବାକୁ ନାନା କୌଶଳ ଅବଲମ୍ବନ କରିଥିଲେ। ମାମୁ କଂସ ମଧ୍ୟ ଭଣଜା କୃଷ୍ଣଙ୍କ ପ୍ରତି ଅସୂୟା ମନୋଭାବ ପ୍ରଦର୍ଶନ କରିବା ସହ ମାରିବାକୁ ନାନା ଷଡ଼ଯନ୍ତ୍ର ରଚନା କରିଥିଲେ। ସେହିପରି କୁନ୍ତୀ ପୁତ୍ର କର୍ଣ୍ଣ ନିଜ ଭାଇ ବିଶେଷକରି ଅର୍ଜୁନଙ୍କ ପ୍ରତି ଶତ୍ରୁସମ ବ୍ୟବହାର କରିଥିବା ବିଷୟ ପୁରାଣରୁ ଜଣାଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଗୋଡ଼ର ମୁଦି**
**ତୁମେ ଯହିଁପାଇଁ କୁଦିଆ କୁଦି**
**ମୁଁ ଜାଣଇ ଯେ; ଘରର ରୁଅ**
**ତୁମେ ଯହିଁପାଇଁ ବାହାରେ ଶୁଅ**
**ମୁଁ ଜାଣଇ ଯୋ।**

କୌଣସି ସ୍ୱାର୍ଥ ସାଧନ କରିବା ପାଇଁ ଯୋଜନା ରଖି ତା' ଆଗରୁ ବାଟ ସ୍ଥିର କରି ସ୍ୱାର୍ଥ ସାଧନ କରିବା। ପ୍ରତ୍ୟକ୍ଷ ଭାବରେ ପ୍ରକାଶ ନ କରି ବା ନ କହି ପରୋକ୍ଷ ଭାବରେ ସୁବିଧା ସୁଯୋଗ ସୃଷ୍ଟି କରି ସ୍ୱାର୍ଥ ସାଧନ କରିବା। ଏପରି ମନୋବୃତ୍ତି କେବଳ ଅଭିଜ୍ଞ ବ୍ୟକ୍ତି ସହଜରେ ଜାଣିପାରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ**

# ରାଜ୍ୟସ୍ତରୀୟ ସେରୋ ସର୍ଭେ ଆରମ୍ଭ

**ଭୁବନେଶ୍ୱର, ୨୯।୮(ବ୍ୟୁରୋ)**

ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର(ଆର୍ଏମ୍ଆର୍ସି) ପକ୍ଷରୁ ରବିବାରଠାରୁ ରାଜ୍ୟସ୍ତରୀୟ ସେରୋସର୍ଭେ ଆରମ୍ଭ ହୋଇଛି। ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ବାଲେଶ୍ୱର, ମୟୂରଭଞ୍ଜ, ଯାଜପୁର, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ଆଦି ୧୨ଟି ଜିଲାରେ ଅଲଗା ଅବଧି ମଧ୍ୟରେ ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ପ୍ରଥମ ଦିନରେ ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ସେରୋ ସର୍ଭେ ଆରମ୍ଭ ହୋଇଥିବାବେଳେ ୪ ତାରିଖରେ ସରିବ। ସେହିପରି ସୋମବାର ନବରଙ୍ଗପୁର, କଳାହାଣ୍ଡି ଓ ମଙ୍ଗଳବାରଠାରୁ ବାଲେଶ୍ୱର ଜିଲାରେ ସର୍ଭେ ହେବ। ୫ ତାରିଖରୁ କେନ୍ଦୁଝର ଓ ସମ୍ବଲପୁର, ୭ରୁ ଯାଜପୁର, ୮ରୁ କନ୍ଧମାଳ ଓ ମୟୂରଭଞ୍ଜରେ ସର୍ଭେ କରାଯିବ। ଆର୍ଏମ୍ଆର୍ସିର ଟିମ୍ ଏସବୁ ଜିଲାରୁ ୬,୬୮୦ ନମୁନା ସଂଗ୍ରହ କରିବେ। ପ୍ରତି ଜିଲାରୁ ୧୦୦ଜଣ ସ୍ୱାସ୍ଥ୍ୟ କର୍ମୀଙ୍କ ନମୁନା ସଂଗ୍ରହ ହେବ।

## ନାବାଳିକାଙ୍କୁ ଗଣବଳାତ୍କାର...

ଚାଲିଲା। ଶନିବାର ଏହି ମାମଲାରେ ତାମିଲନାଡୁର ତିରୁପୁରରୁ ଗିରଫ ହୋଇଥିବା ୫ ଶ୍ରମିକଙ୍କ ମଧ୍ୟରେ ଜଣେ ନାବାଳକ ଥିବା ପୋଲିସ କହିଛି।

ତେବେ କେବଳ ରାଞ୍ଚି କି ମହୀଶୂର ନୁହେଁ, ଭାରତର ବିଭିନ୍ନ ଭାଗରେ ପ୍ରତ୍ୟହ ଏଭଳି ଘୃଣ୍ୟ ଅପରାଧର ଅନେକ ଚାଞ୍ଚଲ୍ୟକର ଘଟଣା ଘଟୁଛି। କିଛି ସାମ୍ନାକୁ ଆସୁଛି ତ ଆଉ କେତେକ ଅପରାଧ ଲୋକଲଜ୍ଜା ଭୟରେ ପଦାକୁ ଆସିପାରୁ ନାହିଁ। ଏଠାରେ ପ୍ରଶ୍ନ ଉଠୁଛି ଦୁନିଆ ଦେଖି ନ ଥିବା କୋମଳମତି ଶିଶୁଙ୍କ ଭିତରେ ଏଭଳି ଅପରାଧ ପ୍ରବଣତା କାହିଁକି ବଢୁଛି। ବିଶେଷଜ୍ଞ ଓ ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ବର୍ତ୍ତମାନ କୌଣସି ବୟସର ନାରୀ ସୁରକ୍ଷିତ ନାହାନ୍ତି। ଶିଶୁ କନ୍ୟା ହୁଅନ୍ତୁ କି ଛାତ୍ରୀ ଅଥବା ଯୁବତୀ ବଳାତ୍କାରର ଶିକାର ହେଉଛନ୍ତି। ଏପରି କି ନବଜାତକମାନଙ୍କ ପ୍ରତି ମଧ୍ୟ ଯୌନ ଅପରାଧ ବୃଦ୍ଧି ପାଉଛି। ପୂର୍ବରୁ କେବଳ ପ୍ରାପ୍ତବୟସ୍କମାନେ ଯୌନ ଅପରାଧରେ ଲିପ୍ତ ରହୁଥିବା ଦେଖିବାକୁ ମିଳୁଥିଲା। ଏବେ ଏହି ଟ୍ରେଣ୍ଡ୍ ଧାରା ସ୍ୱଳ୍ପବୟସ୍କ ପିଲାଙ୍କ ମଧ୍ୟରେ ବଢୁଥିବା ଅଭିଯୋଗ ହେଉଛି। ଅର୍ଥାତ୍ କେବଳ ଶିଶୁକନ୍ୟାଙ୍କୁ ସୁରକ୍ଷା ଦେବାରେ ବ୍ୟବସ୍ଥା ବିଫଳ ହୋଇଛି ତାହା ନୁହେଁ, ମାନସିକ ଅପରିପକ୍ୱ କିଶୋରମାନଙ୍କୁ ମଧ୍ୟ ଖରାପ କାମ କରିବାରୁ ନିବୃତ୍ତ କରିପାରୁ ନାହିଁ। ଏଥିପାଇଁ କେତେବେଳେ ପାଶ୍ଚାତ୍ୟ ସଂସ୍କୃତିକୁ ଦାୟୀ କରାଯାଉଛି ତ ଆଉ କେବେ ମୋବାଇଲ ଇଣ୍ଟରନେଟର ବହୁଳ ବ୍ୟବହାରକୁ ଦୋଷ ଦିଆଯାଉଛି। ତେବେ ସ୍ୱଳ୍ପବୟସ୍କ ପିଲାଙ୍କୁ ମଧ୍ୟ କାଉନ୍‌ସେଲିଂ କରି ସଚେତନ କରାଗଲେ ଏହି ଧାରାରେ ବ୍ରେକ୍ ଲଗାଯାଇପାରିବ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି।

## କିଶୋରଙ୍କ ମଧ୍ୟରେ ...

ଏବେ ଝାଡ଼ଖଣ୍ଡ ରାଜଧାନୀ ରାଞ୍ଚିରେ ଜଣେ ନାବାଳିକାଙ୍କୁ ୭ ନାବାଳକ ଗଣବଳାତ୍କାର କରିଥିବା ଅଭିଯୋଗ ହୋଇଛି। ଏଭଳି ଘଟଣା ଦେଶରେ କିଶୋରଙ୍କ ମଧ୍ୟରେ ନାବାଳିକାଙ୍କ ପ୍ରତି ଯୌନ ଅପରାଧର ଟ୍ରେଣ୍ଡ୍ ବଢୁଥିବା ଦର୍ଶାଉଛି। ପ୍ରକାଶ ଯେ, ଓଡ଼ିଶାର ବ୍ରହ୍ମପୁରରେ ଗତ ଫେବୃୟାରୀ ମାସରେ ଜଣେ ୧୦ ବର୍ଷୀୟା ଦଳିତ ନାବାଳିକାଙ୍କ ଘରେ ପଶି ୩ ଜଣ ନାବାଳକ ଗଣବଳାତ୍କାର ।କରିଥିଲେ। ଏହାର ୪ ମାସ ପରେ ଅର୍ଥାତ୍ ଜୁନ୍ ୧୨ରେ ନୟାଗଡ଼ ଜିଲା ଗୋଠପାଟଣା ଅଞ୍ଚଳରେ ଜଣେ ୬ ବର୍ଷୀୟା ଝିଅଙ୍କୁ ଅପହରଣ ଓ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ଏଥିରେ ମଧ୍ୟ ଜଣେ ନାବାଳକଙ୍କ ସମ୍ପୃକ୍ତି ଥିବା ପୋଲିସ ଜାଣିବାକୁ ପାଇଥିଲା। ଗତବର୍ଷ ଜୁଲାଇ ମାସରେ ନୟାଗଡ଼ର ବହୁଚର୍ଚ୍ଚିତ ପରୀ ନିଖୋଜ ଘଟଣା ରାଜ୍ୟରେ ହଟଚମଟ ସୃଷ୍ଟି କରିଥିଲା। ପରୀଙ୍କୁ ଅପହରଣ ଓ ହତ୍ୟା କରିଥିବା ଅଭିଯୁକ୍ତ ଜଣେ ନାବାଳକ ବୋଲି ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ସ୍ପଷ୍ଟ କରିଥିଲା।

## ପ୍ରଥମ ପୃଷ୍ଠାରୁ...

## ଭାରତକୁ ୩ ...

ଦମ୍‌ଦାର ପ୍ରଦର୍ଶନ କରି ସେ ଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଫାଇନାଲରେ ଏହି ସଫଳତା ଦୋହରାଇ ପାରି ନ ଥିଲେ। ତେବେ ସେ ଫାଇନାଲରେ ଝୋଉଙ୍କୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ଓ ୭-୧୧, ୫-୧୧, ୬- ୧୧ରେ ପରାସ୍ତ ହୋଇଥିଲେ। ବିଜୟୀ ହେବାକୁ ଝୋଉଙ୍କୁ ମାତ୍ର ୧୯ ମିନିଟ୍ ସମୟ ଆବଶ୍ୟକ ହୋଇଥିଲା। ଭାବିନାବେନଙ୍କ ରୌପ୍ୟ ସହ ଟୋକିଓ ପାରାଲିମ୍ପିକ୍ସରେ ଭାରତ ଖାତା ଖୋଲିଛି। ପୂର୍ବରୁ ଦୀପା ମଲିକ ପ୍ରଥମ ଭାରତୀୟ ମହିଳା ଭାବେ ପାରାଲିମ୍ପିକ୍ସରେ ପଦକ ହାସଲ କରିଥିଲେ। ସେ ୫ ବର୍ଷ ତଳେ ରିଓ ପାରାଲିମ୍ପିକ୍ସରେ ଶଟ୍‌ପୁଟ୍‌ରେ ବ୍ରୋଞ୍ଜ୍ ପଦକ ଜିତିଥିଲେ। ଏବେ ଦୀପା ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ)ର ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଅଛନ୍ତି। ହ୍ୱିଲଚେୟାର ଖେଳାଳି ଭାବିନାବେନ ଚଳିତ ସପ୍ତାହରେ ତାଙ୍କ ପ୍ରଥମ ଗ୍ରୁପ ପର୍ଯ୍ୟାୟ ମ୍ୟାଚ୍‌ରେ ଝୋଉଙ୍କଠାରୁ ପରାସ୍ତ ହୋଇଥିଲେ।

### ହାଇଜମ୍ପରେ ନିଷାଦଙ୍କୁ ରୌପ୍ୟ

ଟୋକିଓ ପାରାଲିମ୍ପିକ୍ସରେ ଭାରତ ପାଇଁ ଦ୍ୱିତୀୟ ପଦକ ଜିତିଛନ୍ତି ପୁରୁଷ ହାଇଜମ୍ପର ନିଷାଦ କୁମାର। ସେ ଟି୪୭ ଇଭେଣ୍ଟରେ ଏସିଆନ ରେକର୍ଡ ସୃଷ୍ଟି କରିବା ସହ ରୌପ୍ୟ ପଦକ ଜିତିଛନ୍ତି। ୨୧ ବର୍ଷୀୟ ନିଷାଦ ୨.୦୬ ମିଟର ଡେଇଁ ଏହି ସଫଳତା ହାସଲ କରିଛନ୍ତି। ନିଷାଦଙ୍କ ସହ ଆମେରିକାର ଡଲାସ ୱାଇଜଙ୍କୁ ମଧ୍ୟ ଏହି ଇଭେଣ୍ଟରେ ରୌପ୍ୟ ପଦକ ପ୍ରଦାନ କରାଯାଇଛି। ଉଭୟ ଖେଳାଳି ସମାନ ୨.୦୬ ମିଟର ଉଚ୍ଚ ଡେଇଁଥିଲେ। ଫଳରେ ଦୁଇଜଣଙ୍କୁ ରୌପ୍ୟ ପଦକ ପ୍ରଦାନ କରାଯାଇଛି। ଅନ୍ୟତମ ଆମେରିକୀୟ ଖେଳାଳି ରୋଡେରିକ ଟାଉନସେଣ୍ଡ ୨.୧୫ ମିଟର ଡେଇଁ ବିଶ୍ୱ ରେକର୍ଡ ସୃଷ୍ଟି କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଭାରତୀୟ ରାମ ପାଲ ୧.୯୪ ମିଟର ଡେଇଁ ପଞ୍ଚମ ସ୍ଥାନରେ ରହିଥିଲେ। ହିମାଚଳ ପ୍ରଦେଶର ଉନାରୁ ଆସିଥିବା ନିଷାଦ ୮ ବର୍ଷରେ ଏକ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଓ ଡାହାଣ ହାତ ହରାଇଥିଲେ। ବେଙ୍ଗାଲୁରୁସ୍ଥିତ ସାଇ ସେଣ୍ଟରରେ ଟ୍ରେନିଂ ନେଉଥିବା ବେଳେ କରୋନା ସଂକ୍ରମଣର ଶିକାର ହୋଇଥିଲେ। ଗତବର୍ଷ ସେ ଦୁବାଇରେ ଅନୁଷ୍ଠିତ ଫାଜା ବିଶ୍ୱ ପାରା ଆଥ୍‌ଲେଟିକ୍ସ ଗ୍ରାଁପ୍ରିରେ ପୁରୁଷ ହାଇଜମ୍ପ ଟି୪୬/୪୭ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୦୯ରୁ ସେ ପାରା ଆଥ୍‌ଲେଟିକ୍ସରେ ଅଂଶଗ୍ରହଣ କରିବା ଆରମ୍ଭ କରିଥିଲେ। ଭାବିନାବେନଙ୍କ ପରେ ନିଷାଦ ଦେଶ ପାଇଁ ଦ୍ୱିତୀୟ ପଦକ ହାସଲ କରିଛନ୍ତି।

ଅପରପକ୍ଷରେ ଟୋକିଓ ପାରାଲିମ୍ପିକ୍ସରେ ବିନୋଦ କୁମାର ଡିସ୍କସ୍ ଥ୍ରୋରେ ଭାରତ ପାଇଁ ତୃତୀୟ ପଦକ ହାସଲ କରିଛନ୍ତି। ସେ ରବିବାର ପୁରୁଷ ଏଫ୍୫୨ ଇଭେଣ୍ଟରେ ଏସୀୟ ରେକର୍ଡ ସୃଷ୍ଟି କରିବା ସହ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ହେଲେ ଡିଜାବିଲିଟି କ୍ଲାସିଫିକେସନ୍‌କୁ ନେଇ କେତେକ ଖେଳାଳି ତାଙ୍କ ବିରୋଧରେ ଅଭିଯୋଗ ଆଣିବା ପରେ ସୋମବାର ପର୍ଯ୍ୟନ୍ତ ଏହାକୁ ସ୍ଥଗିତ ରଖାଯାଇଛି।

## କାବୁଲରେ ଆମେରିକାର...

ବିଶ୍ୱସ୍ତ ସୂତ୍ରରୁ ସୂଚନା ଥିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ରବିବାର କହିଥିଲେ। ଆମେରିକା ସୈନ୍ୟ ସତର୍କ ରହିବା ସହ ନାଗରିକମାନେ ବିମାନବନ୍ଦର ଓ ଆଖପାଖ ଅଞ୍ଚଳକୁ ନ ଯିବାକୁ ସେ ଚେତାଇଥିଲେ। ଏ ନେଇ କାବୁଲ ସ୍ଥିତ ଆମେରିକା ଦୂତାବାସ ପକ୍ଷରୁ ବିମାନବନ୍ଦରରେ ହାଇ ଆଲର୍ଟ ଜାରି କରାଯାଇଛି। ଏୟାରପୋର୍ଟର ଦକ୍ଷିଣ ଗେଟ୍(ଏୟାରପୋର୍ଟ ସର୍କଲ)ରେ ନୂତନ ଆଭ୍ୟନ୍ତରୀଣ ମନ୍ତ୍ରଣାଳୟ ଏବଂ ଉତ୍ତର-ପଶ୍ଚିମ ପାର୍ଶ୍ୱରେ ପଞ୍ଜଶିର ପେଟ୍ରୋଲ ଷ୍ଟେଶନ ନିକଟରେ ଥିବା ଫାଟକଠାରେ ବିସ୍ଫୋରଣ ହେବାର ଯଥେଷ୍ଟ ଆଶଙ୍କା ରହିଥିବା ଦୂତାବାସ ପକ୍ଷରୁ ଜାରି ଆଲର୍ଟରେ ଦର୍ଶାଯାଇଛି।

## ସେପ୍ଟେମ୍ବର ୩୦ ଯାଏ ...

ଅନ୍ତର୍ଜାତୀୟ ପରିବହନ ଉପରେ ଏହାର କୌଣସି ପ୍ରଭାବ ପଡିବନାହିଁ ବୋଲି ଡିଜିସିଏ କହିଛି। ଅର୍ଥାତ୍ ବର୍ତ୍ତମାନର ପରିବର୍ତ୍ତିତ ନିୟମ ମାଲ ପରିବହନ କ୍ଷେତ୍ର ଲାଗି ଲାଗୁ ହେବ ନାହିଁ। ଏଥିଲାଗି ଡିଜିସିଏ ମଞ୍ଜୁରୀ ଲୋଡ଼ା ପଡ଼ିବ। ସେହିଭଳି କର୍ତ୍ତୃପକ୍ଷଙ୍କ ଅନୁମତି ପରେ ନିର୍ଦ୍ଦିଷ୍ଟ ସ୍ଥାନକୁ ବିମାନ ସେବା ଉପଲବ୍ଧ ହେବ। ପୂର୍ବ ନିର୍ଦ୍ଦେଶ ମୁତାବକ ଅନ୍ତର୍ଜାତୀୟ ବିମାନ ସେବା ଅଗଷ୍ଟ ୩୧ ଯାଏ ବାତିଲ ଥିବା ବେଳେ ଏହାକୁ ବର୍ତ୍ତମାନ ଆଉ ଗୋଟିଏ ମାସ ବୃଦ୍ଧି କରାଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କୃତ୍ତିକା ନକ୍ଷତ୍ର ସହକର୍ମୀଙ୍କ ସହ ଝଗଡ଼ା ଅଥବା ଋଣ କିମ୍ବା ବାଣିଜ୍ୟରେ ପ୍ରତିବନ୍ଧକଜନିତ ଚିନ୍ତିତ ରହିବେ। ସ୍ୱାସ୍ଥ୍ୟ ବିଶେଷ ଭଲ ରହିବ ନାହିଁ ଏବଂ ପୁରାତନ ରୋଗୀ ହଇରାଣ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥା ଗୁଡ଼ିକ ଠିକ୍ ଥିଲେ ମଧ୍ୟ ଆପଣଙ୍କୁ ଭଲ ଲାଗିବ ନାହିଁ। ଆନୁଷ୍ଠାନିକ କାମ, ସଭାସମିତି ଓ ସଂଗଠନ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବୃଷ**
ଆଜି ଜମିଜମା କିମ୍ବା ଯାନ୍ତ୍ରିକ ଜିନିଷ କ୍ଷେତ୍ରରେ କିଛି ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେବେ। ଅବଶ୍ୟ ବନ୍ଧୁ କିମ୍ବା ପିଲାମାନେ ଏ ଦିଗରେ ସାହାଯ୍ୟ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତାରେ ସଫଳତା ପାଇବେ, କିନ୍ତୁ ଏହାହିଁ ପରକ୍ଷଣରେ ସମସ୍ୟା ବୃଦ୍ଧି କରିବ। ରୋହିଣୀ ନକ୍ଷତ୍ର ସମସ୍ୟା ସମାଧାନ କ୍ଷେତ୍ରରେ ସହକର୍ମୀ ସହଯୋଗର ହାତ ବଢ଼ାଇବେ।

**ମିଥୁନ**
ପୁନର୍ବସୁ କର୍ମକ୍ଷେତ୍ରରେ କିଛି କଡ଼ା ଭାଷା ପ୍ରୟୋଗ କରି ଶତ୍ରୁତା ଅର୍ଜନ କରିବେ। ଯେଉଁ କ୍ଷେତ୍ରରେ ଯାହା ନିଷ୍ପତ୍ତି ନେବେ ତାହା ଶେଷ ସମୟରେ ଓଲଟା ହୋଇଯିବ। ପ୍ରତିଶ୍ରୁତି ଦେଇଥିବା ମିତ୍ରମାନେ ହଠାତ୍ ମତ ବଦଳାଇ ଅସହଯୋଗ କରିବେ। ବିବାଦୀୟ କ୍ଷେତ୍ରରେ, ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହୋଇପାରେ।

**କର୍କଟ**
ଅଶ୍ଳେଷା ନକ୍ଷତ୍ର କଳହ ନ କରି ସତର୍କରେ କାମ କରିବା ଭଲ । ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ରହିବା ସକାଶେ ସବୁ କଥାରେ ନରମ ରହି ପାରିଲେ ହିଁ ସୁଫଳ ପାଇବେ। ଆଲୋଚନା କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ମନୋବୃତ୍ତି ପୋଷଣ କରିପାରନ୍ତି। କୌଣସି ନୂତନ ସ୍ଥାନକୁ ଯିବା ପାଇଁ ସଜବାଜ ହୋଇପାରନ୍ତି।

**ସିଂହ**
ଆପଣଙ୍କ କାର୍ଯ୍ୟଦକ୍ଷତା ଓ ଯୁକ୍ତିଯୁକ୍ତ ବାର୍ତ୍ତାଳାପରୁ ବିଜୟ ଲାଭ ଅବଶ୍ୟମ୍ଭାବୀ। ବହୁ ପୂର୍ବରୁ ଯେଉଁ ପ୍ରାପ୍ୟ ପାଇବାର ଥିଲା ଆଜି ହିଁ ତାହା ପାଇବା ସୂଚନା ମିଳିବ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ଉତ୍ତରା ଫାଲ୍‌ଗୁନୀ କର୍ମକ୍ଷେତ୍ରରେ କାରଣ ନ ଥାଇ ଦୋଷୀ ସାବ୍ୟସ୍ତ ହେବେ।

**କନ୍ୟା**
ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ପାରିବାରିକ କ୍ଷେତ୍ର ସମସ୍ୟା ବହୁଳ ରହିବ। ଯାନ୍ତ୍ରିକ ତ୍ରୁଟିକୁ ସୁଧାରି ସତର୍କରେ ନ ଚଳିଲେ ହଇରାଣ ହେବେ। ପିଲାଙ୍କ କୃତି ଓ କୃତିତ୍ୱ ସକାଶେ ଗର୍ବ ଅନୁଭବ କରିପାରନ୍ତି। ହସ୍ତା ନକ୍ଷତ୍ର ଜଣେ ହିତାକାଂକ୍ଷୀଙ୍କ ସହୃଦୟତାରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ।

**ତୁଳା**
କର୍ମକ୍ଷେତ୍ରରେ ନୀରବଦ୍ରଷ୍ଟା ସାଜିବା ଦ୍ୱାରା ପରେ ହଇରାଣରେ ପଡ଼ିପାରନ୍ତି। ପରୋକ୍ଷ ଶତ୍ରୁତା କାରଣରୁ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ହଠାତ୍ ବନ୍ଧୁଙ୍କ ଅନୁରୋଧକ୍ରମେ ଦେବାର୍ଚ୍ଚନା ପାଇଁ ମନ ବଳାଇପାରନ୍ତି। ସମାଜରେ ପ୍ରଶଂସନୀୟ କାମ କରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିବେ।

**ବିଛା**
କୌଣସି ଅସୁବିଧା ନ ଥିଲେ ମଧ୍ୟ ଶନିଙ୍କ ପ୍ରଭାବରୁ ନିରୁତ୍ସାହିତ ରହିବେ। ଶୁକ୍ର ଓ ଚନ୍ଦ୍ର ପ୍ରଭାବରୁ କଳା, ସାହିତ୍ୟ, ସଙ୍ଗୀତ ଓ ଅଭିନୟ କ୍ଷେତ୍ରରୁ ପ୍ରଶଂସା ପାଇବେ। କଚେରି ମାମଲା, ଗୃହସୀମାକୁ କେନ୍ଦ୍ର କରି ବିତର୍କ ଲାଗିପାରେ। ସାମ୍ବାଦିକତା, ପ୍ରଶାସନ, ଗବେଷଣା, ଆଲୋଚନା କ୍ଷେତ୍ରରେ ପ୍ରତିଷ୍ଠିତ ହେବା ସୂଚନା ରହିଛି।

**ଧନୁ**
ଆଜି ମୂଳା ନକ୍ଷତ୍ର ପଡ଼ୋଶୀ, ସହକର୍ମୀ କିମ୍ବା ଭାଇ ଭଉଣୀଙ୍କ କ୍ଷେତ୍ରରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ପରିବାରରେ ସାଧାରଣ କଥାକୁ ନେଇ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। କର୍ମକ୍ଷେତ୍ରରେ କେତେକ ନୂତନ କାମର ପରିକଳ୍ପନା କରିବା ସାଙ୍ଗକୁ ଖର୍ଚ୍ଚଭାର ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି।

**ମକର**
ଦୀର୍ଘଦିନରୁ କଥା କହୁ ନ ଥିବା ବନ୍ଧୁଟି ସହ ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ। କର୍ମକ୍ଷେତ୍ରରେ ଟେନ୍‌ସନ କିଛି ମାତ୍ରାରେ କମିଯିବା କାରଣରୁ ଆଶ୍ୱସ୍ତି ଲାଭ କରିପାରନ୍ତି। ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟ ହାସଲ ସାଙ୍ଗକୁ ସାମାଜିକ କାମରୁ ଖୁସି ରହିବେ। ଶ୍ରବଣା ନକ୍ଷତ୍ରର ଅପରାହ୍ଣରେ ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ।

**କୁମ୍ଭ**
ଆଜି ପରିବାରରେ ପିଲାମାନଙ୍କର କିଛି ସମସ୍ୟା ମନକୁ ବିଚଳିତ କରିବ। ଅଫିସ୍‌ରେ ମଧ୍ୟ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। କାମ ହାସଲ ନ ହେବା କାରଣକୁ ନେଇ ବନ୍ଧୁଙ୍କ ଉପରେ ବୃଥା ସନ୍ଦେହ କରିପାରନ୍ତି। ମାଲିମକଦ୍ଦମା କିମ୍ବା ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବା ସୂଚନା ରହିଛି।

**ମୀନ**
ଆଜି ମାନସିକ ଦୁର୍ବଳତା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ସଙ୍କୁଚିତ ମନେକରିବେ। ମନ ଭଲ ନ ଥିବା କାରଣରୁ କାହାର ଭଲ କଥା ମଧ୍ୟ ଆପଣଙ୍କୁ ସୁଖ ଲାଗି ନ ପାରେ। ଅବଶ୍ୟ ଚେଷ୍ଟା କରୁଥିବା କାମ ହୋଇଯିବ ଓ ପାଇବା ଜିନିଷଟି ନିଶ୍ଚିତ ପାଇବେ। ଉତ୍ତରଭାଦ୍ରପଦ ଗୃହକାମରେ ବ୍ୟସ୍ତ ରହି କୌଣସି ଗୁରୁତ୍ୱପୂର୍ଣ୍ଣ କାମକୁ ପାସୋରି ଦେଇପାରନ୍ତି।


# classifieds Everyday
0674-2580101, 2549302

real estate

## SALE

Ready to move Apartment 2BHK, 3BHK near Patia Railway Station. Contact: 7437998131. D-69991

କ ଟ କ - ଭୁ ବ ନେ ଶ୍ୱ ର ମଧ୍ୟଭାଗରେ ନିର୍ମିତ ଓଡ଼ିଶାର ବୃହତ୍ତମ Commercial Hub Grand Bazar ସମ୍ମୁଖରୁ 1 K.M. ଦୂରତାରେ ଘରବାରି ପ୍ଲଟ୍ କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 8249310759. D-70893

ପାହାଳ, ନଖରା, ତମାଣ୍ଡୋରେ electri ଥାଇ ସ୍ଥିତିବାନ୍ ପ୍ଲଟ୍ କିଣି ଘର କରନ୍ତୁ। 9776866520. D-70896

2/3 BHK flats sale at Mancheswar Railway Station, Bhubaneswar discount upto-5,00,000/-. 8114982646, 9040744989. D-70890

2BHK Simplex Santola near Trinath Bazar (Nakhara) rate-28,50,000/- Bank Loan available. 7978230118, 8249477254. D-70886

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥବଜାର sqft.-150/- (Outright). 9348232008. D-21430

ଭୁବନେଶ୍ୱର ଚନ୍ଦକାରେ Nalanda ଓ BCCST College ପାଖରେ road, electricity, water ସୁବିଧା ଥାଇ ବାସୋପଯୋଗୀ ପ୍ଲଟ୍ possession ଥାଇ ମିଳୁଛି। 9348870771, 9090543542. D-70889

construction

Construct your home with branded material. We provide plan approval, boring, vastu. 7789824989, 9040744989. D-70891

to-let

Fully furnished 2BHK flat in K&K Plaza beside Pantaloons, Patia on rent for family. Contact: 9437136565. D-21488

Single Rooms attached Toilet near Sisupalgad College, Bhubaneswar. Contact No.9437764734. D-70729

healthcare

Monalisa massage Club: All types Body massage with hiprofile smart lady rooms service available. 9708545108. D-21491

Newly open full body massage Ladies and Gents. 8658471570, 8658994614. D-70473

Take wellness relax massage trained ladies / jents therapist 800/-. 7008773793. D-71409

Newly open Saikrupa Panchakarma Spa positively health benefits with Expert. 8984068077. D-21451

Newly open SPA Offer@ 799/-, positively health benefits. Jaydevbihar. 7846814019. D-71408

Refreshing your mind, your body with tha best therapy at Lotus SPA. 8018891951. D-70474

Lotus SPA newly open positively health benefits/ expert therapist. 8455987557. D-71403

Swarna SPA newly open positively health benefits with expert therapist. 9556978408. D-71139

business

Join bhubaneswar massage club ladies and gents earn regular income contact- 7978441326. D-21489

## AFFIDAVIT

I, Sujata Dalai, W/O Lambodhara Pardia, Aged 47 Years, Residing At Alupur, Balasore, Odisha, 756001, India Changed My Name From Sujata Parida To Sujata Dalai Vide Affidavit Dated 28 June 21 Sworn Before Executive Magistrate, Balasore. D-21490

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

ମାନ୍ୟବର ମେମ୍ବର ବୋର୍ଡ ଅଫ୍ ରେଭେନ୍ୟୁ, କଟକ
ଓ.ଏସ୍.ଏସ୍. କେସ୍ ନଂ.- ୧୦୭୫/୨୦୧୬
(ଓଡ଼ିଶା ବନ୍ଦୋବସ୍ତ ଆଇନର ଧାରା ୧୫ (ଖ) ଅନୁଯାୟୀ)

ସରୋଜ କୁମାର ମିଶ୍ର, ପିତା- ନିତ୍ୟାନନ୍ଦ ମିଶ୍ର, ସା- କୁଳିତପଡ଼ା, ପୋ- ମୋଦିପଡ଼ା, ଥାନା/ଜିଲ୍ଲା- ସମ୍ବଲପୁର, ଓଡ଼ିଶା
......ବାଦୀ

ବନାମ

୧. ପ୍ରଦୀପ୍ତ କୁମାର ପଟ୍ଟନାୟକ, ୨. ପ୍ରଶାନ୍ତ କୁମାର ପଟ୍ଟନାୟକ, ୩. ସୁଶାନ୍ତ କୁମାର ପଟ୍ଟନାୟକ, ୪. ସୁକାନ୍ତ କୁମାର ପଟ୍ଟନାୟକ, ୫. ସୁବ୍ରତ କୁମାର ପଟ୍ଟନାୟକ କ୍ରମିକ ନଂ.- ୧ଠାରୁ ୫ ପର୍ଯ୍ୟନ୍ତଙ୍କ ପିତା- ୰ନିମାଇଁ ଚରଣ ପଟ୍ଟନାୟକ। ୬. କଳ୍ପନା ପଟ୍ଟନାୟକ, ୭. ସସ୍ମିତା ପଟ୍ଟନାୟକ, ୮. ସୁନିତା ପଟ୍ଟନାୟକ, ୯. ରୋଜାଲିନ୍ ପଟ୍ଟନାୟକ କ୍ରମିକ ନଂ.- ୬ଠାରୁ ୭ପର୍ଯ୍ୟନ୍ତ ପିତା- ନିମାଇଁ ଚରଣ ପଟ୍ଟନାୟକ। ୧୦. ବିଷ୍ଣୁପ୍ରିୟା ପଟ୍ଟନାୟକ, ସ୍ୱା- ନିମାଇଁ ଚରଣ ପଟ୍ଟନାୟକ, ଏ ସମସ୍ତଙ୍କ ସା- ଗ୍ରାମଡ଼ିହୀ, ପୋ- ଗଙ୍ଗପଡ଼ା, ଥା- ଚନ୍ଦକା, ଜି- ଖୋର୍ଦ୍ଧା। ୧୧. ତ୍ରାହି ଜଗନ୍ନାଥ କନଷ୍ଟ୍ରକସନ ପ୍ରାଇଭେଟ୍ ଲିମିଟେଡ୍, ପ୍ଲଟ୍ ନଂ.- ୪୮୧, ସହୀଦନଗର ଭୁବନେଶ୍ୱର, ଜି- ଖୋର୍ଦ୍ଧା ତରଫ ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା, ପି- ନିରାକାର ପଣ୍ଡା, ସା- ପ୍ଲଟ୍ ନଂ.- ୭୨୬-ସି, ନୟାପଲ୍ଲୀ ବେହେରା ସାହି, ଥା- ନୟାପଲ୍ଲୀ, ଭୁବନେଶ୍ୱର, ଜି- ଖୋର୍ଦ୍ଧା।
.......ପ୍ରତିବାଦୀମାନେ

ନୋଟିସ୍ ଅର୍ଡର-୫ ରୁଲ-୨୦ ମୁତାବକ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ ଉପରଲିଖିତ ରିଭିଜନ୍ କେସ୍‌ର ଶୁଣାଣି ମାନ୍ୟବର ମେମ୍ବର, ବୋର୍ଡ ଅଫ୍ ରେଭେନ୍ୟୁ, କଟକଙ୍କ ଭୁବନେଶ୍ୱର ସ୍ଥିତ କାର୍ଯ୍ୟାଳୟରେ ଆସନ୍ତା ତା. ୩୧।୦୮।୨୦୨୧ ୧୧ ଘଟିକାରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ମୌଜା- ଗ୍ରାମଡ଼ିହୀ, ତହସିଲ- ଜଟଣୀ, ଜି- ଖୋର୍ଦ୍ଧା

| | ଖାତା ନଂ. | ପ୍ଲଟ୍ ନଂ. | ରକବା | ସ୍ୱତ୍ୱ | କିସମ |
|---|---|---|---|---|---|
| ପ୍ରିସାବକ | ୨୧୬ | ୪୬୮ | ଏ୨.୮୨୬ଡି. | ସ୍ଥିତିବାନ | ଶାରଦ-୩ |
| ସାବକ | ୧୨୮ | ୨୬୭ | ଏ୨.୮୨୬ଡି. | ସ୍ଥିତିବାନ | ଶାରଦ-୩ |
| ହାଲ | ୯୬ | ୬୭୭ | ହେ୦.୩୨୪୦ ସ୍କୋ.ମି. | ସ୍ଥିତିବାନ | ଶାରଦ-୨ |
| | | ୭୦୦ | ହେ୦.୦୮୦୯ ସ୍କୋ.ମି. | ସ୍ଥିତିବାନ | ଶାରଦ-୨ |
| | | ୭୦୧ | ହେ୦.୨୯୦୦ ସ୍କୋ.ମି. | ସ୍ଥିତିବାନ | ଶାରଦ-୨ |
| | | ୭୦୨ | ହେ.୦.୦୨୨୦ ସ୍କୋ.ମି. | ସ୍ଥିତିବାନ | ଶାରଦ-୨ |

ଏଣୁ ଉପରୋକ୍ତ ମାମଲା ପ୍ରତିବାଦୀମାନେ ସେମାନଙ୍କର କ୍ଷମତାପତ୍ର ପ୍ରତିନିଧି ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଏସଲା କରାଯିବ।

ମାନ୍ୟବର ମେମ୍ବର ବୋର୍ଡ ଅଫ୍ ରେଭେନ୍ୟୁ, କଟକ
ଆଦେଶ ଅନୁଯାୟୀ, ନିହାର ରଞ୍ଜନ ଦାଶ, ୩୦।୦୭।୨୦୨୧
ଅତିରିକ୍ତ ସଚିବ (ବିଚାର)
ଧ-୪୦୫୨୧

**ଘାଟିରୁ ୪୦ ଫୁଟ୍ ତଳକୁ ଖସିଲା ବୋଲେରୋ: ୧୨ ଗୁରୁତର**

କୋରାପୁଟ,୨୯।୮: କୋରାପୁଟ ଜିଲାରେ ରବିବାର ରାତି ୧୧ଟାରେ ଏକ ଦୁର୍ଘଟଣା ଘଟିଛି। ଆମ୍ବିଲିଆମ୍ବଗୁଡ଼ା ନିକଟରେ ଥିବା ଏକ ଘାଟିରେ ଏକ ବୋଲେରୋ ୪୦ ଫୁଟ୍ ତଳକୁ ଖସିପଡ଼ିଛି। ଫଳରେ ୧୨ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ କୋରାପୁଟସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଜୟପୁରର ଜଣେ ବ୍ୟକ୍ତି ପରିବାର ଓ ସମ୍ପର୍କୀୟଙ୍କ ସହ ଦଶମନ୍ତପୁରରୁ ଫେରୁଥିବାବେଳେ ଲକ୍ଷ୍ମୀପୁର ବ୍ଲକ କାକିରିଗୁମ୍ମା ନିକଟସ୍ଥ ଆମ୍ବିଲିଆମ୍ବଗୁଡ଼ା ନିକଟରେ ଥିବା ଘାଟିରେ ଭାରସାମ୍ୟ ହରାଇ ବୋଲେରୋଟି ଘାଟିରୁ ୪୦ ଫୁଟ୍ ତଳକୁ ଖସିପଡ଼ିଥିଲା।

# କପିଲ୍ ଶର୍ମା ଶୋ'ରେ ହକି ଖେଳାଳିଙ୍କୁ ନବୀନଙ୍କ ପ୍ରଶଂସା

**ଆଗକୁ ଆହୁରି ସଫଳତାର ଶିଡ଼ି ଚଢ଼ିବା: ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର, ୨୯।୮(ବ୍ୟୁରୋ)

ଲୋକପ୍ରିୟ ଜାତୀୟ ଟିଭି ଶୋ' ଦି କପିଲ୍ ଶର୍ମା ଶୋ'ରେ ପ୍ରଥମ ଥର ଲାଗି ଭର୍ଚୁଆଲ ମୋଡ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଖିବାକୁ ମିଳିଛି। ବହୁ ବଲିଉଡ୍ ତାରକା ନିଜର ଫିଲ୍ମ ପ୍ରମୋସନ୍ ଲାଗି ସୋନି ଟିଭିର ଏହି ଶୋ'କୁ ଆସିଥାନ୍ତି। ସେହିପରି ବହୁ କ୍ରୀଡ଼ାବିତ୍ ଏବଂ ରାଜନେତାଙ୍କୁ ମଧ୍ୟ ଏହି କାର୍ଯ୍ୟକ୍ରମରେ ଦେଖିବାକୁ ମିଳେ। ତେବେ ଏଥିରେ ଏଥର ନବୀନଙ୍କୁ ଦେଖିବାକୁ ମିଳିଛି। ଶନିବାର ଏହି ଶୋ'ରେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ଉଭୟ ମହିଳା ଓ ପୁରୁଷ ହକି ଦଳର ଖେଳାଳି ଅତିଥି ଭାବେ ଯୋଗ ଦେଇଥିଲେ। ସୋ' ଚାଲିଥିବା ସମୟରେ କପିଲ ଶର୍ମା ଓଡ଼ିଶା ସରକାରଙ୍କ ହକି ପ୍ରତି ଅବଦାନକୁ ପ୍ରଶଂସା କରିଥିଲେ। ଏହି ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ, ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିବା ଉଭୟ ମହିଳା ଓ ପୁରୁଷ ଦଳର ହକି ଖେଳାଳି ସେମାନଙ୍କ ଜବରଦସ୍ତ ପ୍ରଦର୍ଶନ ଜରିଆରେ ଦେଶର ନାଁ ଉଜ୍ଜ୍ୱଳ କରିଛନ୍ତି। ଏହା ଆଗାମୀ ଦିନର ଖେଳାଳିଙ୍କୁ ପ୍ରେରଣା ଯୋଗାଇବ। ସେମାନେ ଏମାନଙ୍କ ଦ୍ୱାରା ଅନୁପ୍ରେରିତ ହେବେ। ଟୋକିଓ ସଫଳତା ଏକ ଆରମ୍ଭ ମାତ୍ର, ଆଗକୁ ଆହୁରି ସଫଳତାର ଶିଡ଼ି ଚଢ଼ିବା। ଏହାସହ ହକିକୁ ସପୋର୍ଟ କରୁଥିବାରୁ କପିଲ୍ ଶର୍ମାଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ କପିଲ୍ ମଧ୍ୟ ଓଡ଼ିଶା ସରକାର ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା କରିଛନ୍ତି।

ସୂଚନାଯୋଗ୍ୟ ଯେ, ଉଭୟ ମହିଳା ଓ ପୁରୁଷ ହକି ଦଳ ନିକଟରେ ଟୋକିଓ ଅଲିମ୍ପିକ୍ସରେ ଉତ୍ତମ ପ୍ରଦର୍ଶନ କରିଥିଲେ। ୪୧ ବର୍ଷ ପରେ ହକିରେ ମେଡାଲ ଆଣିଥିଲା ପୁରୁଷ ଟିମ୍। ସେହିପରି ମହିଳା ଟିମ୍ ନିଜର ଲଢ଼ୁଆ ପ୍ରଦର୍ଶନ ବଳରେ ସମସ୍ତଙ୍କ ହୃଦୟ ଜିତିପାରିଥିଲା। ତେବେ ଏହା ପଛରେ ଓଡ଼ିଶାର ପ୍ରମୁଖ ଭୂମିକା ରହିଛି। ଓଡ଼ିଶା ସରକାର ହକିକୁ ପ୍ରୋତ୍ସାହନ ଦେଇଆସୁଛନ୍ତି। ଓଡ଼ିଶା ସରକାର ଦଳର ପ୍ରାୟୋଜକ ରହିଛନ୍ତି। ୨୦୧୮ରୁ ପ୍ରଥମେ ୫ ବର୍ଷ ପାଇଁ ଓଡ଼ିଶା ସରକାର ଉଭୟ ଟିମ୍‌ର ପ୍ରାୟୋଜକ ରହିଥିବାବେଳେ ପରବର୍ତ୍ତୀ ୧୦ ବର୍ଷ ପାଇଁ ମଧ୍ୟ ପ୍ରାୟୋଜକ ରହିବ ବୋଲି ନିକଟରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

# ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ଶ୍ରାଦ୍ଧବାର୍ଷିକୀ ଆଜି

**କୋଭିଡ୍ କଟକଣାରେ ପାଳନ ହେବ, ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି**

ଫୁଲବାଣୀ ଅଫିସ/ ଚକାପାଦ/ତୁମୁଡିବନ୍ଧ,୨୯।୮

କନ୍ଧମାଳ ଜିଲାର ଚକାପାଦ ଏବଂ ତୁମୁଡିବନ୍ଧସ୍ଥିତ ଜଲେଶପଟା ଆଶ୍ରମରେ ସୋମବାର ଜନ୍ମାଷ୍ଟମୀ ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୩ତମ ଶ୍ରାଦ୍ଧଦିବସ ପାଳନ କରାଯିବ। କୋଭିଡ୍ କଟକଣା ମଧ୍ୟରେ ଏହା ପାଳନ କରାଯିବ। ଏଥିପାଇଁ ଆଶ୍ରମ ପରିସର ଚଳଚଞ୍ଚଳ ହୋଇଉଠିଛି। ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ବିଭିନ୍ନ ସ୍ଥାନରେ ଯାନବାହନ ଯାଞ୍ଚ ଚାଲିଛି। ଆଶ୍ରମରେ ପୂଜା କାର୍ଯ୍ୟ ସମ୍ପାଦନ ପାଇଁ ମାତ୍ର ୧୦ ଜଣଙ୍କୁ ପ୍ରବେଶ ଅନୁମତି ଦିଆଯାଇଛି। କରୋନା କଟକଣା ମଧ୍ୟରେ ସବୁ କାର୍ଯ୍ୟ ହେବ ବୋଲି ଚକାପାଦ ଆଶ୍ରମ ଦାୟିତ୍ୱରେ ଥିବା କୃଷ୍ଣାନନ୍ଦ ଏବଂ ସଚ୍ଚିଦାନନ୍ଦ ସରସ୍ୱତୀ କହିଛନ୍ତି। ଆଶ୍ରମରେ ନାମଯଜ୍ଞ, ଗୋପୂଜା, ସୂର୍ଯ୍ୟପୂଜା ଓ ହୋମଯଜ୍ଞ କରାଯିବ ବୋଲି ସୂଚନା ଦେଇଛନ୍ତି। ସେହିପରି ତୁମୁଡିବନ୍ଧ ଜଲେଶପଟା ଆଶ୍ରମ ଦାୟିତ୍ୱରେ ଥିବା ସ୍ୱାମୀ ଜୀବନମୁକ୍ତାନନ୍ଦଜୀ ମଧ୍ୟ ସମାନ କଥା କହିଛନ୍ତି। ଏସ୍‌ପି ଭିନିତ ଅଗ୍ରୱାଲ ଏସବୁ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଫୁଲବାଣୀ ସହର ଓ ଦାରିଙ୍ଗବାଡିରେ ୨ ପ୍ଲାଟୁନ ଲେଖାଏ ଫୋର୍ସ ମୁତୟନ ହୋଇଥିବା ବେଳେ ଚକାପାଦରେ ଦେଢ଼ ପ୍ଲାଟୁନ, ସଦର, ଖଜୁରିପଡା, ବାଲିଗୁଡା, ବାରଖମା, ତୁମୁଡିବନ୍ଧ, ଟିକାବାଲି, ଜି.ଉଦୟଗିରି, ରାଇକିଆ, ସାରଙ୍ଗଗଡ, ବ୍ରାହ୍ମଣୀଗାଁ ଏବଂ ଫିରିଙ୍ଗିଆରେ ୧ ପ୍ଲାଟୁନ ଲେଖାଏ ଫୋର୍ସ ଓ ଅଫିସରମାନେ ନିୟୋଜିତ ହୋଇଛନ୍ତି।

# ରାଜନୀତି ଖେଳର ଶିକାର ହୋଇଗଲି

**ଓଡ଼ିଶୀ ନୃତ୍ୟ ଜଗତର ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ହେଉଛନ୍ତି ପଦ୍ମଶ୍ରୀ କୁମ୍‌କୁମ୍ ମହାନ୍ତି। ଓଡ଼ିଶୀ ନୃତ୍ୟର ବିଶିଷ୍ଟ ଗୁରୁ କେଳୁଚରଣ ମହାପାତ୍ରଙ୍କର ସେ ପଟ୍ଟଶିଷ୍ୟା। ବହୁ ଉଦ୍ୟମ କରି ସରକାରଙ୍କ ସହଯୋଗରେ ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଇଥିଲେ। ଏହା ମାଧ୍ୟମରେ ସେ ବରିଷ୍ଠ ଗୁରୁମାନଙ୍କୁ ନେଇ ସର୍ବସମ୍ମତିକ୍ରମେ ଓଡ଼ିଶୀ ନୃତ୍ୟରେ ଏକ ପାଠ୍ୟ ଖସଡ଼ା ପ୍ରସ୍ତୁତ କରିବାରେ ବଡ଼ ଭୂମିକା ନିଭାଇଥିଲେ। ଓଡ଼ିଶୀ ନୃତ୍ୟରେ 'ଅଭିନୟ' ପାଇଁ ତାଙ୍କୁ ଯଥେଷ୍ଟ ସମ୍ମାନ ପ୍ରଦାନ କରାଯାଏ। ଆଜି ବି ତାଙ୍କ ଅଭିନୟ ଚାତୁରୀ ଅନେକଙ୍କ ପାଇଁ ପ୍ରେରଣାର ଉତ୍ସ। ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ସଚିବ (ସଂସ୍କୃତି) ଭାବେ ୨୦୦୪ରେ ଅବସର ଗ୍ରହଣ କରିବା ପରେ ସେ ନିଜର ଏକ ଅନୁଷ୍ଠାନ ଗଢ଼ି ନୃତ୍ୟ ଶିକ୍ଷା ଦେଉଛନ୍ତି। ୧୯୪୬ ସେପ୍ଟେମ୍ବର ୧୦ରେ କଟକରେ ଜନ୍ମ ଗ୍ରହଣ କରିଥିବା କୁମ୍‌କୁମ୍ ଏବେ ଭୁବନେଶ୍ୱରରେ ରହୁଛନ୍ତି। ଓଡ଼ିଶୀ ନୃତ୍ୟ ପ୍ରତି ତାଙ୍କର ଅତୁଳନୀୟ ଅବଦାନ ପାଇଁ ତାଙ୍କୁ ଚଳିତ ବର୍ଷର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ' ସମ୍ମାନ ପ୍ରଦାନ କରିବାକୁ ମନୋନୀତ କରାଯାଇଛି। ଓଡ଼ିଶୀକୁ ନେଇ କିଛି ଜଣା ଅଜଣା କଥା ସମ୍ପର୍କରେ କୁମ୍‌କୁମ୍‌ଙ୍କ ସହ ଧରିତ୍ରୀର ବନ୍ଦନା ସେଠୀଙ୍କ ଆଳାପ।**


କୁମ୍‌କୁମ୍ ମହାନ୍ତି

**ଧରିତ୍ରୀ ଆଳାପ**

**ପ୍ରଶ୍ନ– 'କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ' ସମ୍ମାନ ପାଇବେ ଜାଣିବା ପରେ କିପରି ଲାଗୁଛି?**

ଉତ୍ତର– ସତ କହିବାକୁ ଗଲେ ମତେ ଭାରି ବିରକ୍ତ ଲାଗୁଛି। ମୋ ହୃଦୟକୁ ବହୁତ ବାଧୁଛି। ଏବେକାର ସମ୍ମାନ ଗୋଇଠା ମାରି ବିଷ୍ଣୁ କହିବା ଭଳି। ନୃତ୍ୟରେ ୫୫ବର୍ଷ ହେବ ଜଡ଼ିତ ଅଛି। ଓଡ଼ିଶୀକୁ ନେଇ ମୋ ଉପରେ ଆଧାରିତ ବହୁ କିଛି ତିଆରି ହୋଇଛି। ଓଡ଼ିଶୀ ଗବେଷଣା କେନ୍ଦ୍ରକୁ ସର୍ବ ଭାରତ କ୍ଷେତ୍ରରେ ବହୁ ଉଚ୍ଚକୁ ନେଇଥିଲି। କଳା ବିକାଶ କେନ୍ଦ୍ର ସହ ତାକୁ ତୁଳନା କରାଯାଉଥିଲା। ବିଲ୍ଡିଂ ତିଆରି କରିବା ପରେ ୪କୋଟି ୬୦ଲକ୍ଷ ଟଙ୍କାର ଫିକ୍ସ ଡିପୋଜିଟ ମଧ୍ୟ ରଖିକି ଆସିଥିଲି। ଓଡ଼ିଶୀ ନୃତ୍ୟ ପାଇଁ ଆହୁରି ବହୁତ କିଛି କରିପାରି ଥାନ୍ତି। ମାତ୍ର ମୁଁ ରାଜନୀତି ଖେଳର ଶିକାର ହୋଇଗଲି। ମତେ ସେଠାରୁ ବାହାର କରି ଦିଆଗଲା। ଏପରିକି କୌଣସି କମିଟିରେ ମଧ୍ୟ ରଖାଗଲା ନାହିଁ। ତେଣୁ ଓଡ଼ିଶୀକୁ ନେଇ ଅନେକ କିଛି କରିବାର ଆଶା ମୋର ଅଧୁରା ରହିଗଲା। ଏକ ନିର୍ଦ୍ଦିଷ୍ଟ ଦଳ ଅଛନ୍ତି, ଯେଉଁମାନେ ସବୁକିଛି କରୁଛନ୍ତି। ଏବେ ସେଣ୍ଟର ରସାତଳକୁ ଗଲାଣି। କିଛି ବି ନୀତି ନିୟମ ସେଠାରେ ନାହିଁ। ଏମିତିକି ଓଡ଼ିଶୀ ପାଇଁ ଅବଧି ପୂର୍ବରୁ ଚାକିରି ଛାଡ଼ିଲି। ଏତେ ସବୁ କରିବା ପରେ ବି ମତେ ଅଣଦେଖା କରାଯାଇଛି। ତେଣୁ ବହୁତ କିଛି ଅଭିମାନ ରହିଯାଇଛି ରାଜ୍ୟ ସରକାରଙ୍କ ଉପରେ।

**ପ୍ରଶ୍ନ– ରାଜ୍ୟ ସରକାରଙ୍କର ଆପଣଙ୍କ ପ୍ରତି ଏଭଳି ମନୋଭାବ କାହିଁକି ରହିଛି?**

ଉତ୍ତର– ଏହା ସବୁ ରାଜନୀତିର ଖେଳ। ମତେ କେମିତି ବାହାର କରିବେ ସେଥିପାଇଁ ବହୁତ ରାଜନୀତି ହୋଇଛି। 'ସରକାର', ମାନେ ହେଉଛି ମନ୍ତ୍ରୀ ଓ ବ୍ୟୁରୋକ୍ରାଟ୍ସ। ଓଡ଼ିଶୀ ନୃତ୍ୟ ମଲେ କି ଗଲେ ସେମାନଙ୍କର କ'ଣ ଯାଉଛି। ରାଜ୍ୟ ସରକାର ମତେ ଓଡ଼ିଶୀର ପରିଧିରୁ ପୂରା ବାହାର କରି ଦେଇଛନ୍ତି। ଆଜିକି ୧୨ ବର୍ଷ ହେବ ମତେ କୋଣାର୍କ ମହୋତ୍ସବରେ ନୃତ୍ୟ କରିବାର ସୁଯୋଗ ଦେଉନାହାନ୍ତି। ଏମିତି କି ଅନ୍ୟ କୌଣସି ମହୋତ୍ସବରେ ମଧ୍ୟ ମତେ କିମ୍ବା ମୋ ଷ୍ଟୁଡେଣ୍ଟମାନଙ୍କୁ ପ୍ରୋଗ୍ରାମ ଦେଉନାହାନ୍ତି। ଏବେ ବି କୌଣସି କମିଟିରେ ନାହିଁ। ଏହାର କାରଣ ମୁଁ ନିଜେ ବି ଜାଣିନି। ଯେଉଁ ନୃତ୍ୟଶିଳ୍ପୀମାନଙ୍କର ତୃତୀୟ ମହଲାରେ ଲିଙ୍କ୍ ଅଛି ସେମାନେ ହିଁ ଏହା ପଛରେ ଅଛନ୍ତି। କାରଣ ମୁଁ ଆସିଲେ ସେମାନେ ଆଉଟ ହୋଇଯିବେ।

**ପ୍ରଶ୍ନ– ଯଦି ଆପଣଙ୍କୁ ଅଣଦେଖା କରାଯାଉଛି ତେବେ ଭଞ୍ଜ ସମ୍ମାନ ପାଇବାକୁ କିପରି ମନୋନୀତ ହେଲେ?**

ଉତ୍ତର– ଲୋକମାନେ ସୁପାରିସ କଲେ ଓ ମତେ ମିଳିଲା। ଏଥିରେ କିଛି ବଡ଼ କଥା ନାହିଁ। ଏହି ପୁରସ୍କାର କିପରି ଦିଆଯାଏ, କ'ଣ ହୁଏ ମୁଁ ବିଶେଷ ଭାବେ ଜାଣିନି। ସଙ୍ଗୀତ ନାଟକ ଏକାଡେମୀ ଏକ ଅଟୋନୋମସ ବଡି। ଲୋକମାନେ ସୁପାରିସ କଲାପରେ ସବୁକିଛି ହୋଇଛି। ଏଥିରେ ସରକାରଙ୍କର କିଛି ନାହିଁ।

**ପ୍ରଶ୍ନ– ପଦ୍ମଶ୍ରୀ ପାଇବାର ଏତେ ବର୍ଷ ପରେ ଉପେନ୍ଦ୍ର ଭଞ୍ଜ ସମ୍ମାନ ଦିଆଯାଉଛି, ଏନେଇ କ'ଣ କହିବେ?**

ଉତ୍ତର– ପଦ୍ମଶ୍ରୀ ପୁରସ୍କାର ୧୫ବର୍ଷ ତଳୁ ପାଇଲିଣି। ଉପେନ୍ଦ୍ର ଭଞ୍ଜ ସମ୍ମାନ ବୁଢ଼ାବୁଢ଼ୀଙ୍କୁ ଦିଅନ୍ତି। ମୁଁ ମନରୁ ଜମା ବୁଢ଼ୀ ନୁହେଁ। ଏବେବି ମନରେ ମୁଁ ୨୨ବର୍ଷର ଯୁବତୀ। ଛାତ୍ରୀମାନଙ୍କୁ ନୃତ୍ୟ ଶିଖାଇବାବେଳେ ଏବେ ବି ସେମାନଙ୍କ ସହ ନାଚେ।

**ପ୍ରଶ୍ନ– ସାମ୍ପ୍ରତିକ ସ୍ଥିତିରେ ଓଡ଼ିଶୀ ନୃତ୍ୟର ସ୍ଥାନ କିପରି ଅଛି?**

ଉତ୍ତର– ମୁଁ ଗାନ୍ଧୀଙ୍କ ମାଙ୍କଡ଼ ପରି ହୋଇଯାଇଛି। କିଛି ଦେଖିବିନି, ଶୁଣିବିନି କି କହିବିନି। ତେବେ ଏତିକି କହିବି ଯେ, ନୃତ୍ୟ ଏବେ ରୋଜଗାରର ମାଧ୍ୟମ ହୋଇଗଲାଣି। ତେଣୁ ବହୁତ କିଛି କମ୍ପ୍ରୋମାଇଜ୍ କରାଯାଉଛି। ଯିଏ ଯାହା ମନକୁ ଆସିଲା ଓଡ଼ିଶୀରେ ପୂରେଇ ତାକୁ ନୂତନ ରୂପ ଦେଇ ମନଇଚ୍ଛା କାମ କରୁଛନ୍ତି।

**ପ୍ରଶ୍ନ– ଓଡ଼ିଶୀ ସଙ୍ଗୀତ ଓ ବାଦ୍ୟ ଏ ପର୍ଯ୍ୟନ୍ତ ଶାସ୍ତ୍ରୀୟ ମାନ୍ୟତା ପାଇପାରିନି। ଏହାର କାରଣ କ'ଣ ବୋଲି ଭାବୁଛନ୍ତି?**

ଉତ୍ତର– ସଙ୍ଗୀତ ଓ ବାଦ୍ୟ ଶାସ୍ତ୍ରୀୟ ମାନ୍ୟତା ପାଇବନି। କାରଣ ଏବେ ସେପରି କେହି ଶିଳ୍ପୀ ନାହାନ୍ତି ଯିଏକି ସର୍ବଭାରତୀୟ ସ୍ତରରେ ଏହାକୁ ପରିବେଷଣ କରିପାରିବେ। ଓଡ଼ିଶୀ ନୃତ୍ୟ ଶାସ୍ତ୍ରୀୟ ମାନ୍ୟତା ପାଇଲା କାରଣ ସେପରି ବିଶିଷ୍ଟ ଶିଳ୍ପୀ ଅଛନ୍ତି ଓ ସେମାନେ ନୃତ୍ୟକୁ ସେତିକି ବାଟ ପହଞ୍ଚାଇଲେ। ବାଳକୃଷ୍ଣ ଦାଶ ଓ ରଘୁନାଥ ପାଣିଗ୍ରାହୀ ବଞ୍ଚିଥିବାବେଳେ ଏହି ଚେଷ୍ଟା ହେବାର ଥିଲା। ଯେତେବେଳେ ଓଡ଼ିଶୀ ନୃତ୍ୟ ପାଇଁ ଚେଷ୍ଟା ହେଲା ସେହି ସମୟରେ ସଙ୍ଗୀତ ପାଇଁ ମଧ୍ୟ ଚେଷ୍ଟା କରିଥିଲେ ହୋଇଥାନ୍ତା। ଏବେ ସର୍ବଭାରତୀୟ ସ୍ତରରେ ଗାଇବା ଭଳି କେବଳ ଦାମୋଦର ହୋତା ଅଛନ୍ତି। ମାତ୍ର ତାଙ୍କ ବୟସ ବହୁତ ହୋଇଗଲାଣି।

**ପ୍ରଶ୍ନ– କେବେଠାରୁ ନୃତ୍ୟଶିକ୍ଷା ଆରମ୍ଭ କରିଥିଲେ?**

ଉତ୍ତର–ସପ୍ତମ ଶ୍ରେଣୀ ପଢ଼ିବା ବେଳେ କଳା ବିକାଶ କେନ୍ଦ୍ରରେ ଗୁରୁ କେଳୁଚରଣଙ୍କଠାରୁ ଓଡ଼ିଶୀ ନୃତ୍ୟ ଶିକ୍ଷା ଆରମ୍ଭ କରିଥିଲି। ମାଟ୍ରିକ ପରେ ମୋ ନୃତ୍ୟ ଶିକ୍ଷା ବନ୍ଦ କରି ଦିଆଯାଇଥିଲା। ପ୍ରାୟ ଯୁକ୍ତ ୨ ପଢ଼ିବାବେଳେ ସଂସ୍କୃତି ବିଭାଗ ପକ୍ଷରୁ ମୋତେ ନୃତ୍ୟ କରିବାକୁ ଡାକରା ଆସିଲା ଏବଂ ଏଥିପାଇଁ ଅନେକ ପ୍ରଶଂସା ପାଇଲି। ବାପା ଭାରି କଡ଼ା ଲୋକ ଥିଲେ। ଭଲ ପାଠ ନ ପଢ଼ିଲେ ନାଚ ବନ୍ଦ ବୋଲି ବାପା ସର୍ତ୍ତ ରଖିଥିଲେ। ତେଣୁ ନାଚ ଶିଖିବା ପାଇଁ ମୁଁ ପାଠ ପ୍ରତି ଅଧିକ ଧ୍ୟାନ ଦେବା ଆରମ୍ଭ କଲି। ଏମିତିକି ମତେ ରୁଷିଆରେ ନୃତ୍ୟ କରିବାର ଏକ ସୁଯୋଗ ଆସିଥିଲା। ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ହିଁ ରୁଷିଆ ଯାଇପାରିବି ବୋଲି ବାପା କହିଥିଲେ। ପରିଶ୍ରମ କରି ପାଠ ପଢ଼ିଲି ଓ ଆଇଏଏସ୍ ପାଇଲି। ତେଣୁ ବାପା ଯିବା ପାଇଁ ଆଉ ମନା କରିପାରିଲେ ନାହିଁ।

**ପ୍ରଶ୍ନ– ସଙ୍ଗୀତ ଶିକ୍ଷା ପ୍ରତି କେମିତି ମନ ବଳାଇଲେ?**

ଉତ୍ତର– ନୃତ୍ୟ ସହିତ ସଙ୍ଗୀତ ଶିକ୍ଷା ଆରମ୍ଭ କରିଥିଲି। ସ୍ୱର୍ଗତ ବାଳକୃଷ୍ଣ ଦାଶ ମତେ ସଙ୍ଗୀତ ଶିଖାଉଥିଲେ। ସଙ୍ଗୀତରେ 'ସଙ୍ଗୀତ ଭୂଷଣ' ଓ ନୃତ୍ୟରେ 'ନୃତ୍ୟ ଭୂଷଣ' ପାସ୍ କରିଥିଲି। ମାଟ୍ରିକ୍ ପରେ ବାପା ନୃତ୍ୟ ଓ ସଙ୍ଗୀତ ବନ୍ଦ କରିଦେଲେ। ତେବେ କେତେକ କାର୍ଯ୍ୟକ୍ରମ ଓ କର୍ମଶାଳାରେ ମଝିରେ ମଝିରେ ନୃତ୍ୟ କରୁଥାଏ। ତେଣୁ କେଳୁସାର୍ ମତେ ନୃତ୍ୟକୁ ଟାଣି ଆଣିଲେ, ଯାହାକି ସଙ୍ଗୀତରେ ହୋଇ ପାରିଲାନି। କିନ୍ତୁ ଆଜି ପର୍ଯ୍ୟନ୍ତ ମ୍ୟୁଜିସିଆନ୍‌ମାନେ ଗୋଟେ ବି ନୋଟ୍ ମିସ୍ କଲେ ମୁଁ ତୁରନ୍ତ ଧରିଦିଏ।

**ପ୍ରଶ୍ନ– ଫ୍ରି ଟାଇମ୍‌ରେ କ'ଣ କରନ୍ତି?**

ଉତ୍ତର– ମୋତେ ସିଲେଇ, ରୋଷେଇ ଆଉ ଗଛ ଲଗାଇବାକୁ ଭଲ ଲାଗେ। ଏହି ୩ଟି ଯାକ ମୋର ଦୁର୍ବଳତା କହିଲେ ଭୁଲ୍ ହେବନି। ଅଧିକାଂଶ ଦିନ ଡେରି ରାତି ପର୍ଯ୍ୟନ୍ତ ଏମ୍ବ୍ରୋଡୋରି ଏବଂ ଅନ୍ୟାନ୍ୟ ସିଲେଇ କରୁଥାଏ।

**ପ୍ରଶ୍ନ– କ'ଣ ଭଲ ରୋଷେଇ କରନ୍ତି?**

ଉତ୍ତର– ମୋ ସ୍ୱାମୀ ଭଲ ରୋଷେଇ ନ ହେଲେ ଖାଆନ୍ତିନି। ତାଙ୍କୁ ସବୁବେଳେ ଏ ୱାନ୍ ରୋଷେଇ ଦରକାର। ତେଣୁ ସବୁପ୍ରକାର ଆଇଟମ୍ ପ୍ରାୟ ଆସେ। ଏବେ ପିଲାମାନେ ସବୁ ବାହାରେ ରହୁଛନ୍ତି। ସେମାନେ ଆସିବା ଦିନ ତାଙ୍କ ମନ ପସନ୍ଦର ଖାଇବା ବନାଏ।

**ପ୍ରଶ୍ନ– କ'ଣ ଖାଇବାକୁ ଭଲ ଲାଗେ?**

ଉତ୍ତର– ରୁଟି ଓ ଶାଗ ଖାଇବାକୁ ଭଲଲାଗେ। ୫୦ ବର୍ଷ ହେବ ମୁଁ ଭାତ ଖାଇନି। ନୃତ୍ୟ ଶିଖୁଥିବାବେଳେ ମୋଟା ହୋଇଯାଉଛି ବୋଲି ଭାତ ଖାଇବା ଛାଡ଼ିବା ପାଇଁ ଗୁରୁ କହିଥିଲେ। ତାଙ୍କ କଥା ମାନି ନବମ ଶ୍ରେଣୀରୁ ଭାତ ଖାଇବା ଛାଡ଼ି ଦେଇଛି।

**ପ୍ରଶ୍ନ– ଆଗାମୀ ଯୋଜନା କ'ଣ ଅଛି?**

ଉତ୍ତର– ମୋର ସବୁ ଯୋଜନା ସରକାର ପାଣିରେ ମିଶାଇଦେଲେ। ତେଣୁ ଆଗକୁ ଯୋଜନା ସତ୍ୟନଗର ମଶାଣି। ଏ ଦୁନିଆ ହେଉଛି ମାର୍କେଟିଂର। ଯିଏ ନିଜକୁ ମାର୍କେଟ୍ କରିପାରିଲା, ଶୋ' କରିପାରିଲା ସିଏ ଏଠି ତିଷ୍ଠିପାରିବ। ଦକ୍ଷତାର ମୂଲ୍ୟ ଏଠି ନାହିଁ।

# ଅଦରକାରୀ ସାମଗ୍ରୀରୁ କଳାକୃତି





ସଞ୍ଜୀବଙ୍କ ଦ୍ୱାରା ପ୍ରସ୍ତୁତ କଳାକୃତି।

***ଶିଳ୍ପୀଙ୍କ ଯାଦୁକରୀ ସ୍ପର୍ଶରେ ନୂଆ ରୂପ ପାଇଛି ଅଦରକାରୀ ସାମଗ୍ରୀ। ଭଙ୍ଗା ଯନ୍ତ୍ରପାତି, ଅଦରକାରୀ ଲୁହା, ଗାଡି ଯନ୍ତ୍ରାଂଶ, ଚିଣ, ସ୍କିକର ଆଦିକୁ ବ୍ୟବହାର କରି ଶିଳ୍ପୀ ସଞ୍ଜୀବ ବିଶାଳ ପ୍ରସ୍ତୁତ କରିଛନ୍ତି, ହାତୀ, ସିଂହ, ବାଦ୍ୟଯନ୍ତ୍ର ଭଳି ଅନେକ ମନୋଲୋଭା କଳାକୃତି।***

- ସଞ୍ଜୀବଙ୍କ ନିଆରା ସୃଷ୍ଟି
- ୬୦ରୁ ଊର୍ଦ୍ଧ୍ୱ ଯୁବକଙ୍କୁ ତାଲିମ ଦେଉଛନ୍ତି

କଟକ ଅଫିସ, ୨୯।୮

କଟକ ଜିଲା ମଧୁପାଟଣା ଥାନା ଅଧୀନ ବି.କେ. ଲେନ୍ ଅଞ୍ଚଳର ସଞ୍ଜୀବଙ୍କର ପିଲାଦିନରୁ ଚିତ୍ରକଳା ପ୍ରତି ଆଗ୍ରହ ରହିଥିଲା। ସେ ପିଲାବେଳେ ମଡର୍ନ ଆର୍ଟ, ଅଏଲ ପେଣ୍ଟିଂ, ଆକ୍ରେଲିକ ପେଣ୍ଟିଂ କରୁଥିଲେ। ପରବର୍ତ୍ତୀ ସମୟରେ ସେ କାନ୍‌ଭାସ୍ ଓ କାନ୍ଥରେ ଚିତ୍ର ମଧ୍ୟ ଅଙ୍କନ କରିଥିଲେ। ତାଙ୍କର ଏହି ଆଗ୍ରହ ଦେଖି ଗୁରୁ ଜନପ୍ରିୟ ଦେବତା, ବ୍ୟୋମକେଶ ମହାନ୍ତି, ସମରେନ୍ଦ୍ର ରାଉତରାୟ ବି.କେ. ଆର୍ଟ କଲେଜରେ ଆଡ୍‌ମିଶନ କରିବା ପାଇଁ କହିଥିଲେ। ୧୯୯୩ ମସିହାରେ ସେ ଉକ୍ତ କଲେଜରେ ଆଡମିଶନ କରିଥିଲେ। ପଢ଼ିବା ସମୟରେ ସେ ୧୯୯୭ ମସିହାରେ ୩ ବନ୍ଧୁଙ୍କ ସହ ମିଶି ଦିଲ୍ଲୀର ପ୍ରଗତି ମୈଦାନଠାରେ ଥିବା ଓଡ଼ିଶା ପାଭେଲିୟାନର ପେଣ୍ଟିଂ କରିବାକୁ ଯାଇଥିଲେ। ଦିନେ ସେଠାକାର ଏକ ସ୍ଥାନରେ ଅନେକ ଅଦରକାରୀ ସାମଗ୍ରୀ(ଲୁହା, ଗାଡ଼ି ଯନ୍ତ୍ରାଂଶ) ପଡିଥିବା ଦେଖିଥିଲେ। ସେଗୁଡିକୁ ବ୍ୟବହାର କରି କିଭଳି ଭାବେ ଏକ ନୂଆ ରୂପ ଦିଆଯାଇପାରିବ, ସେ ସମ୍ପର୍କରେ ଚିନ୍ତା କରିଥିଲେ। ଦିଲ୍ଲୀରୁ ଓଡ଼ିଶା ଫେରିବା ପରେ ସଞ୍ଜୀବ ୩ ଜଣ ବନ୍ଧୁଙ୍କ ସହାୟତାରେ ଲୁହାଖଣ୍ଡ, ପାଇପ, ଅଦରକାରୀ ବାଇକ୍‌ର ଯନ୍ତ୍ରାଂଶକୁ ମିଶାଇ ଘୋଡାର ଏକ ମୁଣ୍ଡ ପ୍ରସ୍ତୁତ କରିଥିଲେ। ଏହି ଆକର୍ଷଣୀୟ କଳାକୃତିକୁ ଦେଖି ଲୋକମାନେ ତାଙ୍କୁ ବେଶ୍ ପ୍ରଶଂସା କରିଥିଲେ। ଏହାପରଠାରୁ ସେ ଆଉ ପଛକୁ ଫେରି ନ ଚାହିଁ ଅଧିକରୁ ଅଧିକ ପ୍ରତିମୂର୍ତ୍ତି ପ୍ରସ୍ତୁତ କରିବାରେ ଲାଗିପଡିଲେ। ଏପର୍ଯ୍ୟନ୍ତ ସେ ୫୦ରୁ ଊର୍ଦ୍ଧ୍ୱ ବଡ ପ୍ରତିମୂର୍ତ୍ତି ତିଆରି କରିସାରିଛନ୍ତି। ସେଗୁଡିକ ଓଡ଼ିଶା ସମେତ ମହାରାଷ୍ଟ୍ର, ଦିଲ୍ଲୀ, ବେଙ୍ଗାଲୁରୁ ଆଦି ସ୍ଥାନରେ ସ୍ଥାପିତ ହୋଇଛି। ଏହି ପ୍ରତିମୂର୍ତ୍ତି ଯୋଗୁ ସେ ଓଡ଼ିଶା ଲଳିତକଳା ଏକାଡେମୀ, ମହାରାଷ୍ଟ୍ର ଷ୍ଟେଟ୍ ଲଳିତକଳା ଏକାଡେମୀ, ଆମ୍ବାସି ଅଫ୍ ଜାପାନ, ଆମ୍ବାସି ଅଫ ଚିଲି ଆଦି ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ ହୋଇଛନ୍ତି। ଅନ୍ୟପକ୍ଷରେ ସେ ପଥରରେ ଅନେକ କଳାକୃତି ଅଙ୍କନ କରିଛନ୍ତି। ଏନେଇ ସଞ୍ଜୀବ କହିଛନ୍ତି, ନଷ୍ଟ ସାମଗ୍ରୀ ବ୍ୟବହାର କରି ଶ୍ରେଷ୍ଠ କଳାକୃତି କରିବା ପାଇଁ ପ୍ରୟାସ ଜାରି ରଖିଛି। ଏବେ କଟକ ନୂଆପଡ଼ାରେ ୬୦ରୁ ଊର୍ଦ୍ଧ୍ୱ ଯୁବକଙ୍କୁ ଏହି କଳାକୃତି ବିଷୟରେ ତାଲିମ ଦେଉଛି। ଆଗାମୀ ଦିନରେ ସହରରେ ଏକ ଆର୍ଟ ଗ୍ୟାଲେରି ନିର୍ମାଣ କରିବା ପାଇଁ ସ୍ୱପ୍ନ ରହିଛି।

# ଭାଜପାକୁ ଫେରିଲେ ୫ ଜିଲାପରିଷଦ ସଦସ୍ୟ

ବାରିପଦା ଅଫିସ,୨୯।୮

ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ମୟୂରଭଞ୍ଜ ଜିଲାର ୧୫ ଜିଲାପରିଷଦ ସଦସ୍ୟଙ୍କ ମଧ୍ୟରୁ ୫ଜଣଙ୍କ ଘରବାହୁଡ଼ା ନେଇ ଜିଲା ରାଜନୀତି ସରଗରମ ହୋଇଛି। ଝାଡ଼ଖଣ୍ଡର ପୂର୍ବତନ ରାଜ୍ୟପାଳ ଦ୍ରୌପଦୀ ମୁର୍ମୁଙ୍କ ରାଇରଙ୍ଗପୁରସ୍ଥିତ ବାସଭବନରେ ରବିବାର ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। ଭାଜପା ଜିଲା (ପଶ୍ଚିମ)ସଙ୍ଗଠନର ସଭାପତି ତଥା ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀ, ଯଶିପୁର ବିଧାୟକ ଗଣେଶରାମ ସିଂ ଖୁଣ୍ଟିଆ, ରାଜ୍ୟ ସମ୍ପାଦକ ନବୀନ ରାମ, ଜିଲାପରିଷଦ ଉପାଧ୍ୟକ୍ଷ ନରେନ୍ଦ୍ର ସାହୁ, କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି ଓ ନେତୃବୃନ୍ଦ ଉପସ୍ଥିତ ଥିଲେ। ଦଳକୁ ଫେରିଥିବା ସଦସ୍ୟମାନେ ହେଲେ ୪୨ନଂ. ସଦସ୍ୟା ଗାନ୍ଧାରୀ ନାୟକ, ୪୪ନଂ.ର ପରମେଶ୍ୱର ନାୟକ ଓ ୩୩ନଂ.ର ନାନିକା ନାଏକ। ସେହିପରି ଜିଲା(ପୂର୍ବ) ସଙ୍ଗଠନର ୨୪ନଂ. ସଦସ୍ୟା ମଧୁସ୍ମିତା ପରିଡ଼ା ଓ ୨୪ନଂ. ସଦସ୍ୟା ଅସିନ୍ତାମଣି ସିଂ ଦଳକୁ ଫେରିଥିବା ନେଇ ଜିଲା ସଭାପତି କାନ୍ଦରା ସୋରେନ ପ୍ରକାଶ କରିଛନ୍ତି। ତେବେ ସଦସ୍ୟ ଦୀପାଞ୍ଜଳୀ ନାଏକ, ସାରିନା ହେମ୍ବ୍ରମ ଓ ସମାଜ ପୂର୍ତ୍ତିଙ୍କୁ ଦଳରୁ ବହିଷ୍କାର କରାଯାଇଥିବା ଏହି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି।

# ସଡ଼କ ସୁରକ୍ଷା ନେଇ ମଙ୍ଗଳବାର ବୈଠକ

ଭୁବନେଶ୍ୱର, ୨୯।୮(ବ୍ୟୁରୋ)

ରାଜ୍ୟର ସଡ଼କ ସୁରକ୍ଷା ନେଇ ଆସନ୍ତା ମଙ୍ଗଳବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ। ରାଜ୍ୟରେ ସଡ଼କ ଦୁର୍ଘଟଣା ବୃଦ୍ଧି ଘଟିଛି ନା ହ୍ରାସ ପାଇଛି ସେନେଇ ଜିଲାପାଳ ଏବଂ ଏସ୍‌ପିମାନଙ୍କ ଠାରୁ ତଥ୍ୟ ସଂଗ୍ରହ କରାଯିବ। ସଡ଼କ ଦୁର୍ଘଟଣା ହ୍ରାସ କରିବା ସକାଶେ କ'ଣ ସବୁ କରାଯାଇପାରିବ ଏବଂ ଏ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ବୈଠକରେ ଆଲୋଚନା ହେବ ବୋଲି ପରିବହନ ବିଭାଗର ଜଣେ ଅଧିକାରୀଙ୍କଠାରୁ ସୂଚନା ମିଳିଛି।

# ପୂର୍ବଶତ୍ରୁତାରୁ ହାଣିଲେ, ୨ ଅଟକ

**ଜମି ବ୍ୟବସାୟୀଙ୍କୁ ହତ୍ୟା ଘଟଣା**

ବାଲେଶ୍ୱର ଅଫିସ, ୨୯।୮

ବାଲେଶ୍ୱର ଜିଲା ଶିଳ୍ପାଞ୍ଚଳ ଥାନା ଅଧୀନ ଗଣେଶ୍ୱରପୁର ଗ୍ରାମର ଜମି ବ୍ୟବସାୟୀ ରମେଶ ଚନ୍ଦ୍ର ବେହେରା (୩୭)ଙ୍କୁ ହତ୍ୟା ଘଟଣାର କାରଣ ଖୋଜି ପାଇଛି ପୋଲିସ। ପୂର୍ବଶତ୍ରୁତାରୁ କେତେକ ଦୁର୍ବୃତ୍ତ ମାରଣାସ୍ତ୍ରରେ ଆକ୍ରମଣ କରି ତାଙ୍କୁ ହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ଏନେଇ ମୃତକଙ୍କ ଭାଇ ଉମେଶ ଚନ୍ଦ୍ର ବେହେରା ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୩୬/୨୧) ରୁଜୁ କରିଛି। ହତ୍ୟା ବେଳର ଫଟୋ ଭାଇରାଲକୁ ଆଧାର କରି ଶନିବାର ମଧ୍ୟରାତ୍ରରେ ମନ୍ଦାରପୁର ଅଞ୍ଚଳର ଜମି ବ୍ୟବସାୟୀ ଦୁର୍ଜୟ ଦାସ ଓ ତାଙ୍କର ଅନ୍ୟ ଜଣେ ବ୍ୟବସାୟିକ ସହଯୋଗୀଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖିଛି। ସେମାନଙ୍କଠାରୁ ଦୁଇଟି ବନ୍ଧୁକ ମଧ୍ୟ ଜବତ ହୋଇଛି। ଦୁର୍ଜୟଙ୍କୁ ଥାନାକୁ ଆଣିବା ସମୟରେ ତାଙ୍କ ପରିବାରର ମହିଳା ଓ ପୁରୁଷମାନେ ବିରୋଧ କରି ପୋଲିସ ପାଖରୁ ତାଙ୍କୁ ଛଡ଼ାଇ ନେବାକୁ ଚେଷ୍ଟା କରିଥିଲେ। ପୋଲିସ କାର୍ଯ୍ୟରେ ବାଧା ଦେଇଥିବାରୁ ପରିବାର ଲୋକଙ୍କ ନାମରେ ମାମଲା ରୁଜୁ ହୋଇଛି।

# କେନ୍ଦ୍ର ଠିକଣାକୁ ନେଇ ପରୀକ୍ଷାର୍ଥୀ ହଟହଟା

**ରାଜସ୍ୱ ନିରୀକ୍ଷକ ପରୀକ୍ଷା**

ବଲାଙ୍ଗୀର ଅଫିସ/ ଟିଟିଲାଗଡ଼, ୨୯।୮ (ଡି.ଏନ.ଏ.)

ରାଜସ୍ୱ ନିରୀକ୍ଷକ ପରୀକ୍ଷାର୍ଥୀଙ୍କ ଆଡମିଟ୍ କାର୍ଡରେ ଉଲ୍ଲିଖିତ ପରୀକ୍ଷା କେନ୍ଦ୍ର ଠିକଣାକୁ ନେଇ ବଲାଙ୍ଗୀର ଜିଲା ଟିଟିଲାଗଡରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ କେତେ ପରୀକ୍ଷାର୍ଥୀ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା କୁହାଯାଉଛି। ରବିବାର ରାଜ୍ୟର ବିଭିନ୍ନ ଜିଲାରେ ରାଜସ୍ୱ ନିରୀକ୍ଷକ ପଦବୀ ପାଇଁ ପରୀକ୍ଷା ହେବାର ଥିଲା। ରବିବାର ପରୀକ୍ଷାର୍ଥୀମାନେ ସେମାନଙ୍କ ଆଡମିଟ୍ କାର୍ଡ ଧରି ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ବଲାଙ୍ଗୀର ଜିଲାର ବଲାଙ୍ଗୀର, ପାଟଣାଗଡ ଏବଂ ଟିଟିଲାଗଡ ସହରର ବିଭିନ୍ନ ସ୍କୁଲ ଓ କଲେଜରେ ପରୀକ୍ଷା କେନ୍ଦ୍ର କରାଯାଇଥିଲା। ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟ କେନ୍ଦ୍ରରେ ପରୀକ୍ଷା ଦେବାକୁ ଥିବା ପ୍ରାୟ ଶତାଧିକ ପରୀକ୍ଷାର୍ଥୀ ସେମାନଙ୍କ ଆଡମିଟ୍ କାର୍ଡରେ ଲେଖାଥିବା ଠିକଣା ଦ୍ୱନ୍ଦ୍ୱକୁ ନେଇ ବଲାଙ୍ଗୀର ସରକାରୀ ମହିଳା ମହାବିଦ୍ୟାଳୟରେ ପହଞ୍ଚିବା ପରିବର୍ତ୍ତେ ଟିଟିଲାଗଡ ମହିଳା ମହାବିଦ୍ୟାଳୟରେ ପହଞ୍ଚିଥିଲେ। ତେବେ ସେଠାରେ କୌଣସି ପରୀକ୍ଷା କେନ୍ଦ୍ର ନ ଥିଲା। ଏହାକୁ ନେଇ ସେଠାରେ ପରୀକ୍ଷାର୍ଥୀ ଅଡୁଆରେ ପଡିଥିଲେ। ଆଡମିଟ୍ କାର୍ଡରେ ଭୁଲ୍ ଠିକଣା ଉଲ୍ଲେଖ ରହିଛି ବୋଲି ସେମାନେ ଅଭିଯୋଗ କରିଥିଲେ ଏବଂ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏତିକି ବେଳେ ପରୀକ୍ଷା ଆରମ୍ଭ ହୋଇଯାଇଥିଲା। ସେମାନେ କିଭଳି ବଲାଙ୍ଗୀର ପହଞ୍ଚି ପରୀକ୍ଷା ଦେବେ ସେ ନେଇ ଅଡୁଆ ପରିସ୍ଥିତି ଦେଖାଯାଇଥିଲା। ଜିଲାପାଳ ଚଞ୍ଚଳ ରାଣାଙ୍କ ପରାମର୍ଶ କ୍ରମେ ଟିଟିଲାଗଡ ଉପଜିଲାପାଳ ମନୋଜ ସତ୍ୟବାନ ମହାଜନ ପରୀକ୍ଷାର୍ଥୀଙ୍କୁ ବୁଝାଶୁଝା କରିବା ସହ ପ୍ରଭାବତୀ ପବ୍ଲିକ ସ୍କୁଲରେ ପରୀକ୍ଷା ଦେବା ବ୍ୟବସ୍ଥା କରିଥିଲେ। ଏଭଳି ନିଷ୍ପତ୍ତି ନେବା ବେଳକୁ କେତେ ପରୀକ୍ଷାର୍ଥୀ ବଲାଙ୍ଗୀର ଅଭିମୁଖେ ଆସିଥିବାବେଳେ ଅନ୍ୟମାନେ ପରୀକ୍ଷା ଦେଇପାରିବେ ନାହିଁ ଭାବି ଫେରିଯାଇଥିଲେ। ସେଠାରେ ରହିଯାଇଥିବା ୨୯ ଜଣ ପରୀକ୍ଷାର୍ଥୀ ପ୍ରଭାବତୀ ପବ୍ଲିକ ସ୍କୁଲ ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ଆଡମିଟ୍ କାର୍ଡରେ ଯେଭଳି ଠିକଣା ପ୍ରିଣ୍ଟିଂ ହୋଇଛି ସେଥିରୁ ଦ୍ୱନ୍ଦ୍ୱ ଉପୁଜିଥିବା ପରୀକ୍ଷାର୍ଥୀମାନେ କହିଛନ୍ତି।

# ମତରେ 'କେଁ'

ପୋଲିସ ଶାସକ ଦଳକୁ ସୁହାଇଲା ଭଳି କାର୍ଯ୍ୟ କରିବା ଦେଶରେ ଏକ ବିଶୃଙ୍ଖଳିତ ଧାରା ସୃଷ୍ଟି କରିଛି ବୋଲି ନିକଟରେ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏନ୍. ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠ କହିଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖାଯାଇ ବିଶେଷକରି ଶାସକ ଦଳର ବିରୋଧୀଙ୍କୁ ଟାର୍ଗେଟ କରାଯାଉଥିବା ଘଟଣାକୁ ଦେଖି ରମନା ଉଦ୍‌ବେଗ ପ୍ରକାଶ କରିଛନ୍ତି। ଦୁଇପାଦ ଆଗକୁ ଯାଇ ଭାରତର ପ୍ରଧାନ ବିଚାରପତି ଆହୁରି କହିଛନ୍ତି ଯେ, କ୍ଷମତାରେ ଭିନ୍ନ ଦଳ ନିର୍ବାଚିତ ହୋଇ ଆସିଲେ ଏହିଭଳି ପୋଲିସ ଅଫିସରଙ୍କ ବିରୋଧରେ ଦେଶଦ୍ରୋହ ମାମଲା ରୁଜୁ ହେଉଥିବାର ଦୃଷ୍ଟାନ୍ତ ରହିଛି।

ଆଇନ ଓ ଶୃଙ୍ଖଳା ବଜାୟ ରଖିବା ହେଉଛି ପୋଲିସର ପ୍ରାଥମିକ କର୍ତ୍ତବ୍ୟ। ବାସ୍ତବରେ ଯିଏ ଅପରାଧୀ ବା ଅଭିଯୁକ୍ତ ତାଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ ପଦକ୍ଷେପ ନେବା ବେଳେ ପୋଲିସ କାହା ପ୍ରତି ବାଛବିଚାର କରିବା କଥା ନୁହେଁ। ଦେଖାଯାଉଛି ଯେଉଁ ଦଳ ଶାସନରେ ରହୁଛନ୍ତି ତାଙ୍କ ପ୍ରତି ପୋଲିସର ସ୍ୱାଭାବିକ ଆନୁଗତ୍ୟ ରହୁଛି। କିନ୍ତୁ ସବୁ ଘଟଣାରେ ନକାରାତ୍ମକ ରାଜନୈତିକ ହସ୍ତକ୍ଷେପ ରହେ ନାହିଁ। ଏଠାରେ ମହାରାଷ୍ଟ୍ରର ପୁଣେ ସହରରେ ନିକଟରେ ଘଟିଥିବା ଏକ ଘଟଣା ଉଲ୍ଲେଖ କରାଯାଇପାରେ। ଗୋଟିଏ ହିନ୍ଦୁ ଝିଅର ମୁସଲମାନ ପୁଅ ସହିତ ବିବାହ ଆୟୋଜନ ହୋଇଥିଲା। ଏଥିରେ ଉଭୟ ପରିବାରର ସମ୍ମତି ଥିଲା। ହେଲେ ଏହାକୁ ଲଭ୍ ଜିହାଦ ଆଖ୍ୟା ଦେଇ ଗୋଟିଏ ଗୋଷ୍ଠୀ ବିବାହ କରାଇ ଦେବ ନାହିଁ ବୋଲି ଘୋଷଣା କଲା। ଘଟଣାରେ ମହାରାଷ୍ଟ୍ରର ଜଣେ ମନ୍ତ୍ରୀ ହସ୍ତକ୍ଷେପ କରି କହିଲେ ଯେ, ବିବାହ ନିଶ୍ଚିତ ହେବ ଓ ପୋଲିସକୁ ସୁରକ୍ଷା ଦେବା ସକାଶେ ନିର୍ଦ୍ଦେଶ ଦେଲେ। ଏଥିରୁ ବୁଝିବାକୁ ହେବ ଯେ, ସବୁ ରାଜନୈତିକ ହସ୍ତକ୍ଷେପ ପୋଲିସକୁ ବେଆଇନ କାର୍ଯ୍ୟରେ ଲିପ୍ତ କରାଏ ନାହିଁ। ଜଣେ ବିଧାୟକ କିମ୍ବା ସାଂସଦ ସବୁବେଳେ ନିଜର ଭୋଟଦାତାଙ୍କ ସମ୍ମୁଖରେ ସଚ୍ଚୋଟ ଓ ନ୍ୟାୟବାନ୍ ବୋଲି ଭାବମୂର୍ତ୍ତି ସୃଷ୍ଟି କରିବା ପାଇଁ ଚେଷ୍ଟା କରିଥାନ୍ତି। ସେଥିପାଇଁ ରାଜନୈତିକ ହସ୍ତକ୍ଷେପକୁ ସର୍ବଦା ବିରୋଧ କରିବାର ଯଥାର୍ଥତା ବୁଝାପଡ଼େ ନାହିଁ। ଗଣତାନ୍ତ୍ରିକ ବ୍ୟବସ୍ଥାରେ ରାଜନୈତିକ ବ୍ୟକ୍ତିଙ୍କର ଭୂମିକା ଲୋକାଭିମୁଖୀ ହେବା ପାଇଁ ବାଧ୍ୟ। ଏହାର ଅର୍ଥ ନୁହେଁ ଯେ, ରାଜନୈତିକ ବ୍ୟକ୍ତି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ହୁଅନ୍ତି ନାହିଁ। କିନ୍ତୁ ଗଣତନ୍ତ୍ରର ସବୁ ଅଙ୍ଗର ଏକ ସ୍ପଷ୍ଟ କର୍ତ୍ତବ୍ୟ ରହିଛି। ପୁଣେ ଘଟଣାରୁ ବୁଝାପଡୁଛି ଯେ, ସ୍ଥାନୀୟ ପୋଲିସ ତାହାର ମୌଳିକ ଦାୟିତ୍ୱ ପୂରଣ କରି ନ ଥିବାରୁ ମନ୍ତ୍ରୀଙ୍କ ହସ୍ତକ୍ଷେପର ପ୍ରୟୋଜନ ଉଠିଥିଲା। ଅର୍ଥାତ୍ ଭାରତରେ ପୋଲିସର ଭୂମିକା ସବୁବେଳେ ଦୁର୍ବଳକୁ ଦମନ କରି ସବଳ ଓ ଧନୀଙ୍କୁ ସମର୍ଥନ କରିଥାଏ। ଅନ୍ୟପଟେ ଭାରତବ୍ୟାପୀ ହାତଗଣତି ସଚ୍ଚୋଟ ପୋଲିସ ଅଫିସର ମଧ୍ୟ ଅଛନ୍ତି। ତଦନ୍ତ କରି କୌଣସି ଅପରାଧୀଙ୍କୁ ନ୍ୟାୟାଳୟ ପଠାଇଲେ ସେଠାରେ ଜାମିନ ଦେବା ପାଇଁ ଜୁଡିସିଆଲ ମାଜିଷ୍ଟ୍ରେଟ କଲମ ଧରି ପ୍ରସ୍ତୁତ ହୋଇ ରହିଥାଆନ୍ତି। ଭାରତର ଯେକୌଣସି ଥାନାରେ ନ୍ୟାୟ ଖୋଜିବାକୁ ଯାଇଥିବା ସାଧାରଣ ନାଗରିକ ଯେଭଳି କୌଣସି ଉପାୟରେ ନ୍ୟାୟ ପାଉ ନାହିଁ, ସେହିଭଳି ନିରୀହ ନାଗରିକଙ୍କୁ ଜାମିନ ଦେବା ଲାଗି ଅଦାଲତର ଅନିଚ୍ଛା ଅଧିକାଂଶ ମାମଲାରେ ସ୍ପଷ୍ଟ ଜଣାପଡ଼େ।

ବହୁ ସମୟରେ ଅଭିଯୋଗ ହୋଇଥାଏ ଯେ, ପୋଲିସ ଠିକ୍ ଅପରାଧୀଙ୍କୁ ଧରି କୋର୍ଟରେ ହାଜର କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ସେ ନିର୍ଦ୍ଦୋଷରେ ଖଲାସ ହୋଇଯାଇଥାଆନ୍ତି। ଏଭଳି ସ୍ଥଳେ ଜଣେ ସଚ୍ଚୋଟ ପୋଲିସ ଅଫିସରଙ୍କ ମନୋବଳ ଭାଙ୍ଗିଯିବା ସ୍ୱାଭାବିକ। ବଡ଼ବଡ଼ିଆଙ୍କ ମାମଲାକୁ ତୁରନ୍ତ ଫଇସଲା କରିବା ଦିଗରେ ଅଧିକାଂଶ ବିଚାରପତି ଯେଭଳି ତତ୍ପର ହୋଇଥାଆନ୍ତି, ସେହିଭଳି ବେଗ ଅନ୍ୟମାନଙ୍କ ପ୍ରତି ସାଧାରଣତଃ ଦେଖିବାକୁ ମିଳି ନ ଥାଏ। ଏଥିସହିତ ଏହା ମଧ୍ୟ ଶୁଣିବାକୁ ମିଳେ ଯେ, ଶାସକ ଦଳର ଚାପ ଓ ଧନୀ ବ୍ୟକ୍ତିଙ୍କ ଅର୍ଥବଳ ଦ୍ୱାରା ଅନେକ ମାମଲାର ଅସଲ ଦିଗକୁ ମୋଡ଼ି ଦିଆଯାଇଥାଏ। ନ୍ୟାୟବ୍ୟବସ୍ଥାରେ ଦେଖାଦେଉଥିବା ଏଭଳି ଅସଙ୍ଗତି ପ୍ରତି ବିଚାରପତିମାନେ ଧ୍ୟାନ ଦେବା ଜରୁରୀ ହୋଇପଡ଼ିଲାଣି। ସେମାନେ ନିଜର ବ୍ୟବହାର ଓ କାର୍ଯ୍ୟରୁ ଉଦାହରଣ ସୃଷ୍ଟି କରିବା କଥା। ଦୁଃଖର ବିଷୟ ତାହା ଏବକା ସମୟରେ ଦେଖିବାକୁ ମିଳୁନାହିଁ। ପ୍ରଧାନ ବିଚାରପତିଙ୍କ ମତକୁ ଖଣ୍ଡନ କରାଯାଇପାରିବ ନାହିଁ, କିନ୍ତୁ ସେଥିରେ ଅନେକ 'କେଁ' ନିଶ୍ଚିତ ଭାବେ ରହିଛି।



# ପରୀକ୍ଷା ସଂସ୍କାର: ଆମ ଛାତ୍ରୀଛାତ୍ର

ଅକ୍ଷୟ କୁମାର ମିଶ୍ର

ଆମ ରାଜ୍ୟରେ ହେଉଥିବା ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଓଟିଇଟି, ସିଟି, ସିପିଏଡ୍, ପ୍ରଥମା, ମଧ୍ୟମା, ଏନ୍ଆରଟିଏସ୍ ଆଦି ପରୀକ୍ଷାର ପରିଚାଳନା ଓ ମୂଲ୍ୟାୟନ ପଦ୍ଧତି ନିର୍ଦ୍ଧାରଣ କରିଥାଏ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ। ଏଥିମଧ୍ୟରୁ ଦଶମ ଶ୍ରେଣୀର ବୋର୍ଡ଼ ପରୀକ୍ଷା ବୃହତ୍ ଏବଂ ବହୁ ପ୍ରତୀକ୍ଷିତ। କିଛି ବର୍ଷ ହେଲା ଦେଖାଯାଉଛି ମାଧ୍ୟମିକ ଶିକ୍ଷା ପରିଷଦ ବୋର୍ଡ଼ ପରୀକ୍ଷାକୁ ନେଇ ପରୀକ୍ଷାନିରୀକ୍ଷା କରିଚାଲିଛି। କେତେବେଳେ ପୂର୍ଣ୍ଣସଂଖ୍ୟା ୯୦୦, ପୁଣି କେତେବେଳେ ୮୦୦। କେତେବେଳେ ବଦଳି ଯାଇ ୭୫୦ ହେଲାଣି ତ ପୁଣି କେତେବେଳେ ୬୦୦। କେତେବେଳେ ପରୀକ୍ଷାରେ ୩ଟି ସେଟ୍‌ର ପ୍ରଶ୍ନପତ୍ର ପ୍ରସ୍ତୁତ ହେଉଛି ତ ପୁଣି କେତେବେଳେ ୪ଟି । କେତେବେଳେ ଏକା ପ୍ରଶ୍ନକୁ ଆଗ ପଛ କରି ସେଟ୍ କରାଯାଉଛି, ପୁଣି କେତେବେଳେ ସମ୍ପୂର୍ଣ୍ଣ ଅଲଗା ପ୍ରଶ୍ନରେ ସେଟ୍ ପ୍ରସ୍ତୁତ ହେଉଛି। ସଂକ୍ଷିପ୍ତ ଓ ବିସ୍ତୃତ ପ୍ରଶ୍ନ ମଧ୍ୟରେ ଭାଗବଣ୍ଟା ସମାନ ରହୁ ନାହିଁ। ପୁଣି କେତେବେଳେ ସଂକ୍ଷିପ୍ତ ପ୍ରଶ୍ନଗୁଡ଼ିକର ଉତ୍ତର ଓଏମ୍ଆର ମାଧ୍ୟମରେ ପିଲାଙ୍କୁ ଦେବାକୁ ପଡୁଛି। ପୁଣି କେତେବେଳେ ଲିଖନ ପ୍ରଣାଳୀରେ। ବିଷୟ ମଧ୍ୟ ସ୍ଥିର ରହୁ ନାହିଁ। କେତେବେଳେ ଇଚ୍ଛାଧୀନ ବିଷୟ ରହୁଛି, ଯାହା ଛାତ୍ରୀଛାତ୍ର ନିଜେ ଚୟନ କରୁଛନ୍ତି। ପୁଣି କେତେବେଳେ କୁହାଯାଉଛି ସବୁ ବିଷୟ ବାଧ୍ୟତାମୂଳକ। ଗୋଟିଏ ବର୍ଷ ବିଜ୍ଞାନରେ ପ୍ରାକ୍ଟିକାଲ ଅନ୍ତର୍ଭୁକ୍ତ କରାଗଲା। ତା' ପରବର୍ଷକୁ ତାହା ଉଠିଗଲା। ବିଗତ ଦିନରେ ନବମ, ଦଶମ ଓ ଏକାଦଶ ଶ୍ରେଣୀରେ ପଢ଼ାଯାଉଥିବା ପୂରା ପାଠକୁ ନେଇ ବୋର୍ଡ଼ ପରୀକ୍ଷା ହେଉଥିଲା। ତା'ପରେ ଏହା ନବମ ଓ ଦଶମ ଶ୍ରେଣୀକୁ ନେଇ ହେଲା। ଏବେ କେବଳ ଦଶମ ଶ୍ରେଣୀ ପାଠକୁ ନେଇ ବୋର୍ଡ଼ ପରୀକ୍ଷା ହେଉଛି। ଫଳରେ କିଛି ଲୋକ ମନ୍ତବ୍ୟ ଦିଅନ୍ତି ଏହାକୁ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା ନ କହି ବରଂ ଟେନ୍‌ଥ କ୍ଲାସ୍ ସାର୍ଟିଫିକେଟ୍ ପରୀକ୍ଷା କହିବା ଯଥାର୍ଥ ହେବ। ପୁନଶ୍ଚ ନୂତନ ଜାତୀୟ ଶିକ୍ଷାନୀତି ଅନୁଯାୟୀ ପ୍ରତି ଛଅ ମାସକୁ ନେଇ ଗୋଟିଏ ସେମିଷ୍ଟର ହେବ ବୋଲି କୁହାଗଲାଣି। ମୋଟାମୋଟି କହିବାକୁ ଗଲେ ହାକିମ ବଦଳି ଗଲେ ହୁକୁମ ବଦଳି ଯାଉଛି।

ଚଳିତବର୍ଷ ପରୀକ୍ଷା ପଦ୍ଧତିରେ ଏକ ବଡ଼ ଧରଣର ପରିବର୍ତ୍ତନ ଅଣାଯାଇଛି। ମାଧ୍ୟମିକ ଶିକ୍ଷା ପରିଷଦ ତରଫରୁ ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ପାଇଁ ବର୍ଷ ତମାମର ଏକ ପରୀକ୍ଷା କ୍ୟାଲେଣ୍ଡର ପ୍ରକାଶ କରାଯାଇଛି। ଏହାକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ। ଗୋଟିଏ ଭାଗରେ ରଖାଯାଇଛି ଚାରୋଟି ପରୀକ୍ଷା, ଯାହାକୁ ଫରମେଟିଭ୍ ଆସେସ୍‌ମେଣ୍ଟ ୧, ୨, ୩ ଓ ୪ ନାମରେ ନାମିତ କରାଯାଇଛି। ପଢ଼ାଉଥିବା ଶିକ୍ଷକ ଏହି ୪ଟି ପରୀକ୍ଷା କରିବେ। ପ୍ରତି ପରୀକ୍ଷାରେ ପୂର୍ଣ୍ଣ ନମ୍ବର ହେଉଛି ୨୦। ଏହାକୁ ଭିତ୍ତିକରି ଶିକ୍ଷକମାନେ ଛାତ୍ରୀଛାତ୍ରମାନଙ୍କର ଆଭ୍ୟନ୍ତରୀଣ ଆକଳନ କରି ବୋର୍ଡକୁ ନମ୍ବର ପ୍ରେରଣ କରିବେ।

ଦ୍ୱିତୀୟ ଭାଗରେ ଦୁଇଟି ପରୀକ୍ଷା କଥା କୁହାଯାଇଛି- ପ୍ରଥମ ଟର୍ମ ସମାପ୍ତି ପରୀକ୍ଷା ଓ ଦ୍ୱିତୀୟ ଟର୍ମ ସମାପ୍ତି ପରୀକ୍ଷା। ପ୍ରଥମ ପରୀକ୍ଷା ଅର୍ଦ୍ଧେକ ପାଠ୍ୟକ୍ରମକୁ ନେଇ ଅନୁଷ୍ଠିତ ହେବାକୁ ଥିବା ବେଳେ ଅନ୍ତିମ (ଫାଇନାଲ) ପରୀକ୍ଷାରେ ପ୍ରଥମ ଅର୍ଦ୍ଧେକରୁ ୩୦% ଓ ଅବଶିଷ୍ଟ ପାଠ୍ୟକ୍ରମରୁ ୭୦% ନେଇ ପ୍ରଶ୍ନପତ୍ର ପ୍ରସ୍ତୁତ ହେବ। ଏହି ଉଭୟ ପରୀକ୍ଷା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ପ୍ରଶ୍ନପତ୍ର ଯୋଗାଇଦେବେ। ନବମ ଶ୍ରେଣୀରେ ହେବାକୁ ଥିବା ଟର୍ମ-୧ ପରୀକ୍ଷାରେ ୨୦ ନମ୍ବର ବସ୍ତୁନିଷ୍ଠ ପ୍ରଶ୍ନ ଓ ୨୦ ନମ୍ବର ଦୀର୍ଘ ଉତ୍ତର ସମ୍ବଳିତ ପ୍ରଶ୍ନ ଆସିବ। ଅଥଚ ଦଶମ ଶ୍ରେଣୀରେ ହେବାକୁ ଥିବା ଟର୍ମ-୧ ପରୀକ୍ଷା ପାଇଁ ଓଏମ୍ଆର୍ ଉତ୍ତର ଖାତା ପ୍ରସ୍ତୁତ ହେବ, ଯାହାର ମୂଲ୍ୟାୟନ କମ୍ପ୍ୟୁଟର ସାହାଯ୍ୟରେ ହେବ। ଏହି ପରୀକ୍ଷାରେ ପ୍ରତି ବିଷୟର ପୂର୍ଣ୍ଣସଂଖ୍ୟା ରହିବ ୫୦। ଉଭୟ ନବମ ଓ ଦଶମ ଶ୍ରେଣୀରେ ଏଣିକି ଯେଉଁ ଫାଇନାଲ ପରୀକ୍ଷା ହେବ, ସେଥିରେ ୫୦ ନମ୍ବର ବସ୍ତୁନିଷ୍ଠ ପ୍ରଶ୍ନ ଓ ୩୦ ନମ୍ବର ବର୍ଣ୍ଣନାତ୍ମକ ପ୍ରଶ୍ନ ପଡ଼ିବ। ଦଶମ ଶ୍ରେଣୀର ମୂଲ୍ୟାୟନ ବୋର୍ଡ଼ ଦ୍ୱାରା କରାଯିବାର ବ୍ୟବସ୍ଥା କରାଯାଇଥିବା ବେଳେ ନବମ ଶ୍ରେଣୀର ସମସ୍ତ ଉତ୍ତର ଖାତା ନିଉଟ୍ରାଲ୍ ସ୍କୁଲ ଜରିଆରେ ମୂଲ୍ୟାୟନ କରାଯିବ।

ଏ ସମସ୍ତ ସଂସ୍କାର ଯେ କରୋନାକୁ ଲକ୍ଷ୍ୟ କରି କରାଯାଇଛି, ଏଥିରେ ସନ୍ଦେହ ନାହିଁ। ଏଥିରେ ସ୍ପଷ୍ଟ କରାଯାଇଛି, ଯଦି ମହାମାରୀ ଯୋଗୁ ପରୀକ୍ଷା ବାତିଲ ହୁଏ, ତେବେ ପିଲାମାନେ ଘରେ ରହି କେମିତି ପରୀକ୍ଷା ଦେବେ ତା'ର ବ୍ୟବସ୍ଥା ହେବ। ଏହା କେତେଦୂର ସମ୍ଭବ ଯଦି ସେମିତି ପରିସ୍ଥିତି ଉପୁଜେ ଜଣାପଡ଼ିବ। ଅବସ୍ଥା ଯଦି ସ୍ୱାଭାବିକ ରହେ, ତେବେ ଦଶମ ଶ୍ରେଣୀରେ ବୋର୍ଡ଼ ପରୀକ୍ଷା ହେବ ନା ନାହିଁ, ଏ ସମ୍ପର୍କରେ ସ୍ପଷ୍ଟ ମତ ଦିଆଯାଇ ନାହିଁ। ଏହା ଛାତ୍ରୀଛାତ୍ର, ଶିକ୍ଷକ ତଥା ଅଭିଭାବକ ସମସ୍ତଙ୍କୁ ଦ୍ୱନ୍ଦ୍ୱରେ ପକାଇଦେଇଛି।

ଏବେ ଏହି ସଂସ୍କାର ସମ୍ପର୍କରେ କିଛି ଆଲୋଚନା କରିବା। ପ୍ରଥମ ଥର ଲାଗି ଆମ ବୋର୍ଡ଼ ଶିକ୍ଷକଙ୍କ ଉପରେ ଭରସା ଜୁଟାଇ ପାରିଥିବାରୁ ଏହା ଏକ ଶୁଭ ସଂକେତ ବହନ କରୁଛି। ଅପରପକ୍ଷେ ଶିକ୍ଷକମାନଙ୍କ ନିମନ୍ତେ ଏହା ଅଗ୍ନି ପରୀକ୍ଷାର ସମୟ। ଆଭ୍ୟନ୍ତରୀଣ ଆକଳନ ପ୍ରକ୍ରିୟା ଶିକ୍ଷକଙ୍କୁ ଯେତିକି ସମ୍ମାନ ଆଣିଦେବ, ତା'ଠାରୁ ଅଧିକ ଉପହସିତ କରିବ ଯଦି ଏହାର ଦୁରୁପଯୋଗ ହୁଏ। ଦ୍ୱିତୀୟରେ ଓଏମ୍ଆର୍ ଉତ୍ତର ଖାତା ଜରିଆରେ ହେବାକୁ ଥିବା ପରୀକ୍ଷା। ଏହି ପଦ୍ଧତି ସାଧାରଣତଃ ମେଧାବୃତ୍ତି ପ୍ରଦାନ ନିମିତ୍ତ ପରୀକ୍ଷା କିମ୍ବା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅନୁସୃତ ହୁଏ। ବୋର୍ଡ଼ ପରୀକ୍ଷାରେ ଏହି ପଦ୍ଧତି ଆପଣେଇବା କେତେ ଯୁକ୍ତିଯୁକ୍ତ ତାହା ବିଚାରସାପେକ୍ଷ। ତୃତୀୟରେ ପ୍ରଶ୍ନପତ୍ର ଯୋଗାଣ ସମ୍ପର୍କରେ, ନିଷ୍ପତ୍ତି ଅନୁସାରେ ନବମ ଓ ଦଶମ ଶ୍ରେଣୀରେ ହେବାକୁ ଥିବା ୪ଟି ଟର୍ମ ସମାପ୍ତି ପରୀକ୍ଷା ନିମନ୍ତେ ଆବଶ୍ୟକ ପ୍ରଶ୍ନପତ୍ର ବୋର୍ଡ଼ ତରଫରୁ ଯୋଗାଇ ଦିଆଯିବ। ଗୋଟିଏ ଦୃଷ୍ଟିରୁ ଏହା ସମତା ରକ୍ଷା କରିବ। କିନ୍ତୁ ଆଶଙ୍କା ସୃଷ୍ଟି କରୁଛି ଏହାର ଗୋପନୀୟତାକୁ ନେଇ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଯେଉଁ ପରୀକ୍ଷା ହୁଏ, ତା'ର ପ୍ରଶ୍ନପତ୍ର ସର୍ବଶିକ୍ଷା ଅଭିଯାନ ଆନୁକୂଲ୍ୟରେ ପ୍ରସ୍ତୁତ ହୋଇ ସ୍କୁଲଗୁଡ଼ିକୁ ଯୋଗାଇ ଦିଆଯାଏ। ଅଭିଯୋଗ ଉଠେ, ସେହି ସମସ୍ତ ପ୍ରଶ୍ନପତ୍ର ପରୀକ୍ଷାର ବହୁ ପୂର୍ବରୁ ପିଲାଙ୍କ ହାତରେ ପଡ଼େ। ଫଳରେ ପରୀକ୍ଷାର ଉଦ୍ଦେଶ୍ୟ ସାଧିତ ହୁଏ ନାହିଁ। ଏହାଛଡ଼ା ଗତବର୍ଷ ବୋର୍ଡ଼ ଦ୍ୱାରା ୪ଟି ପ୍ରାକ୍ଟିସ୍ ପରୀକ୍ଷା କେମିତି ହୋଇଥିଲା ସମସ୍ତେ ଅଙ୍ଗେ ନିଭାଇଛନ୍ତି। ପରୀକ୍ଷା ପୂର୍ବ ଦିନ ପ୍ରଶ୍ନ ସହିତ ଉତ୍ତର ମଧ୍ୟ ପିଲାମାନଙ୍କର ହସ୍ତଗତ ହେଲା। ସମସ୍ତେ ରଖିଲେ ଶତପ୍ରତିଶତ ନମ୍ବର, ଯାହାକୁ ଶିକ୍ଷକ ବୋର୍ଡ଼କୁ ପ୍ରଦାନ କରିବାକୁ ବାଧ୍ୟ ହେଲେ। ଏଥିରୁ କ'ଣ ଉପୁଜିଲା ତାହା ଲେଖି କଟା ଘା'ରେ ଚୂନ ଲଗାଇବା ଉଚିତ ହେବ ନାହିଁ। ମାଧ୍ୟମିକ ଶିକ୍ଷା ପରିଷଦ ଯଦି ପ୍ରଶ୍ନପତ୍ର ପ୍ରସ୍ତୁତ, ପ୍ରେରଣ ଓ ପ୍ରଘଟ କ୍ଷେତ୍ରରେ ଜିରୋ ଟଲାରେନ୍ସ ନ ହୁଏ, ତେବେ ବିଗତ ଘଟଣା ପୁନରାବୃତ୍ତି ହେବ। ଏହା ହେଲେ ପରୀକ୍ଷାର ଗୁରୁତ୍ୱ ଲୋପ ପାଇବ। ଅଧ୍ୟୟନ ପ୍ରତି ଛାତ୍ରୀଛାତ୍ରଙ୍କ ମନରେ ଅନାଗ୍ରହ ଜାତ ହେବ। ମେଧାବୀ ଛାତ୍ରୀଛାତ୍ରଙ୍କ ଉପରେ ପ୍ରଭାବ ପଡ଼ିବ। ଶିକ୍ଷକମାନେ ମଧ୍ୟ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବେ। ଚତୁର୍ଥ କଥାଟି ହେଲା, ନିଉଟ୍ରାଲ୍ ସ୍କୁଲ ଦ୍ୱାରା ମୂଲ୍ୟାୟନ ସମ୍ପର୍କରେ କିଛି ଗୋପନ କଥା। ଏମିତି ବ୍ୟବସ୍ଥା ସରକାର ପୂର୍ବରୁ ପ୍ରାଥମିକ ବିଦ୍ୟାଳୟରେ ଆପଣେଇଥିଲେ। ଫଳ କ'ଣ ହେଲା ସମସ୍ତେ ପ୍ରାୟ ଊଣାଅଧିକେ ଜାଣିଛନ୍ତି। ଗୋଟିଏ ପଟେ ନିର୍ଦ୍ଦେଶ ଅଛି କୌଣସି ପିଲାଙ୍କୁ ଫେଲ୍ କରାଯାଇ ପାରିବ ନାହିଁ। ଅନ୍ୟପଟେ ପରୀକ୍ଷା ଖାତା ମୂଲ୍ୟାୟନ କରିବେ ଅନ୍ୟ ବିଦ୍ୟାଳୟର ଶିକ୍ଷକ। ଫଳରେ ଗାନ୍ଧିଜୀଙ୍କୁ ଯେମିତି ତାଙ୍କ ଶିକ୍ଷକ ପାଖ ପିଲାଙ୍କ ଖାତାରୁ ଦେଖି ଲେଖିବାକୁ ଇସାରା ଦେଇଥିଲେ ତାହାହିଁ ହେଲା। ଆଗକୁ ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ।

କିଛି ଲୋକ ଆମର ପାଠପଢ଼ା, ପରୀକ୍ଷା ଓ ପରୀକ୍ଷାଫଳକୁ ନେଇ କଥା କଥାକେ ସିବିଏସ୍‌ଇ ଓ ଆଇସିଏସ୍‌ଇ ସହିତ ତୁଳନା କରିବସନ୍ତି। କିଛି ଦିନ ହେଲା ଆମ ସରକାର ଓ ବୋର୍ଡ଼ ସେମାନଙ୍କୁ ଅନୁକରଣ କରୁଥିବା ଅନୁମେୟ ହୁଏ। ଏମିତି ଏକ ତୁଳନା ପୂର୍ବରୁ ଆମ ପିଲା ଓ ତାଙ୍କର ମାତାପିତା, ଆମ ବିଦ୍ୟାଳୟ ଓ ଆମ ପାଠ୍ୟଖସଡ଼ା, ଆମ ବ୍ୟବସ୍ଥା କଥାକୁ ପ୍ରାଥମିକତା ଦେବା ଜରୁରୀ। ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ମା'ବାପା କେଉଁ ବସ୍ତିରେ ବାସ କରୁଥିବା ଦେଖାଯାଏ ନାହିଁ। ସେମାନେ ସମସ୍ତେ ସ୍ୱଚ୍ଛଳ ପରିବାରରୁ ଆସିଥା'ନ୍ତି। ସମସ୍ତଙ୍କର ମା'ବାପା ପିଲାର ପାଠ ପ୍ରତି ଯତ୍ନବାନ୍। ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ପଢୁଥିବା ଛାତ୍ରୀଛାତ୍ରଙ୍କ ଭିତରୁ ସତୁରି ଭାଗ ପିଲା ସାମାଜିକ ଅଥବା ଅର୍ଥନୈତିକ ଦୁର୍ବଳ ଶ୍ରେଣୀର। ଯେଉଁମାନଙ୍କର ମା'ବାପା ରାତି ପାହିଲେ କାମଧନ୍ଦାରେ ବ୍ୟସ୍ତ ରୁହନ୍ତି। ସେମାନଙ୍କର ସମୟ ନ ଥାଏ ପିଲା କ'ଣ ପଢୁଛି, କେମିତି ପଢୁଛି ବୁଝିବାକୁ। ଏଭଳି ପରିସ୍ଥିତିରେ ଏହି ନୂତନ ପଦ୍ଧତି ଆମ ଛାତ୍ରୀଛାତ୍ରଙ୍କ ପାଇଁ କେତେ ଉପଯୋଗୀ ହେବ, ତାହା ଭବିଷ୍ୟତରେ ଜଣାପଡ଼ିବ।

ସମସ୍ତ ପରିବର୍ତ୍ତନକୁ ସଂସ୍କାର କହିବା ଭୁଲ ହେବ। କିନ୍ତୁ ପରିବର୍ତ୍ତନକୁ ସଂସ୍କାର ଆଖ୍ୟା ଦିଆଯାଇପାରେ, ଯେତେବେଳେ ତାହା ମଣିଷର ବୌଦ୍ଧିକ ଚେତନାକୁ ଋଦ୍ଧିମନ୍ତ କରେ। ଏହା ସମ୍ଭବ ହୁଏ ଯେତେବେଳେ ଏଥିସହିତ ସମ୍ପୃକ୍ତ ଥିବା ସମସ୍ତ ମଣିଷ ଏହାକୁ ଆନ୍ତରିକତାର ସହ ଗ୍ରହଣ କରନ୍ତି ଏବଂ ସଫଳ ରୂପାୟନ ନିମନ୍ତେ ନିଷ୍ଠାପର ଉଦ୍ୟମ ଜାରି ରଖନ୍ତି। ଆଜି ପରୀକ୍ଷା ପଦ୍ଧତିରେ ଯେଉଁସବୁ ପରିବର୍ତ୍ତନ ଅଣାଯାଇଛି, ତାହା ଏକ ସଂସ୍କାରର ରୂପ ନେବ ଯଦି ସରକାର, ବୋର୍ଡ଼, ଶିକ୍ଷକ, ଅଭିଭାବକ ଓ ଛାତ୍ରୀଛାତ୍ର ସମସ୍ତେ ଏହାକୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରନ୍ତି ଓ ନିଜ ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି।

ପ୍ରାକ୍ତନ ଯୁଗ୍ମ ସାଧାରଣ ସଂପାଦକ, ଓଷ୍ଟା
ମୋ: ୭୦୦୮୦୭୩୫୯୯



# ଆଦର୍ଶ ଶ୍ରୀକୃଷ୍ଣ ମହାଭାରତର

ଡା. ଗୋପାଳ ଚନ୍ଦ୍ର ଦାଶ

ମହାଭାରତ ଯୁଦ୍ଧ ଦ୍ୱାରା ଆର୍ଯ୍ୟବର୍ତ୍ତ ଜ୍ଞାନୀ ପଣ୍ଡିତଶୂନ୍ୟ ହୋଇଗଲା। ବେଦ, ଉପନିଷଦ ଓ ଦର୍ଶନ ଶାସ୍ତ୍ରର ପଠନ ରୁଦ୍ଧ ହୋଇଗଲା। ବେଦ ଜ୍ଞାନକୁ ବୁଝିବା ପାଇଁ ବ୍ୟାସଦେବ ଯେଉଁ ୪ ବେଦକୁ ସଂକଳିତ କରିଥିଲେ ତାହାକୁ ଅଜ୍ଞାନୀ ପଣ୍ଡିତମାନେ ବୁଝିବା ପାଇଁ ସକ୍ଷମ ହେଲେ ନାହିଁ। ତେଣୁ ମନଇଚ୍ଛା ମୂଳ ଶାସ୍ତ୍ରରେ ମିଶ୍ରଣକରି ଅବାସ୍ତବ, ଅଲୌକିକ ଓ କାଳ୍ପନିକ କାହାଣୀ ଲେଖି ବ୍ୟାସଦେବଙ୍କ ନାମରେ ଭଣିତ କଲେ। ଏପରିକି ମହାଭାରତର ହଜାର ହଜାର ବର୍ଷ ପରେ ଗୁପ୍ତକାଳରେ ରଚିତ ଅଷ୍ଟାଦଶ ପୁରାଣକୁ ପୁରାତନ ବା ପ୍ରାଚୀନ କହି ଏହା ବ୍ୟାସଦେବଙ୍କ ଦ୍ୱାରା ପ୍ରଣୀତ ବୋଲି କୁହାଗଲା। ଏହାଦ୍ୱାରା ମୂଳଶାସ୍ତ୍ରର ସତ୍ୟାସତ୍ୟ ଉନ୍ମୋଚନ ହୋଇପାରିଲା ନାହିଁ। ମୁଖ୍ୟ କାବ୍ୟରୁ ବିଚ୍ୟୁତ ହୋଇ ବିଭିନ୍ନ ପର୍ଯ୍ୟାୟରେ ଲେଖାଯାଇଥିବା ମହାଭାରତ ଗ୍ରନ୍ଥର ଅନେକ ମିଶ୍ରଣ ଥିବାରୁ ତାହା ପାଠକ ଗୋଷ୍ଠୀଙ୍କୁ ଭ୍ରମରେ ପକାଇଲା। ବର୍ତ୍ତମାନ ଶାସ୍ତ୍ରଜ୍ଞ ପଣ୍ଡିତମାନେ ପରୀକ୍ଷାନିରୀକ୍ଷା କରି 'ଶୁଦ୍ଧ ମହାଭାରତ' ସମ୍ପାଦନ କରିଛନ୍ତି ଯାହା ପାଠକମାନଙ୍କର ଭ୍ରମ ଦୂରକରିବାରେ ସହାୟକ ହେବ। ଆସନ୍ତୁ, ଏହି ସମ୍ବନ୍ଧରେ କିଛି ଆଲୋଚନା କରିବା।

ମୂଳ ମହାଭାରତ ଓ ଭାଗବତରେ କୌଣସିଠାରେ ରାଧାଙ୍କ ନାମ ନାହିଁ। ବ୍ରହ୍ମବୈବର୍ତ୍ତ ପୁରାଣରେ ପ୍ରଥମକରି ରାଧାଙ୍କ ନାମ ଦେଖିବାକୁ ମିଳେ। ଏହି ପୁରାଣ ଷୋଡ଼ଶ ଶତାବ୍ଦୀର ଏକ କାଳ୍ପନିକ ରଚନା, ଯେଉଁଥିରେ ୫୦୦୦ ବର୍ଷ ପୂର୍ବବର୍ତ୍ତୀ ମହାଭାରତ ଯୁଦ୍ଧର କୌଣସି ଐତିହାସିକ ପ୍ରମାଣ ମିଳେ ନାହିଁ। ଏହି ପୁରାଣରେ ରାଧାଙ୍କୁ କୃଷ୍ଣଙ୍କର ପ୍ରେମିକା ଓ କେତେକ ସ୍ଥଳରେ ମାତା, ମାତୁଳା, ପୁତ୍ରୀ ଓ ପତ୍ନୀ ଭାବରେ ଦର୍ଶାଯାଇଛି। ଏପରିକି ରାଧା-କୃଷ୍ଣ ପ୍ରସଙ୍ଗ ସାଂଖ୍ୟ ଦର୍ଶନର ପ୍ରକୃତି-ପୁରୁଷ ବୋଲି କୁହାଯାଇଛି। କାମ-କ୍ରୋଧ ବିବର୍ଜିତ, ସର୍ବଦୋଷ ରହିତ, ବ୍ରହ୍ମଚାରୀ, ସତ୍ୟବାଦୀ, ମହାଜ୍ଞାନୀ, ଈଶ୍ୱରଭକ୍ତ, ନିର୍ଭୀକ, ନିର୍ଲୋଭ, ନମ୍ର, ସହିଷ୍ଣୁ, ସଂକଳ୍ପବାନ୍, ରାଷ୍ଟ୍ର ନିର୍ମାତା, ଧର୍ମନିରପେକ୍ଷ ଶାନ୍ତିଦୂତ, ବ୍ରହ୍ମଜ୍ଞାନର ଉପଦେଷ୍ଟା ଓ ସର୍ବଲୋକୋତ୍ତମ ଯୋଗେଶ୍ୱର ଶ୍ରୀକୃଷ୍ଣଙ୍କୁ ଲମ୍ପଟ, ବହୁପତ୍ନୀକ, ଲବଣି ଚୋର, କୁଚକ୍ରୀ, ମିଥ୍ୟାବାଦୀ, ରିପୁବଶୀଭୂତ, ଚିର ହରଣକାରୀ, ଲୀଳାମୟ, ଅବତାର ପୁରୁଷ ତଥା ଭଗବାନ ବୋଲି ବିଭିନ୍ନ ପୁରାଣରେ ଦର୍ଶାଯାଇଛି। କାଳ୍ପନିକ ରାଧା ସହିତ ଯୋଡ଼ି ଶ୍ରୀକୃଷ୍ଣଙ୍କର ଚରିତ୍ର ସଂହାର କରାଯାଇଛି। ଶ୍ରୀକୃଷ୍ଣ ଥିଲେ ସଂଯମୀ ଓ ଏକ ପତ୍ନୀବ୍ରତ ସଦାଚାର ପୁରୁଷ। ସେ ବିଦର୍ଭ ନରେଶ ଭୀଷ୍ମକଙ୍କ କନ୍ୟା ରୁକ୍ମିଣୀଙ୍କୁ ବୈଦିକରୀତିରେ ବିବାହ କରିଥିଲେ। ହିମାଳୟ ପାଦଦେଶରେ ରୁକ୍ମିଣୀଙ୍କ ସହିତ ୧୨ ବର୍ଷ କାଳ କଠୋର ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ ପରେ ଫଳ ସ୍ୱରୂପ ତେଜସ୍ୱୀ ପୁତ୍ର ପ୍ରଦ୍ୟୁମ୍ନଙ୍କୁ ଲାଭ କରିଥିଲେ। ତେଣୁ ରୁକ୍ମିଣୀଙ୍କ ବ୍ୟତୀତ କୃଷ୍ଣଙ୍କର ଆଉ କୌଣସି ପତ୍ନୀ ନ ଥିଲେ ବୋଲି ମୂଳ ମହାଭାରତରେ ଉଲ୍ଲେଖ ଅଛି। ବିଭିନ୍ନ ପୁରାଣରେ କୃଷ୍ଣ ବହୁପତ୍ନୀକ ବୋଲି ବର୍ଣ୍ଣନା କରାଯାଇଛି। ବିଷ୍ଣୁ ପୁରାଣ ଅନୁସାରେ କୃଷ୍ଣଙ୍କର ୩ ଜଣ ପତ୍ନୀ ଥିଲେ- ରୁକ୍ମିଣୀ, ଜାମ୍ବବତୀ ଓ ସତ୍ୟଭାମା। ଭାଲୁକ ପତ୍ନୀ ଜାମ୍ବବତୀ ଓ ଯାଦବ କନ୍ୟା ସତ୍ୟଭାମାଙ୍କ ସହିତ କୃଷ୍ଣଙ୍କର ପରିଣୟ ଏକ କାଳ୍ପନିକ ବ୍ୟାଖ୍ୟା। ପୌରାଣିକମାନେ କୃଷ୍ଣଙ୍କର କାଳିନ୍ଦୀ, ସତ୍ୟା, ଲକ୍ଷ୍ମଣା, ମିତ୍ରବୃନ୍ଦା ଓ ଭଦ୍ରା ଆଦି ମହିଳାମାନଙ୍କ ସହିତ ବିବାହ ହୋଇଥିଲା ବୋଲି ବର୍ଣ୍ଣନା କରିଛନ୍ତି। ଏହି ତଥ୍ୟ ଅପ୍ରମାଣିତ, ଯୁକ୍ତିହୀନ ଓ ଅମୂଳକ। ପଦ୍ମପୁରାଣରେ କୃଷ୍ଣଙ୍କର ଷୋଡ଼ ସହସ୍ର ନାରୀ ଥିଲେ ବୋଲି ବର୍ଣ୍ଣନା କରାଯାଇଛି। ବ୍ରହ୍ମବୈବର୍ତ୍ତ ପୁରାଣରେ ଦର୍ଶାଯାଇଛି ଯେ ଶ୍ରୀକୃଷ୍ଣଙ୍କ ଆଜ୍ଞାରେ ତିରିଶ କୋଟି ଗୋପୀ ଗୋଲକ ଧମାରୁ ଆସି ଧରାପୃଷ୍ଠରେ ଜନ୍ମଗ୍ରହଣ କରିଥିଲେ। କୃଷ୍ଣ ଏକାଧିକ ପୁରୁଷ ହୋଇ ଏହି ନାରୀମାନଙ୍କୁ ରମଣ କରୁଥିଲେ। ଷୋଡ଼ଶ ଶତାବ୍ଦୀରେ ରଚିତ ବ୍ରହ୍ମବୈବର୍ତ୍ତ ପୁରାଣରେ କୃଷ୍ଣଙ୍କ ଚରିତ୍ରକୁ କଳଙ୍କିତ କରି କୁହାଯାଇଛି,

## ଜନ୍ମାଷ୍ଟମୀ ଉପଲକ୍ଷେ

ରାଧାଙ୍କ ବ୍ୟତୀତ ଗଙ୍ଗା ଓ ବିରଜା ଆଦି ନାରୀମାନଙ୍କ ସହ କୃଷ୍ଣଙ୍କର ପ୍ରେମ ସମ୍ପର୍କ ଥିଲା। ସେଥିପାଇଁ ରାଧା କୃଷ୍ଣଙ୍କୁ ଧୂର୍ତ୍ତ, ରତିଚୋର ଓ ଲମ୍ପଟ ଆଦି ଅପଶବ୍ଦରେ ଭର୍ତ୍ସନା କରୁଥିଲେ। ଷୋହଳ ଶତାବ୍ଦୀରେ ନବାବ ଓ ରାଜା ମହାରାଜାମାନେ କାମୁକ ଓ ଲମ୍ପଟ ଥିଲେ। ତାହାକୁ ଆଦର୍ଶ କରି ତତ୍କାଳୀନ ପୁରାଣକର୍ତ୍ତାମାନେ ନିଜର କାମନା ରଚିତ ବିକାରଗ୍ରସ୍ତ ମନରୁ କୃଷ୍ଣଙ୍କ ଚରିତ୍ରକୁ ଏପରି ଭାବରେ ବର୍ଣ୍ଣନା କରିଛନ୍ତି। ଏପରିକି ପୁରାଣର କୁପ୍ରଭାବ ଦ୍ୱାରା ଜୟଦେବ, ବିଦ୍ୟାପତି ଓ ଚଣ୍ଡିଦାସ ପ୍ରମୁଖ ଶୃଙ୍ଗାର କବିମାନେ ନିଜ ନିଜର ରଚନା ମାଧ୍ୟମରେ ଯୋଗେଶ୍ୱର କୃଷ୍ଣଙ୍କର ଚରିତ୍ରକୁ ଭକ୍ତମାନଙ୍କ ସମ୍ମୁଖରେ ନିକୃଷ୍ଟ ଭାବରେ ପ୍ରତିପାଦନ କରିଛନ୍ତି। ବିଷ୍ଣୁ ପୁରାଣ ଅନୁସାରେ କୃଷ୍ଣଙ୍କର ସମସ୍ତ ପତ୍ନୀଙ୍କଠାରୁ ଜନ୍ମିତ ସନ୍ତାନମାନଙ୍କର ସଂଖ୍ୟା ଥିଲା ମୋଟ୍ ଏକଲକ୍ଷ ଅଶୀ ହଜାର। ପୁରାଣରେ ବର୍ଣ୍ଣିତ ଅଛି ଯେ କୃଷ୍ଣ ୧୨୫ ବର୍ଷ ବଞ୍ଚିଥିଲେ। ହିସାବ ଅନୁସାରେ ସେ ବର୍ଷକୁ ୧୪୪୦ ବା ଦିନକୁ ୪ ଗୋଟି ସନ୍ତାନର ଜନକ ହେଉଥିଲେ। ପୁରାଣରେ ଏହି ପ୍ରକାର ବର୍ଣ୍ଣନା ହାସ୍ୟାସ୍ପଦ ଓ ଅମୂଳକ।

ମିଶ୍ରିତ ମହାଭାରତ କାବ୍ୟରେ ଦ୍ରୌପଦୀଙ୍କ ବସ୍ତ୍ରହରଣ ଯେପରି କପୋଳକଳ୍ପିତ ଠିକ୍ ସେହିପରି ପୁରାଣ ବର୍ଣ୍ଣିତ ଶ୍ରୀକୃଷ୍ଣଙ୍କ ଦ୍ୱାରା ଗୋପ କନ୍ୟାଙ୍କର ଚିତ୍ତହରଣ ଉପାଖ୍ୟାନ ସମ୍ପୂର୍ଣ୍ଣ ମିଥ୍ୟା ଓ କାଳ୍ପନିକ। କୃଷ୍ଣ ଥିଲେ ଦ୍ୱାପରଯୁଗର ଜଣେ ଆଦର୍ଶ ଓ ନୀତିବାନ୍ ପୁରୁଷ। ମନୁଷ୍ୟଠାରେ କୌଣସି ଅଲୌକିକ ଶକ୍ତି ନ ଥାଏ। ତେଣୁ ମିଶ୍ରିତ ମହାଭାରତ ଓ ପୁରାଣରେ କୃଷ୍ଣଙ୍କର ଯେଉଁ ଅଲୌକିକ ଶକ୍ତି ସମ୍ବନ୍ଧର ବର୍ଣ୍ଣନା କରାଯାଇଛି ତାହା ଅମୂଳକ ଓ ପ୍ରକ୍ଷିପ୍ତ। ଉଭୟ ଶ୍ରୀକୃଷ୍ଣ ଓ ଯୁଧିଷ୍ଠିର ଥିଲେ ସତ୍ୟବାଦୀ। 'ଅଶ୍ୱତ୍ଥମା ହତ ଇତି ଗଜଃ'- ଏହି କଥାଟି ମୂଳ ମହାଭାରତରେ ନାହିଁ। ଏହି ଘଟଣା ଦ୍ୱାରା ପ୍ରକ୍ଷିପ୍ତକାରୀମାନେ କୃଷ୍ଣ ଓ ଯୁଧିଷ୍ଠିରଙ୍କୁ ମିଥ୍ୟାବାଦୀ ବୋଲି ଅଭିହିତ କରିଛନ୍ତି। ଉକ୍ତ ଘଟଣା ସମ୍ପୂର୍ଣ୍ଣ ମିଥ୍ୟା। କୃଷ୍ଣ ଈଶ୍ୱରଙ୍କ ଅବତାର ଏହା ଅବୈଜ୍ଞାନିକ। ବେଦ କହେ, ଈଶ୍ୱର ହେଉଛନ୍ତି ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ସ୍ରଷ୍ଟା ଓ ନିୟନ୍ତା। ତାଙ୍କ ଦ୍ୱାରା ସଂସ୍ଥାପିତ ନିୟମରେ ସମଗ୍ର ଜଗତ କ୍ରିୟାଶୀଳ। ସ୍ୱୟଂ ଈଶ୍ୱର ଏହି ସ୍ୱୟଂଚାଳିତ ପ୍ରକ୍ରିୟାରେ ହସ୍ତକ୍ଷେପ କରନ୍ତି ନାହିଁ। ସୁତରାଂ ସର୍ବବ୍ୟାପୀ, ନିରାକାର ପରମାତ୍ମା ମାନବ ଦେହ ଧାରଣକରି ଭୂମଣ୍ଡଳରେ ଅବତୀର୍ଣ୍ଣ ହେବା ବେଦ ବିରୁଦ୍ଧ।

ସାଧାରଣ ମନୁଷ୍ୟ ରାଜସିକ ଗୁଣର ଅଧିକାରୀ ହୋଇଥିବାରୁ ଅଲୌକିକ ଓ ଆବେଗଭରା ଘଟଣାଗୁଡ଼ିକ ପ୍ରତି ଆକର୍ଷିତ ହୋଇଥାଏ। ଏହିପରି ଅନେକ ଘଟଣା ଦୈନିକ ଖବରକାଗଜ ଓ ସିନେମାରେ ଦେଖିବାକୁ ମିଳିଥାଏ। ପାଠକଗଣଙ୍କୁ ଆକର୍ଷିତ କରିବା ପାଇଁ ଲେଖକମାନେ ମୂଳ ରଚନାରେ ଅନେକ ଅତିରଞ୍ଜିତ ତଥ୍ୟ ମିଶ୍ରଣ କରିଥାନ୍ତି ଯାହା ଆଧୁନିକ ମହାଭାରତ ଓ ପୁରାଣଗୁଡ଼ିକରେ କୃଷ୍ଣଙ୍କ ଚରିତ୍ର ସମ୍ବନ୍ଧରେ ଦୃଶ୍ୟମାନ ହୋଇଥାଏ। ମୌଳ ଶାସ୍ତ୍ରଗୁଡ଼ିକରେ ଭୀଷ୍ମ, ଦ୍ରୋଣ, ବ୍ୟାସ, ଯୁଧିଷ୍ଠିର, ସଞ୍ଜୟ ଓ ବିଦୁର ପ୍ରମୁଖ ସମକାଳୀନ ମହାତ୍ମାମାନଙ୍କ ଦ୍ୱାରା କୃଷ୍ଣଙ୍କ ଆଦର୍ଶ ବ୍ୟକ୍ତିତ୍ୱ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଥିବା ବେଳେ ବିଭିନ୍ନ ପୁରାଣର ରଚୟିତାମାନେ କୃଷ୍ଣଙ୍କ ଚରିତ୍ରକୁ ବିକୃତ ଭାବରେ ପ୍ରତିପାଦନ କରିଛନ୍ତି। ମୂଳଶାସ୍ତ୍ରକୁ ଅଧ୍ୟୟନକଲେ ପୁରାଣର ଲେଖାଗୁଡ଼ିକ ଆମ ମାଆର ବୁଢ଼ୀ ଅସୁରୁଣୀ ଗପ ଭଳି ପ୍ରତୀୟମାନ ହୁଏ। ପାଠକଗଣ ସଦ୍‌ଗ୍ରନ୍ଥ ଅଧ୍ୟୟନ ଦ୍ୱାରା ପ୍ରକୃତ ତଥ୍ୟର ଆବିଷ୍କାର ପାଇଁ ଚେଷ୍ଟିତ ହେବା ଦରକାର। ବର୍ତ୍ତମାନର ସରକାର ଏହିସବୁ ମନଗଢ଼ା କାଳ୍ପନିକ ଅନୈତିକ ଓ ମିଶ୍ରିତ ତଥ୍ୟଗୁଡ଼ିକର ସଂଶୋଧନ ପାଇଁ ପ୍ରଚେଷ୍ଟା କରୁଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ବୈଦିକ ସାହିତ୍ୟର ପ୍ରକୃତ ତଥ୍ୟ ଉନ୍ମୋଚନ ହୋଇପାରିବ।

ମୋ: ୭୮୪୮୮୫୦୯୫୦

## ଏଇ ଭାରତରେ

ଲୋକଙ୍କ ମନୋରଞ୍ଜନ ପାଇଁ ସିନେମା ହଲ୍‌କୁ ଆକର୍ଷଣୀୟ କରିବାକୁ ସମସ୍ତେ ଚେଷ୍ଟା କରିଥାନ୍ତି। ସେଥିପାଇଁ ବିଭିନ୍ନ ପ୍ରକାରର ଆଧୁନିକ ସୁବିଧାସୁଯୋଗ କରାଯାଇଥାଏ। କିନ୍ତୁ ପ୍ରଥମ ଥର ପାଇଁ ଭାରତରେ ପାହାଡ଼ ଉପରେ ଏମିତି ଏକ ସିନେମା ହଲ୍ ତିଆରି ହୋଇଛି, ଯାହାକି ବିଶ୍ୱର ସବୁଠୁ ଉଚ୍ଚସ୍ଥାନରେ ଥିବା ଜଣାପଡିଛି। ଲଦାଖର ଲେହରେ ସମୁଦ୍ର ପତ୍ତନଠାରୁ ୧୧,୫୬୨ ଫୁଟ୍ ଉଚ୍ଚରେ ଏହି ସିନେମା ହଲ୍ ତିଆରି କରାଯାଇଛି। ଅବଶ୍ୟ ଏହା ଛୋଟ, ଯେଉଁଥିରେ ମାତ୍ର ୭୫ ଜଣ ଦର୍ଶକଙ୍କ ପାଇଁ ବସିବାର ସୁବିଧା ରହିଛି। କିନ୍ତୁ ଏକ ସୁନ୍ଦର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନରେ ଏହି ସିନେମା ହଲ୍‌ଟି ହୋଇଥିବାରୁ ଏହାର ଆକର୍ଷଣ ବହୁତ ଅଧିକ ରହିଛି। ନ୍ୟାଶନାଲ୍ ସ୍କୁଲ ଅଫ୍ ଡ୍ରାମା ପକ୍ଷରୁ ଏଭଳି ଏକ ସ୍ଥାନରେ ମୋବାଇଲ୍ ସିନେମା ହଲ୍ ତିଆରି ପାଇଁ ପ୍ରଥମେ ପ୍ରୟାସ ଆରମ୍ଭ ହୋଇଥିଲା। ଏବେ ଏଠାରେ ସିନେମା ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଢେର୍ ଆକର୍ଷଣ ଦେଖିବାକୁ ମିଳୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ଅଗଷ୍ଟ ୧୯୯୬

- ରୁଷିଆର ଏକ ଯାତ୍ରୀବାହୀ ବିମାନ ନରୱେର ଆର୍କଟିକ ଦ୍ୱୀପପୁଞ୍ଜ ସ୍ପିଜ୍‌ବର୍ଜନ ଉପରେ ଦୁର୍ଘଟଣାଗ୍ରସ୍ତ ହୋଇ ଖସିପଡ଼ିବା ଫଳରେ ୧୪୧ ଜଣ ଯାତ୍ରୀ ଓ ବିମାନ କର୍ମଚାରୀମାନେ ପ୍ରାଣ ହରାଇଛନ୍ତି।
- ଉତ୍ତର କେନ୍ଦ୍ରୀୟ ଗୋଲୋନାରୁୱା ଜିଲାର ଏକ ପୋଲିସ ପୋଷ୍ଟ ଉପରେ ଏଲ୍‌ଟିଟିଇ ଗେରିଲାଙ୍କ ଅତର୍କିତ ଆକ୍ରମଣରେ ୨୦ ପୋଲିସ କର୍ମଚାରୀ ସମେତ ୨୬ ନିହତ।
- ସୁପ୍ରିମ୍‌କୋର୍ଟଙ୍କ ଆଦେଶ ଅନୁଯାୟୀ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓଙ୍କୁ ସମନ ଜାରି କରାଯାଇଥିବା ଲାଖୁଭାଇ ପାଠକ ମାମଲାକୁ ଚିଫ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟଙ୍କ କୋର୍ଟରୁ ଏକ ସ୍ୱତନ୍ତ୍ର କୋର୍ଟକୁ ସ୍ଥାନାନ୍ତରିତ କରାଇଛନ୍ତି।

## ଚିରନ୍ତନୀ

''କିଏ ପଥ କିଏ ତୋର
ବିପଥ ନାହିଁଟି ଏଥି ଜଣା
ହୁଡି ନାହିଁ ଜୀବନରେ
କହ କିଏ ନୋହେ ବାଟବଣା ? -(ମହାଦୀପ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 8 | | 6 | 4 | | 1 | |
| | | | 3 | | | | | |
| | 4 | 2 | | 1 | | | | 5 |
| 6 | | | 9 | | | 7 | | |
| | 2 | | 8 | | | | | |
| | 9 | | | 7 | | 1 | 3 | |
| | 8 | 4 | | 9 | | | 7 | |
| | | 6 | | | | | 4 | |
| | 7 | | | | | | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 9 | 5 | 1 | 2 | 3 | 6 | 4 |
| 6 | 1 | 4 | 3 | 8 | 9 | 5 | 7 | 2 |
| 2 | 5 | 3 | 7 | 4 | 6 | 1 | 9 | 8 |
| 3 | 6 | 2 | 1 | 5 | 8 | 9 | 4 | 7 |
| 8 | 7 | 1 | 9 | 6 | 4 | 2 | 3 | 5 |
| 4 | 9 | 5 | 2 | 7 | 3 | 6 | 8 | 1 |
| 1 | 4 | 7 | 6 | 9 | 5 | 8 | 2 | 3 |
| 9 | 3 | 8 | 4 | 2 | 1 | 7 | 5 | 6 |
| 5 | 2 | 6 | 8 | 3 | 7 | 4 | 1 | 9 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ମାନ୍ଦାବସ୍ଥା ବଦଳିବ କେବେ

ମହାଶୟ,

ଦେଶର ଜନସାଧାରଣଙ୍କ ଏକ ମହତ୍ ଆଶା ଥିଲା ମୋଦିଙ୍କ ଶାସନ କାଳରେ ଦେଶର ସୁଖ ସମୃଦ୍ଧି ବୃଦ୍ଧିପାଇବ। କିନ୍ତୁ ଅଚାନକ ବିମୁଦ୍ରୀକରଣ ଏବଂ ଜିଏସ୍‌ଟି ଭଳି କେତେକ ପ୍ରଶାସନିକ ଭୁଲ୍ ନିଷ୍ପତ୍ତି ଯୋଗୁ ଦେଶର ଆର୍ଥିକ ବିକାଶର ଧାରା କ୍ରମଶଃ ନିମ୍ନଗାମୀ ହେବାକୁ ଲାଗିଛି। କୃଷି ଆଇନ କୃଷକମାନଙ୍କୁ ଦୁଃଖ ଦେଇଛି। ଇନ୍ଧନ, ରନ୍ଧନ ଗ୍ୟାସ ତଥା ଅନ୍ୟାନ୍ୟ ସମସ୍ତ ଖାଉଟି ଦ୍ରବ୍ୟର ଆକାଶଛୁଆଁ ଦରବୃଦ୍ଧି ଲୋକଙ୍କୁ ଅତିଷ୍ଠ କରୁଛି। ନିଯୁକ୍ତି ଅଭାବରୁ ଯୁବଗୋଷ୍ଠୀ ବିଦେଶ ମୁହାଁ। ବେକାରି ବଢ଼ିଚାଲିଛି। ଦକ୍ଷିଣକୋରିଆ, ମାଲେସିଆ ଏବଂ ଶ୍ରୀଲଙ୍କା ଭଳି କେତେକ କ୍ଷୁଦ୍ର ଦେଶ ତୁଳନାରେ ଆମ ବିକାଶର ହାର ନିମ୍ନ। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଏବଂ ସରକାରୀ ସମ୍ପତ୍ତି ବିକ୍ରି କରି ଅର୍ଥ ଯୋଗାଡ କରିବା ଦ୍ୱାରା ଆର୍ଥିକ ବିକାଶ ସମ୍ଭବ ନୁହେଁ। ବିଶେଷଜ୍ଞ ଏବଂ ଅନୁଭୂତିସମ୍ପନ୍ନ ବ୍ୟକ୍ତିଙ୍କୁ ସାମିଲ କରି ଦେଶର ଅର୍ଥନୀତିକୁ ସୁଧାରିବା ଦିଗରେ ସରକାର ପଦକ୍ଷେପ ନେବା ଆବଶ୍ୟକ।

-ଲକ୍ଷ୍ମୀଧର ଦାସ, ବିଜୟମଣ୍ଡପ ସାହି, ଓଡ଼ଗାଁ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସହର ଛାଡ଼ିଲେ ମହୀଶୂର ଗଣବଳାତ୍କାର ପୀଡ଼ିତା

କର୍ଣାଟକର ମହୀଶୂର ଉପକଣ୍ଠ ଚାମୁଣ୍ଡି ପାହାଡ଼ ନିକଟରେ ଗଣବଳାତ୍କାରର ଶିକାର ହୋଇଥିବା ମହାରାଷ୍ଟ୍ରର ୨୩ ବର୍ଷୀୟା ଏମ୍‌ବିଏ ଛାତ୍ରୀ ପୋଲିସ ନିକଟରେ ନିଜ ବୟାନ ରେକର୍ଡ ନ କରାଇ ପରିବାର ସହ ସହର ଛାଡ଼ିଛନ୍ତି। ପୀଡ଼ିତା ବୟାନ ନ ଦେଲେ ୫ ଅଭିଯୁକ୍ତଙ୍କ ବିରୋଧରେ ମାମଲା ଦୁର୍ବଳ ହେବ। ଗଣବଳାତ୍କାର ପରେ ଛାତ୍ରୀ ଜଣକ ମାନସିକ ଆଘାତ ପାଇଥିବାରୁ ପୋଲିସ ତାଙ୍କ ବୟାନ ରେକର୍ଡ କରିପାରି ନ ଥିବା କର୍ଣାଟକ ସରକାର କହିଥିଲେ। ଅନ୍ୟପକ୍ଷରେ ପୀଡ଼ିତା ବୟାନ ରେକର୍ଡ କରାଇବାକୁ ଚାହୁଁ ନ ଥିଲେ ବୋଲି ପୋଲିସ କହିଛି।

### ଆଜି କ'ଣ କେଉଁଠି

ଭୁବନେଶ୍ୱର

- ବିପ୍ଳବୀ ସଙ୍ଗଠନ ପକ୍ଷରୁ ବିକ୍ଷୋଭ, ମାଷ୍ଟରକ୍ୟାଣ୍ଟିନ ଛକ, ପୂର୍ବାହ୍ନ ୧୧ଟା।
- ନିରଞ୍ଜନ ସେଠୀଙ୍କ ରଚିତ ଭକ୍ତି ସଙ୍ଗୀତ ଓ ଆଧୁନିକ ସଙ୍ଗୀତର ଶୁଭ ଲୋକାର୍ପଣ ଉତ୍ସବ, ଭାରତୀୟ ବିଦ୍ୟାଭବନ, ଅପରାହ୍ନ ୪ଟା।
- ସ୍ନେକ ହେଲ୍ପ ଲାଇନ ମୋବାଇଲ ଆପ ଏବଂ ନୂତନ ୱେବସାଇଟ ଉନ୍ମୋଚନ,ବୋର୍ଡ ରୁମ୍, ଆଡମିନିଷ୍ଟ୍ରେଟିଭ ବ୍ଲକ ଏମ୍‌ସ, ଅପରାହ୍ନ ୪ଟା।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ଓ ଏକାଡେମୀ ପୁରସ୍କାର ପ୍ରଦାନ ଉତ୍ସବ,ରବୀନ୍ଦ୍ର ମଣ୍ଡପ, ଅପରାହ୍ନ ୪ଟା ୩୦।

### ସଂକ୍ଷେପରେ

## ମହାପ୍ରଭୁଙ୍କୁ ଲାଗିହେଲା ଜେଉଟ ଭୋଗ

### ଆଜି ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ

**ପୁରୀ ଅଫିସ, ୨୯।୮:** ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ତିଥି ସୋମବାରରେ ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ ନୀତି ହେବ। ଏଥିପାଇଁ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଦର୍ଶନ ବନ୍ଦ ରହିବ। ଅନ୍ୟପକ୍ଷରେ ଜନ୍ମାଷ୍ଟମୀ ନୀତି ପୂର୍ବରୁ ରବିବାର ମହାପ୍ରଭୁଙ୍କୁ ଜେଉଟ ଭୋଗ ଲାଗିହେବା ସହ ଗର୍ଭ ଉଦକ ବନ୍ଦାପନା ନୀତି ସମ୍ପନ୍ନ ହୋଇଛି। ଶ୍ରୀବିଗ୍ରହମାନଙ୍କ ସନ୍ଧ୍ୟା ଆଳତି ବେଶରେ ୬ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ପରେ ଟେରା ବନ୍ଧା ହୋଇ ରୋଷରେ ସନ୍ଧ୍ୟାଧୂପ ଛେକରେ ଛାମୁକୁ ଆସିଥିଲା। ସନ୍ଧ୍ୟାଧୂପ ପୂଜା ପରେ ଭିତରେ ପାଣି ପଡ଼ି ଧୋପଖାଳ ହୋଇ ଜୟବିଜୟ ଦ୍ୱାର ବନ୍ଦ କରାଯାଇ ଟେରା ବନ୍ଧା ହୋଇଥିଲା। ଜେଉଟ ଭୋଗ (ଶାଗ, ତରକାରି, ପିଠା, ଝିଲି, ଓରିଆ, ଖିରି ଆଦି) ରୋଷରୁ ଆସି ଅଣସର ପିଣ୍ଡିରେ ରଖାଯାଇଥିଲା। ମୁଦିରସ୍ତ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ପ୍ରସାଦ ଲାଗି କରିବା ପରେ ୩ଜଣ ପୂଜାପଣ୍ଡା ସାମନ୍ତ ପଞ୍ଚପଚାରରେ ପୂଜା ଓ ଭୋଗ ଲାଗି କରିଥିଲେ। ଧୋପଖାଳ ପରେ ତିନିବାଡ଼ରେ ପାଳିଆ ପଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ବନ୍ଦାପନା କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଗୋଟିଏ ଅଧିକ ବନ୍ଦାପନା ହୋଇଥିଲା। ଏହି ବନ୍ଦାପନାକୁ ଗର୍ଭଉଦକ ବନ୍ଦାପନା କୁହାଯାଏ। ଏହାପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କହିଛନ୍ତି, ଗର୍ଭବତୀ ନାରୀମାନେ ସୁଖ ପ୍ରସବ ଲାଗି ଜେଉଟ ଫଳ ଖାଇଥାନ୍ତି। ଜନ୍ମାଷ୍ଟମୀ ପୂର୍ବଦିନ ଶ୍ରୀଜଗନ୍ନାଥ ଦେବକୀ ରୂପ ଧାରଣ କରି ଜେଉଟ ଭୋଗ ଖାଇଥାନ୍ତି। ତାଙ୍କ ଗର୍ଭରେ ଶ୍ରୀକୃଷ୍ଣ ରହିଥିବାରୁ ତାଙ୍କ ବାଡ଼ରେ ଅଧିକ ଗୋଟିଏ ବନ୍ଦାପନା କରାଯାଏ। ଲୀଳାମୟ ଠାକୁରଙ୍କ ଅବତାରରୁ ଶ୍ରୀକୃଷ୍ଣ ଜନ୍ମ ହୋଇଥିଲେ।

## ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

**ବ୍ରହ୍ମଗିରି, ୨୯।୮ (ଡି.ଏନ୍.ଏ.):** ବ୍ରହ୍ମଗିରି ଥାନା ଅଞ୍ଚଳରୁ ରବିବାର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ସୂଚନା ମୁତାବକ, ଛାତ୍ରୀ ଜଣକ ଅପରାହ୍ନରେ ତାଙ୍କ ବାପାଙ୍କ ସହିତ ଦୁଇଟି ସାଇକେଲରେ ବ୍ରହ୍ମଗିରି ବଜାରକୁ ଆସୁଥିବା ବେଳେ ହାଣ୍ଡିଆଳି ଛକ ନିକଟରେ ତାଙ୍କ ବାପାଙ୍କ ସାଇକେଲରୁ ଚେନ ଖସି ଯାଇଥିଲା। ବାପା ସାଇକେଲରେ ଚେନ ଲଗାଉଥିବା ସମୟରେ ଛାତ୍ରୀଜଣଙ୍କ କିଛି ଦୂରକୁ ପଳାଇ ଆସିଥିଲେ। ଏହି ସମୟରେ ଦୁଇଜଣ ଯୁବକ ବାଇକରେ ଆସି ତାଙ୍କୁ ଅପହରଣ କରିନେଇଥିଲେ। ଏନେଇ ଛାତ୍ରୀଙ୍କ ବାପା ବ୍ରହ୍ମଗିରି ଥାନାରେ ଅଭିଯୋଗ କରିଛନ୍ତି। ରିପୋର୍ଟ ଲେଖାହେବା ବେଳକୁ ଏନେଇ କୌଣସି ମାମଲା ରୁଜୁ ହୋଇ ନ ଥିବା ବେଳେ ପୋଲିସ ଘଟଣା ସମ୍ପର୍କରେ ଅନୁଧ୍ୟାନ କରୁଥିବା ଜଣାପଡିଛି।

# ଗୁରୁଜୀଙ୍କ ନାଁରେ ଅଭିଯୋଗ ଲମ୍ବୁଛି

### ପଦାକୁ ଆସୁଛି ମାନବବାଦ ସଙ୍ଗଠନର କଳାକାରନାମା

**ଖୋର୍ଦ୍ଧା ଅଫିସ, ୨୯।୮**

ମାନବବାଦ ସଙ୍ଗଠନ ନାଁରେ ତାଲିବାନୀ ଶାସନ ଚଳାଇଥିବା ତଥାକଥିତ ଗୁରୁଜୀ ମାନସ ଦାସଙ୍କ ବିରୋଧରେ ଅଭିଯୋଗର ଫର୍ଦ୍ଦ ଲମ୍ବିବାରେ ଲାଗିଛି। ମାନସଙ୍କ ବିରୋଧରେ ଜଣକ ପରେ ଜଣେ ମୁହଁ ଖୋଲିବା ଆରମ୍ଭ କରିଛନ୍ତି। କଡ଼ବ ଗ୍ରାମର ମାଗୁଣି ନାୟକ ଓ ତାଙ୍କ ପୁଅ ଆନନ୍ଦଙ୍କୁ ବନ୍ଦ କୋଠରିରେ ମାଡ଼ ମରାଯିବା ଘଟଣାର ଭିଡିଓ ଭାଇରାଲ ପରେ ଏଭଳି ଘଟଣା ଲୋକଲୋଚନକୁ ଆସିଛି। ଏ ନେଇ ମାଗୁଣି ଶୁକ୍ରବାର ବେଗୁନିଆ ଥାନାରେ ଲିଖିତ ଅଭିଯୋଗ କରିଥିବାବେଳେ ରବିବାର ତାଙ୍କ ପୁଅ ଆନନ୍ଦ ଥାନାରେ ମାନସ ଓ ତାଙ୍କ ପୁଅ ମନୋରଞ୍ଜନଙ୍କ ନାମରେ ଏତଲା ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବାକୁ ସେ ଦାବି କରିଛନ୍ତି।

ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ଜୁଲାଇ ୨୫ତାରିଖ ପୂର୍ବାହ୍ନ ୧୦ଟାରେ ଅଭିମାନପୁର ଗ୍ରାମର ସ୍ୱପ୍ନେଶ୍ୱର ନାୟକ, ତାଳଡୁମ୍ବ ଗ୍ରାମର ମୀନକେତନ ନାୟକ, କରଡ଼ ଗାଡିଆର ଗୁଲୁ ବେହେରା, ହଳଦୀପଦାର ବିଜୟ ନାୟକ ପ୍ରମୁଖ ଆନନ୍ଦଙ୍କ ଘରକୁ ଆସିଥିଲେ। ବୈଠକ ଅଛି, ଗୁରୁଜୀ (ମାନସ ଦାସ) ତାଙ୍କୁ ଓ ତାଙ୍କ ବାପା ମାଗୁଣିଙ୍କୁ ଡାକୁଛନ୍ତି ବୋଲି କହିଥିଲେ। ଆନନ୍ଦ ଓ ମାଗୁଣି କରଡ଼ଗାଡ଼ିଆରେ ପହଞ୍ଚିଥିଲେ। ସେଠାରେ ପୂର୍ବରୁ ମାନସ, ତାଙ୍କ ପୁଅ ମନୋରଞ୍ଜନ, ନିମାପଡ଼ାର ବାଲାଜୀ ନାୟକ, ଶ୍ୟାମଘନ ନାୟକ, ବୈକୁଣ୍ଠ ନାୟକ, କରଡ଼ଗାଡିଆର ଭୋଲା ନାୟକ, ରଘୁ ନାୟକ, ଦିଲୀପ ନାୟକ, ନିରୁ ନାୟକ, ଯୋଗେଶ ନାୟକ ଏବଂ ଅନୁଗୋଳ ଜିଲା ତାଳଚେରର ସଦାନନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେଠାରେ ମାଗୁଣି ଓ ଆନନ୍ଦ ପହଞ୍ଚିବା ପରେ ସେମାନେ ଉଭୟଙ୍କ ଦେହରୁ ଜାମା ଖୋଲିଦେଇ ଆଣ୍ଠେଇ ଦେଇଥିଲେ। କାହିଁକି ସଙ୍ଗଠନକୁ ଆସୁନାହଁ ପଚାରି ମାଡ଼ ମାରିବା ପରେ ଏକ କୋଠଘରକୁ ନେଇଯାଇ ଲାଠି, ରଡ୍‌ରେ ନିସ୍ତୁକ ପିଟିଥିଲେ। ବାପ ପୁଅ ଦୁହେଁ ରକ୍ତାକ୍ତ ଅବସ୍ଥାରେ ପଡ଼ିରହି ପାଣି ପାଇଁ ତହଳବିକଳ ହେଉଥିଲେ ମଧ୍ୟ କେହି ଶୁଣି ନ ଥିଲେ। ଫଳରେ ଉଭୟ ଚେତାଶୂନ୍ୟ ହୋଇପଡ଼ିଥିଲେ। ଆନନ୍ଦ ଓ ମାଗୁଣି ମରିଯାଇଥିବା ଭାବି ସେମାନେ ଛାଡ଼ି ଚାଲିଯାଇଥିଲେ। ପରଦିନ ଉଭୟଙ୍କ ଚେତା ଫେରିବା ପରେ କୌଶଳ କ୍ରମେ ଖସି ଆସିଥିଲେ। ତେବେ ଅଭିଯୋଗ ନେଇ ଏପର୍ଯ୍ୟନ୍ତ ଥାନାରେ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି। ଏପର୍ଯ୍ୟନ୍ତ ତାଙ୍କ ଶରୀରରେ ସେଦିନର ମାଡ଼ର ଦାଗ ରହିଥିବା ଆନନ୍ଦ କହିଛନ୍ତି।

ସେହିପରି ଅଭିମାନପୁର ଗ୍ରାମର ବସନ୍ତ ନାୟକ ଅଭିଯୋଗ କରିଛନ୍ତି ଯେ, ତାଙ୍କ ଦାଦା ସତ୍ୟବାନ ନାୟକଙ୍କୁ ଅଗଷ୍ଟ ୨ତାରିଖରେ ମାନବବାଦ ସଙ୍ଗଠନର କେତେଜଣ କର୍ମକର୍ତ୍ତା ଘରୁ ଉଠାଇ ଆଣିଥିଲେ। ସଙ୍ଗଠନରେ କାହିଁକି କାମ କରୁନାହଁ ବୋଲି ପଚାରି କରଡ଼ଗାଡ଼ିଆରେ ଏକ ବନ୍ଦ କୋଠରିରେ ରାତିସାରା ମାଡ଼ ମାରିଥିଲେ। ପରେ ତାଙ୍କୁ ହତ୍ୟା କରି ନିକଟସ୍ଥ ଜଙ୍ଗଲରେ ମୃତଦେହକୁ ଜୁଇରେ ଶୁଆଇ ବସନ୍ତଙ୍କୁ ଡାକି ଜୋରଜବରଦସ୍ତ ଶବଦାହ କରାଇଥିଲେ। ସତ୍ୟବାନଙ୍କ ହୃଦ୍‌ଘାତରେ ମୃତ୍ୟୁ ହୋଇଛି ବୋଲି ସମସ୍ତଙ୍କୁ କହିବାକୁ ଧମକଚମକ ଦେଇଥିଲେ। ବସନ୍ତ ଏନେଇ ଥାନାରେ ଏତଲା ଦେଇଥିଲେ। ଉକ୍ତ ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରିଥିଲା। ସେତେବେଳେ ଏତଲାରେ ମାନସ ଓ ମନୋରଞ୍ଜନଙ୍କ ନାମ ଥିଲେ ମଧ୍ୟ ପୋଲିସ ଫେରାର ଦର୍ଶାଇଥିଲା।





ଆକ୍ରମଣର ଶିକାର ଆନନ୍ଦ ଥାନାରେ ଅଭିଯୋଗ କରୁଛନ୍ତି। ତାଙ୍କ ଶରୀରରେ ରହିଥିବା ମାଡ଼ ଚିହ୍ନ।

- ମାନସ, ପୁଅ ମନୋରଞ୍ଜନଙ୍କ ବିରୋଧରେ ଏତଲା
- କାର୍ଯ୍ୟାନୁଷ୍ଠାନ ନ ହେଲେ ଥାନା ଘେରାଉ

### ନିର୍ଯାତିତ ବାପ, ପୁଅଙ୍କୁ ପୁଣି ଧମକ

ଆନନ୍ଦ କହିଛନ୍ତି, ଏହି ଘଟଣା ପରେ ମାନସ ଧମକଚମକ ଦେଉଛନ୍ତି। ତୁମ ବାପ, ପୁଅଙ୍କ ନାମରେ ଥାନାରେ ଭଙ୍ଗାରୁଜା କେସ୍ ରହିଛି। ଭାଇରାଲ ଭିଡିଓ ନେଇ ମୋ' ବିରୋଧରେ ଅଭିଯୋଗ କଲେ ତୁମ ବିରୋଧରେ ପୁଣି ସେହି ଘଟଣାର ପୁନରାବୃତ୍ତି ଘଟିପାରେ ବୋଲି ଧମକ ଦେଇଥିବା ଆନନ୍ଦ ଗଣମାଧ୍ୟମ ଆଗରେ କହିଛନ୍ତି।

### କଠୋର କାର୍ଯ୍ୟାନୁଷ୍ଠାନ ହେଉ

ମାଗୁଣି କହିଛନ୍ତି, ମାନସଙ୍କ ଭୟରେ ମୋ' ଅଭିଯୋଗପତ୍ରରେ ତାଙ୍କ ନାଁ ଉଲ୍ଲେଖ କରି ନ ଥିଲି। ମାତ୍ର ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଚାହୁଁଛି। ମୋ ଭଳି ଅନେକ ନିରୀହ ଆଦିବାସୀ ତାଙ୍କ ନିର୍ଯାତନାର ଶିକାର ହୋଇଛନ୍ତି। ତାଙ୍କ ଦୌରାତ୍ମ୍ୟ ଏବଂ ଆତଙ୍କ ଆଗରେ କେହି ମୁହଁ ଖୋଲିବାକୁ ସାହସ କରୁନାହାନ୍ତି।

### ୧୦ ଲକ୍ଷ ଟଙ୍କା ନିଅ, ଚୁପ୍ ରୁହ

ବସନ୍ତ ଗଣମାଧ୍ୟମ ଆଗରେ କହିଛନ୍ତି, ଏହି ଘଟଣା ପରେ ମାନସ ଦାସ ତାଙ୍କୁ ଫୋନ କରି କହିଥିଲେ, ତୁମେ ପରିବାର ଧରି ଭୁବନେଶ୍ୱର ଆସ। ଘଟଣା ସମ୍ପର୍କରେ କାହାରିକୁ କୁହ ନାହିଁ, ମୁଁ ତୁମ ପରିବାରକୁ ୧୦ ଲକ୍ଷ ଟଙ୍କା ଦେବି। ଅନ୍ୟପକ୍ଷରେ ଏହି ଅଭିଯୋଗକୁ ମାନସ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ମୁଁ କାହାକୁ ଟଙ୍କା ଯାଚି ନାହିଁ କି ଉକ୍ତ ଘଟଣାରେ ମନୋରଞ୍ଜନଙ୍କ ସମ୍ପୃକ୍ତି ନାହିଁ। ନ୍ୟାୟ ତା' ବାଟରେ ଯିବ। ଯିଏ ଦୋଷୀ ସେ ଦଣ୍ଡ ପାଇବ।

### ମାନସଙ୍କ ପାଦସ୍ପର୍ଶ ଫଟୋ ଚର୍ଚ୍ଚାରେ

୨୦୧୯ ନିର୍ବାଚନ ପୂର୍ବରୁ ମାନସ ଦାସ ନିଜ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଥିଲେ। ପେସାରେ ସେ ଆଇନଜୀବୀ। ତାଙ୍କୁ ଗୁରୁଜୀ ଓ ଭାଇସାହେବ ବୋଲି ଲୋକେ ସମ୍ବୋଧନ କରନ୍ତି। ଲୋକେ ତାଙ୍କ ରାଲିରେ ଫୁଲ ପକାଉଥିବା ଓ ପାଦ ଛୁଇଁ ପ୍ରଣାମ କରୁଥିବା କେତେକ ଫଟୋରେ ଦେଖିବାକୁ ମିଳିଛି। ଅତୀତରେ ଏକ ସଭାରେ ଗୋଟିଏ ପ୍ରମୁଖ ରାଜନୈତିକ ଦଳର ଜଣେ ପୂର୍ବତନ ଏମ୍‌ପି ତାଙ୍କ ଗୁଣଗାନ କରୁଥିବା ବେଳେ ଜଣେ ବିଧାୟକ ତାଙ୍କ ପାଦ ଛୁଇଁ ପ୍ରଣାମ କରୁଥିବା ଭିଡିଓ ଭାଇରାଲ ହୋଇଛି।

### ରାଜନେତାଙ୍କ ଲିଙ୍କ୍, ପୋଲିସ ଡରୁଛି

ମାନସଙ୍କ ବିରୋଧରେ ହତ୍ୟା ଭଳି ସଙ୍ଗିନ ଅଭିଯୋଗ ଥିବା ସତ୍ତ୍ୱେ ପୋଲିସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଭୟ କରୁଛି। ଏପର୍ଯ୍ୟନ୍ତ ତାଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇନାହିଁ। ତାଙ୍କୁ ଗିରଫ କଲେ ଅନେକ ନେତାଙ୍କ ଗୁମର ଖୋଲିଯିବ। ରାଜନେତାଙ୍କ ଲିଙ୍କରେ ମାନସ ଥିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ପୋଲିସ ଡରୁଛି ବୋଲି ସାଧାରଣରେ ଆଲୋଚନା ହେଉଛି।

### ପରିବାରକୁ ଭେଟିଲେ ମାନବାଧିକାର କର୍ମୀ

ରବିବାର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା କଡ଼ବ ଗ୍ରାମରେ ପହଞ୍ଚି ପୀଡ଼ିତ ପରିବାରଙ୍କ ସହ ଆଲୋଚନା କରିଛନ୍ତି। କେନ୍ଦ୍ରୀୟ ମାନବ ଅଧିକାର ସଙ୍ଗଠନର ଖୋର୍ଦ୍ଧା ଜିଲା ସଭାପତି ସୁକାନ୍ତ ପରିଡ଼ା ଓ ବେଗୁନିଆସ୍ଥିତ ଜନକଲ୍ୟାଣ ପ୍ରତିଷ୍ଠାନର ସଭାପତି ଅକ୍ଷୟ ରଥ ମାଗୁଣିଙ୍କ ପରିବାରକୁ ଭେଟି ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ସଙ୍ଗଠନ ଆଳରେ ନିଜ ଆଧିପତ୍ୟ ବିସ୍ତାର ଲାଗି ଚକ୍ରାନ୍ତ ଚଳାଇଥିବା ମାନସ ଦାସଙ୍କୁ ଗିରଫ କରାଯିବାକୁ ଉକ୍ତ ସଙ୍ଗଠନର କର୍ମକର୍ତ୍ତା ଦ୍ୱୟ ଦାବି କରିଛନ୍ତି। ନଚେତ ଥାନା ଘେରାଉ କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ମାନସଙ୍କ ସଙ୍ଗଠନ ସମ୍ପର୍କରେ ପୋଲିସ ଓ ପ୍ରଶାସନ ଖୋଳତାଡ଼ କରାଯିବାକୁ ମଧ୍ୟ ଦାବି ଜୋର୍ ଧରିଲାଣି।



# ୩ ନୂଆ ରୁଟ୍‌ରେ ଚାଲିବ ମୋ ବସ୍

**ଭୁବନେଶ୍ୱର, ୨୯।୮**

ସେପ୍ଟେମ୍ବର ପହିଲାରୁ ରାଜଧାନୀରେ ତିନୋଟି ନୂଆ ରୁଟ୍‌ରେ 'ମୋ ବସ୍' ସେବା ଆରମ୍ଭ ହେବାକୁ ଯାଉଛି। ରୁଟ୍ ନଂ ୭୧ (ବରମୁଣ୍ଡାରୁ ରସୁଲଗଡ଼ ଦେଇ କୋଣାର୍କ), ରୁଟ୍ ନଂ ୩୫ (ମାଷ୍ଟର କ୍ୟାଣ୍ଟିନ୍‌ରୁ ଜୟଦେବ ପୀଠ) ଏବଂ ରୁଟ୍ ନଂ ୯ (ଆଚାର୍ଯ୍ୟ ବିହାରରୁ ନୀଳାଦ୍ରିବିହାର ଦେଇ ପଟିଆ)ରେ ମୋ ବସ୍ ସେବା ଉପଲବ୍ଧ ହେବ। କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ରବିବାର ଏହା ଘୋଷଣା କରାଯାଇଛି। ଆଚାର୍ଯ୍ୟ ବିହାରରୁ ପଟିଆ ରୁଟ୍‌ରେ ମୋ ବସ୍ ସେବା ପ୍ରମୁଖ ହସ୍ପିଟାଲଗୁଡ଼ିକୁ ସଂଯୋଗ କରିବ। ବିଭିନ୍ନ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ଚାହୁଁଥିବା ଲୋକମାନେ ଯେପରି ସୁବିଧାରେ ପହଞ୍ଚିପାରିବେ, ତାହାକୁ ଲକ୍ଷ୍ୟରେ ରଖି ୯ ନଂ ରୁଟ୍‌ରେ ଏହି ସେବା ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରତି ୩୦ ମିନିଟ ବ୍ୟବଧାନରେ ମୋ ବସ୍ ଉପଲବ୍ଧ ହେବ ବୋଲି କ୍ରୁଟ୍‌ର ଜଣେ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଯାତ୍ରୀ ହେଉ ନ ଥିବାରୁ ପହିଲାରୁ ରୁଟ୍ ନଂ ୫୧ (ବରମୁଣ୍ଡା ଆଇଏସ୍‌ବିଟିରୁ ପୁରୀ ବସ୍‌ଷ୍ଟାଣ୍ଡ)ରେ ମୋ ବସ୍ ଚଳାଚଳ ବନ୍ଦ ରହିବ। ସୂଚନାଯୋଗ୍ୟ ମହାମାରୀ ପୂର୍ବରୁ କ୍ରୁଟ୍‌ର ଦୈନିକ ଯାତ୍ରୀସଂଖ୍ୟା ସର୍ବାଧିକ ୧ ଲକ୍ଷରେ ପହଞ୍ଚିଥିବାବେଳେ ଏବେ ତାହା ୧୦ ହଜାର ତଳକୁ ଖସିଥିବା ଏକ ସୂତ୍ରରୁ ଜଣାପଡ଼ିଛି।





ଶ୍ରୀମନ୍ଦିର ସମ୍ମୁଖରେ ରବିବାର ନୃତ୍ୟଶିଳ୍ପୀମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ୩୧ରୁ କଂଗ୍ରେସର ୨ଦିନିଆ ପ୍ରଶିକ୍ଷଣ ଶିବିର

**ଭୁବନେଶ୍ୱର, ୨୯।୮ (ବ୍ୟୁରୋ)**

ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ରାଜ୍ୟ କଂଗ୍ରେସ ପ୍ରସ୍ତୁତି ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ୩୧ ତାରିଖ ମଙ୍ଗଳବାରଠାରୁ ଦୁଇଦିନିଆ ପ୍ରଶିକ୍ଷଣ ଶିବିର ରାଜ୍ୟ କଂଗ୍ରେସ ଭବନଠାରେ ଅନୁଷ୍ଠିତ ହେବାକୁ ଯାଉଛି। କାର୍ଯ୍ୟକ୍ରମକୁ ନିଖିଳ ଭାରତୀୟ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ, ଓଡିଶା କଂଗ୍ରେସ ପ୍ରଭାରୀ ତଥା ଏମ୍‌ପି ଡ.ଏ ଚେଲା କୁମାର ଉଦ୍‌ଘାଟନ କରିବେ ବୋଲି ଏକ ପ୍ରେସ ବିବୃତିରେ ଦଳ ପକ୍ଷରୁ ସୂଚନା ଦିଆଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏଥିରେ ପୌରୋହିତ୍ୟ କରିବେ। ପରିଚାଳନା ଦାୟିତ୍ୱରେ ରାଜ୍ୟ କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଓ ଚିରଞ୍ଜୀବ ବିଶ୍ୱାଳ ରହିବେ। ପ୍ରଥମ ଦିନର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସମସ୍ତ ଜିଲା କଂଗ୍ରେସ ସଭାପତି, ଜିଲା ପର୍ଯ୍ୟବେକ୍ଷକ, ରାଜ୍ୟ ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ସେବାଦଳ ଓ ମହିଳା କଂଗ୍ରେସର ମୁଖ୍ୟଙ୍କ ସହ ପ୍ରଦେଶ କଂଗ୍ରେସର ସମସ୍ତ ପ୍ରକୋଷ୍ଠ ଅଧ୍ୟକ୍ଷଙ୍କୁ ନିମନ୍ତ୍ରଣ କରାଯାଇଛି। ଦ୍ୱିତୀୟ ଦିନରେ ୨୦୧୯ ନିର୍ବାଚନରେ କଂଗ୍ରେସର ଲୋକ ସଭା ଓ ବିଧାନସଭା ପ୍ରାର୍ଥୀ ହୋଇଥିବା ନେତୃବୃନ୍ଦ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମର ୫ଟି ସଂପାନରେ ପ୍ରଫେସର ଦାସ ବେନହୁର, ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ଗଣେଶ୍ୱର ବେହେରା ଓ ବୁଦ୍ଧିଜୀବୀ ସୁଦର୍ଶନ ଦାସ ବକ୍ତବ୍ୟ ରଖିବେ।

## ନାଳକୁ ଖସିଲା କାର୍, ଦୁଇ ସାଙ୍ଗ ମୃତ

### ଶ୍ୱଶୁରଘରକୁ ଯିବାବେଳେ ଦୁର୍ଘଟଣା

**ସାକ୍ଷୀଗୋପାଳ, ୨୯।୮ (ଡି.ଏନ୍.ଏ. /ସ୍ୱ.ପ୍ର)**

ପୁରୀ ଜିଲା ସତ୍ୟବାଦୀ ଥାନା ଅଳଗୁମ ରାସ୍ତାର ଖଣ୍ଡୁଆଳ ଠାକୁରଙ୍କ ନିକଟରେ ରବିବାର ଏକ କାର୍ ଭାରସାମ୍ୟ ହରାଇ ନାଳକୁ ଖସିପଡ଼ିଥିଲା। ଫଳରେ କାର୍ ଭିତରେ ଥିବା ଦୁଇ ସାଙ୍ଗଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ସହର କାଶୀନଗର ଲେନର ମହେଶ କୁମାର ସାହୁ(୩୦) ଓ ତାଙ୍କ ସାଙ୍ଗ ରବି ଦାସ। ତେବେ ମହେଶଙ୍କ ଦାଦା ଉଦୟନାଥ ସାହୁଙ୍କୁ ସ୍ଥାନୀୟ ଲୋକେ କାର୍ କାଚ ଭାଙ୍ଗି ଉଦ୍ଧାର କରିଥିଲେ। ସେ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ମହେଶ ସତ୍ୟବାଦୀ ଥାନା ସିଂଘାକୁଦା ଗ୍ରାମସ୍ଥିତ ଶ୍ୱଶୁରଘର ସ୍ୱର୍ଗତ ଗୋକୁଳ ବିଶ୍ୱାଳଙ୍କ ଘରକୁ ବୁଲିବାକୁ ଆସିଥିଲେ। ତାଙ୍କ ସହିତ ସାଙ୍ଗ ଓ ଦାଦା ମଧ୍ୟ ଆସିଥିଲେ। ସେମାନେ ରବିବାର ସକାଳେ ପୁରୀ ବୁଲିବାକୁ ଯାଇଥିବା ବେଳେ ଅପରାହ୍ନରେ ସିଙ୍ଘାକୁଦା ଗ୍ରାମକୁ ଏକ କାର୍(ଓଆର ୦୨ବି ଏଫ୍୨୨୫୧)ରେ ଫେରୁଥିଲେ। ଅଳଗୁମ ରାସ୍ତାର ଖଣ୍ଡୁଆଳ ଠାକୁରଙ୍କ ନିକଟରେ କୌଣସି କାରଣରୁ କାରଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ନାଳକୁ ଖସିପଡ଼ିଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ, ପୋଲିସ ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ କାର୍ କାଚ ଭାଙ୍ଗି ସମସ୍ତଙ୍କୁ ଉଦ୍ଧାର କରିଥିଲେ। ତେବେ ମହେଶ ଓ ରବିଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି।



ନାଳରେ ବୁଡ଼ି ରହିଥିବା ଦୁର୍ଘଟଣାଗ୍ରସ୍ତ କାର୍।

## ନନ୍ଦନକାନନକୁ ଆସିବ କେନ୍ଦ୍ରୀୟ ଚିଡ଼ିଆଖାନା ଟିମ୍

**ବାରଙ୍ଗ, ୨୯।୮ (ଡି.ଏନ୍.ଏ.)**

ନନ୍ଦନକାନନ ମୂଲ୍ୟାଙ୍କନ ପାଇଁ କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ସଦସ୍ୟ ଶ୍ରୀଯୁକ୍ତ ପ୍ରକାଶମ ଜଣିକିଆ କମିଟି ପରିଦର୍ଶନରେ ଆସିବେ। ପ୍ରାଣୀ ଉଦ୍ୟାନ ଠିକ୍ ପରିଚାଳନା ହେଉଛି କି ନାହିଁ ତାହା ଉପରେ ସୋମବାର ଓ ମଙ୍ଗଳବାର ଅନୁଧ୍ୟାନ କରିବେ। ଉଦ୍ଭିଦ ଉଦ୍ୟାନ (ବଟାନିକାଲ ଗାର୍ଡେନ), ଚନ୍ଦକା ଅଭୟାରଣ୍ୟ ପାଚେରି, ହାତୀ ଚଲାପଥ, ପ୍ରଜାପତି ଉଦ୍ୟାନ, କାଞ୍ଜିଆହ୍ରଦ, ବଜ୍ରକାପ୍ତା, ଶାଗୁଣା ଓ କୁମ୍ଭୀର ପ୍ରଜନନ କେନ୍ଦ୍ର, ବାଘ ଓ ସିଂହ ଖୁଆଡ ସହ ୪ ସଫାରି, ରାସ୍ତା ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ସମସ୍ୟା ଉପରେ ଅନଧ୍ୟାନ କରି କେନ୍ଦ୍ର ଓ ରାଜ୍ୟ ବନ ବିଭାଗକୁ ରିପୋର୍ଟ କରିବେ ବୋଲି ନନ୍ଦନକାନନ ପରିଚାଳନା ଦାୟିତ୍ୱରେ ଥିବା ଏସିଏଫ୍ ଅମୂଲ୍ୟ କୁମାର ପରିଡା କହିଛନ୍ତି। ଏନେଇ ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନର ସମସ୍ତ ପଦାଧିକାରୀ ଉପସ୍ଥିତ ଥିଲେ।

### ମହାକାଳପଡ଼ାରୁ ଆସିଲା ଥଣ୍ଟିଆ କୁମ୍ଭୀର

ନନ୍ଦନକାନନକୁ ରବିବାର ରାତିରେ ଏକ ଥଣ୍ଟିଆ କୁମ୍ଭୀର କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ାରୁ ଉଦ୍ଧାର ହୋଇ ଆସିଛି। ସାମଯୋରି ଗ୍ରାମର କେତେଜଣ ଯୁବକ ପାଇକା ନଦୀକୁ ମାଛ ମାରିବାକୁ ଯାଇଥିବାବେଳେ ୩ଫୁଟ ଲମ୍ବର ଏକ ଥଣ୍ଟିଆ କୁମ୍ଭୀର ଜାଲରେ ପଡିଥିଲା। ଖବରପାଇ କେନ୍ଦ୍ରାପଡା ବନବିଭାଗ କର୍ମଚାରୀମାନେ ପହଞ୍ଚି ଯୁବକଙ୍କଠାରୁ କୁମ୍ଭୀରକୁ ଆଣି ନନ୍ଦନକାନନରେ ଛାଡିଥିଲେ।



## ଜଳ ପରିମଳ: ଓଡ଼ିଶା ପାଇବ ୫୨୮୦ କୋଟି

**ନୂଆଦିଲ୍ଲୀ, ୨୯।୮**

ଆର୍ଥିକବର୍ଷ ୨୦୨୧-୨୨ଠାରୁ ୨୦୨୫-୨୬ ଯାଏ ଦେଶର ଗ୍ରାମ ପଞ୍ଚାୟତଗୁଡ଼ିକୁ ୧.୪୨ ଲକ୍ଷ କୋଟି ଟଙ୍କାର ଅନୁଦାନ କେନ୍ଦ୍ର ସରକାର ଯୋଗାଇ ଦେବେ। ପାନୀୟ ଜଳ ଯୋଗାଣ ଏବଂ ପରିମଳ ବ୍ୟବସ୍ଥା ସୁଧାରିବା ଲାଗି ଏହା ଖର୍ଚ୍ଚ ହେବ। ଏହି ରାଶି ପ୍ରଦାନ ଲାଗି ପଞ୍ଚଦଶ ଅର୍ଥ କମିଶନ ସୁପାରିସ କରିଥିବା ଜଣାପଡ଼ିଛି। ଉକ୍ତ ଯୋଜନାରେ ଓଡ଼ିଶାକୁ ଚଳିତ ଆର୍ଥିକ ବର୍ଷ ୧,୦୦୨ କୋଟି ଟଙ୍କା ଅନୁଦାନ ମିଳିବ। ସେହିଭଳି ଆଗାମୀ ୪ ଆର୍ଥିକ ବର୍ଷରେ ଯଥାକ୍ରମେ-୧୦୩୬ କୋଟି, ୧୦୪୮ କୋଟି, ୧,୧୧୦ କୋଟି ଏବଂ ୧,୦୮୪ କୋଟି ଟଙ୍କା ମିଳିବ। ଏହି ବର୍ଷଗୁଡିକରେ ଓଡ଼ିଶା ମୋଟ ୫,୨୮୦ କୋଟି ଟଙ୍କା ପାଇବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ଏହାଦ୍ୱାରା ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଜୀବନ ଧାରଣ ମାନରେ ଉନ୍ନତି ଏବଂ ସ୍ୱାସ୍ଥ୍ୟାବସ୍ଥା କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିବ ବୋଲି ଆଶା କରାଯାଉଛି। ଅର୍ଥ ମନ୍ତ୍ରଣାଳୟ ଅଧୀନ ବ୍ୟୟ ବିଭାଗ ପକ୍ଷରୁ ଏ ନେଇ ଗାଇଡ୍‌ଲାଇନ ଜାରି କରାଯାଇଛି। କେଉଁ ବର୍ଷ କେତେ ଅର୍ଥ ପ୍ରଦାନ କରାଯିବ ଏବଂ ଏହା କେଉଁ ଉପାୟରେ ଖର୍ଚ୍ଚ ହେବ ସେ ନେଇ ଏଥିରେ ଉଲ୍ଲେଖ ରହିଛି। ଏହି ଯୋଜନା ଲାଗି କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ମନ୍ତ୍ରଣାଳୟର ପାନୀୟ ଜଳ ଏବଂ ପରିମଳ ବିଭାଗ ନୋଡାଲ ବିଭାଗ ଭାବେ କାର୍ଯ୍ୟ କରିବ ବୋଲି ଜଣାପଡିଛି।

ଟାଏଡ୍ ଗ୍ରାଣ୍ଟ ଭାବେ ଏହି ଅର୍ଥ ପ୍ରଦାନ କରାଯିବ। ପ୍ରଥମ କିସ୍ତିରେ ୨୫ ରାଜ୍ୟକୁ ଉକ୍ତ ରାଶି ଯୋଗାଣ କରାଯିବ ବୋଲି ଜଣାପଡିଛି। ଚଳିତବର୍ଷ ବଜେଟରେ ୫୦ ହଜାର କୋଟିର ସହାୟତା, ଜଳ ଜୀବନ ମିଶନରେ ୩୦ ହଜାର କୋଟି ରାଜ୍ୟଗୁଡିକର ଅଂଶ, ଟାଏଡ୍ ଗ୍ରାଣ୍ଟ ଭାବେ ୨୮ ହଜାର କୋଟି ବ୍ୟୟ ବରାଦ କରାଯାଇଛି। ଏହା ଗ୍ରାମ୍ୟ ଅର୍ଥନୀତି ସୁଦୃଢ଼ କରିବା ଆଶା କରାଯାଉଛି। ଚଳିତ ଆର୍ଥିକ ବର୍ଷରେ ପାନୀୟ ଜଳ ଏବଂ ପରିମଳ ଲାଗି ୨୬,୯୪୦ କୋଟି ଅନୁଦାନ ସରକାର ଦେବେ। ସେହିଭଳି ଆଗାମୀ ୪ ଆର୍ଥିକ ବର୍ଷରେ ଯଥାକ୍ରମେ ୨୭,୯୦୮ କୋଟି, ୨୮,୨୧୨ କୋଟି, ୨୯,୮୮୦ କୋଟି ଏବଂ ୨୯,୧୪୪ କୋଟି ଟଙ୍କା ପ୍ରଦାନ କରିବା ନେଇ ଯୋଜନା କରିଛନ୍ତି। କେନ୍ଦ୍ର ସରକାର ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ପାଇଁ ଯୋଜନା କରିଛନ୍ତି। ରାଜ୍ୟଗୁଡ଼ିକର ସହଯୋଗରେ ୨୦୧୯ ଅଗଷ୍ଟରୁ ଜଳଜୀବନ ମିଶନ କାର୍ଯ୍ୟକାରୀ ହେଉଛି। ଏଥିରେ ୩.୬୦ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ଯୋଜନା ରଖାଯାଇଛି।

## ହୃଦ୍‌ରୋଗ ଓ ଖାଦ୍ୟ

**ଆ**ଜିକାଲି ହୃଦ୍‌ରୋଗ ଏକ ସାଧାରଣ ସମସ୍ୟା ପାଲଟିଗଲାଣି କହିଲେ ଆଦୌ ଭୁଲ୍ ହେବ ନାହିଁ। ଅସନ୍ତୁଳିତ ଜୀବନଶୈଳୀ, ଖାଦ୍ୟପେୟ, ରକ୍ତ ସଞ୍ଚାଳନରେ ବାଧା ସୃଷ୍ଟି ହେଲେ ତାହା ହୃଦ୍‌ରୋଗର କାରଣ ସାଜିଥାଏ। ଯଦି ଏହି ସ୍ୱାସ୍ଥ୍ୟ ସମସ୍ୟାର ଠିକ୍ ସମୟରେ ସମାଧାନ କରା ନ ଯାଏ, ତେବେ ତାହା ଗୁରୁତର ଆକାର ଧାରଣ କରିବା ସହ ଅକାଳ ମୃତ୍ୟୁକୁ ଡାକି ଆଣିଥାଏ। ତେବେ ଏପରି କେତେକ ଖାଦ୍ୟ ଅଛି ଯାହାକୁ ଆମେ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲକଲେ ତାହା ହୃଦ୍‌ରୋଗ ଆଶଙ୍କାକୁ କେତେକାଂଶରେ ଦୂରେଇ ଦେବାରେ ସମର୍ଥ ହେବ। ପ୍ରତିଦିନ ପ୍ରଚୁର ପରିମାଣରେ ତଟକା ପନିପରିବା, ଫଳମୂଳ ଏବଂ ଶାଗ ଖାଆନ୍ତୁ। ଖାଦ୍ୟ ତାଲିକାରେ ମାଛ ସାମିଲ କରିପାରନ୍ତି। କିନ୍ତୁ କେତେକ ଖାଦ୍ୟ ପ୍ରତି ସତର୍କ ରହିବାକୁ ପଡ଼ିଥାଏ। ଲହୁଣୀ, ଘିଅ, କୁକୁଡା ମାଂସ, ଚର୍ବି ଲାଗିଥିବା ଛେଳି ମାଂସ ଯେତେ କମ୍ ଖାଇବେ ତାହା ସେତେ ଭଲ। ଭିଟାମିନ୍ 'ସି' ଏବଂ 'ଇ'ଜାତୀୟ ଖାଦ୍ୟ ହୃଦ୍‌ରୋଗଠାରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ।





## ଏକାଗ୍ରତା ବଢ଼ାଇବା ପାଇଁ...

**କୌ**ଣସି କାମକୁ ଏକାଗ୍ରତାର ସହ ସମ୍ପାଦନ କଲେ ସେଥିରୁ ସୁଫଳ ମିଳିବା ଯଥେଷ୍ଟ ସମ୍ଭାବନା ରହିଛି। ତେବେ ଏଥିପାଇଁ ସକାରାତ୍ମକ ମାନସିକତା ମଧ୍ୟ ଆବଶ୍ୟକ। ଯଦି ଆପଣଙ୍କ ମନ ଟେନ୍‌ସନ ମୁକ୍ତ ରହିଲା ଏବଂ କୌଣସି କାମକୁ ଆପଣ ଯୋଜନାବଦ୍ଧ ଭାବରେ କରୁଛନ୍ତି ତେବେ ସେପରି ଦାୟିତ୍ୱକୁ ତୁଲାଇବାରେ ପ୍ରାୟ ଅସୁବିଧା ହୋଇ ନ ଥାଏ। ସନ୍ତୁଳିତ ଜୀବନଶୈଳୀ ଏକାଗ୍ରତା ବଢ଼ାଇବାରେ ଅନେକାଂଶରେ ସାହାଯ୍ୟ କରିଥାଏ ବୋଲି ଏକ ସଦ୍ୟତମ ସର୍ଭେରୁ ଜଣାପଡିଛି। ଲଣ୍ଡନ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ 'ସନ୍ତୁଳିତ ଜୀବନଶୈଳୀ ଓ ଏକାଗ୍ରତା' ଶୀର୍ଷକ ବିଷୟକୁ ନେଇ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ଯେଉଁମାନଙ୍କର ଜୀବନଶୈଳୀ ଅନ୍ୟମାନଙ୍କ ତୁଳନାରେ ସନ୍ତୁଳିତ ଥିଲା, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଏକାଗ୍ରତା ସେହି ତୁଳନାରେ ଠିକ୍ ରହୁଥିଲା ବୋଲି ରିପୋର୍ଟରେ ଦର୍ଶାଯାଇଛି।

## ଅଣ୍ଟା ବ୍ୟଥା ହେଉଥିଲେ..

**ଅ**ଣ୍ଟା ବ୍ୟଥା ହେଉଥିଲେ ଡାକ୍ତରଙ୍କ ସହ ପରାମର୍ଶ କରି ଔଷଧ ଖାଆନ୍ତୁ। ହେଲେ ଏପରି କେତେକ ଘରୋଇ ଉପଚାର ରହିଛି ଯାହାକୁ ଆପଣେଇ ପାରିଲେ ଏଥିରୁ କେତେକାଂଶରେ ଆରାମ ମିଳିଥାଏ। ପ୍ରଥମ କଥା ହେଲା, ଯଦି ଆପଣ ଏପରି ସ୍ୱାସ୍ଥ୍ୟ ସମସ୍ୟା ସହ ଜଡିତ ତେବେ ବସିବା, ଉଠିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ। ଏପରି ବସନ୍ତୁ ଯେମିତି ଆପଣଙ୍କୁ ଆରାମ ଲାଗିବ। ସବୁବେଳେ ସିଧା ହୋଇ (୯୦ ଡିଗ୍ରୀ ପୋଜିସନ୍‌ରେ) ବସିଲେ ଅଣ୍ଟାଜନିତ ସମସ୍ୟା ଦେଖାଯିବାର ଆଶଙ୍କା କମ୍ ଥାଏ। ତା' ସହ ଉଠିବା ସମୟରେ ସିଧା ଉଠିବାକୁ ଚେଷ୍ଟା କରନ୍ତୁ। ଆବଶ୍ୟକତାଠାରୁ ଅଧିକ ଓଜନିଆ ଜିନିଷ ଉଠାନ୍ତୁ ନାହିଁ। କାରଣ ଏହାର ପ୍ରଭାବ ଅଣ୍ଟା ଉପରେ ପଡିଥାଏ ଏବଂ ପରବର୍ତ୍ତୀ ସମୟରେ ଅଣ୍ଟାଜନିତ ସମସ୍ୟା ଦେଖାଯିବାର ଯଥେଷ୍ଟ ଆଶଙ୍କା ରହିଛି। ଯଦି ଗୋଟିଏ ସ୍ଥାନରେ ଅଧିକ ସମୟ ବସି କାମ କରୁଛନ୍ତି ତେବେ ନିୟମିତ ସମୟ ଅନ୍ତରାଳରେ ଉଠି ବୁଲାବୁଲି କରନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଯଦି ଅଣ୍ଟାଜନିତ ସମସ୍ୟାର ଲକ୍ଷଣ ଜାଣିପାରିଲେ, ତେବେ ବିଳମ୍ବ ନ କରି ଅସ୍ଥି ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ।





## ଅତ୍ୟଧିକ ଚିନ୍ତା ବଢ଼ାଏ ମେଦ

**ମେଦ** ବା ଓଜନ ବୃଦ୍ଧି ଆଜିକାଲି ଏକ ସାଧାରଣ କଥା ପାଲଟିଗଲାଣି। ଅସନ୍ତୁଳିତ ଖାଦ୍ୟ ଏଥିପାଇଁ ଅନେକାଂଶରେ ଦାୟୀ। ହେଲେ ଏହି ତାଲିକାରେ ନିକଟରେ ଏକ ନୂଆ କଥାକୁ ସାମିଲ କରାଯାଇଛି। ତାହା ହେଲା ଅତ୍ୟଧିକ ଚିନ୍ତା। ଯଦି ଜଣେ ବ୍ୟକ୍ତି ଅଧିକାଂଶ ସମୟ ଚିନ୍ତାରେ ରୁହନ୍ତି ତେବେ ତାହା ତାଙ୍କର ମେଦ ବୃଦ୍ଧି ପାଇଁ କେତେକାଂଶରେ ଦାୟୀ ବୋଲି ସଦ୍ୟତମ ସର୍ଭେରୁ ଜଣାପଡିଛି। 'ଅତ୍ୟଧିକ ଚିନ୍ତା ଓ ମେଦବୃଦ୍ଧି' ବିଷୟକୁ ନେଇ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଅଧିକାଂଶ ସମୟ ଚିନ୍ତାଗ୍ରସ୍ତ ରହୁଥିବା ବ୍ୟକ୍ତିମାନଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଏହାସହ ସେମାନଙ୍କର ଓଜନ କେତେ ରହୁଛି ତାହାକୁ ତନ୍ନ ତନ୍ନ କରି ତର୍ଜମା କରିଥିଲେ ବିଶେଷଜ୍ଞମାନେ। ଆଶ୍ଚର୍ଯ୍ୟଜନକ ଭାବରେ ଯେଉଁମାନେ ଅଧିକାଂଶ ସମୟ ଚିନ୍ତାରେ ରହୁଥିଲେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କର ଓଜନରେ ତାରତମ୍ୟ ଦେଖିବାକୁ ମିଳିଥିଲା। ତେଣୁ ଓଜନକୁ ସନ୍ତୁଳିତ ରଖିବା ପାଇଁ ଚିନ୍ତାଠାରୁ ନିଜକୁ ଯେତେସମ୍ଭବ ଦୂରେଇ ରଖିବା ଦରକାର ବୋଲି ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## କ୍ୟାଲୋରି ନିୟନ୍ତ୍ରଣ କରିବାର ନୂଆ ଉପାୟ

**ଆ**ମ ଶରୀରରେ କ୍ୟାଲୋରି ପରିମାଣ ସନ୍ତୁଳିତ ରହିବା ଦରକାର। ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାଲାଡ ସାମିଲ କରନ୍ତୁ। ଏହା କ୍ୟାଲୋରିକୁ ସନ୍ତୁଳିତ ରଖେ। ତଟକା ଫଳମୂଳରେ ପ୍ରସ୍ତୁତ ସାଲାଡ୍ ଆମ ଶରୀର ପାଇଁ ବେଶ୍ ଉପକାରୀ। ସେଥିପାଇଁ ବ୍ରେକ୍‌ଫାଷ୍ଟରେ ଏହାକୁ ସାମିଲ କରିବାକୁ ଡାକ୍ତର ପରାମର୍ଶ ଦେଇଥାଆନ୍ତି। କେବଳ ସେତିକି ନୁହେଁ, ଶରୀରେ ଜଳୀୟ ଅଂଶକୁ ସନ୍ତୁଳିତ ରଖେ ସାଲାଡ୍। ଡାଇବେଟିସ୍ ରୋଗୀଙ୍କ ପାଇଁ ଏପରି ଖାଦ୍ୟ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ।



## ସହଜରେ ଚିହ୍ନଟ କରିହେବ ଫୁସ୍‌ଫୁସ୍ କ୍ୟାନ୍‌ସର

**ଏ**ଣିକି ଫୁସ୍‌ଫୁସ୍ କ୍ୟାନ୍‌ସରକୁ ସହଜରେ ଚିହ୍ନଟ କରିହେବ। କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଦ୍ୱାରା ହାଇଟେକ୍ ସଫ୍ଟୱେରରେ ପ୍ରସ୍ତୁତ ଏହି ମେଶିନ୍‌ରେ ସଂଯୁକ୍ତ ଏକ ଛୁଞ୍ଚି ସାହାଯ୍ୟରେ ଜଣେ ବ୍ୟକ୍ତି ଫୁସ୍‌ଫୁସ୍ କ୍ୟାନ୍‌ସରରେ ଆକ୍ରାନ୍ତ ହୋଇଛନ୍ତି କି ନାହିଁ ତାହା ସହଜରେ ଜାଣିହେବ। ଏହି ଛୁଞ୍ଚି ଦ୍ୱାରା ଫୁସ୍‌ଫୁସ୍‌ରୁ ସଂଗୃହୀତ ଜଳୀୟ ଅଂଶକୁ ପରୀକ୍ଷା କରିବା ପରେ ଫୁସ୍‌ଫୁସ୍ କ୍ୟାନସର ଦ୍ୱାରା ଆକ୍ରାନ୍ତ ହୋଇଛି କି ନାହିଁ ତାହା ଜଣାପଡିଥାଏ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।



## ସ୍ୱାସ୍ଥ୍ୟ ସୂଚନା

- ବ୍ୟାୟାମ କରିବା ପୂର୍ବରୁ ନିଜେ ଏ ନେଇ କେତେ ଫିଟ୍ ଅଛନ୍ତି ତାହା ଜାଣିନେବା ଜରୁରୀ। ଏହି ବିଷୟରେ ବ୍ୟାୟାମ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ।
- ଘରେ ଯଦି କୌଣସି ଔଷଧ ରଖୁଛନ୍ତି ତେବେ ତାହାର ନାମ ଏବଂ ଏକ୍ସପାଏରି ତାରିଖକୁ ଡାଏରୀରେ ଟିପି ରଖନ୍ତୁ।
- ଖାଇବା ଠିକ୍ ପୂର୍ବରୁ ଆଦୌ ପାଣି ପିଅନ୍ତୁ ନାହିଁ। କାରଣ ଏହାଦ୍ୱାରା ପାଚନ କ୍ରିୟା ପ୍ରଭାବିତ ହୋଇଥାଏ।
- ସବୁଦିନ କିଛି ସମୟ ସୂର୍ଯ୍ୟକିରଣରେ ଠିଆ ହୁଅନ୍ତୁ। ଏହାଦ୍ୱାରା ଶରୀରକୁ ଭିଟାମିନ୍ 'ଡି' ମିଳିଥାଏ।
- କୌଣସି ଫୁଡ୍ ସପ୍ଲିମେଣ୍ଟ ଖାଇବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।
- ଯଦି କୌଣସି ମେଡିସିନ ଖାଇଲେ ତାହା ଆପଣଙ୍କ ଶରୀରରେ ଆଲର୍ଜି ସୃଷ୍ଟି କରୁଛି, ତେବେ ସେ ନେଇ ଡାକ୍ତରଙ୍କ ସହ ଆଲୋଚନା କରନ୍ତୁ। ଡାକ୍ତରଙ୍କର ପରାମର୍ଶ ଅନୁସାରେ ହିଁ ସେ ଉଲ୍ଲେଖ କରିଥିବା ଦିନ ପର୍ଯ୍ୟନ୍ତ ଔଷଧ ଖାଆନ୍ତୁ।



# ସ୍ମଗ୍ ଖୁମ୍ବ



ଇଂ. ମାୟାଧର ସ୍ୱାଇଁ



**ଚ**ଳିତ ବର୍ଷ ଅଗଷ୍ଟ ୨୩ ତାରିଖରେ ଦିଲ୍ଲୀର କନ୍ନଟପ୍ଲେସ୍‌ଠାରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଗୋଟିଏ ସ୍ମଗ୍ ଖୁମ୍ବର ଉଦ୍‌ଘାଟନ କରିଛନ୍ତି। ବାୟୁକୁ ପରିଷ୍କାର କରି ଏହାର ପ୍ରଦୂଷଣରୁ ସେହି ଅଞ୍ଚଳକୁ ମୁକ୍ତ ରଖିବା ପାଇଁ ଏହା ପ୍ରତିଷ୍ଠା କରାଯାଇଛି। ସ୍ମଗ୍ କ'ଣ ପ୍ରଥମେ ଜାଣିବା। ଦୁଇଟି ଇଂରାଜୀ ଶବ୍ଦ- ସ୍ମୋକ (ଧୂଆଁ) ଓ ଫଗ୍ (କୁହୁଡ଼ି)କୁ ଏକାଠି କରି 'ସ୍ମୋଗ୍' ଶବ୍ଦଟି ସୃଷ୍ଟି କରାଯାଇଛି। ଇଂଲଣ୍ଡର ଏଚ୍.ଏ. ଦେସ୍ ଭୋଏକ୍ସ ୧୯୦୫ରେ ପ୍ରଥମେ ଏହି ଶବ୍ଦ ବ୍ୟବହାର କରିଥିଲେ। ୧୯୦୯ରେ ଇଂଲଣ୍ଡର ଗ୍ଲାସ୍‌ଗୋ ଓ ଏଡିନ୍‌ବର୍ଗଠାରେ ସ୍ମଗ୍ ଯୋଗୁ ୧୦୦୦ରୁ ଅଧିକ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ୧୯୫୨ରେ ଲଣ୍ଡନଠାରେ ଭୟଙ୍କର ସ୍ମଗ୍ ଦେଖା ଦେଇଥିଲା। ଏହା ଏତେ ଘଞ୍ଚ ଥିଲା ଯେ ସହରର ରାସ୍ତା, ରେଳପଥ ଓ ବିମାନ ବନ୍ଦରକୁ ବନ୍ଦ କରିବାକୁ ପଡୁଥିଲା। ଦିନବେଳେ ମଧ୍ୟ କୌଣସି ଜିନିଷ ଦେଖାଯାଉ ନ ଥିଲା। ଏହାର ଫାଇଦା ନେଇ ଚୋରମାନେ ଅନେକ ଘର ଲୁଣ୍ଠନ କରିଥିଲେ। ଶ୍ୱାସକ୍ରିୟା କରିବାରେ ଲୋକମାନେ ଅସୁବିଧା ଭୋଗିଲେ। ଫୁସ୍‌ଫୁସୀୟ ରୋଗରେ ୪୦୦୦ରୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ। ଏହି ସମୟକୁ 'ଗ୍ରେଟ୍ ସ୍ମଗ୍' କୁହାଯାଇଥିଲା।

ବାସ୍ତବରେ ସ୍ମଗ୍ ହେଉଛି ଗୋଟିଏ ପ୍ରଦୂଷଣ। ଏହା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ। ଏହାଯୋଗୁ ପାଖ ଜିନିଷ ମଧ୍ୟ ଦେଖିବାରେ ଅସୁବିଧା ହୋଇଥାଏ। ବିଂଶ ଶତାବ୍ଦୀର ଆରମ୍ଭରେ କଳକାରଖାନାରେ କୋଇଲା ଜଳିବା ଦ୍ୱାରା ସେଥିରୁ ଧୂଆଁ ବାହାରି ତାହା ଧୂଳି ସହିତ ମିଶି ସ୍ମଗ୍ ସୃଷ୍ଟି ହେଉଥିଲା। କିନ୍ତୁ ବର୍ତ୍ତମାନ ଶିଳ୍ପାଞ୍ଚଳ ବ୍ୟତୀତ ସହରାଞ୍ଚଳରେ ଏହା ଦେଖାଯାଉଛି।

"ଦୁଇଟି ଇଂରାଜୀ ଶବ୍ଦ ସ୍ମୋକ୍ (ଧୂଆଁ) ଓ ଫଗ୍ (କୁହୁଡ଼ି)କୁ ଏକାଠି କରି 'ସ୍ମୋଗ୍' ଶବ୍ଦଟି ସୃଷ୍ଟି କରାଯାଇଛି। ଇଂଲଣ୍ଡର ଏଚ୍.ଏ. ଦେସ୍ ଭୋଏକ୍ସ ୧୯୦୫ରେ ପ୍ରଥମେ ଏହି ଶବ୍ଦ ବ୍ୟବହାର କରିଥିଲେ। ୧୯୦୯ରେ ଇଂଲଣ୍ଡର ଗ୍ଲାସ୍‌ଗୋ ଓ ଏଡିନ୍‌ବର୍ଗଠାରେ ସ୍ମଗ୍ ଯୋଗୁ ୧୦୦୦ରୁ ଅଧିକ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ୧୯୫୨ରେ ଲଣ୍ଡନଠାରେ ଭୟଙ୍କର ସ୍ମଗ୍ ଦେଖାଦେଇଥିଲା।"

ସହରାଞ୍ଚଳରେ ଯାନବାହନରୁ ନିର୍ଗତ ଧୂଆଁ ଓ କ୍ଷୁଦ୍ର କଣିକା ଯୋଗୁ ଏହା ସୃଷ୍ଟି ହେଉଛି। ସାଧାରଣତଃ ଶୀତଦିନେ ପବନ ସ୍ଥିର ଥିବା ସମୟରେ ଏହା ଦେଖାଦେଇଥାଏ। ନଭେମ୍ବର ଓ ଡିସେମ୍ବର ମାସରେ ଗତ କେତେବର୍ଷ ଧରି ଦିଲ୍ଲୀରେ ଅତିମାତ୍ରାରେ ସ୍ମଗ୍ ସୃଷ୍ଟି ହେଉଛି। ଏଥିପାଇଁ ସରକାରଙ୍କୁ ସ୍କୁଲ ଓ କଲେଜ ବନ୍ଦ କରିବାକୁ ପଡୁଛି ଏବଂ ଯାନବାହନ ଚଳାଚଳ ଉପରେ ନିୟନ୍ତ୍ରଣ କରାଯାଉଛି। ଦିଲ୍ଲୀ ଆଖପାଖରେ ହରୟାଣା ଓ ଉତ୍ତରପ୍ରଦେଶରେ ଫସଲ ଅମଳ ପରେ ନଡ଼ାକୁ ପୋଡ଼ି ଦିଆଯାଉଥିବାରୁ ସେଥିରୁ ବାହାରୁଥିବା ଧୂଆଁ, ଯାନବାହନରୁ ନିର୍ଗତ ଧୂଆଁ ଓ ଧୂଳି ସହିତ ମିଶି ସ୍ମଗ୍ ସାଙ୍ଘାତିକ ରୂପ ନେଉଛି।



ଦୁଇ ପ୍ରକାର ସ୍ମଗ୍ ଦେଖାଯାଏ। ଏହା ହେଉଛି ଗନ୍ଧକୀୟ ସ୍ମଗ୍ ଓ ଆଲୋକ-ରାସାୟନିକ ସ୍ମଗ୍। ବାୟୁରେ ଅଧିକ ପରିମାଣର ସଲ୍‌ଫର ଅକ୍‌ସାଇଡ୍ ରହିଲେ ପ୍ରଥମ ପ୍ରକାର ସ୍ମଗ୍ ସୃଷ୍ଟି ହୁଏ। ତାପଜ ବିଦ୍ୟୁତ୍ କେନ୍ଦ୍ର ଓ ଅନ୍ୟ କଳକାରଖାନାରେ କୋଇଲା ଦହନ ପରେ ସଲ୍‌ଫର୍ ଅକ୍‌ସାଇଡ୍ ନିର୍ଗତ ହୋଇଥାଏ। ବାୟୁରେ ଯଦି ଧୂଳିକଣା ଥିବ କିମ୍ବା ବାୟୁ ଆର୍ଦ୍ର ହୋଇଥିବ, ତା'ହେଲେ ଏହି ପ୍ରକାର ସ୍ମଗ୍ ଅତି ସାଙ୍ଘାତିକ ହୋଇଥାଏ। ଏହା ପ୍ରଥମେ ଲଣ୍ଡନରେ ଦେଖା ଦେଇଥିବାରୁ ଏହାକୁ 'ଲଣ୍ଡନ ସ୍ମଗ୍' କୁହାଯାଏ।

ଆଲୋକ-ରାସାୟନିକ ସ୍ମଗ୍ ମୁଖ୍ୟତଃ ସହରାଞ୍ଚଳରେ ସୃଷ୍ଟି ହୋଇଥାଏ। ଏଥିପାଇଁ ଧୂଆଁ କିମ୍ବା କୁହୁଡ଼ିର ଆବଶ୍ୟକତା ନାହିଁ। ଗାଡ଼ିମୋଟରରୁ ନିର୍ଗତ ନାଇଟ୍ରୋଜେନ୍ ଅକ୍‌ସାଇଡ୍ ଓ ହାଇଡ୍ରୋକାର୍ବନ୍ ବାଷ୍ପ ହେଉଛି ଏହାର କାରଣ। ନିମ୍ନ ବାୟୁମଣ୍ଡଳରେ ସୂର୍ଯ୍ୟକିରଣ ଉପସ୍ଥିତିରେ ଆଲୋକ-ରାସାୟନିକ ପ୍ରତିକ୍ରିୟା ଦ୍ୱାରା ଏଥିରୁ ବିଷାକ୍ତ ଓଜୋନ୍ ଗ୍ୟାସ୍ ସୃଷ୍ଟି ହୋଇଥାଏ। ଓଜୋନ୍ ହେଉଛି ସ୍ୱାସ୍ଥ୍ୟ ପକ୍ଷେ ଅତୀବ କ୍ଷତିକାରକ। ବାୟୁମଣ୍ଡଳର ଷ୍ଟ୍ରାଟୋସ୍ଫିୟରରେ ଥିବା ଓଜୋନ୍ ସ୍ତରରେ ଥିବା ଓଜୋନ୍ ପୃଥିବୀକୁ ସୂର୍ଯ୍ୟ ରଶ୍ମିର କ୍ଷତିକାରକ 'ଅତିବାଇଗଣି ରଶ୍ମି-ଖ' ପ୍ରଭାବରୁ ରକ୍ଷା କରିଥାଏ। ଏହା ଆମ ପାଇଁ ହେଉଛି ଅତି ଦରକାରୀ, ମାତ୍ର ନିମ୍ନ-ବାୟୁମଣ୍ଡଳରେ ଥିବା ଓଜୋନ୍ ହେଉଛି ଆମ ପାଇଁ କ୍ଷତିକାରକ। ଏହି ସ୍ମଗ୍ ଯୋଗୁ ଆକାଶ ଧୂସର ରଙ୍ଗ ଦେଖାଯାଏ, ଆଖି ପୋଡ଼େ ଏବଂ ଶ୍ୱାସକ୍ରିୟାରେ କଷ୍ଟ ହୁଏ। ଯୁକ୍ତରାଷ୍ଟ୍ର ଆମେରିକାର ଲସ୍ ଏଞ୍ଜେଲ୍‌ସ ସହରରେ ଏହାକୁ ପ୍ରଥମେ ଚିହ୍ନଟ କରାଯାଇଥିବାରୁ ଏହାକୁ 'ଲସ୍ ଏଞ୍ଜେଲ୍‌ସ ସ୍ମଗ୍' କୁହାଯାଏ।

ସ୍ମଗ୍ ଯୋଗୁ ଶ୍ୱାସକ୍ରିୟାରେ କଷ୍ଟ ହୋଇଥାଏ, ଆଖି ପୋଡ଼ିଥାଏ, ଆଜ୍‌ମା, ମୁଣ୍ଡବ୍ୟଥା ଓ ଫୁସ୍‌ଫୁସୀୟ ରୋଗ ହୋଇଥାଏ। ଏହା ଯୋଗୁ ଅନେକ ମୋଟର ଦୁର୍ଘଟଣା ହୋଇଥାଏ ଏବଂ ଏହା ମଧ୍ୟ ଉଦ୍ଭିଦର ବୃଦ୍ଧିରେ ବାଧା ପହଞ୍ଚାଇଥାଏ। ଏଥିପାଇଁ ସହରାଞ୍ଚଳରେ ସ୍ମଗ୍‌ରୁ ରକ୍ଷା ପାଇବା ପାଇଁ ଉପାୟ କରାଯାଉଛି। ସ୍ମଗ୍ ଖୁମ୍ବ (ଟାୱାର) ହେଉଛି ଗୋଟିଏ ଉପାୟ। ଏହାକୁ ବଡ଼ ଆକାରରେ 'ବାୟୁ ପରିଷ୍କାର' ମଧ୍ୟ କୁହାଯାଇପାରିବ।

ସ୍ମଗ୍ ଖୁମ୍ବ ବାୟୁ ଆୟନୀକରଣ ପଦ୍ଧତିରେ କାର୍ଯ୍ୟ କରିଥାଏ ଏବଂ ପିଏମ୍-୨.୫ କଣିକାକୁ ବାହାର କରିଦେଇଥାଏ। ଏହି ଖୁମ୍ବ ଭିତରେ ଗୋଟିଏ ପରିସ୍ରାବକ (ଫିଲ୍‌ଟର) ଥାଏ ଏବଂ ଏହା ମଧ୍ୟଦେଇ ଦୂଷିତ ବାୟୁ ପ୍ରବେଶ କଲେ ତାହା ଛାଣିହୋଇ ସେଥିରୁ ପରିଷ୍କାର ବାୟୁ ବାହାରିଥାଏ। ନେଦରଲାଣ୍ଡସର ଡାନ୍ ରୁଜଗାର୍ଡେ ୨୦୧୭ରେ ଚାଇନାର ବେଜିଂ ସହର ପାଇଁ ପ୍ରଥମ ସ୍ମଗ୍ ଖୁମ୍ବ ନିର୍ମାଣ କରିଥିଲେ। ଚାଇନାର ଜିଆନ୍ ସହରରେ ୧୦୦ ମିଟର ଉଚ୍ଚର ଏକ ସ୍ମଗ୍ ଖୁମ୍ବ କାର୍ଯ୍ୟ କରୁଛି।

ଦିଲ୍ଲୀଠାରେ ଭାରତର ପ୍ରଥ ସ୍ମଗ୍ ଖୁମ୍ବ ଅଗଷ୍ଟରେ ସ୍ଥାପିତ ହୋଇଛି। ଏହାର ଉଚ୍ଚତା ହେଉଛି ୨୪ ମିଟର (ଆଠ ମହଲା ବିଶିଷ୍ଟ କୋଠାର ଉଚ୍ଚତା ସହ ସମାନ)। ଏହାର ତଳେ ୪୦ଟି ପଙ୍ଖା ଅଛି ଏବଂ ପ୍ରତ୍ୟେକ ପଙ୍ଖା ପ୍ରତି ସେକେଣ୍ଡରେ ୨୫ ଘନମିଟର ବାୟୁ ଡିସ୍‌ଚାର୍ଜ କରିଥାଏ। ଖୁମ୍ବ ଭିତରେ ଦୁଇଟି ସ୍ତରରେ ୫୦୦୦ ଫିଲ୍‌ଟର ଅଛି। ପଙ୍ଖା ଓ ଫିଲ୍‌ଟର ଯୁକ୍ତରାଷ୍ଟ୍ର ଆମେରିକାରୁ ଆମଦାନୀ କରାଯାଇଛି। ପ୍ରଦୂଷିତ ବାୟୁ ଖୁମ୍ବର ଉପର ଭାଗରେ ପ୍ରବେଶ କରେ ଏବଂ ପରିଷ୍କାର ବାୟୁ ଏହାର ତଳ ଭାଗରୁ ବାହାରିଯାଏ। ଖୁମ୍ବର ତଳ ଭାଗରେ ପଙ୍ଖାଗୁଡ଼ିକ ଚାଲିଲେ ଖୁମ୍ବ ଭିତରେ ଋଣାତ୍ମକ ଚାପ ସୃଷ୍ଟି ହୁଏ। ଏହାଫଳରେ ଉପରୁ ବାୟୁ ତଳ ଆଡ଼କୁ ଆସିଥାଏ। ଫିଲ୍‌ଟର ୦.୩ ମାଇକ୍ରନ୍‌ରୁ ଅଧିକ ଆକାରର କଣିକାକୁ ଛାଣି କରି ରଖିଥାଏ। ଏହାକୁ ଯୁକ୍ତରାଷ୍ଟ୍ର ଆମେରିକାର ମିନେସୋଟା ବିଶ୍ୱବିଦ୍ୟାଳୟ ଏବଂ ବମ୍ବେ ଆଇଆଇଟି ମିଶି ବିକଶିତ କରିଛନ୍ତି। ଡିଜାଇନ୍ ଅନୁଯାୟୀ ଏହି ଖୁମ୍ବ ଏକ କିଲୋମିଟର ବ୍ୟାସାର୍ଦ୍ଧ ଅଞ୍ଚଳର ବାୟୁକୁ ପରିଷ୍କାର କରିପାରିବ। ଏହାପରେ ଦିଲ୍ଲୀରେ ଅନ୍ୟ ତିନୋଟି ସ୍ଥାନରେ ଏହି ଖୁମ୍ବ ସ୍ଥାପନ କରାଯିବା ପାଇଁ ସ୍ଥିର କରାଯାଇଛି।

-୭୦, ଲକ୍ଷ୍ମୀବିହାର, ଫେଜ-୧
ଭୁବନେଶ୍ୱର-୭୫୧୦୧୮
ମୋ: ୯୪୩୮୬୯୩୭୨୪

**କଲ୍ୟାଣମଣ୍ଡପରୁ ୨ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି**

ପୁରୁଣା ଭୁବନେଶ୍ୱର, (ଡି.ଏନ୍.ଏ.): ଶହୀଦନଗର ଥାନା ଅଧୀନ ପୁରୀ-ଭୁବନେଶ୍ୱର ବାଇପାସ୍ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଭବାନୀ କଲ୍ୟାଣମଣ୍ଡପରୁ ଶନିବାର ବିଳମ୍ବିତ ରାତିରେ ୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି । ସୂଚନା ମୁତାବକ, କେତେଜଣ ଦୁର୍ବୃତ୍ତ ମଣ୍ଡପର ପାଚେରି ଡେଇଁ ଏକ ଏସି ତାଡି ଘର ଭିତରେ ପଶି ଥିଲେ। ମଣ୍ଡପରେ ଲାଗିଥିବା ଏସି ସହ ବିଭିନ୍ନ ସାମଗ୍ରୀ ଚୋରି କରି ଫେରାର ହୋଇଯାଇଥିଲେ। ଏନେଇ ରବିବାର କଲ୍ୟାଣମଣ୍ଡପ ମାଲିକ ମନୋଜ ସେଠୀ ଥାନାରେ ଅଭିଯୋଗ କରିଥିଲେ।

# ଦର୍ଶନରୁ ବଞ୍ଚିତ ହେବେ ଶ୍ରଦ୍ଧାଳୁ

## ଆଜି ଜନ୍ମାଷ୍ଟମୀ

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ଆଜି ଜନ୍ମାଷ୍ଟମୀ। କରୋନା କଟକଣା ପାଇଁ ଏଥର ମଧ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମଦିବସକୁ କେବଳ ବିଧି ପୂର୍ବକ ପାଳନ କରାଯିବ। ଗତ ୨୩ ତାରିଖରୁ ସହରର ମନ୍ଦିର ସମେତ ସମସ୍ତ ଧର୍ମାନୁଷ୍ଠାନ ଖୋଲିବାକୁ ଅନୁମତି ଦିଆଯାଇଛି। ହେଲେ ଜନ୍ମାଷ୍ଟମୀରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଗହଳି ହେବାର ସମ୍ଭାବନା ରହିଥିବାରୁ ସହରର ପ୍ରମୁଖ ଇସ୍କନ ମନ୍ଦିର, ରାମ ମନ୍ଦିର ସମେତ ଅନ୍ୟ କେତେକ ମନ୍ଦିରରେ ସାଧାରଣ ଲୋକଙ୍କ ଦର୍ଶନକୁ ନେଇ କଟକଣା ଜାରି କରାଯାଇଛି।

ଇସ୍କନରେ ପ୍ରାତଃ ୪ଟାରୁ ମଙ୍ଗଳ ଆରତି, ୭ଟା ୩୦ରେ ଗୁରୁପୂଜା ସରିବା ପରେ ଦର୍ଶନ ଆଳତି କରାଯିବ।



ଇସ୍କନ ମନ୍ଦିରରେ ସୁସଜ୍ଜିତ ରାଧାକୃଷ୍ଣ।

ମନ୍ଦିରରେ ଭଜନ କୀର୍ତ୍ତନ ସହ ୧୧ଟା ୩୦ରେ ମଧ୍ୟାହ୍ନ ଭୋଗ ଲାଗି ହେବ। ୧୨ରେ ମଧ୍ୟାହ୍ନ ଆରତି କରାଯାଇ ୧୨ଟା ୪୫ରେ ପହଡ ପଡିବ। ଅପରାହ୍ନ ୪ଟା ୧୫ରେ ମନ୍ଦିର ଖୋଲିବା ପରେ ବୈକାଳିକ ଆରତି କରାଯିବ। ୫ଟା ୪୫ରେ ସନ୍ଧ୍ୟା ଭୋଗ, ୬ଟା ୧୫ରେ ସନ୍ଧ୍ୟା ଆରତି ସରିବା ପରେ ଭଜନ କୀର୍ତ୍ତନ ହେବ। ରାତି ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଭଗବାନଙ୍କ କଥା କୀର୍ତ୍ତନ କରାଯିବ। ୧୨ଟାରେ ମହାଅଭିଷେକ କରାଯାଇ ରାତି ୧ଟାରେ ଆରତି ହୋଇ ଶୃଙ୍ଗାର ଦର୍ଶନ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସରିବ। ଜନ୍ମାଷ୍ଟମୀ ପାଇଁ ମନ୍ଦିରର ସମସ୍ତ ଭକ୍ତ ଉପବାସ କରି ନିଷ୍ଠାର ସହିତ ପୂଜାର୍ଚ୍ଚନା କରିବେ ବୋଲି ମନ୍ଦିର ସଭାପତି ଉପେନ୍ଦ୍ର ମିଶ୍ର ଦାସ ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ୧ ତାରିଖରୁ ସରକାରଙ୍କ ଗାଇଡ୍‌ଲାଇନ୍ ପାଳନ ପୂର୍ବକ ଶ୍ରଦ୍ଧାଳୁଙ୍କ ପାଇଁ ମନ୍ଦିର ଖୋଲାଯିବ ବୋଲି ସୂଚନା ଦିଆଯାଇଛି।

ସେହିପରି ରାମ ମନ୍ଦିରରେ ସକାଳ ୫ଟା ୩୦ରେ ମନ୍ଦିର ଖୋଲିବା ପରେ ସମସ୍ତ ସେବାନୀତି କରାଯିବ। ୭ଟାରେ ଶୃଙ୍ଗାର ଆଳତି ପରେ ଭୋଗ ଲାଗି ହୋଇ ମଧ୍ୟାହ୍ନ ୧୨ଟାରେ ମନ୍ଦିର ବନ୍ଦ ହେବ। ଅପରାହ୍ନ ୪ଟା ୩୦ରେ ମନ୍ଦିର ଖୋଲିବ। ରାତି ୧୦ଟାରୁ ଭଜନ କୀର୍ତ୍ତନ କରାଯାଇ ମଧ୍ୟରାତ୍ରି ୧୨ଟାରେ ଠାକୁରଙ୍କ ଜନ୍ମୋତ୍ସବ ପାଳନ କରାଯିବ। ଆଳତି, ପୁଷ୍ପାଞ୍ଜଳି ସହ ଭୋଗ ଲାଗି କରାଯିବ ବୋଲି ମନ୍ଦିରର ପୂଜକ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ପାଠକୀୟ ଆଦୃତି ପୁରସ୍କାରଠୁ ମହତ୍ତ୍ୱପୂର୍ଣ୍ଣ

ଭୁବନେଶ୍ୱର, ୨୯।୮(ବ୍ୟୁରୋ): ଜଣେ ଲେଖକ ତା' ସାହିତ୍ୟ କୃତି ମାଧମରେ ପାଠକଙ୍କୁ ଖୁସି କରିବାକୁ ଚେଷ୍ଟା କରିଥାଏ। ପାଠକୀୟ ଆଦୃତି ଲେଖକ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ତେଣୁ ପୁରସ୍କାର କି ସମ୍ବର୍ଦ୍ଧନା ଜଣେ ଲେଖକ ପାଇଁ ପାଠକୀୟ ଆଦୃତିଠାରୁ ଅଧିକ ମହତ୍ତ୍ୱ ରଖେ ନାହିଁ ବୋଲି କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କଥାଶିଳ୍ପୀ ଡ. ଯଶୋଧାରା ମିଶ୍ର କହିଛନ୍ତି। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ 'ମୋ ଜୀବନ, ମୋ ସାହିତ୍ୟ' ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବକ୍ତବ୍ୟ ରଖି ଡ. ମିଶ୍ର କହିଲେ, ଜଣେ ଲେଖକ ସବୁଠାରେ ଭାବଗତ ସଂପର୍କ ଦୃଢ଼ କରେ। ଏଥିସହ ଅନ୍ୟର ଅନୁଭବକୁ ମଧ ସୃଜନରେ ବ୍ୟକ୍ତ କରିପାରେ। ଉଚ୍ଚାଙ୍ଗ ସାହିତ୍ୟ ଅଧ୍ୟୟନ ସାଙ୍ଗକୁ ସଙ୍ଗୀତ, ନାଟକ, ଚିତ୍ରକଳା, ଭ୍ରମଣ ଓ ପ୍ରାକୃତିକ ପରିବେଶ ବଳରେ ଜଣେ ଲେଖକ ତା'ର ସାହିତ୍ୟିକ ବଳୟକୁ ସମୃଦ୍ଧ କରିଥାଏ। ଦୁର୍ବଳତା ଓ ସୌଭାଗ୍ୟରେ ଆମର ଜୀବନ ମିଶ୍ରିତ ହୋଇଥିବା ପରି ଜଣେ ଲେଖକର ରଚନାରେ ଜୀବନର ବିବିଧ ରୂପ ଓ ରଙ୍ଗ ପ୍ରତିଫଳିତ ହୋଇଥାଏ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ମୃଗେଶ ବୈଷ୍ଣବ ପାଣିଗ୍ରାହୀ ଏ ମାସର କବି ଭାବରେ କବିତା ପାଠ କରିଥିଲେ। ସେହିପରି ରବି ଶତପଥୀ, ନିଶାକର ପଣ୍ଡା, ବିଦେଶୀ ଭଞ୍ଜ, ଛନ୍ଦା ମିଶ୍ର, ପୀତାମ୍ବର ଭୋଇ ମିହିରକାନ୍ତି ଦାସ ଓ ହାଡ଼ି ବନ୍ଧୁ ମହାକୁଡ଼ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠାନ ଉପସଭାପତି ରକ୍ଷକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପ୍ରଫେସର ଡ. ଦୀନନାଥ ପାଠୀଙ୍କ ଶ୍ରାଦ୍ଧୋତ୍ସବ

ଭୁବନେଶ୍ୱର,୨୯।୮(ବ୍ୟୁରୋ): ଜାତୀୟସ୍ତରୀୟ ଚିତ୍ରଶିଳ୍ପୀ, ସୁଲେଖକ, ଭିଜୁଆଲାଇଜର୍, ମେଣ୍ଟର ତଥା ବିଭୂତି କାନୁନ୍‌ଗୋ ଚାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ପ୍ରଫେସର ଡ. ଦୀନନାଥ ପାଠୀଙ୍କ ପଞ୍ଚମ ବାର୍ଷିକୀ ଶ୍ରାଦ୍ଧୋତ୍ସବ ରବିବାର ପାଳିତ ହୋଇଛି। ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସର ପ୍ରତିମୂର୍ତ୍ତି ସ୍ଥଳରେ ମାଲ୍ୟାର୍ପଣ ସହ ଦୀପଦାନ କରାଯାଇଥିଲା। ଗଞ୍ଜାମ ଦିଗପହଣ୍ଡିରେ ଜନ୍ମିତ ଡ. ପାଠୀ ଡ୍ରଇଂ ମାଷ୍ଟ୍ରେ ଭାବେ ସାରା ରାଜ୍ୟରେ ପରିଚିତ ଥିଲେ। ଚିତ୍ରକଳାର ବିକାଶ, ଗବେଷଣା ପାଇଁ ସମଗ୍ର ଜୀବନ ଉତ୍ସର୍ଗ କରି ସେ ରାଜ୍ୟରେ ଚିତ୍ରକଳାର ଉତ୍କର୍ଷ ସାଧନ କରିପାରିଥିଲେ ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ସୌଭାଗ୍ୟ ପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗୀୟ ଶାସନ ସଚିବ ଡ. ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ମହାବିଦ୍ୟାଳୟ ଅଧକ୍ଷ ଲକ୍ଷ୍ମୀକାନ୍ତ ମହାପାତ୍ର, ଖଲିକୋଟ ଚାରୁକଳା ମହାବିଦ୍ୟାଳୟ ଅଧକ୍ଷ ଜୟନ୍ତ କୁମାର ଦାସ, ଅଧାପକ ଗଜେନ୍ଦ୍ର ପାଢ଼ୀ, ଚନ୍ଦ୍ରଶେଖର ସେଠୀ, ଚିତ୍ରଶିଳ୍ପୀ ରାମହରି ଜେନା, ଡ. ପାଠୀଙ୍କ ପୁତ୍ର ସୌଭାଗ୍ୟ ପାଠୀ, ମହାବିଦ୍ୟାଳୟ କର୍ମଚାରୀ ଓ ପୂର୍ବତନ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଦେଇଥିଲେ।

# ବିଧାନସଭା ଅଧିବେଶନ ପୂର୍ବରୁ କୋଭିଡ ଟେଷ୍ଟ



ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର, ବିଧାୟକ ସୁରେଶ କୁମାର ରାଉତରାୟ ଓ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ନମୂନା ସଂଗ୍ରହ କରାଯାଉଛି।

ଭୁବନେଶ୍ୱର, ୨୯।୮(ବ୍ୟୁରୋ)

ସେପ୍ଟେମ୍ବର ପହିଲାରୁ ବିଧାନସଭାର ମୌସୁମୀ ଅଧିବେଶନ। ଏହି ଅଧିବେଶନ ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ସମସ୍ତ ନିୟମ ମୁତାବକ ଗୃହ କାର୍ଯ୍ୟ ଚାଲିବ। ଯେଉଁ ସଦସ୍ୟମାନେ ଗୃହରେ ଉପସ୍ଥିତ ରହିପାରିବେ ନାହିଁ, ସେମାନଙ୍କ ପାଇଁ ଭର୍ଚୁଆଲ ମାଧ୍ୟମରେ ବ୍ୟବସ୍ଥା କରାଯାଇଛି ବୋଲି ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ସୂଚନା ଦେଇଛନ୍ତି। ଅପରପକ୍ଷରେ ରବିବାର ବିଧାନସଭା ପରିସରରେ ହୋଇଥିବା ସ୍ୱତନ୍ତ୍ର ଶିବିରରେ ବାଚସ୍ପତି, କଂଗ୍ରେସ ବିଧାୟକ ସୁରେଶ ରାଉତରାୟ, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ସମେତ ବହୁ ବିଧାୟକଙ୍କ କୋଭିଡ୍ ପରୀକ୍ଷା କରାଯାଇଛି। ଏଥିପାଇଁ ବିଧାନସଭା ପରିସରରେ ପୃଥକ୍ ପୃଥକ୍ ଦୁଇଟି କ୍ୟାମ୍ପ କରାଯାଇଛି। ଟିକା ନେଇଥିଲେ ବି ପ୍ରାୟ ୪୦ ପ୍ରତିଶତରୁ ଊର୍ଦ୍ଧ୍ୱ ଲୋକ କରୋନା ଆକ୍ରାନ୍ତ ହେଉଛନ୍ତି। ତେଣୁ ସମସ୍ତ କରୋନା ଗାଇଡ୍‌ଲାଇନ ପାଳିବା ଜରୁରୀ। ବିଧାନସଭାରେ ଉପସ୍ଥିତ ରହିବାକୁ ହେଲେ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ବିଧାୟିକାବିଧାୟକ, ସରକାରୀ କର୍ମଚାରୀ, ପ୍ରେସ୍ ଏବଂ ଇଲେକ୍ଟ୍ରୋନିକ୍ସ ମିଡିଆ ତଥା ଅନ୍ୟ ସମସ୍ତ କର୍ମଚାରୀଙ୍କ ଆର୍‌ଟିପିସିଆର୍ ଟେଷ୍ଟ କରିବା ବାଧ୍ୟତାମୂଳକ ବୋଲି ବାଚସ୍ପତି କହିଛନ୍ତି। ଏଥିସହ ସ୍ୱତନ୍ତ୍ର ଭାବେ ସମସ୍ତ ବିଧାୟକଙ୍କ ରୋଗ ପ୍ରତିରୋଧକ ଶକ୍ତି ଟେଷ୍ଟ କରାଯାଉଥିବା ପାତ୍ର ସୂଚନ ଦେଇଛନ୍ତି।



ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ମାରୱାଡି ଯୁବା ମଞ୍ଚ ପକ୍ଷରୁ ଭୁବନେଶ୍ୱରଠାରେ ବାହାରିଥିବା ସାଇକେଲ ରାଲି।

## ଜାତୀୟ କ୍ରୀଡ଼ା ଦିବସରେ ସାଇକେଲ ରାଲି

ଭୁବନେଶ୍ୱର,୨୯।୮

କୋଭିଡ୍ କଟକଣା ଓ ସରକାରୀ ଗାଇଡ୍‌ଲାଇନ ଅନୁସାରେ ମାରୱାଡ଼ି ଯୁବା ମଞ୍ଚ, ଭୁବନେଶ୍ୱର ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମଞ୍ଚ ପକ୍ଷରୁ ଏକ ସାଇକ୍ଲୋଥନ (ସାଇକେଲ ରାଲି)ର ଆୟୋଜନ କରାଯାଇଥିଲା। ସରକାରଙ୍କ ସୁସ୍ଥ ଭାରତ ଓ ସ୍ୱଚ୍ଛ ଭାରତର ବାର୍ତ୍ତାକୁ ନେଇ ୧୫୦ରୁ ଊର୍ଦ୍ଧ୍ୱ ସାଇକେଲ ଆରୋହୀ ଏହି ରାଲିରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏକ ଭିଡିଓ ବାର୍ତ୍ତା ଜରିଆରେ ଏହାର ଶୁଭାରମ୍ଭ କରିଥିଲେ। ଏହି ରାଲି ସ୍ଥାନୀୟ ଖାରପଡ଼ାଠାରୁ ଆରମ୍ଭ ହୋଇ କଳ୍ପନା ଓ କଳ୍ପନାରୁ ରସୁଲଗଡ଼ ଦେଇ ପୁଣି ଖାରପଡ଼ାକୁ ଫେରିଥିଲା। ରାଲିରେ ସବୁ ବର୍ଗର ଲୋକ ସାମିଲ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଡା. ନାରାୟଣ ମୋଦି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳକୁଦ କଲେ ଶରୀରର ବିକାଶ ସଙ୍ଗେ ସଙ୍ଗେ ମସ୍ତିଷ୍କର ବିକାଶ ହେବ ବୋଲି କହିଥିଲେ। ମଞ୍ଚର ଅଧ୍ୟକ୍ଷ ମିନେଶ ଖଣ୍ଡେଲୱାଲ ସ୍ୱାଗତ ଭାଷଣ ଦେଇ ମାରୱାଡ଼ି ଯୁବା ମଞ୍ଚ ବିଭିନ୍ନ ସମୟରେ ରାଜ୍ୟରେ ଅନେକ ସାମାଜିକ କାର୍ଯ୍ୟକ୍ରମ ସହିତ ନିଃଶୁଳ୍କ ହୋମିଓପାଥିକ ଚିକିତ୍ସାସେବା ଯୋଗାଉଛି ବୋଲି କହିଥିଲେ। ଶେଷରେ ମଞ୍ଚର ସମ୍ପାଦକ ଅରୁଣ ଅଗ୍ରୱାଲ ଧନ୍ୟବାଦ ପ୍ରଦାନ କରିଥିଲେ।

## ସ୍ୱାୟତ୍ତ ଶାସନ ଦିବସ ନିରାଡମ୍ବରରେ ପାଳିବ ବିଏମ୍‌ସି

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ମଙ୍ଗଳବାର ସ୍ୱାୟତ୍ତ ଶାସନ ଦିବସ। କରୋନା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି ) ଗତବର୍ଷ ଭଳି ଏ ବର୍ଷ ମଧ ନିରାଡମ୍ବର ଭାବେ ପାଳନ ହେବ। କାର୍ଯ୍ୟାଳୟକୁ ଆଲୋକରେ ସଜାଇବା ସହ ଏହା ପରିସରରେ ପତାକା ଉତ୍ତୋଳନ କରାଯିବ। ଏହି ଦିନରେ ବିଏମ୍‌ସି ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ, ଶିଳାନ୍ୟାସ, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସହରବାସୀଙ୍କ ପାଇଁ ଭିନ୍ନ ଭିନ୍ନ ଯୋଜନା ଭେଟି ଦେଇଥାଏ। ମାତ୍ର ଦୁଇବର୍ଷ ହେବ କରୋନା ପାଇଁ ସବୁକିଛି ବାତିଲ ହୋଇଛି। ଅପରପକ୍ଷେ ବର୍ଷ ପରେ ବର୍ଷ ବିତି ଯାଉଥିଲେ ମଧ ବହୁ ପ୍ରକଳ୍ପ ଏବେ ବି ଅଧାପନ୍ତରିଆ ହୋଇ ପଡିରହିଛି। ୨୦୧୯ରେ ରାଜଧାନୀବାସୀଙ୍କ ପାଇଁ ହୋଇଥିବା ପାର୍କ ଉତ୍ସବ, ମୁକ୍ତାକାଶ ପାଗାଠାର, ଡ୍ରେନ୍ ସମ୍ପ୍ରସାରଣ ଭଳି କେତେକ ଯୋଜନା ଏଯାବତ୍ ଠିକ୍ ଭାବେ କାର୍ଯ୍ୟକାରୀ ହୋଇ ପାରି ନାହିଁ।

## କବିତା ଆସର 'ମୋ ପ୍ରିୟ କବି'

ଭୁବନେଶ୍ୱର, ୨୯।୮ (ବ୍ୟୁରୋ)

ସାହିତ୍ୟାୟନ ପକ୍ଷରୁ ସ୍ୱତନ୍ତ୍ର କବିତା ଆସର 'ମୋ ପ୍ରିୟ କବି' ରବିବାର ଅନୁଷ୍ଠିତ ହୋଇଯାଇଛି। ଜୟକୃଷ୍ଣ ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଆସରକୁ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରି ଓଡ଼ିଆ କାବ୍ୟ କବିତାରେ ଯୁଗର ବୈଶିଷ୍ଟ୍ୟ ଭାଷାକୁ କିଭଳି ପ୍ରଭାବିତ କରିଛି ତାହା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଜୟଲକ୍ଷ୍ମୀ ମହାନ୍ତି ସାରଳା ମହାଭାରତ ପାଠ କରିଥିଲେ। ସେହିପରି ଦେବାଶିଷ ମହାପାତ୍ର ତାଙ୍କ ପ୍ରିୟ କବି ଗୋଦାବରୀଶ ମହାପାତ୍ରଙ୍କ କବିତା ପାଠ କରିଥିବାବେଳେ ସଂଘମିତା ଭଞ୍ଜ 'ବିଭୁଦତ୍ତ ମିଶ୍ର', ପାରମିତା ଷଡଙ୍ଗୀ 'ବଂଶୀଧର ଷଡଙ୍ଗୀ', ଜ୍ୟୋତ୍ସ୍ନା ତ୍ରିପାଠୀ 'ସୂର୍ଯ୍ୟମଣି ତ୍ରିପାଠୀ' ଜୟକୃଷ୍ଣ ତ୍ରିପାଠୀ 'ରାଧାମୋହନ ଗଡ଼ନାୟକ', ଜେନାମଣି ସଞ୍ଜୀବ କୁମାର 'ଅକ୍ଷୟ ମହାନ୍ତି'ଙ୍କ କବିତା ପାଠ କରି ସେମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି ଭାବେ ରକ୍ଷକ ନାୟକ ଯୋଗଦେଇ କବିତାଗୁଡିକ ଉପରେ ଆଲୋକପାତ କରିଥିଲେ। ସଞ୍ଜୟ ମହାନ୍ତି ସଂଯୋଜନା କରିଥିଲେ।

## ୱେବ୍ ପୋର୍ଟାଲ ମୁଖ୍ୟଙ୍କ ଗୁମର ଫିଟୁଛି

ଭୁବନେଶ୍ୱର,(ବ୍ୟୁରୋ)/ବାରଙ୍ଗ, ୨୯।୮(ଡି.ଏନ.ଏ.)

**ଦୁଇ ବ୍ୟବସାୟୀଙ୍କୁ ମୁଣ୍ଡଜାମିନ ରଖି ନିର୍ଯାତନା ଘଟଣା**
- ରାଜ୍ୟ ବାହାରକୁ ଖସିଗଲେ ରାଜ୍
- ବ୍ରହ୍ମପୁର ଓ ଭୁବନେଶ୍ୱରରେ ୪ରୁ ଊର୍ଦ୍ଧ୍ୱ ମାମଲା

ଦୁଇ ବ୍ୟବସାୟୀଙ୍କୁ ମୁଣ୍ଡଜାମିନ ରଖି ଅମାନୁଷିକ ନିର୍ଯାତନା ଘଟଣାରେ ନନ୍ଦନକାନନ ଥାନା ପୋଲିସ ଶନିବାର ଲାଇଭ୍ କଳିଙ୍ଗ ୱେବ୍ ପୋର୍ଟାଲର ସମ୍ପାଦିକାଙ୍କ ସମେତ ୫ଜଣଙ୍କୁ ଗିରଫ କରିଥିଲା। ତେବେ ଚଢ଼ାଉବେଳେ ଖସିଯାଇଥିବା ମୁଖ୍ୟ ଅଭିଯୁକ୍ତ ତଥା ପୋର୍ଟାଲ ସିଇଓ ରଘୁନାଥ ସାହୁ ଓରଫ ରାଜ୍ ରାଜ୍ୟ ବାହାରକୁ ପଳାଇଯାଇଥିବା ପୋଲିସ ଜାଣିବାକୁ ପାଇଛି। ତାଙ୍କୁ ଗିରଫ କରିବାକୁ କମିଶନରେଟ ପୋଲିସ ଦୁଇଟି ଟିମ୍ ଗଠନ କରିଥିବାବେଳେ ଖୁବ୍‌ଶୀଘ୍ର ସେ ଧରାପଡିବେ ବୋଲି ନନ୍ଦନକାନନ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି। ଅନ୍ୟପକ୍ଷରେ ତାଙ୍କ ଗଣମାଧ୍ୟମକୁ ବ୍ୟବହାର କରି ଘଟାଇଥିବା ଆପରାଧିକ କାର୍ଯ୍ୟର ଗୁମର ଫିଟିବାରେ ଲାଗିଛି। ପୂର୍ବରୁ ରାଜ୍‌ଙ୍କ ନାମରେ ଚନ୍ଦ୍ରଶେଖରପୁର ଓ ଇନ୍‌ଫୋସିଟି ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିବାବେଳେ ବ୍ରହ୍ମପୁର ବଡ଼ବଜାର ଓ ନୟାପଲ୍ଲୀ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିବା ପୋଲିସ ଜାଣିବାକୁ ପାଇଛି।

ପୋଲିସ ସୂଚନାନୁସାରେ, ୨୦୨୦ ଅଗଷ୍ଟ ୪ରେ ବଡ଼ବଜାର ଥାନା ଅଧୀନ ବାଲାଜିପେଣ୍ଠ ସାହିର ସନ୍ତୋଷ କୁମାର ବେହେରା ନାମକ ଜଣେ ମଦ ବ୍ୟବସାୟୀଙ୍କୁ ବ୍ଲାକ୍‌ମେଲ୍ କରିଥିଲେ। ମଦ ବ୍ୟବସାୟରେ ହେରଫେର ଓ ମିଶ୍ରଣ ଖବର ପରିବେଷଣ କରିବାକୁ ଧମକ ଦେଇ ରାଜ ତାଙ୍କୁ ୫ଲକ୍ଷ ଟଙ୍କା ଦାବି କରିଥିଲେ। ଏନେଇ ସନ୍ତୋଷ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ସେହିପରି ୨୦୨୧ ଜୁନ୍ ୮ରେ ନୟାପଲ୍ଲୀରେ ରହୁଥିବା ଜଣେ ଘରୋଇ କୋଚିଂ ସେଣ୍ଟର ମାଲିକ ଅଜୟ କୁମାର ବେହେରାଙ୍କୁ ରାଜ୍ ସାମ୍ବାଦିକ ପରିଚୟ ଦେଇ ଫୋନ୍ କରି କଳିଙ୍ଗ ଷ୍ଟାଡିୟମ ଗେଟ୍ ପାଖକୁ ଡାକିଥିଲେ। ଅଜୟ ସେଠାରେ ପହଞ୍ଚିବା ପରେ ରାଜ୍ ବ୍ଲାକ୍‌ମେଲ୍ କରିଥିଲେ। ଶୈଳଶ୍ରୀବିହାର ଏଚ୍‌ଆଇଜି–୧୬୭ରେ ଥିବା ଅଜୟଙ୍କ କୋଚିଂ ସେଣ୍ଟରରେ ଛାତ୍ରୀଙ୍କୁ ଖରାପ କାମରେ ଲଗାଯାଉଥିବାର ମିଛ ଆରୋପ କରି ରାଜ୍ ତାଙ୍କଠାରୁ ୨ଲକ୍ଷ ଟଙ୍କା ଦାବି କରିଥିଲେ। ନ ହେଲେ କୋଚିଂ ସେଣ୍ଟର ନାମରେ ଖବର ପ୍ରକାଶ ହେବ ବୋଲି କହିଥିଲେ। ଟଙ୍କା ଦେବାକୁ ରାଜି ନ ହେବାରୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ଅଜୟ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନା ଅଧିକାରୀ ଶରତ କୁମାର ସାହୁ କହିଛନ୍ତି, ସେତେବେଳେ ଅଜୟ ଘଟଣା ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। କିନ୍ତୁ ପରେ ସେ ତାଙ୍କ ଅଭିଯୋଗରେ ମାମଲା ରୁଜୁ ନ କରିବାକୁ କହିଥିଲେ।

## ଟ୍ରେନ୍ ଆଗକୁ ଡେଇଁ ଯୁବକଙ୍କ ଆତ୍ମହତ୍ୟା

କଟକ ଅଫିସ,୨୯।୮

କଟକ ଓଏମ୍‌ପି ଫ୍ଲାଏ ଓଭର ନିକଟରେ ରବିବାର ଟ୍ରେନ୍ ଆଗକୁ ଡେଇଁ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଧୀନ ନହରଣା ଗ୍ରାମର ନୀଳମଣି ସାହୁ(୪୫)। ଟ୍ରେନ୍ ଡ୍ରାଇଭର ଜିଆରପି ଥାନାରେ ଏତଲା ଦେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ବାଚନିକ ଇତିହାସକୁ ଗୁରୁତ୍ୱ ଦିଆଯିବା ଜରୁରୀ

ଭୁବନେଶ୍ୱର, ୨୯।୮(ବ୍ୟୁରୋ)




ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ ଏବଂ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ମିଳିତ ଉଦ୍ୟମରେ 'ଆଜାଦୀ କା ଅମୃତ ମହୋତ୍ସବ' ଶୀର୍ଷକ ୱେବିନାର ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପୂର୍ବତନ ମୁଖ୍ୟ ଡ. ସୋମାରାଣୀ ଚାନ୍ଦ ଯୋଗଦେଇ ପରାଧୀନତାରୁ ମୁକ୍ତି ଏବଂ ମୁକ୍ତିକାମୀ ମଣିଷର ସ୍ୱପ୍ନର ବିଶ୍ଳେଷଣ ଜରୁରୀ ବୋଲି କହିଛନ୍ତି। ସେ କହିଛନ୍ତି, ସ୍ୱାଧୀନତା ସଂଗ୍ରାମର ଇତିହାସରେ ନେତାମାନଙ୍କ ନାମ ପଛରେ ଅନ୍ୟ ସଂଗ୍ରାମୀମାନେ ଲୁଚି ଯାଇଛନ୍ତି। ଏବେ ଲୋକଙ୍କ ମୁହଁରେ ସେହି ସଂଗ୍ରାମୀମାନଙ୍କ ଅନେକ କାହାଣୀ ଜୀବନ୍ତ ଅଛି। ଏହି ବାଚନିକ ଇତିହାସକୁ ଗୁରୁତ୍ୱ ଦିଆଗଲେ ବହୁ ନାରୀ ସ୍ୱାଧୀନତା ସଂଗ୍ରାମୀ ଏବଂ ସ୍ଥାନୀୟ ଯୋଦ୍ଧାଙ୍କର ନାମ ଇତିହାସକୁ ଆସିବ ବୋଲି ସୋମାରାଣୀ କହିଛନ୍ତି। ଆଲୋଚନାରେ ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ଡ. କନକଲତା ମହାପାତ୍ର ଅଂଶଗ୍ରହଣ କରି କହିଛନ୍ତି ଯେ ସ୍ୱାଧୀନତା ଆନ୍ଦୋଳନ ସମୟରେ ସ୍ଥାନୀୟ ଭାବେ ବହୁ ସଂଗ୍ରାମୀ ଯୋଗଦେଇଥିଲେ। ଅବିଭକ୍ତ କୋରାପୁଟ ଜିଲାରୁ ଲକ୍ଷ୍ମୀ ପଣ୍ଡା, ଶାନ୍ତି ଶବରଙ୍କ ଭଳି ଅନେକ ମହିଳା ସଂଗ୍ରାମୀ ରହିଥିଲେ। ସେମାନଙ୍କ ତ୍ୟାଗକୁ ମନେ ନ ପକାଇଲେ ଇତିହାସ ଅପୂର୍ଣ୍ଣ ରହିଯିବ ବୋଲି କନକଲତା କହିଥିଲେ।

ପତ୍ରସୂଚନା କାର୍ଯ୍ୟାଳୟ ଏବଂ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ ପାଇକ ବିଦ୍ରୋହ ସମ୍ପର୍କରେ ଆଲୋଚନା କରି ଏଥିରେ ଓଡ଼ିଶାର ଯୋଗଦାନ ଏବଂ ଓଡ଼ିଶା ବୀରମାନଙ୍କର ଅବଦାନର ସ୍ମୃତିଚାରଣ କରିଥିଲେ। ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କହିଥିଲେ ଯେ ମନୁଷ୍ୟ ସ୍ୱାଧୀନ ହୋଇ ଜନ୍ମ ହୋଇଛି। କର୍ମ ଓ ଉନ୍ନତ ଚିନ୍ତାଧାରାର ଉପଯୋଗ ବିନା ସ୍ୱାଧୀନତା ମୂଲ୍ୟହୀନ ହୋଇପଡିବ। ଶୁଭେନ୍ଦୁ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ଅଧିକାରୀ ମହେନ୍ଦ୍ର ପ୍ରସାଦ ଜେନା, ମନମୋହନ ପାଢ଼ୀ ପ୍ରମୁଖ ବହୁ ଅଧିକାରୀ, ଛାତ୍ରୀଛାତ୍ର ଏବଂ ସାଧାରଣ ଜନତା ଅଂଶଗ୍ରହଣ କରିଥିଲେ।

# କୋରିଅରରେ ଦିଲ୍ଲୀକୁ ଗଞ୍ଜେଇ ଚାଲାଣ

ଭୁବନେଶ୍ୱର,୨୯।୮(ବ୍ୟୁରୋ)



ଜବତ ଗଞ୍ଜେଇ

- ଭୁବନେଶ୍ୱରରେ ଭଡ଼ାରେ ରହୁଥିବା ୟୁପିର ୨ ଯୁବକ ଗିରଫ
- ୪ଲକ୍ଷ ଟଙ୍କାର ଗଞ୍ଜେଇ ଜବତ
- ଖବର ଦେଇଥିଲେ କୋରିଅର କର୍ମଚାରୀ



ଗିରଫ ଅଭିଯୁକ୍ତ।

ଟ୍ରେନ୍‌ରେ ଯାଞ୍ଚ କଡ଼ାକଡ଼ି ହେଉଥିବାରୁ କୋରିଅରରେ ଗଞ୍ଜେଇ ଚାଲାଣ ହେଉଛି। ଭୁବନେଶ୍ୱରରେ ଭଡ଼ାରେ ରହି ଅଣଓଡ଼ିଆ ଯୁବକମାନେ ଏହି ବେଆଇନ ବେପାର କରୁଛନ୍ତି। ଗଜପତିରୁ ଭାୟା ଭୁବନେଶ୍ୱର ଦେଇ ଦିଲ୍ଲୀକୁ ଗଞ୍ଜେଇ ଚାଲାଣବେଳେ କମିଶନରେଟ ପୋଲିସ ହାତରେ ଧରାପଡିଛି। ର୍‍ୟାକେଟରେ ସମ୍ପୃକ୍ତ ୨ଜଣ ଆନ୍ତଃରାଜ୍ୟ ଚାଲାଣକାରୀଙ୍କୁ ଶହୀଦନଗର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଉତ୍ତରପ୍ରଦେଶ ଗଣ୍ଡାବସ୍ତି ଜିଲା କର୍ନାଲଗଞ୍ଜ ଥାନା ଅଞ୍ଚଳର ଅନିରୁଦ୍ଧ କୁମାର ମିଶ୍ର(୩୦) ଓ ଗାଜିଆବାଦ ଜିଲା ଖୋରା ଥାନା ଅଞ୍ଚଳର ମିନିଷ କୁମାର(୩୨)। ଏମାନଙ୍କଠାରୁ ୩ଟି ବାକ୍ସରେ ଭର୍ତ୍ତି ହୋଇଥିବା ୪୫ କେଜି ୧୫୦ ଗ୍ରାମର ଗଞ୍ଜେଇ ଜବତ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୪ ଲକ୍ଷ ୫୦ ହଜାର ଟଙ୍କା ହେବ। ଏନେଇ ପୋଲିସ ଏକ ମାମଲା (ନଂ–୩୪୦/୨୧) ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ତେବେ ଏମାନେ ଓଡ଼ିଶାରୁ କେତେଥର କାହାପାଖକୁ ଗଞ୍ଜେଇ ଚାଲାଣ କରିଛନ୍ତି ସେନେଇ ପୋଲିସ ଖୋଳତାଡ଼ କରୁଛି।

ପୋଲିସ ସୂଚନା ଅନୁଯାୟୀ, ଅଭିଯୁକ୍ତଦ୍ୱୟ ୩ ମାସ ହେବ ଓଡିଶା ଆସି ଗଞ୍ଜେଇ ଚାଲାଣ ପାଇଁ ଯୋଜନା କରିଥିଲେ। ମଞ୍ଚେଶ୍ୱର ଥାନା ଶବର ସାହିରେ ଏକ ଘର ଭଡା ନେଇ ରହୁଥିଲେ। ଗଜପତି ଜିଲା ମୋହନା ବ୍ଲକରେ କେତେଜଣ ଏଜେଣ୍ଟଙ୍କ ସହ ଯୋଗାଯୋଗରେ ରହୁଥିଲେ। ଏମାନେ ଟଙ୍କା ପଠାଇବା ପରେ ସେମାନେ ଗଞ୍ଜେଇକୁ ପ୍ୟାକିଙ୍ଗ କରି ବସ୍ ଯୋଗେ ଭୁବନେଶ୍ୱର ପଠାଉଥିଲେ। ଏହାପରେ ଉକ୍ତ ଗଞ୍ଜେଇକୁ ଭଡାଘରକୁ ଆଣି କପଡ଼ା ଗୁଡ଼ାଇ ବାକ୍ସରେ ଅଭିନବ ଉପାୟରେ ପାକିଂ କରୁଥିଲେ। ବାକ୍ସର ତଳଭାଗରେ ଗଞ୍ଜେଇ ରଖି ଉପରଭାଗରେ କପଡା ରଖି ରସୁଲକଡ଼ ଶିଳ୍ପାଞ୍ଚଳସ୍ଥିତ ଏକ କୋରିଅର ସହାୟତାରେ ଦିଲ୍ଲୀ ପଠାଉଥିଲେ। ଉକ୍ତ ଗଞ୍ଜେଇକୁ ରିସିଭ କରିବାକୁ ତାଙ୍କ ମଧ୍ୟରୁ ଜଣେ ଦିଲ୍ଲୀ ଚାଲିଯାଆନ୍ତି। ସେ ସେଠାରେ ଗଞ୍ଜେଇ ନେଇ ଠିକଣା ଜାଗାରେ ପହଞ୍ଚାଇଥାନ୍ତି। ତେବେ ୧୦ ଦିନ ତଳେ ଏକ ଗଞ୍ଜେଇ ବାକ୍ସକୁ ଦିଲ୍ଲୀ ପୋଲିସ ଧରିଥିଲା। ହେଲେ ସେତେବେଳେ ଏମାନେ ପୋଲିସ କବଳରୁ ଖସି ପଳାଇ ଆସିଥିଲେ। ଦିଲ୍ଲୀ ପୋଲିସ ଏକ ମାମଲା ରୁଜୁ କରି ଉକ୍ତ କୋରିଅର ସଂସ୍ଥାକୁ ନୋଟିସ କରିଥିଲା। ତେବେ ଶନିବାର ଦୁଇ ଅଭିଯୁକ୍ତ ପୁଣି ଗଞ୍ଜେଇ ପ୍ୟାକ୍ କରି ଉକ୍ତ କୋରିଅର କାର୍ଯ୍ୟାଳୟରେ ପହଞ୍ଚିବା ପରେ ସେଠାରେ ଥିବା କର୍ମଚାରୀ ପୋଲିସକୁ ଖବର ଦେଇଥିଲେ।

**୨୧ ହଜାର କୋଟିର ରାଇଟ୍ସ ଇସ୍ୟୁକୁ ଏୟାରଟେଲର ମଞ୍ଜୁରୀ**

ଭାରତୀ ଏୟାରଟେଲର ବୋର୍ଡ ୨୧ ହଜାର କୋଟି ଟଙ୍କାର ରାଇଟ୍ସ ଇସ୍ୟୁକୁ ରବିବାର ମଞ୍ଜୁରୀ ପ୍ରଦାନ କରିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍ଇ)କୁ କମ୍ପାନୀ ରେଗୁଲେଟୋରୀ ଫାଇଲିଂରେ ଏ ନେଇ ସ୍ପଷ୍ଟ କରିଛି। ପୁଞ୍ଜି ଉଠାଣ ଯୋଜନା ସମ୍ପର୍କରେ କମ୍ପାନୀର ବୋର୍ଡରେ ନିଷ୍ପତ୍ତି ହୋଇଥିଲା। ସମ୍ପୂର୍ଣ୍ଣ ପେଡ୍ଅପ୍ ଇକ୍ୱିଟି ଶେୟାର ପିଛା ଇସ୍ୟୁ ମୂଲ୍ୟ ୫୩୫ ଟଙ୍କା ରହିଛି। ଏହା ମଧ୍ୟରେ ଇକ୍ୱିଟି ଶେୟାର ପିଛା ପ୍ରିମିୟମ ୫୩୦ ଟଙ୍କା ରହିଥିବା ଜଣାପଡିଛି।

# ନୂତନ ଉତ୍ପାଦର ଉନ୍ମୋଚନ କରାଇଲା ବିପିଏଲ୍




ମୁମ୍ବାଇ,୨୯।୮

କୋଭିଡ୍ ମହାମାରୀ ଯୋଗୁ ସବୁ ବର୍ଗର ଲୋକ ଆର୍ଥିକ ମାନ୍ଦାବସ୍ଥା ଦେଇ ଗତି କରୁଛନ୍ତି। ଏଭଳି ସମୟରେ ଗ୍ରାହକଙ୍କ ମନରେ 'ହାପି ଲିଟିଲ ଥିଙ୍ଗସ' ବିପିଏଲ୍ ପକ୍ଷରୁ ତା'ର ୟୁନିକ ଉପଭୋକ୍ତାଙ୍କ ପାଇଁ ବିଭିନ୍ନ ରେଞ୍ଜ ଓ ସ୍ମାର୍ଟ ପ୍ରଡକ୍ଟର ଉନ୍ମୋଚନ କରାଯାଇଛି। କମ୍ପାନୀ ଏକ ନୂଆ ଚିନ୍ତାଧାରା ଓ ଅତ୍ୟାଧୁନିକ ଜ୍ଞାନକୌଶଳ ସହ ବିଭିନ୍ନ ଗୃହୋପଯୋଗୀ ସ୍ମାର୍ଟଲୀ-ଡିଜାଇନ କଞ୍ଜ୍ୟୁମର ଇଲେକ୍ଟ୍ରୋନିକ୍ସ ଉତ୍ପାଦଗୁଡ଼ିକର ବଜାର ପ୍ରବେଶ କରାଇଛି। କମ୍ପାନୀର ଏହି ନୂତନ ଉତ୍ପାଦର ଉନ୍ମୋଚନ ଅବସରରେ ନୂଆ ଏସି, ରେଫ୍ରିଜରେଟର, ମିକ୍ସଚର ଗ୍ରାଇଣ୍ଡର, ଷ୍ଟାଣ୍ଡ ଫ୍ୟାନ୍, ୱାଶିଂ ମେଶିନ୍ ଓ ଟିଭି ଭଳି ଅନେକ ନୂତନ ପ୍ରଡକ୍ଟ ଗ୍ରାହକଙ୍କୁ ଭେଟି ଦେଇଛି। କୋଭିଡ୍ ଯୋଗୁ ଲୋକମାନେ ଘରେ ରହୁଥିବାରୁ କମ୍ପାନୀ ଏକ ଅତ୍ୟାଧୁନିକ ଏସି ପ୍ରଡକ୍ଟର ମଧ୍ୟ ଗ୍ରାହକଙ୍କ ପାଇଁ ଉପଲବ୍ଧ କରାଯାଇଛି। ଏହି ପ୍ରଡକ୍ଟର ବ୍ୟବହାର ଫଳରେ ସ୍ଥାନୀୟ ପରିବେଶର ଜୀବାଣୁ ଏବଂ ଧୂଳିକଣା ନିରୋଧୀ ପ୍ରଯୁକ୍ତି ଯୋଗୁ ଉପଭୋକ୍ତାଙ୍କୁ ସ୍ୱଚ୍ଛ ବାୟୁ ପ୍ରଦାନ ସହ ଏକ ସୁରକ୍ଷିତ ଜୀବନଯାପନର ପରିବେଶ ପ୍ରଦାନ କରିବ। ସେହିଭଳି ଏହାର ରେଫ୍ରିଜରେଟରରେ ଅନେକ ପ୍ରକାରର ନେଚର୍ ଫ୍ରେସ୍ ପ୍ରଯୁକ୍ତି ରହିଛି, ଯାହା ଖାଦ୍ୟପଦାର୍ଥକୁ ସତେଜ ଓ ଜୀବାଣୁମୁକ୍ତ ରଖିବା ସହିତ ମୂଳ ସୁଗନ୍ଧ ପ୍ରଦାନ କରିବ। ସେହିପରି କମ୍ପାନୀର ନୂଆ ୪-କେ ଆଣ୍ଡ୍ରଏଡ୍ ସ୍ମାର୍ଟଟିଭି ବଜାରରେ ଉପଲବ୍ଧ ହୋଇଛି, ଏହାର ଉନ୍ନତ ଜ୍ଞାନକୌଶଳ ଓ ଅନୁଭୂତି ଗ୍ରାହକଙ୍କୁ ଏକ ଆରାମଦାୟକ ଦୃଶ୍ୟ ଓ ଶବ୍ଦ ପ୍ରଦାନ କରିବ ଏବଂ ବର୍ତ୍ତମାନ ସମୟର ଚାହିଦାକୁ ସୁହାଇବା ଭଳି ମୂଲ୍ୟ ଓ ମଡେଲ ମିଳିପାରିବ। ବିପିଏଲର ନୂଆ ୱାଶିଂ ମେଶିନ ମଧ୍ୟ ଅନ୍ୟ କମ୍ପାନୀର ପ୍ରଡକ୍ଟ ଠାରୁ ୩୦% କମ୍ ପାଣି ବ୍ୟବହାର ସହ ବିଦ୍ୟୁତ ଶକ୍ତି ସଞ୍ଚୟ ହେବ ବୋଲି ଜଣାପଡିଛି। ଏଥିରେ ଥିବା ମ୍ୟାଜିକ୍ ସେନ୍ସର୍ ଲାଇଟ୍ ଯୋଗୁ ଏହାର ବ୍ୟବହାର ମଧ୍ୟ ବ୍ୟବହାରକାରୀଙ୍କ ଉପସ୍ଥିତି ଅନୁସାରେ ଅନ୍ ଓ ଅଫ୍ ହେବ। କମ୍ପାନୀ ଅଡିଓ ଉପକରଣ ଏବଂ ସ୍ପିକର୍ ଉତ୍ପାଦ ଗୁଡ଼ିକୁ ମଧ୍ୟ ଏହି ପରିପ୍ରେକ୍ଷୀରେ ଉନ୍ମୋଚନ କରିଛି। ଏହି ଉତ୍ପାଦଗୁଡ଼ିକର ପ୍ରଚାର ଲାଗି କମ୍ପାନୀ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବ। ଗ୍ରାହକମାନେ ବିପିଏଲ୍ ଉତ୍ପାଦଗୁଡ଼ିକ ନିକଟତମ ଇଲେକ୍ଟ୍ରୋନିକ୍ସ ଶୋ'ରୁମରେ ଉପରୋକ୍ତ ସାମଗ୍ରୀଗୁଡ଼ିକୁ କିଣିପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ଗଢ଼ିବ ୧୦୦ ବନ୍ଦେ ଭାରତ ଟ୍ରେନ୍

**୨୦୨୪ ସୁଦ୍ଧା ନିର୍ମାଣ ସାରିବା ଲକ୍ଷ୍ୟ**

ନୂଆଦିଲ୍ଲୀ,୨୯।୮

୨୦୨୪ ମାର୍ଚ୍ଚ ସୁଦ୍ଧା ୧୦୦ ବନ୍ଦେ ଭାରତ ଟ୍ରେନ ନିର୍ମାଣ ଲାଗି କେନ୍ଦ୍ର ସରକାର ଯୋଜନା ରଖିଛନ୍ତି। ଭାରତୀୟ ରେଳପଥ ପକ୍ଷରୁ ଏ ନେଇ ପ୍ରସ୍ତୁତି କରାଯାଇଥିବା ଜଣାପଡିଛି। ୨୦୨୩ ଅଗଷ୍ଟ ୧୫ ସୁଦ୍ଧା ଦେଶର ପ୍ରମୁଖ ସହରଗୁଡ଼ିକୁ ୭୫ ବନ୍ଦେ ଭାରତ ଟ୍ରେନ ଚଳାଇବାକୁ ଲକ୍ଷ୍ୟ ରଖାଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସ ଅଭିଭାଷଣରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଆଗକୁ ବଢ଼ାଇବା ଲାଗି ରେଲୱେ ପକ୍ଷରୁ ବିଭିନ୍ନ ଟେଣ୍ଡର ଜାରି କରାଯାଇଛି। ଏହା ମଧ୍ୟରେ ୫୮ ବନ୍ଦେ ଭାରତ ରେକ୍ ଲାଗି ପ୍ରପଲସନ ସିଷ୍ଟମ ଏବଂ ଅନ୍ୟାନ୍ୟ ଯନ୍ତ୍ରାଂଶ ସାମିଲ ରହିଛି। ୪୪ ବନ୍ଦେ ଭାରତ ଏକ୍ସପ୍ରେସର ରେକ୍ ଲାଗି ମେଧା ସର୍ଭୋ ନାମକ କମ୍ପାନୀକୁ ଚଳିତବର୍ଷ କଣ୍ଟ୍ରାକ୍ଟ ପ୍ରଦାନ କରାଯାଇଛି। ଏହି ୨ କଣ୍ଟ୍ରାକ୍ଟରେ ମୋଟ ୧୦୨ ଟ୍ରେନ ସାମିଲ ରହିଥିବା ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ ମତ ପ୍ରକାଶ କରିଛନ୍ତି।

# 'ଅନ୍‌ଲାଇନ୍ ବ୍ୟବସାୟ ଟ୍ରେଡର୍ସଙ୍କ ସମସ୍ୟା ବଢ଼ାଉଛି'

ଅନୁଗୋଳ ଅଫିସ, ୨୯।୮




କାର୍ଯ୍ୟକ୍ରମରେ ଅନୁଷ୍ଠାନର କର୍ମକର୍ତ୍ତା।

ଓଡ଼ିଶା ଫୁଟ୍ ୱେୟାର ଟ୍ରେଡର୍ସ ଆସୋସିଏଶନ୍ (ଓଏଫ୍‌ଟିଏ) ସଦସ୍ୟଙ୍କୁ ନେଇ ଏକ ସମ୍ମିଳନୀ ଅନୁଗୋଳରେ ଅନୁଷ୍ଠିତ ହୋଇଯାଇଛି। ଓଏଫ୍‌ଟିଏ ସଭାପତି ଓମ୍‌ପ୍ରକାଶ ତୁଲସିୟାନ୍, ଉପସଭାପତି ସଞ୍ଜୟ ଲୋହିଆ, ସମ୍ପାଦକ ଅବଦୁଲ ରଜାକ ମେହମୁଦ୍, ଯୁଗ୍ମ ସମ୍ପାଦକ ମହମ୍ମଦ ନିଜାମୁଦ୍ଦିନ୍, କୋଷାଧ୍ୟକ୍ଷ କମଲ ମାଫିକା, ପୂର୍ବତନ ଅଧ୍ୟକ୍ଷ ସତ୍ୟଜିତ୍ ପାତ୍ର, ମୁକେଶ ଜୈନ୍ ପ୍ରମୁଖ ଯୋଗଦେଇଥିଲେ। ଫୁଟ୍‌ୱେୟାର କମ୍ପାନୀଗୁଡିକ ଅନ୍‌ଲାଇନ କାରବାର କରିବା ଦ୍ୱାରା ଟ୍ରେଡର୍ସମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ୭-୮ମାସ ହେଲା ଅନ୍‌ଲାଇନ୍ ମାର୍କେଟିଂ କମ୍ପାନୀଗୁଡ଼ିକ ସିଧାସଳଖ କାରବାର କରୁଛନ୍ତି। ନିର୍ଦ୍ଦିଷ୍ଟ ଆପ୍ ମାଧ୍ୟମରେ ଗ୍ରାହକଙ୍କୁ ପ୍ରଲୋଭନ ଦେଖାଉଛନ୍ତି। ଗୋଟିଏ ଉତ୍ପାଦକୁ ଟ୍ରେଡର୍ସ ଯେତିକି ଟଙ୍କାରେ କିଣୁଛି, ତା' ଠାରୁ କମ୍ ଦାମରେ କମ୍ପାନୀ ସିଧାସଳଖ ଅନଲାଇନରେ ଗ୍ରାହକ ଏବଂ ରିଟେଲରଙ୍କୁ ବିକ୍ରି କରୁଛି। ଅନ୍‌ଲାଇନରେ କମ୍ ଦରରେ ସାମଗ୍ରୀ ପାଇବା ପରେ ଡିଷ୍ଟ୍ରିବ୍ୟୁଟରଙ୍କ ଉପରେ ରିଟେଲରଙ୍କ ଭରସା ତୁଟୁଛି। ସେମାନେ ଡିଷ୍ଟ୍ରିବ୍ୟୁଟରଙ୍କ ଦ୍ୱାରା ଠକେଇର ଶିକାର ହେଉଥିବା ଭାବୁଛନ୍ତି। ଅନ୍‌ଲାଇନ କିଣାବିକା ଦ୍ୱାରା ଓଡ଼ିଶା ସରକାରଙ୍କୁ ଟିକସ ମିଳୁନାହିଁ। ଏହା ଅନ୍ୟ ରାଜ୍ୟର ରାଜକୋଷକୁ ଚାଲିଯାଉଛି। ରାଜ୍ୟରେ ଫୁଟୱେୟାର ଶିଳ୍ପରେ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସମ୍ପୃକ୍ତ ଅଛନ୍ତି। କମ୍ପାନୀଗୁଡ଼ିକର ଅନ୍‌ଲାଇନ୍ କାରବାର ସେମାନଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଉଛି। ଏହାର ପ୍ରତିକାର କରାଯିବା ଆବଶ୍ୟକ ବୋଲି ଦାବି ଉଠିଥିଲା। ବୈଠକରେ ଅନୁଗୋଳ, ଢେଙ୍କାନାଳ, କଟକ, ଭୁବନେଶ୍ୱର, ବୌଦ୍ଧ, ଭବାନୀପାଟଣା, କେଶିଙ୍ଗା, ବରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ରାଉରକେଲା ଅଞ୍ଚଳର ୨୦ଜଣ ଟ୍ରେଡର୍ସ ଯୋଗ ଦେଇଥିଲେ।

## ଫୁର୍‌ସତ୍

# ଖାଦ୍ୟଯୋଗ୍ୟ ଶାଢ଼ି





ଥିରୁଭାନନ୍ତପୁରମ୍: ଏମିତି ଏକ ଶାଢ଼ି ଅଛି ଯାହାକୁ ଖାଦ୍ୟ ଭାବେ ବ୍ୟବହାର କରିହେବ। କଥାଟା ହୁଏତ ଅନେକଙ୍କୁ ବିସ୍ମିତ କରିପାରେ। କିଛି ଅଲଗା କରି ଲୋକଲୋଚନକୁ ଆସିବା ଉଦ୍ଦେଶ୍ୟରେ ଏହି ଖାଇବାଯୋଗ୍ୟ ଶାଢ଼ି ତିଆରି କରିଛନ୍ତି କେରଳର କୋଲମ୍ ଅଞ୍ଚଳର ଡିଜାଇନର ଆନ୍ନା ଏଲିଜାବେଥ୍ ଜର୍ଜ। ତେବେ ଭିନ୍ନ କଥା ହେଉଛି, ରୋଷେଇ ଘରର ବିଭିନ୍ନ ସାମଗ୍ରୀକୁ ନେଇ ଏହି ଶାଢ଼ି ପ୍ରସ୍ତୁତ ହୋଇଛି। ଏଥିପାଇଁ ତାଙ୍କୁ ମୋଟ ୭ ଦିନ ସମୟ ଲାଗିଥିଲା। ଶାଢ଼ିର ଓଜନ ୨ କିଲୋଗ୍ରାମ୍। ତିଆରି କରିବା ପାଇଁ ଏଲିଜାବେଥ୍ ପ୍ରଥମେ ଏକ ବିଶେଷ ପ୍ରକାର କାଗଜ (ୱେଫର ପେପର) ବ୍ୟବହାର କରିଥିଲେ। ପାରମ୍ପରିକ ଡିଜାଇନରେ ଫିକା ଧଳା ରଙ୍ଗର ଶାଢ଼ି ତିଆରି କରିବା ନିମନ୍ତେ ସେ ଗୋଲ୍ଡେନ ବର୍ଡର ଦେଇଛନ୍ତି। ଏହି ଶାଢ଼ିଟି କେରଳର ପ୍ରସିଦ୍ଧ ଓନାମ ପର୍ବରେ ପିନ୍ଧାଯାଉଥିବା ଶାଢ଼ି ଡିଜାଇନରେ ପ୍ରସ୍ତୁତି। ଏଥିପାଇଁ ମୋଟ ୩୦ହଜାର ଟଙ୍କା ଖର୍ଚ୍ଚ ହୋଇଛି। ତେବେ ପ୍ରଥମ ଥର ପାଇଁ ଏଭଳି ଏକ ବିଶେଷ ଧରଣର ଶାଢ଼ି ତିଆରି କରି ଏବେ ଏଲିଜାବେଥ୍ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଆନ୍ନା ପେସାରେ ଜଣେ ସେଲ୍ ବାୟୋଲୋଜି ରିସର୍ଚ୍ଚର। ଏହି ଜ୍ଞାନ ବ୍ୟବହାର କରି ସେ ଏପରି ଏକ ଶାଢୀ ତିଆର କରିପାରି ଥିବା କହିଛନ୍ତି। ଡିଜାଇନ କରିବା ସହିତ ତାଙ୍କର ନୂଆ ନୂଆ ରୋଷେଇ କରିବାରେ ମଧ୍ୟ ସଉକ ରହିଛି। ଏହି ସଫଳତାର ସମସ୍ତ ଶ୍ରେୟ ସେ ତାଙ୍କ ଅଜାଙ୍କୁ ଦେଇଛନ୍ତି। ପାରମ୍ପରିକ ଶୈଳୀରେ ଖାଦ୍ୟ ପ୍ରସ୍ତୁତ କରିବାକୁ ତାଙ୍କ ଅଜା ବହୁତ ଭଲ ପାଉଥିଲେ। ଅଜାଙ୍କ ସ୍ମୃତିରେ ସେ ଏହି ଶାଢ଼ି ତିଆରି କରିଛନ୍ତି ବୋଲି କହନ୍ତି। ଏଲିଜାବେଥ୍ ଏହାକୁ ବିକ୍ରି କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏଥିଯୋଗୁ ସେ ବିଶ୍ୱ ରେକର୍ଡ କରିବା ନେଇ ମଧ୍ୟ ଆଶା ରଖିଛନ୍ତି।

# ବରକୁ ଶକ୍ତ ଚାପୁଡ଼ା ଲଗାଇଲେ କନ୍ୟା

**ବେଦିରେ ଗୁଟ୍‌ଖା ଖାଉଥିଲେ**

ବିବାହ ମଣ୍ଡପରେ ଜଣେ କନ୍ୟା ବରଙ୍କୁ ଚାପୁଡ଼ା ମାରିବା ଭିଡିଓ ଭାଇରାଲ ହୋଇଛି। ଘଟଣାରୁ ଜଣାପଡ଼ିଛି, ବିବାହ କରିବାକୁ ବର ବରଯାତ୍ରୀ ସହ କନ୍ୟାଘରକୁ ଆସିଥିଲେ। ଏହା ପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସମୟରେ ବର ବେଦୀରେ ବସି ଲୁଚି ଗୁଟ୍‌ଖା ପ୍ୟାକେଟରୁ ବାହାର କରି ଖାଉଥିଲେ। ଏହା ଦେଖି ଶେଷରେ କନ୍ୟା ରାଗରେ ଲାଲ ପଡ଼ିଯାଇଥିଲେ। ପରେ ସେ ଏକ ଶକ୍ତ ଚାପୁଡ଼ା ବରଙ୍କ ଗାଲକୁ ମାରିଥିଲେ। ଏହା ଦେଖି ସେଠାରେ ଉପସ୍ଥିତ ଥିବା ଲୋକେ ଆଶ୍ଚର୍ଯ୍ୟ ହୋଇଥିଲେ। ପରେ ବର ବେଦୀରୁ ଉଠିଯାଇ ଗୁଟ୍‌ଖା କାଢ଼ି ଆସି ବେଦୀରେ ବସିଥିଲେ। ପରେ ବିବାହ ସମ୍ପନ୍ନ ହୋଇଥିଲା।



ପ୍ରିୟଙ୍କା ଚୋପ୍ରା

# କିଛି ପ୍ରଶ୍ନର ଉତ୍ତର ନ ଥାଏ

**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ବଲିଉଡ୍ ସମେତ ହଲିଉଡ୍‌ରେ ମଧ୍ୟ ବେଶ୍ ନାଁ କମାଇଛନ୍ତି। ଆମେରିକା ଗାୟକ ନିକ୍ ଜୋନାସଙ୍କୁ ସେ ବିବାହ କରିଛନ୍ତି। ବଲିଉଡ୍‌ରେ କ୍ୟାରିୟର ଆରମ୍ଭ କରିଥିବା ପ୍ରିୟଙ୍କା ଏବେ ହଲିଉଡ୍‌ର ନାମୀଦାମୀ କଳାକାରଙ୍କ ସହ ଅଭିନୟ କରୁଛନ୍ତି। ମାତ୍ର ବଲିଉଡ ଆଉ ହଲିଉଡ୍ ମଧ୍ୟରୁ କାହାକୁ ପସନ୍ଦ କରିବେ ତାହା ତାଙ୍କ ପାଇଁ ବହୁତ କଷ୍ଟକର। ଖାସ୍ କରି ପ୍ରଶଂସକମାନଙ୍କୁ ଜଣାଇବା ପାଇଁ ପ୍ରିୟଙ୍କା ଇନ୍‌ଷ୍ଟାଗ୍ରାମରେ ଏକ ମଜାଳିଆ ରିଲ୍ ଶେୟାର କରିଛନ୍ତି। ଏହି ଭିଡିଓରେ ଭିନ୍ନ ଭିନ୍ନ କଥାକୁ ନେଇ ପ୍ରିୟଙ୍କା ଅପଶନ ରଖିଛନ୍ତି। ଯେଉଁଥିରେ ଗୋଟିଏ ଅପଶନ ତାଙ୍କୁ ଚୟନ କରିବାକୁ ହେବ। ଗୋଟିଏ କ୍ୱାଲିଟି ଆଉ ଗୋଟିଏରେ କ୍ୱାଣ୍ଟିଟି। ଏଥିମଧ୍ୟରୁ ପ୍ରିୟଙ୍କା କ୍ୱାଲିଟିକୁ ପସନ୍ଦ କରିଛନ୍ତି। ହଟ୍ କଫି ଏବଂ ଆଇସ୍‌ଡ କଫିକୁ ସେ ଲାଇକ୍ କରିଛନ୍ତି। ହେଲେ ବଲିଉଡ୍ ନା ହଲିଉଡ୍ କେଉଁଟି ଅଧିକ ପସନ୍ଦ ବୋଲି ପଚରାଯାଇଥିବା ପ୍ରଶ୍ନରେ ପ୍ରିୟଙ୍କା କହିଛନ୍ତି କିଛି ପ୍ରଶ୍ନର ଉତ୍ତର ନ ଥାଏ। ପ୍ରଶ୍ନଉତ୍ତରକୁ ମୁଁ ଏଇଠି ଶେଷ କରୁଛି ବୋଲି ପ୍ରିୟଙ୍କା ଶେଷରେ କହିଛନ୍ତି। ପ୍ରିୟଙ୍କା ଏବେ ହଲିଉଡ୍ ସିରିଜ 'ସିଟାଡେଲ'ର ଶୁଟିଂରେ ବ୍ୟସ୍ତ ଅଛନ୍ତି। ଶୁଟିଂ ସମୟରେ ପ୍ରିୟଙ୍କା ଆହତ ବି ହୋଇଛନ୍ତି।

# ୪ ଗୋଡ଼ିଆ ତିମିର ଜୀବାଶ୍ମ ମିଳିଲା

**କାଇରୋ:** ଗୋଡ଼ ଥିବା ତିମି କଥା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବା ସ୍ୱାଭବିକ। ତେବେ ଇଜିପ୍ଟର ଫାୟୋମ ସ୍ଥିତ ମରୁଭୂମିରୁ ଏଭଳି ତିମି ମାଛର ପ୍ରାୟ ୪ କୋଟି ୩୦ ଲକ୍ଷ ବର୍ଷ ତଳର ଜୀବାଶ୍ମ ମିଳିଛି। ଜୀବାଶ୍ମରୁ ଜଣାପଡ଼ିଛି ଏହି ତିମି ମାଛର ୪ଟି ଗୋଡ଼ ଥିଲା। ଏହା ପାଣିରେ ପହଁରି ପାରିବା ସହିତ ଭୂଭାଗରେ ମଧ୍ୟ ଚାଲି ପାରୁଥିଲା। ଏହାକୁ ଫିଓମିସେଟସ ଅନୁବିସ ଭାବେ ନାମିତ କରାଯାଇଛି। ଆନୁବିସ ହେଉଛନ୍ତି ପ୍ରାଚୀନ ମିଶରର ମୃତ୍ୟୁର ଦେବତା। ଏହାର ଓଜନ ୬୦୦ କିଲୋଗ୍ରାମ ଏବଂ ଲମ୍ବ ୩ ମିଟର ହେବ ବୋଲି ଜୀବାଶ୍ମରୁ ଅନୁମାନ କରାଯାଇଛି। ମନସୁରା ବିଶ୍ୱିଦ୍ୟାଳୟର ବୈଜ୍ଞାନିକ ଅବଦୁଲା ଗୋହରଙ୍କ ଅନୁସାରେ ଏହି ପ୍ରଜାତିର ତିମି ମାଛ ଅତି ପ୍ରାଚୀନ ସମୟରେ ଦେଖାଯାଉଥିଲେ। ସୂଚନାଯୋଗ୍ୟ, ଫାୟୋମ ସ୍ଥିତ ମରୁଭୂମିରେ ୫ କୋଟି ୬୦ ଲକ୍ଷ ବର୍ଷରୁ ୩ କୋଟି ୩୯ ଲକ୍ଷ ବର୍ଷର ପୁରାତନ ଜୀବାଶ୍ମ ମିଳିଥାଏ। ତେଣୁ ଏହାକୁ ଜୀବାଶ୍ମର ଗନ୍ତାଘର ବୋଲି କୁହାଯାଇଥାଏ।




**ଦ୍ୱିତୀୟ ବାର୍ଷିକ ଜନ୍ମଦିନ ଶୁଭେଚ୍ଛା**



ବି.ଏନ୍. ପଦ୍ମନାଭ ପାତ୍ର (କ୍ରୀଷ୍ଣା)
ପାତ୍ରସାହି, ଲକ୍ଷ୍ମୀନାରାୟଣପୁର, ପିପିଲି, ପୁରୀ
ଆଜି ତୋର ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ତୋତେ ଯଶସ୍ୱୀ, ଦୀର୍ଘାୟୁ କରନ୍ତୁ। ତୋର ଚଲାପଥ କୁସୁମିତ ହେଉ ଏତିକି କାମନା।
ଶୁଭେଚ୍ଛା ସହ:
ଜେଜେ, ଜେଜେମାଆ, ବଡ଼ବାପା, ବଡ଼ବୋଉ, ବାପା, ମାମା, କାହ୍ନା, ମାମା, ସିପୁନ, ଆଶିଷ, ପ୍ରସାଦ ଏବଂ ବନ୍ଧୁ ପରିବାରବର୍ଗ।
ଧ-୭୦୪୭୬

**ଜନ୍ମଦିନ ଶୁଭେଚ୍ଛା**



(ସାହିଲ)
ତନ୍ମୟ ତନ୍‌ବୀର ମଙ୍ଗରାଜ
ରାମଚନ୍ଦ୍ରପୁର, ବାଲିଅନ୍ତା
ଆଜି ତୋର ୧୧ତମ ଜନ୍ମଦିନରେ ପ୍ରଭୁ ଶ୍ରୀ ବକ୍ରେଶ୍ୱର ତୋତେ ଦୀର୍ଘାୟୁ କରନ୍ତୁ। ତୋର ଚଲାପଥ କୁସୁମିତ ହେଉ।
-:ଶୁଭେଚ୍ଛା ସହ:-
ଜେଜେମାଆ, ବାପା: ତୈଲୋକ, ମାମା: ଲକ୍ଷ୍ମିପ୍ରିୟା, କାକୁ: ଅଶୋକ, କାକି: ଜ୍ୟୋସ୍ନା, ଭଉଣୀ: ମାମୁନୀ।
ଧ-୭୧୨୦୩

**ଦ୍ୱିତୀୟ ବାର୍ଷିକ ଜନ୍ମଦିନ ଶୁଭେଚ୍ଛା**



ବି.ଏନ୍. ସୁବର୍ଣ୍ଣା ପାତ୍ର (ସୁଇଟି)
ପାତ୍ରସାହି, ଲକ୍ଷ୍ମୀନାରାୟଣପୁର, ପିପିଲି, ପୁରୀ
ଆଜି ତୋର ଦ୍ୱିତୀୟ ଜନ୍ମବାର୍ଷିକରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଶ୍ରୀଶ୍ୱପ୍ନେଶ୍ୱରଦେବ ତୋତେ ଦୀର୍ଘାୟୁ, ଯଶସ୍ୱୀ କରିବା ସହ ତୋର ଚଲାପଥ କୁସୁମିତ କରନ୍ତୁ। ଆମ୍ଭମାନଙ୍କର ଏତିକି କାମନା।
ଶୁଭେଚ୍ଛା ସହ:
ଜେଜେ, ଜେଜେମାଆ, ବଡ଼ବାପା, ବଡ଼ବୋଉ, ବାପା, ମାମା, କାହ୍ନା, ମାମା, ସିପୁନ, ଆଶିଷ, ପ୍ରସାଦ ଏବଂ ବନ୍ଧୁ ପରିବାରବର୍ଗ।
ଧ-୭୦୪୭୫


# ବିଭିନ୍ନ ଅନୁପାଳନ ସୀମା ବୃଦ୍ଧି

ନୂଆଦିଲ୍ଲୀ,୨୯।୮

ଅର୍ଥ ମନ୍ତ୍ରଣାଳୟ ରବିବାର ଜିଏସ୍‌ଟି ଆମନେଷ୍ଟି ସ୍କିମ ସୀମାକୁ ନଭେମ୍ବର ୩୦ ଯାଏ ବୃଦ୍ଧି କରିଛି। ମାସିକ ରିଟର୍ନ ଫାଇଲ କରିବା ବିଳମ୍ବ ଦେୟରେ ଟିକସଦାତା ଏହା ଦ୍ୱାରା କିଛିଟା ରିହାତି ପାଇବେ। ବାକି ପଡିଥିବା ଟିକସ ଦେୟ ବିଳମ୍ବରେ ପ୍ରଦାନ କ୍ଷେତ୍ରରେ ଟିକସଦାତାଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଲାଗି କେନ୍ଦ୍ର ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଚଳିତବର୍ଷ ମେ ମାସରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନଙ୍କ ଅଧ୍ୟକ୍ଷତାରେ ବସିଥିବା ଉଚ୍ଚ ସ୍ତରୀୟ ବୈଠକରେ ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯାଇଥିଲା। ଜୁଲାଇ ୨୦୧୭ ପରଠାରୁ ଚଳିତବର୍ଷ ଏପ୍ରିଲ ଯାଏ ଯେଉଁ ଟିକସଦାତା ଜିଏସ୍‌ଟିଆର୍-୩ବି ପ୍ରଦାନ କରିବାକୁ ସକ୍ଷମ ହୋଇନାହାନ୍ତି ଏହାଦ୍ୱାରା ସେମାନେ ଲାଭବାନ ହୋଇପାରିବେ ବୋଲି କୁହାଯାଉଛି। ଯେଉଁ ଟିକସଦାତାଙ୍କର ଟିକସ ଲାଏବିଲିଟି ନାହିଁ ପ୍ରତି ରିଟର୍ନ ପିଛା ସେମାନଙ୍କ ଲାଗି ଦେୟ ସୀମା ୫୦୦ ଟଙ୍କା ରଖାଯାଇଛି। ସେହିଭଳି ଟିକସ ଲାଏବିଲିଟି ଥିବା ବ୍ୟକ୍ତି ବିଶେଷଙ୍କ ଲାଗି ରିଟର୍ନ ପିଛା ଦେୟ ସୀମା ୧ ହଜାର ଟଙ୍କା ରଖାଯାଇଛି। ଚଳିତବର୍ଷ ଅଗଷ୍ଟ ୩୧ ସୁଦ୍ଧା ଏହି ପେମେଣ୍ଟ ପ୍ରଦାନ କରିବା ଲାଗି କୁହାଯାଇଛି।

## 'ବିବିଧ ସେ ବିଶ୍ୱାସ ସ୍କିମ୍' ପେମେଣ୍ଟ

ନୂଆଦିଲ୍ଲୀ,୨୯।୮: ପ୍ରତ୍ୟକ୍ଷ ଟିକସ ବିବାଦ ସମାଧାନ ସ୍କିମ 'ବିବିଧ ସେ ବିଶ୍ୱାସ'ର ପେମେଣ୍ଟ ଅବଧିକୁ କେନ୍ଦ୍ର ସରକାର ସେପ୍ଟେମ୍ବର ୩୦ ଯାଏ ବଢାଇଛନ୍ତି। ସେହିଭଳି ପ୍ରତ୍ୟକ୍ଷ ଟିକସ କ୍ଷେତ୍ରରେ ବିଭିନ୍ନ ଅନୁପାଳନ ସୀମାକୁ ସରକାର ବଢାଇଛନ୍ତି। ଚଳିତ ଆର୍ଥିକବର୍ଷ ଲାଗି ଇକ୍ୱାଲାଇଜେଶନ ଲେଭି ଷ୍ଟେଟମେଣ୍ଟ ଫର୍ମ ୧ କ୍ଷେତ୍ରରେ ସମୟ ସୀମା ଡିସେମ୍ବର ୩୧କୁ ବଢାଯାଇଛି। ଫର୍ମ ୧୫ ସିସିର ତ୍ରୈମାସିକ ଷ୍ଟେଟମେଣ୍ଟ କ୍ଷେତ୍ରରେ ଅଧିକୃତ ଡିଲରଙ୍କ ଲାଗି ଜୁନ ଏବଂ ସେପ୍ଟେମ୍ବର ତ୍ରୈମାସର ରିଟର୍ନ ଯଥାକ୍ରମେ ନଭେମ୍ବର ୩୦ ଏବଂ ଡିସେମ୍ବର ୩୧ ସୁଦ୍ଧା ଫାଇଲ କରିବାକୁ ହେବ। ସେହିଭଳି ପେନ୍‌ସନ ଫଣ୍ଡ ଏବଂ ସଭରେନ ୱେଲଥ ଫଣ୍ଡର ଇଲେକ୍‌ଟ୍ରୋନିକ୍ସ ଫାଇଲିଂ ଫର୍ମ କ୍ଷେତ୍ରରେ ଅବଧିକୁ ମଧ୍ୟ ବଢାଯାଇଛି। ଜୁନ ଏବଂ ସେପ୍ଟେମ୍ବର ତ୍ରୈମାସ ଲାଗି ସୀମା ନଭେମ୍ବର ୩୦ ଏବଂ ଡିସେମ୍ବର ୩୧ ରଖାଯାଇଛି। ଜୁନ ଏବଂ ସେପ୍ଟେମ୍ବର ତ୍ରୈମାସ ଲାଗି ୧୫ଜି ଏବଂ ୧୫ ଏଚ୍ ଡିକ୍ଲାରେଶନ ଅପ୍‌ଲୋଡ କରିବା ଅବଧିକୁ ଯଥାକ୍ରମେ ନଭେମ୍ବର ୩୦ ଏବଂ ଡିସେମ୍ବର ୩୧କୁ ବଢାଯାଇଥିବା କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ ସୂଚନା ରହିଛି।


**ମନେ ପଡ଼ନ୍ତି**

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



√ସନ୍ଦିପ ମହାନ୍ତି (ଟୁନୁ)
(ଭୁବନେଶ୍ୱର)
ଆବିର୍ଭାବ : ୨୬/୧୧/୧୯୮୫
ତିରୋଧାନ : ୩୦/୦୮/୨୦୦୬
ଚାହୁଁ ଚାହୁଁ ୧୫ବର୍ଷ ହୋଇଗଲା। କଲେଜ କୁ ଯାଇ ଆଉ ଫେରିଲୁ ନାହିଁ। ତୋର ଅନୁପସ୍ଥିତି ପ୍ରତି ମୁହୂର୍ତ୍ତରେ ଆମ ସମସ୍ତଙ୍କୁ ଆନ୍ଦୋଳିତ କରୁଛି। ତୁ ଯେଉଁଠି ଥା ଭଲରେ ଥା। ତୋର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ଆମେ ବିନମ୍ର ପ୍ରାର୍ଥନା କରୁଅଛୁ।
ଶୋକସନ୍ତପ୍ତ :- ବାବା, ମା, ବଡ଼ବାପା, ବଡ଼ବୋଉ, ଦାଦା, ଖୁଡି, ଦେଇ, ଭାଇ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୭୧୧୪୨

**୨୧ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ନରେନ୍ଦ୍ର ପ୍ରସାଦ ସିଂ (ଓପିଏସ୍)
ପୂର୍ବତନ ଅବସରପ୍ରାପ୍ତ ଡିଏସ୍‌ପି
ଜଗନ୍ନାଥ ଭବନ, କୁଞ୍ଜକାନ୍ତ, ଢେଙ୍କାନାଳ
ଆବିର୍ଭାବ- ୨୭।୦୩।୧୯୪୩
ତିରୋଧାନ- ୨୩।୦୮।୨୦୦୦
ଆଜି ୨୧ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
ବନ୍ଧୁ ଓ ପରିବାରବର୍ଗ।
ଧ-୭୦୩୫୦

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

Admission Open 2021-22 Session
B.SC NURSING
Approved by Govt. of Odisha & affiliated to Utkal University
ADMISSION ELIGIBILITY
+2 Science Pass
45% of mark in PCB for Gen. Category
40% of mark in PCB for SC & ST Category
SRI BALADEVJEW COLLEGE OF NURSING
Email : srigurudevtrust2020@gmail.com
Kajala, Kendrapara
7008513605, 9439927471

ବାବା ମୁବାରକ୍ ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ



A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

BIJAY FINANCE
ମାର୍କସିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ମାଛଚାଷ ଓ ଗାଈ ପାଳନ ଇତ୍ୟାଦି ସମସ୍ତ ପ୍ରକାର ଋଣ ପାଇ ପାରିବେ ୧୦ଦିନ ମଧ୍ୟରେ।
ସୁଧ = 2%
M: 8280679220
M: 8280198227

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ପିସିଆଇ, ସାଇ, ଟପ୍ସକୁ ପଦକ ଉତ୍ସର୍ଗ କଲେ ଭାବିନାବେନ

ଟୋକିଓ,୨୯।୮

ଯେଉଁମାନେ ମୋତେ ସାହାଯ୍ୟ ସମର୍ଥନ କରିଆସିଛନ୍ତି ସେମାନଙ୍କ ପ୍ରତି ଏହି ପଦକ ଉତ୍ସର୍ଗ କରୁଛି ବୋଲି ଭାବିନାବେନ ପଟେଲ କହିଛନ୍ତି। ପିସିଆଇ, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ), ଟାର୍ଗେଟ ଅଲିମ୍ପିକ୍ସ ପୋଡିୟମ ସ୍କିମ (ଟିଓପିଏସ୍), ବ୍ଲାଇଣ୍ଡ ପିପୁଲ ଆସୋସିଏଶନ, ପରିବାର ଓ ବନ୍ଧୁବର୍ଗଙ୍କୁ ଏହି ପଦକ ଉତ୍ସର୍ଗ କରିବା ସହ ସେ କୃତଜ୍ଞତା ଜଣାଇଛନ୍ତି। ମାତ୍ର ୧୨ ମାସରେ ସେ ପୋଲିଓର ଶିକାର ହୋଇଥିଲେ। ମୋ କୋଚ୍, ଫିଜିଓ, ଡାଏଟିସିଆନ, ସ୍ପୋର୍ଟ୍ସ ସାଇକୋଲୋଜିଷ୍ଟଙ୍କୁ ମଧ୍ୟ କୃତଜ୍ଞତା ଜଣାଉଛି ବୋଲି ସେ କହିଛନ୍ତି। ଏମାନେ ମୋତେ ଭଲ ଖେଳିବା ପାଇଁ ପ୍ରେରଣା ଦେଇ ଆସିଛନ୍ତି।

ଝୋଉ ପୂର୍ବରୁ ୫ ପାରାଲିମ୍ପିକ ପଦକ ହାସଲ କରିଛନ୍ତି। ଏଥିରେ ବେଜିଂ ଓ ଲଣ୍ଡନ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ସାମିଲ ରହିଛି। ସେ ମଧ୍ୟ ୬ଥର ବିଶ୍ୱ ଚାମ୍ପିୟନଶିପ୍ ପଦକ ହାସଲ କରିଛନ୍ତି। ଝୋଉଙ୍କ ଭଳି ଜଣେ ଉଚ୍ଚକୋଟୀର ଖେଳାଳିଙ୍କ ବିପକ୍ଷରେ ଭାବିନାବେନ ତାଙ୍କ ରଣନୀତି କାର୍ଯ୍ୟକାରୀ କରିପାରି ନ ଥିଲେ। ଝୋଉ ଏବେ ବିଶ୍ୱ ର୍ୟାଙ୍କିଂର ଦ୍ୱାଦଶ ସ୍ଥାନରେ ରହିଛନ୍ତି। ଏହା ପୂର୍ବରୁ ଭାବିନାବେନ ଶନିବାର ସେମିଫାଇନାଲରେ ବିଶ୍ୱର ୩ ନମ୍ବର ଖେଳାଳି ଚାଇନାର ମିଆଓ ଝାଙ୍ଗଙ୍କୁ ୭-୧୧, ୧୧-୭, ୧୧-୪, ୯-୧୧, ୧୧-୮ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ସେ କ୍ୱାର୍ଟର ଫାଇନାଲରେ ୨୦୧୬ ରିଓ ପାରାଲିମ୍ପିକ୍ସ ସ୍ୱର୍ଣ୍ଣ ପଦକ ବିଜୟିନୀ ତଥା ବିଶ୍ୱର ୨ ନମ୍ବର ଖେଳାଳି ସର୍ବିୟାର ବୋରିସ୍ଲାଭା ପେରିକ ରାଙ୍କୋଭିକ୍‌ଙ୍କୁ ପରାସ୍ତ କରି ସେମିକୁ ଉଠିବା ସହ ପଦକ ନିଶ୍ଚିତ କରିଥିଲେ। ମାତ୍ର ୧୩ ବର୍ଷରେ ସେ ଅହମଦାବାଦର ଭସ୍ତ୍ରପୁର ଅଞ୍ଚଳରେ ଥିବା ବ୍ଲାଇଣ୍ଡ ପିପୁଲ ଆସୋସିଏଶନରେ ଖେଳିବା ଆରମ୍ଭ କରିଥିଲେ। ତାଙ୍କ ସ୍ୱାମୀ ନିକୁଞ୍ଜ ପଟେଲ ଗୁଜରାଟ ପାଇଁ ଜୁନିୟର କ୍ରିକେଟ ଖେଳିଥିଲେ। ୨୦୧୧ରେ ସେ ପିଟିଟି ଥାଇଲାଣ୍ଡ ଟେବୁଲ ଟେନିସ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିବା ପରେ ବିଶ୍ୱ ର୍ୟାଙ୍କିଂର ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ୨୦୧୩ ଅକ୍ଟୋବରରେ ସେ ବେଜିଂରେ ଅନୁଷ୍ଠିତ ଏସିଆନ ପାରା ଟେବୁଲ ଟେନିସ ଚାମ୍ପିୟନଶିପ୍‌ରେ ମହିଳା ସିଙ୍ଗଲ୍ସ କ୍ଲାସ ୪ରେ ରୌପ୍ୟ ପଦକ ଜିତିଥିଲେ।


ଭାବିନାବେନ ପଟେଲ

## ୩ କୋଟି ପୁରସ୍କାର

ଟୋକିଓ ପାରାଲିମ୍ପିକ୍‌ରେ ଟେବୁଲ ଟେନିସ୍ (ଟିଟି)ରେ ରୌପ୍ୟ ପଦକ ହାସଲ କରିଥିବା ଭାବିନାବେନ ପଟେଲଙ୍କୁ ଗୁଜରାଟ ସରକାର ୩ କୋଟି ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରିବେ। ରବିବାର ଏ ନେଇ ସରକାରଙ୍କ ତରଫରୁ ଘୋଷଣା କରାଯାଇଛି। ଏହି ଅସାଧାରଣ ସଫଳତା ପାଇଁ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟ ସରକାରଙ୍କ 'ଦିବ୍ୟାଙ୍ଗ ଖେଳପ୍ରତିଭା ପ୍ରୋତ୍ସାହନ ପୁରସ୍କାର ଯୋଜନା' ଅନୁସାରେ ତାଙ୍କୁ ୩ କୋଟି ଟଙ୍କା ପୁରସ୍କାର ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ଭାବିନାବେନ ଗୁଜରାଟ ଏବଂ ସାରା ଦେଶ ପାଇଁ ଗର୍ବ ଓ ଗୌରବ ଆଣିଦେଇଛନ୍ତି ବୋଲି ସେ କହିଛନ୍ତି।

## ଟିଟିଏଫ୍‌ଆଇର ୩୩ ଲକ୍ଷ ଟଙ୍କା ପୁରସ୍କାର

ଟେବୁଲ ଟେନିସ ଫେଡେରେଶନ ଅଫ ଇଣ୍ଡିଆ (ଟିଟିଏଫ୍‌ଆଇ) ମଧ୍ୟ ରବିବାର ଭାବିନାବେନ ପଟେଲଙ୍କୁ ୩୩ ଲକ୍ଷ ଟଙ୍କା ପୁରସ୍କାର ଦେବାକୁ ଘୋଷଣା କରିଛି। ହରିୟାଣା ଉପମୁଖ୍ୟମନ୍ତ୍ରୀ ତଥା ଟିଟିଏଫ୍‌ଆଇ ଅଧ୍ୟକ୍ଷ ଦୁଷ୍ମନ୍ତ ଚୌତାଲା ସୋସିଆଲ ମିଡିଆରେ ଏ ନେଇ ଘୋଷଣା କରିଛନ୍ତି। ଭାବିନାବେନ ନିଜର ଅସାଧାରଣ ପ୍ରଦର୍ଶନ ବଳରେ ଦେଶକୁ ଗୌରବାନ୍ୱିତ କରିଛନ୍ତି ବୋଲି ସେ କହିଛନ୍ତି।

## ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଅଭିନନ୍ଦନ

**ନୂଆଦିଲ୍ଲୀ, ୨୯।୮:** ଟୋକିଓ ପାରାଲିମ୍ପିକ୍ସରେ ଭାବିନାବେନ ପଟେଲଙ୍କ ସମେତ ଦେଶ ପାଇଁ ପଦକ ଜିତିଥିବା ଆଥ୍‌ଲେଟମାନଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ଟେବୁଲ ଟେନିସରେ ରୌପ୍ୟ ପଦକ ଜିତି ଭାବିନାବେନ ଭାରତୀୟଙ୍କୁ ଉତ୍ସାହିତ କରିଛନ୍ତି। ନିଜର ଅସାଧାରଣ ସଫଳତା ପାଇଁ ସେ ଦେଶକୁ ଗର୍ବ ଓ ଗୌରବ ଆଣିଦେଇଛନ୍ତି। ତାଙ୍କୁ ବହୁତ ବହୁତ ଅଭିନନ୍ଦନ ଜଣାଉଛି ବୋଲି ରାଷ୍ଟ୍ରପତି ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ଭାବିନାବେନ ଇତିହାସ ସୃଷ୍ଟି କରିଛନ୍ତି। ସେ ଦେଶ ପାଇଁ ଐତିହାସିକ ରୌପ୍ୟ ପଦକ ହାସଲ କରିଛନ୍ତି। ତାଙ୍କୁ ଅଭିନନ୍ଦନ ଜଣାଉଛି ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ତାଙ୍କ ଜୀବନୀ ଅନ୍ୟମାନଙ୍କ ପାଇଁ ପ୍ରେରଣା ସୃଷ୍ଟି କରିଛି। ଏଥିସହ ସେ ଯୁବ ଖେଳାଳିଙ୍କ କ୍ରୀଡ଼ା ପ୍ରତି ଅନୁପ୍ରାଣିତ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ତାଙ୍କ ସହ ପ୍ରଧାନମନ୍ତ୍ରୀ ଫୋନ କରି କଥା ମଧ୍ୟ ହୋଇଛନ୍ତି। ଭବିଷ୍ୟତରେ ସେ ଆହୁରି ଏହିପରି ସଫଳତା ହାସଲ କରନ୍ତୁ ବୋଲି ସେ ଶୁଭେଚ୍ଛା ଜଣାଇଛନ୍ତି। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ, କଂଗ୍ରେସ ନେତା ରାହୁଲ ଗାନ୍ଧୀ, ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ବିଜେତା ଅଭିନବ ବିନ୍ଦ୍ରା ମଧ୍ୟ ତାଙ୍କୁ ଟୁଇଟ୍ କରି ଅଭିନନ୍ଦନ ଜଣାଇଛନ୍ତି। ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ଅଧ୍ୟକ୍ଷ ଦୀପା ମଲିକ, ପୂର୍ବତନ କ୍ରିକେଟର ବୀରେନ୍ଦ୍ର ସେହ୍ୱାଗ, ଭିଭିଏସ୍ ଲକ୍ଷ୍ମଣ, ଅନିଲ କୁମ୍ବଲେ ମଧ୍ୟ ପଦକ ହାସଲ କରିଥିବା ସବୁ ଖେଳାଳିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଫିଟ୍ ଇଣ୍ଡିଆ ଆପ୍ ଲଞ୍ଚ କଲେ ଠାକୁର


ଫିଟ୍ ଇଣ୍ଡିଆ ମୋବାଇଲ ଆପ୍ ଲଞ୍ଚ ଅବସରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର।

**ନୂଆଦିଲ୍ଲୀ, ୨୯।୮(ପି.ଟି.):** ଜାତୀୟ କ୍ରୀଡ଼ା ଦିବସରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଫିଟ୍ ଇଣ୍ଡିଆ ମୋବାଇଲ ଆପ୍ ଲଞ୍ଚ କରିଛନ୍ତି। ରବିବାର ସ୍ଥାନୀୟ ମେଜର ଧ୍ୟାନଚାନ୍ଦ ନ୍ୟାଶନାଲ ଷ୍ଟାଡିୟମରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଫିଟ୍ ଇଣ୍ଡିଆ ମୁଭମେଣ୍ଟର ଦ୍ୱିତୀୟ ବାର୍ଷିକୀରେ ଏହି ଆପ୍ ଲଞ୍ଚ କରାଯାଇଛି। ଏହି ଆପ୍ ପର୍ସନାଲ ଟ୍ରେନର ତଥା ଫିଟ୍‌ନେସ୍ ଗାଇଡ୍ ଭାବେ ସମସ୍ତଙ୍କୁ ସହାୟତା ପ୍ରଦାନ କରିବ।

ଜାତୀୟ କ୍ରୀଡ଼ା ଦିବସରେ ଦେଶର କୋଟି କୋଟି ନାଗରିକଙ୍କୁ ଭାରତ ସରକାରଙ୍କ ତରଫରୁ ଏହି ଆପ୍ ଉପହାର ସଦୃଶ ବୋଲି ଠାକୁର କହିଛନ୍ତି। ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଇଥାଏ। ଏହି ଫିଟ୍ ଇଣ୍ଡିଆ ଆପ୍ ଧ୍ୟାନଚାନ୍ଦଙ୍କ ପାଇଁ ଏକ ଶ୍ରଦ୍ଧାଞ୍ଜଳି। ଧ୍ୟାନଚାନ୍ଦ ଦେଶ ପାଇଁ ଏକ ସ୍ପୋର୍ଟ୍ସ ଆଇକନ ବିବେଚିତ ହୋଇ ଆସୁଛନ୍ତି।

ଭର୍ଚୁଆଲି ଆୟୋଜିତ ଏହି ଇଭେଣ୍ଟରେ ଟୋକିଓ ଅଲିମ୍ପିକ୍ସ ବ୍ରୋଞ୍ଜ୍ ପଦକ ବିଜୟୀ ଭାରତୀୟ ପୁରୁଷ ହକି ଦଳର ଅଧିନାୟକ ମନପ୍ରୀତ ସିଂ ଯୋଗ ଦେଇଥିଲେ। କ୍ରୀଡ଼ାବିତ୍‌ମାନେ ଫିଟ୍ ରହିବା ପାଇଁ ଏହି ଆପ୍ ବ୍ୟବହାର କରିବା ଅପରିହାର୍ଯ୍ୟ ବୋଲି ଠାକୁର କହିଛନ୍ତି। ଖେଳାଳିମାନେ ଏହି ଆପ୍ ଫଲୋ କରିବା ଉଚିତ। ନାଗରିକମାନେ ଫିଟ୍ ରହିଲେ ଆମ ଦେଶ ମହାନ୍ ହୋଇପାରିବ। ସାଧାରଣତଃ ଆମେ ଫିଟ୍‌ନେସକୁ ସେତେଟା ଗୁରୁତ୍ୱ ଦେଇ ନ ଥାଉ। ତେବେ ଦୈନନ୍ଦିନ ଜୀବନରେ ଫିଟ୍‌ନେସ ପାଇଁ ଆମେ ମାତ୍ର ଅଧଘଣ୍ଟା ସମୟ ଦେବାର ଆବଶ୍ୟକତା ରହିଛି। ଏହି ଆପ୍‌କୁ ଯେକୌଣସି ଲୋକ ଖୁସି ସହିତ ବ୍ୟବହାର କରିପାରିବେ। ଏହି ଆପ୍ ବ୍ୟବହାର କରିବା ଅତି ସହଜ ଓ ଉପାଦେୟ ବୋଲି ସେ କହିଛନ୍ତି।

ମନପ୍ରୀତ ମଧ୍ୟ ସମାନ କଥା କହିଛନ୍ତି। ଏହି ଆପ୍ ବ୍ୟବହାର କରୁଛି ଓ ଏହା ମୋ ଫିଟ୍‌ନେସ ଉନ୍ନତିରେ ସହାୟ ହେବ ବୋଲି ଆଶା କରୁଛି ବୋଲି ସେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ନୀତୀଶ ପ୍ରମାଣିକ, କ୍ରୀଡ଼ା ସଚିବ ରବି ମିତ୍ତଲ ଓ ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଡାଇରେକ୍ଟର ଜେନେରାଲ ସନ୍ଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଭର୍ଷ୍ଟାପେନଙ୍କୁ ଟାଇଟଲ

ସ୍ପା-ଫ୍ରାଙ୍କୋରଚାମ୍ପ୍ସ, ୨୯।୮

ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନ୍‌ଙ୍କୁ ବେଲଜିଆନ ଫର୍ମୁଲା ୱାନ ଗ୍ରାଁ ପ୍ରିର ବିଜେତା ଘୋଷଣା କରାଯାଇଛି। ପ୍ରବଳ ବର୍ଷା ଯୋଗୁ ଏହି ମୋଟର ରେସ୍ ୩ ଘଣ୍ଟା ବିଳମ୍ବରେ ଆରମ୍ଭ ହୋଇଥିଲା। ସେଫ୍ଟି କାର ସହ ରେସ୍ ଆରମ୍ଭ ହୋଇଥିଲା। ମାତ୍ର କେବଳ ଦୁଇଟି ଲାପ୍ ରେସ୍ ସମ୍ଭବ ହୋଇଥିଲା। ଫଳରେ ଗ୍ରୀଡ୍ ଅର୍ଡର ଭିତ୍ତିରେ ବିଜେତା ଘୋଷଣା କରାଯାଇଥିଲା। ୱିଲିୟମ୍ସ ଡ୍ରାଇଭର ଜର୍ଜ ରସେଲ ଓ ମର୍ସିଡିଜ୍‌ର ଲିୱିସ ହାମିଲଟନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପଏଣ୍ଟ ପ୍ରଦାନ ପାଇଁ ଦୁଇଟି ଲାପ୍ ରେସ୍ ଯଥେଷ୍ଟ ଥିଲା। ଚାମ୍ପିୟନଶିପ୍ ଟେବୁଲରେ ଭର୍ଷ୍ଟାପେନ୍ ବର୍ତ୍ତମାନ ହାମିଲଟନଙ୍କ ଅଗ୍ରଣୀକୁ ୩ ପଏଣ୍ଟ ହ୍ରାସ କରିପାରିଛନ୍ତି। ରସେଲଙ୍କର ଏହାଥିଲା ପ୍ରଥମ ପୋଡିୟମ ଫିନିଶ। ଏହି ରେସ୍‌ର ଚତୁର୍ଥରୁ ୧୦ମ ସ୍ଥାନ ଯଥାକ୍ରମେ ଡାନିଲ ରିକାର୍ଡୋ, ସେବାଷ୍ଟିଆନ ଭେଟେଲ, ପିଏରେ ଗାସ୍‌ଲୀ, ଏଷ୍ଟିବାନ ଓକନ, ଚାର୍ଲ୍ସ ଲେକ୍‌ରେକ୍ ନିକୋଲାସ ଲତିଫି ଓ କାର୍ଲୋସ ସେଞ୍ଜ୍ ଅକ୍ତିଆର କରିଥିଲେ।


ଟୋକିଓ ପାରାଲିମ୍ପିକ୍ସର ପୁରୁଷ ହାଇଜମ୍ପ ଟି୪୭ ପ୍ରତିଯୋଗିତା ଅବସରରେ ଭାରତର ରୌପ୍ୟ ପଦକ ବିଜୟୀ ନିଷାଦ କୁମାର।

## ରୋହିତ ଚାମୋଲି, ଭରତ ଜୁନ୍ ଜିତିଲେ ସ୍ୱର୍ଣ୍ଣ

**ଏସିଆନ ଜୁନିୟର ବକ୍ସିଂ ଚାମ୍ପିୟନଶିପ୍**

**ନୂଆଦିଲ୍ଲୀ, ୨୯।୮ (ପି.ଟି.):** ଦୁବାଇରେ ଚାଲିଥିବା ଏସିଆନ ଜୁନିୟର ବକ୍ସିଂ ଚାମ୍ପିୟନଶିପ୍‌ରେ ଭାରତର ରୋହିତ ଚାମୋଲି (୪୮କେଜି), ଭରତ ଜୁନ୍ (+୮୧କେଜି), ବିଶୁ ରାଠି (୪୮କେଜି ବାଳିକା) ଓ ତନୁ (୫୨କେଜି ବାଳିକା) ସେମାନଙ୍କ ଫାଇନାଲ ମୁକାବିଲାରେ ବିଜୟ ହାସଲ କରି ସ୍ୱର୍ଣ୍ଣପଦକ ଲାଭ କରିଛନ୍ତି। ଚାମୋଲି ଏକ ସଂଘର୍ଷପୂର୍ଣ୍ଣ ଫାଇନାଲରେ ମଙ୍ଗୋଲିଆରେ ଓଟଗୋଁବାୟାର ଡୁଭସିନ୍‌ଜାୟାଙ୍କୁ ୩-୨ରେ ହରାଇ ଦେଇଛନ୍ତି। ଜୁନ୍ କିନ୍ତୁ କାଜାଖସ୍ତାନର ୟେରଦୋସ ଶାରିପ୍‌ବେକ୍‌ଙ୍କ ବିପକ୍ଷରେ ୫-୦ରେ ବିଜୟ ହାସଲ କରିଥିଲେ। ଅନ୍ୟ ଏକ ଫାଇନାଲରେ ଗୌରବ ସଇନି (୭୦କେଜି) ଉଜ୍‌ବେକିସ୍ତାନର ବୋଲତେଭ୍ ଶାଭକାତଜୋନ୍‌ଙ୍କଠାରୁ ୦-୫ରେ ହାରି ରୌପ୍ୟ ଜିତିଛନ୍ତି। ବାଳିକା ପ୍ରତିଯୋଗିତାରେ ରାଠି ଉଜବେକିସ୍ତାନର ବାଖତିୟୋରୋଭା ରୋବିୟାଖୋନ୍‌ଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ପରେ ତନୁ ୩-୨ରେ କାଜାଖସ୍ତାନର ତୋମିରିସ୍ ମିର୍ଜାକୁଲଙ୍କୁ ହରାଇ ଦେଶ ପାଇଁ ଆଉ ଏକ ସ୍ୱର୍ଣ୍ଣ ପଦକ ଆଣି ଦେଇଥିଲେ। ତେବେ ମୁସ୍କାନ ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଉଜ୍‌ବେକିସ୍ତାନର ଗାନିଏଭା ଗୁଲ୍‌ସେଭାରଙ୍କଠାରୁ ପରାଜିତ ହେବାରୁ ତାଙ୍କୁ ରୌପ୍ୟରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଭାରତ ଇତିମଧ୍ୟରେ ଜୁନିୟର ଇଭେଣ୍ଟରେ ୬ ବ୍ରୋଞ୍ଜ ପଦକ ହାସଲ କରିସାରିଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ର ଫୁଜାଇରାଠାରେ ୨୦୧୯ରେ ଅନୁଷ୍ଠିତ ଗତ ଏସିଆନ ଜୁନିୟର ଚାମ୍ପିୟପଶିପ୍‌ରେ ଭାରତ ୨୧ ପଦକ (୬ ସ୍ୱର୍ଣ୍ଣ, ୯ ରୌପ୍ୟ ଓ ୬ ବ୍ରୋଞ୍ଜ) ସହ ତୃତୀୟ ହୋଇଥିଲା। ସୋମବାର ୟୁଥ୍ ଇଭେଣ୍ଟରେ ୧୫ ଭାରତୀୟ ବକ୍ସର ସ୍ୱର୍ଣ୍ଣ ପଦକ ଲଢେଇରେ ଅବତୀର୍ଣ୍ଣ ହେବେ।


ରୋହିତ ଚାମୋଲି

## ହାଫ୍ ମାରାଥନରେ ୟେହୁଆଲାଙ୍କ ବିଶ୍ୱ ରେକର୍ଡ

ଲାର୍ନେ (ନର୍ଦର୍ନ ଆୟର୍ଲାଣ୍ଡ), ୨୯।୮

ଇଥିଓପିଆର ୟାଲେମ୍‌ଜେର୍ଫ ୟେହୁଆଲା ୧୯ ସେକେଣ୍ଡରେ ମହିଳା ହାଫ୍ ମାରାଥନ ବିଶ୍ୱ ରେକର୍ଡ ଭଙ୍ଗ କରିଛନ୍ତି। ନର୍ଦର୍ନ ଆୟର୍ଲାଣ୍ଡରେ ଅନୁଷ୍ଠିତ ଆଣ୍ଟ୍ରିମ୍ କୋଷ୍ଟ ଇଭେଣ୍ଟକୁ ସେ ୧ଘଣ୍ଟା ୩ ମିନିଟ୍ ଓ ୪୩ ସେକେଣ୍ଡ ଟାଇମିଂରେ ଜିତିଛନ୍ତି। ପୂର୍ବରୁ ଏହି ରେକର୍ଡ କେନିଆର ରୁଥ୍ ଚେପେନଗେଟିଚ୍‌ଙ୍କ ନାମରେ ରହିଥିଲା। ଗତ ଏପ୍ରିଲରେ ଇସ୍ତାନବୁଲ୍‌ରେ ୧:୦୪.୦୨ ଟାଇମିଂରେ ସେ ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିଥିଲେ। ୟେହୁଆଲା କହିଛନ୍ତି, ବିଶ୍ୱ ରେକର୍ଡ ଭଙ୍ଗ କରିବା ଲାଗି ସେ ପୂର୍ବରୁ ଦୁଇଥର ଚେଷ୍ଟା କରି ବିଫଳ ହୋଇଛନ୍ତି। ଲାର୍ନେଠାରେ ସେ ସଫଳ ହୋଇଥିବାରୁ ଖୁବ୍ ଆନନ୍ଦିତ। କେନିଆର ଭେନ୍ ନିଆବୋକ୍ (୧:୦୯.୪୪) ଓ ବ୍ରିଟେନର ରୋଜ୍ ହାର୍ଭେ (୧: ୧୦.୨୦) ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଇଥିଓପିଆର ଜେମାଲ ୟିମେର ତାଙ୍କ ଟିମ୍‌ମେଟ୍ ଟେସ୍‌ଫାହୁନ୍ ଆକାଲନ୍ୟୁଙ୍କୁ ମାତ୍ର ୧ ସେକେଣ୍ଡରେ ପଛରେ ପକାଇ ୬୦:୨୯ରେ ପୁରୁଷ ଇଭେଣ୍ଟ ଜିତିଥିଲେ। ଗତବର୍ଷ ଉଦ୍‌ଘାଟନୀ ଇଭେଣ୍ଟରେ ସାର୍ ମୋ ଫାରାଙ୍କ କୋର୍ସ ରେକର୍ଡ (୬୦:୨୭) ସମକକ୍ଷରୁ ୟିମେର ୨ସେକେଣ୍ଡ ପଛରେ ରହିଥିଲେ। କେନିଆର ଶାଡ୍ରାକ୍ କିମିଙ୍ଗ ତୃତୀୟ ହୋଇଥିଲେ।


ୟାଲେମ୍‌ଜେର୍ଫ ୟେହୁଆଲା

## ପୂର୍ବତନ ଆଇଓସି ସଭାପତି ଜ୍ୟାକ୍ସ ରୋଗ୍‌ଙ୍କ ପରଲୋକ

ଲାଉସାନେ, ୨୯।୮ (ଏପି)

ଅନ୍ତର୍ଜାତୀୟ ଅଲିମ୍ପିକ କମିଟି (ଆଇଓସି)ର ପୂର୍ବତନ ସଭାପତି ଜ୍ୟାକ୍ସ ରୋଗ୍‌ଙ୍କର ପରଲୋକ ହୋଇଯାଇଛି। ତାଙ୍କୁ ୭୯ ବର୍ଷ ହୋଇଥିଲା। ବେଲଜିୟମର ଏହି ଅଲିମ୍ପିକ ସେଲର ଓ ଅର୍ଥୋପେଡିକ୍ ସର୍ଜନ ୧୨ବର୍ଷ ଧରି ଆଇଓସିର ନେତୃତ୍ୱ ନେଇଥିଲେ। ଆଇଓସି ତରଫରୁ ରୋଗ୍‌ଙ୍କ ମୃତ୍ୟୁର କାରଣ ସମ୍ପର୍କରେ ବିଶେଷ କିଛି କୁହାଯାଇନାହିଁ। ୨୦୧୩ରେ ସଭାପତି ଭାବେ ତାଙ୍କ କାର୍ଯ୍ୟକାଳ ଶେଷ ହେବାପରଠାରୁ ଅଲିମ୍ପିକି ଇଭେଣ୍ଟଗୁଡ଼ିକରେ ତାଙ୍କ ସ୍ୱାସ୍ଥ୍ୟରେ ଅବନତି ଘଟୁଥିବା ପରିଲକ୍ଷିତ ହୋଇଥିଲା। ରୋଗ୍‌ଙ୍କ ଉତ୍ତରାଧିକାରୀ ଥୋମାସ ବ୍ୟାକ୍ କହିଛନ୍ତି ଜ୍ୟାକ୍ସ ଜଣେ ଆଥଲେଟ୍ ହୋଇଥିବାରୁ କ୍ରୀଡ଼ା ପ୍ରତି ତାଙ୍କର ଉତ୍ସର୍ଗୀକୃତ ମନୋଭାବ ରହିଥିଲା। ପ୍ରଥମ ଥର ୟୁଥ୍ ଅଲିମ୍ପିକ ଗେମ୍ସ ଆୟୋଜନ ପଛରେ ତାଙ୍କର ବିଶେଷ ଭୂମିକା ରହିଥିଲା। ଏଥିପାଇଁ ସେ ସବୁଦିନ ପାଇଁ ମନେ ରହିବେ। ରୋଗ୍ ବେଲଜିୟମ ତରଫରୁ ରଗ୍‌ବୀରେ ପ୍ରତିନିଧିତ୍ୱ କରିଥିଲେ। ସେଲିଂରେ ସେ ଜଣେ ବିଶ୍ୱ ଚାମ୍ପିୟନ ଥିଲେ। ୧୯୬୮ରୁ ୧୯୭୬ ପର୍ଯ୍ୟନ୍ତ ସେ ତିନୋଟି ଅଲିମ୍ପିକ୍ସରେ ଫିନ୍ କ୍ଲାସ୍ ଇଭେଣ୍ଟରେ ଭାଗ ନେଇଥିଲେ। ୨୦୦୧ରେ ସେ ଆଇଓସିର ୮ମ ସଭାପତି ଭାବେ ନିର୍ବାଚିତ ହେବା ପୂର୍ବରୁ ୟୁରୋପିଆନ ଗ୍ରୁପ୍ ଅଫ୍ ଅଲିମ୍ପିକ କମିଟିର ନେତୃତ୍ୱ ନେଉଥିଲେ।



## ୫ କ୍ରୀଡ଼ା ଖବରଦାତା ସମ୍ମାନିତ

**ଭୁବନେଶ୍ୱର, ୨୯।୮(କ୍ରୀଡ଼ା ପ୍ରତିନିଧି):** ଉତ୍କଳ କରାଟେ ସ୍କୁଲର ୪୧ତମ ପ୍ରତିଷ୍ଠା ଦିବସ ଏବଂ ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ୫ କ୍ରୀଡ଼ା ଖବରଦାତାଙ୍କୁ ସମ୍ମାନିତ କରାଯାଇଛି। ସେମାନେ ହେଲେ ଦେବାଶିଷ ସୁନ୍ଦରାୟ, ଡି. ନିରଞ୍ଜନ ରେଡ୍ଡୀ, ବେଣୁଧର ଦାସ, ଦେବୀ ପ୍ରସନ୍ନ ପାଣିଗ୍ରାହୀ ଓ ସମୀର ପ୍ରସାଦ ରାଉତ। ବିଧାୟକ ଅନନ୍ତ ନାରାୟଣ ଜେନା, ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଦିଲୀପ ତିର୍କୀ, ଦୂରଦର୍ଶୀ ସମ୍ପାଦକ ଦୁର୍ଗା ପ୍ରସାଦ ସାମନ୍ତରାୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡ. ହରିପ୍ରସାଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଚିତ୍ତରଞ୍ଜନ ସ୍ୱାଇଁ, ମୀର ଅଜମତ ଅଲୀ, ଗୌରୀ ମହାନ୍ତି, ରାଜୀବ ସିଂ, ସନ୍ଦୀପ ମହାନ୍ତି, ଦୁର୍ଗା ପ୍ରସାଦ ରଥ, ଦୀପକ ସାମନ୍ତରା, ମହେଶ ବରାଳ, ଅନୁପମା ସ୍ୱାଇଁଙ୍କ ସମେତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ାବିତ୍ ଉପସ୍ଥିତ ଥିଲେ। ପୀୟୁଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



ଜାତୀୟ କ୍ରୀଡ଼ା ଦିବସ ଅବସରରେ ସମ୍ମାନିତ କ୍ରୀଡ଼ା ଖବରଦାତାମାନେ ଅତିଥି ଓ କର୍ମକର୍ତ୍ତାଙ୍କ ସହ।




ଜାତୀୟ କ୍ରୀଡ଼ା ଦିବସ ଅବସରରେ ରବିବାର ଲୋକସେବା ଭବନରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟ ଅତିଥିଙ୍କ ସହ ବିଜୁ ପଟ୍ଟନାୟକ କ୍ରୀଡ଼ା ଓ ସାହସିକତା ପୁରସ୍କାରରେ ସମ୍ମାନିତ ବ୍ୟକ୍ତିମାନେ।

# ହକିର କ୍ରେଜ୍ ବଢ଼ିଛି: ଅମିତ

**ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି):** ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ଓ ମହିଳା ହକି ଦଳର ପ୍ରଦର୍ଶନ ଦେଶରେ ଏହି କ୍ରୀଡ଼ାପ୍ରତି ମନୋଭାବ ବଦଳାଇ ଦେଇଛି। ବିଶେଷକରି ପୁରୁଷ ଦଳର ବ୍ରୋଞ୍ଜ ପଦକ ବିଜୟ ପରେ ଦେଶ ଏବଂ ଆମ ରାଜ୍ୟରେ ହକିର କ୍ରେଜ୍ ବଢ଼ିଛି ବୋଲି କହିଛନ୍ତି ଚଳିତ ବର୍ଷର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାରପ୍ରାପ୍ତ ଶ୍ରେଷ୍ଠ କ୍ରୀଡ଼ାବିତ୍ ଅମିତ ରୋହିଦାସ। ରାଜ୍ୟର ଏହି ସର୍ବଶ୍ରେଷ୍ଠ କ୍ରୀଡ଼ା ପୁରସ୍କାର ପାଇବାକୁ ସବୁ ଖେଳାଳିଙ୍କ ଇଚ୍ଛା ଥାଏ, ମୋର ମଧ୍ୟ ଥିଲା। ରାଜ୍ୟ ସରକାର ଏବର୍ଷ ଏଥିପାଇଁ ମୋତେ ଯୋଗ୍ୟ ଭାବିଥିବାରୁ ମୁଁ ବହୁତ ଖୁସି। ଓଡ଼ିଶା ସରକାର ହକିକୁ ବହୁତ ପ୍ରୋତ୍ସାହନ ଦେଉଛନ୍ତି। ପୂର୍ବରୁ ଭାରତୀୟ ହକି ଦଳର ପ୍ରାୟୋଜକ ଥିଲେ। ଏବେ ୧୦ ବର୍ଷ ପାଇଁ ଏହାକୁ ବଢ଼ାଇ ଦେଇଛନ୍ତି। ତେଣୁ ଏହା ନିଶ୍ଚିତଭାବେ ଆମ ଦେଶର ହକିକୁ ବହୁ ଆଗକୁ ନେଇଯିବ। ଆଗାମୀ ଦିନରେ ଆମେ ଆହୁରି ଭଲ ପ୍ରଦର୍ଶନ କରିବାକୁ ନିଶ୍ଚିତ ଉତ୍ସାହିତ ହେବୁ। ବ୍ୟକ୍ତିଗତ ଭାବେ ମୋତେ ଏହି ପୁରସ୍କାର ବହୁତ ଉତ୍ସାହିତ କରିଛି। ଆଗକୁ ଆହୁରି ଭଲ ଖେଳିବାକୁ ମନରେ ଶକ୍ତି ଭରିଛି ବୋଲି ଅମିତ କହିଛନ୍ତି। ଏବେ ଅଧିକ ପିଲା ହକି ଖେଳିବାକୁ ଆଗ୍ରହ ରଖୁଥିବା ପରିଲକ୍ଷିତ ହୋଇଛି। ମୁଁ ଯେତେବେଳେ ଗାଁକୁ ଯାଇଥିଲି ଛୋଟ ପିଲାମାନେ ଆସି ହକି ଖେଳିବାକୁ ଚାହୁଁଥିବା କହିଥିଲେ। ଏହା ମୋତେ ବହୁତ ଖୁସି ଦେଇଥିଲା। ପିଲାମାନେ ଖେଳକୁ ଭଲ ପାଇବା ସହ ପଢ଼ିଆକୁ ଆସନ୍ତୁ ଏବଂ ପରିଶ୍ରମ କରନ୍ତୁ। ତେବେ ନିଶ୍ଚିତ ତା'ର ଫଳ ମିଳିବ। ନିଷ୍ଠାର ସହ ଖେଳି ରାଜ୍ୟ ଓ ଦେଶକୁ ଗର୍ବିତ କରିବାକୁ ସମସ୍ତେ ଚେଷ୍ଟା କରିବା ଉଚିତ ବୋଲି ଅମିତ ପ୍ରକାଶ କରିଛନ୍ତି।




ଅମିତ ରୋହିଦାସ

# ଓଡ଼ିଶା କ୍ରୀଡ଼ାରେ ହକିର ସ୍ୱତନ୍ତ୍ର ସ୍ଥାନ ରହିଛି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି)**

ଜାତୀୟ କ୍ରୀଡ଼ା ଦିବସ ଅବସରରେ ଚଳିତ ବର୍ଷର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ହକି ଦଳର ସଦସ୍ୟ ଅମିତ ରୋହିଦାସ ଶ୍ରେଷ୍ଠ କ୍ରୀଡ଼ାବିତ୍, ପାରା ବ୍ୟାଡ୍‌ମିଣ୍ଟନ କୋଚ୍ ଶିବ ପ୍ରସାଦ ଦାସ ଶ୍ରେଷ୍ଠ କୋଚ୍ ଏବଂ ଭେଟେରାନ ହକି କୋଚ୍ କାଲୁ ଚରଣ ଚୌଧୁରୀଙ୍କୁ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହା ବ୍ୟତୀତ କଟକ ଏଏସ୍ଆଇ ତ୍ରୈଲୋକ୍ୟନାଥ ପରିଡ଼ାଙ୍କୁ ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଛି। ଲୋକସେବା ଭବନରେ ଆୟୋଜିତ ଏକ ନିରାଡ଼ମ୍ବର ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ପୁରସ୍କାର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇଥିଲେ। ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିନ ଜାତୀୟ କ୍ରୀଡ଼ା ଦିବସ ଅବସରରେ ମୁଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛି। ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ହକି ଦଳର ପ୍ରଦର୍ଶନ ଧ୍ୟାନଚାନ୍ଦଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି। ଓଡ଼ିଶା କ୍ରୀଡ଼ାରେ ହକିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ହକି କୋଚ୍ କାଲୁଚରଣ ଚୌଧୁରୀଙ୍କୁ ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଏବଂ ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ହକି ତାରକା ଅମିତ ରୋହିଦାସଙ୍କୁ ପ୍ରଦାନ କରାଯାଇଥିବାରୁ ମୁଁ ବହୁତ ଖୁସି। ମୁଁ ଉଭୟଙ୍କୁ ଅଭିନନ୍ଦନ ଜଣାଉଛି।

## ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ

ରାଜ୍ୟରେ ହକିର ଉନ୍ନତି ପାଇଁ କାର୍ଯ୍ୟ କରୁଥିବା ଓଡ଼ିଶା ଖେଳାଳି ଓ କୋଚ୍‌ଙ୍କ ପ୍ରତି ଏହା ଉତ୍ସର୍ଗୀକୃତ। କୋଚିଂରେ ଉତ୍କର୍ଷତା ପାଇଁ ଶ୍ରେଷ୍ଠ କୋଚ୍ ପୁରସ୍କାର ପାଇଥିବାରୁ ମୁଁ ଶିବ ପ୍ରସାଦ ଦାସଙ୍କୁ ଅଭିନନ୍ଦନ ଜଣାଉଛି। ପ୍ରମୋଦ ଭଗତଙ୍କ ପ୍ରତି ତାଙ୍କର ଅବଦାନ ସର୍ବବିଦିତ। ଟୋକିଓ ପାରାଲିମ୍ପିକ୍ସରେ ପ୍ରମୋଦ ଆମ ସମସ୍ତଙ୍କୁ ଗର୍ବିତ କରିବାନେଇ ମୁଁ ଦୃଢ଼ ଆଶାୟୀ। ସାହସିକତା ପାଇଁ ମୁଁ ତ୍ରୈଲୋକ୍ୟନାଥ ପରିଡ଼ାଙ୍କୁ ମଧ୍ୟ ଅଭିନନ୍ଦନ ଜଣାଉଛି। ସ୍ୱାର୍ଥବିହୀନ ସେବାର ସେ ଉଦାହରଣ ସୃଷ୍ଟି କରିଛନ୍ତି। ଗତ କିଛି ସପ୍ତାହ ଧରି ଓଡ଼ିଶାର ସ୍ପୋର୍ଟ୍ସ ମଡେଲକୁ ଦେଶବ୍ୟାପୀ ପ୍ରଶଂସା କରାଯାଉଛି। ଟୋକିଓ ଅଲିମ୍ପିକ୍ସରେ ଇତିହାସ ରଚିଥିବା ଭାରତୀୟ ଜାତୀୟ ହକି ଦଳକୁ ସପୋର୍ଟ କରି ଆସିଥିବାରୁ ଓଡ଼ିଶାକୁ ସାରା ଦେଶ ଭଲ ପାଉଛି। ସହଭାଗିତା କ୍ଷେତ୍ରରେ ଆମର ଆଦର୍ଶ ଏବଂ ହାଇପରଫରମାନ୍ସ ସେଣ୍ଟର ଜାତୀୟ ସ୍ତରରେ ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇଛି। କ୍ରୀଡ଼ା କ୍ଷେତ୍ରରେ ବିନିଯୋଗ ଏବଂ ସମର୍ଥନ ହେଉଛି ଆମର ଦୃଷ୍ଟିଭଙ୍ଗୀ। ପ୍ରତିଶ୍ରୁତିବଦ୍ଧଭାବେ କ୍ରୀଡ଼ାକୁ ଉଚ୍ଚସ୍ତରକୁ ନେବା ପାଇଁ ଆମେ ସମସ୍ତେ ମିଳିତଭାବେ କାର୍ଯ୍ୟ କରିବାର ସୁଯୋଗ ରହିଛି। ଆହୁରି ଅଧିକ କୋଚ୍ ଏବଂ ଖେଳାଳି ଉତ୍ସାହିତ ହୋଇ ରାଜ୍ୟ ଓ ଦେଶ ପାଇଁ ଗର୍ବ ଆଣିବା ନେଇ ମୁଁ ଦୃଢ଼ନିଶ୍ଚିତ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ଶ୍ରେଷ୍ଠ କ୍ରୀଡ଼ାବିତ୍ ପୁରସ୍କାର ପାଇଥିବା ଅମିତଙ୍କୁ ମାନପତ୍ର ସହ ୨ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ପୁରସ୍କାର ଭାବେ କାଲୁଚରଣଙ୍କୁ ମାନପତ୍ର ସହ ୩ ଲକ୍ଷ ଟଙ୍କା, ଶ୍ରେଷ୍ଠ କୋଚ୍ ଶିବପ୍ରସାଦଙ୍କୁ ମାନପତ୍ର ଓ ୧ ଲକ୍ଷ ଏବଂ ତ୍ରୈଲୋକ୍ୟନାଥଙ୍କୁ ଏକ ରୌପ୍ୟ ପଦକ, ମାନପତ୍ର ଏବଂ ୧ ଲକ୍ଷ ଟଙ୍କା ଦିଆଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଓଡ଼ିଶା ହକି ପ୍ରମୋଶନ କାଉନସିଲ୍ ଚେୟାରମ୍ୟାନ ଦିଲୀପ ତିର୍କୀ, ରାଜ୍ୟ ୱେଲଫେୟାର ୟୁଥ୍ ବୋର୍ଡର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ବିଜୟ ନାୟକ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ଓ ସଚିବ ଆର. ଭିନିଲ କ୍ରିଷ୍ଣା, କ୍ରୀଡ଼ା ବିଭାଗର କର୍ମକର୍ତ୍ତା ଓ କ୍ରୀଡ଼ାବିତ୍‌ମାନେ ଉପସ୍ଥିତ ଥିଲେ।

# ଅନ୍ୟ କୋଚ୍‌ମାନଙ୍କୁ ପ୍ରେରଣା ଦେବ: ଶିବ ପ୍ରସାଦ

**ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି):** "ଶ୍ରେଷ୍ଠ କୋଚ୍ ଭାବେ ରାଜ୍ୟର ସର୍ବୋଚ୍ଚ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇ ମୁଁ ବହୁତ ଖୁସି। ଏହା ଅନ୍ୟ କୋଚ୍‌ମାନଙ୍କୁ ମଧ୍ୟ ପ୍ରେରଣା ଦେବ। ପିଲାମାନଙ୍କୁ ଟ୍ରେନିଂ ଦେବା ପାଇଁ ଅଧିକରୁ ଅଧିକ କୋଚ୍ ଆଗାମୀ ଦିନରେ ନିଶ୍ଚିତ ବାହାରିବେ। ପାରା ସ୍ପୋର୍ଟ୍ସ ପ୍ରତି ଧ୍ୟାନ ରଖିଥିବାରୁ ସରକାରଙ୍କୁ ଅଶେଷ ଧନ୍ୟବାଦ" ବୋଲି ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି ଶିବ ପ୍ରସାଦ ଦାସ। ଶିବ ପ୍ରସାଦ ଶ୍ରେଷ୍ଠ କୋଚ୍ ଭାବେ ଚଳିତ ବର୍ଷର ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଛନ୍ତି। ଲୋକସେବା ଭବନରେ ଆୟୋଜିତ ଏକ ଉତ୍ସବରେ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପାରା ଆଥ୍‌ଲେଟମାନେ ଭଲ ପ୍ରଦର୍ଶନ କଲେ ଯାଇ କୋଚ୍‌ଙ୍କର ନାଁ ରହିବ। ବର୍ତ୍ତମାନ ଆମ ସମସ୍ତଙ୍କ ଫୋକସ ଟୋକିଓ ପାରାଲିମ୍ପିକ୍ସ ଉପରେ ରହିଛି। ବ୍ୟାଡ୍‌ମିଣ୍ଟନ ତାରକା ପ୍ରମୋଦ ଭଗତ ଭଲ ପ୍ରଦର୍ଶନ କଲେ ପାରା ସ୍ପୋର୍ଟ୍ସ ପ୍ରତି ଲୋକଙ୍କର ଦୃଷ୍ଟିଭଙ୍ଗୀ ନିଶ୍ଚିତ ବଦଳିଯିବ। ସରକାର ମଧ୍ୟ ଏହାପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବେ। ଅନ୍ୟ ପ୍ରତିଯୋଗିତାରେ ସଫଳତା ଅପେକ୍ଷା ପାରାଲିମ୍ପିକ୍ସରେ ସଫଳତା ପାଇବା ଭିନ୍ନ। ଏଥିରେ ଯଦି ପ୍ରମୋଦ ଶ୍ରେଷ୍ଠ ପ୍ରଦର୍ଶନ କରନ୍ତି ତେବେ ଆଗାମୀ ଦିନରେ ନିଶ୍ଚିତ ଅଧିକରୁ ଅଧିକ ଖେଳାଳି ପାରାସ୍ପୋର୍ଟ୍ସ ପ୍ରତି ଆଗ୍ରହୀ ହେବେ ବୋଲି ଶିବ ପ୍ରସାଦ କହିଛନ୍ତି। କୋଭିଡ୍-୧୯ ପାଇଁ ଆମେ ୨ ବର୍ଷ ପଛକୁ ଫେରି ଯାଇଛୁ। କୋଚିଂ ଟ୍ରେନିଂ ସବୁକିଛି ବାଧାପ୍ରାପ୍ତ ହୋଇଛି। ଆମ ରାଜ୍ୟରେ ଅନେକ ପ୍ରତିଭାସମ୍ପନ୍ନ ପାରାସ୍ପୋର୍ଟ୍ସ ଖେଳାଳି ଅଛନ୍ତି। ଆଗାମୀ ଦିନରେ ସେମାନେ ମଧ୍ୟ ନାଁ କରିବେ ବୋଲି ମୋର ଆଶା ରହିଛି। ରାଜ୍ୟରେ ପାରା ସ୍ପୋର୍ଟ୍ସକୁ ଆଗକୁ ନେବା ପାଇଁ ବ୍ୟକ୍ତିଗତ ଭାବେ ମୋର ଉଦ୍ୟମ ଜାରି ରହିବ। ଏହି ପୁରସ୍କାର ମୋତେ ଏଥିପାଇଁ ଅଧିକ ଉତ୍ସାହିତ କରିଛି ବୋଲି ଶିବପ୍ରସାଦ କହିଛନ୍ତି।



ଶିବପ୍ରସାଦ ଦାସ

# କଳିଙ୍ଗ ଷ୍ଟାଡିୟମରେ ଜାତୀୟ କ୍ରୀଡ଼ା ଦିବସ

**ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି)**

ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମଦିବସ ଜାତୀୟ କ୍ରୀଡ଼ା ଦିବସ ଅବସରରେ ରବିବାର ରାଜ୍ୟବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କଳିଙ୍ଗ ଷ୍ଟାଡିୟମରେ ପୂର୍ବାହ୍ନରେ କ୍ରୀଡ଼ା ଛାତ୍ରାବାସ ଏବଂ ନାଭାଲ ଟାଟା ହକି ଏକାଡେମୀ ହାଇପରଫରମାନ୍ସ ସେଣ୍ଟରର ଖେଳାଳି ଏବଂ ଓଡ଼ିଶା ହକି ପ୍ରମୋଶନ କାଉନସିଲ୍ ଚେୟାରମ୍ୟାନ ଦିଲୀପ ତିର୍କୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣରୁ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଉପସ୍ଥିତ ପ୍ରତିଭାସମ୍ପନ୍ନ ଖେଳାଳିଙ୍କୁ ଦିଲୀପ ହକିର ବିଭିନ୍ନ କଳାକୌଶଳ ଶିଖାଇବା ସହ ଭାବର ଆଦାନ ପ୍ରଦାନ କରିଥିଲେ। ଏହାପରେ ପିଲାମାନଙ୍କ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଆୟୋଜିତ ହୋଇଥିଲା। ଏହି ଅବସରରେ ହକି ଖେଳାଳିଙ୍କୁ ଉତ୍ସାହିତ କରିବା ପାଇଁ ଏକ ସଙ୍ଗୀତ ଭିଡିଓର ଡମିକୁ ଦିଲୀପ ଲୋକାର୍ପଣ କରିଥିଲେ। ରାଜ୍ୟ ସରକାର ଏବଂ ହକି ଇଣ୍ଡିଆର ଅନୁମତିକ୍ରମେ ପ୍ରସ୍ତୁତ ଉକ୍ତ ସଙ୍ଗୀତ ଭିଡିଓର ମ୍ୟୁଜିକ ପ୍ରସ୍ତୁତ କରିଛନ୍ତି ଓଡ଼ିଆ ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ। କୈଳାସ ଖେର ଏବଂ ସୁଖବିନ୍ଦର ସିଂ ଗାଇବାକୁ ଥିବା ଉକ୍ତ ଭିଡିଓର ଅବଧି ୩ ମିନିଟ ବିଶିଷ୍ଟ ହେବ। ଏଥିରେ କଳିଙ୍ଗ ଷ୍ଟାଡିୟମ ସମେତ ଖେଳ, ଖେଳାଳି ଏବଂ ରାଜ୍ୟ ସରକାରଙ୍କ ପ୍ରୋତ୍ସାହନ ସ୍ଥାନ ପାଇବ। ଖେଳ ସମୟରେ ଏହା ବ୍ୟାକ୍‌ଗ୍ରାଉଣ୍ଡ ମ୍ୟୁଜିକଭାବେ ବ୍ୟବହୃତ ହେବ।




ଖେଳାଳିମାନେ ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ହକିର ଉନ୍ନତି ମୋର ଏକମାତ୍ର ଲକ୍ଷ୍ୟ: କାଲୁଚରଣ

**ଭୁବନେଶ୍ୱର, ୨୯।୮ (କ୍ରୀଡ଼ା ପ୍ରତିନିଧି):** ହକିର ପ୍ରଚାର, ପ୍ରସାର ଏବଂ ବିକାଶ ସହିତ ଆମ ଖେଳାଳିଙ୍କ ପ୍ରଦର୍ଶନରେ କିପରି ଉନ୍ନତି ଆସିବ ମୁଁ ସବୁବେଳେ ସେହି ଚିନ୍ତାରେ ଥାଏ। ମୋର ଏହି କାର୍ଯ୍ୟକୁ ସରକାର ଅନୁଭବ କରିପାରିଥିବାରୁ ମୁଁ ବହୁତ ଖୁସି ବୋଲି ବିଜୁ ପଟ୍ଟନାୟକ ଲାଇଫ୍ ଟାଇମ୍ ଆଚିଭମେଣ୍ଟ ପୁରସ୍କାରରେ ସମ୍ମାନିତ ବିଶିଷ୍ଟ ହକି କୋଚ୍ କାଲୁ ଚରଣ ଚୌଧୁରୀ ପ୍ରକାଶ କରିଛନ୍ତି। ଜୀବନକାଳ ମଧ୍ୟରେ ଅନେକ ଖେଳାଳିଙ୍କ କ୍ୟାରିୟର ଗଢ଼ିବାରେ ନିଜକୁ ନିୟୋଜିତ କରିଛି। ଏବେ ମଧ୍ୟ ତୃଷ୍ଣା ମେଣ୍ଟିନାହିଁ। ଆମ ରାଜ୍ୟରୁ ଆହୁରି ଅଧିକରୁ ଅଧିକ ଖେଳାଳି ହକିକୁ ଆସନ୍ତୁ ଏବଂ ପରିଶ୍ରମ କରି ଆଗକୁ ବଢ଼ନ୍ତୁ ଏହା ମୋର ଇଚ୍ଛା। କେବଳ ହଷ୍ଟେଲ ପିଲା ଖେଳିଲେ ହେବନି ବାହାରୁ ମଧ୍ୟ ପିଲାମାନେ ଆସି ଖେଳିବାକୁ ପଡ଼ିବ। ରାଜ୍ୟରେ ହକିର କ୍ରେଜ୍ ବଢ଼ିଛି। ପୂର୍ବରୁ ଉପକୂଳ ଅଞ୍ଚଳରୁ ଅଧିକ ପିଲା ବାହାରୁଥିଲେ। ମାତ୍ର ଏବେ ଆଷ୍ଟ୍ରୋଟର୍ଫ ବିଶିଷ୍ଟ ଷ୍ଟାଡିୟମର ଅଭାବ ଯୋଗୁ ଏଥିରେ ଧିମା ପଡ଼ିଛି। ଗଞ୍ଜାମ, ଅନୁଗୋଳ, ଢେଙ୍କାନାଳ, ଯାଜପୁର, କଟକ ଆଦି ସ୍ଥାନରେ ଷ୍ଟାଡିୟମ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। ତେଣୁ ଆଗାମୀ ଦିନରେ ମଧ୍ୟ ଉପକୂଳ ଅଞ୍ଚଳରୁ ଅଧିକରୁ ଅଧିକ ପିଲା ଏହି ଖେଳକୁ ଆସିବେ ବୋଲି ମୋର ବିଶ୍ୱାସ ଥିବା ୨୦୦୯ରେ ଶ୍ରେଷ୍ଠ କୋଚ୍‌ଭାବେ ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଥିବା କାଲୁଚରଣ ପ୍ରକାଶ କରିଛନ୍ତି। ଦ୍ରୋଣାଚାର୍ଯ୍ୟ ପୁରସ୍କାର ପାଇଁ ମୋର ନାଁ ସୁପାରିସ ହୋଇଛି। ଜାତୀୟ ସ୍ତରର ଏହି ପୁରସ୍କାର ମିଳିଲେ ନିଶ୍ଚିତ ଅଧିକ ଖୁସି ଲାଗିବ ବୋଲି ସେ କହିଛନ୍ତି।



କାଲୁ ଚରଣ ଚୌଧୁରୀ



କଳିଙ୍ଗ ଷ୍ଟାଡିୟମରେ ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ପ୍ରତିଭା ସମ୍ପନ୍ନ ଖେଳାଳିଙ୍କୁ ହକିର କଳାକୌଶଳ ପ୍ରଦର୍ଶନ କରୁଛନ୍ତି ଭାରତୀୟ ଦଳର ପୂର୍ବତନ ଅଧିନାୟକ ଦିଲୀପ ତିର୍କୀ।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ୱେବ୍ ପୋର୍ଟାଲ ମୁଖ୍ୟଙ୍କ ଗୁମର ଫିଟୁଛି

ଭୁବନେଶ୍ୱର,(ବ୍ୟୁରୋ)/ବାରଙ୍ଗ, ୨୯।୮(ଡି.ଏନ.ଏ.)

ଦୁଇ ବ୍ୟବସାୟୀଙ୍କୁ ମୁଣ୍ଡଜାମିନ ରଖି ଅମାନୁଷିକ ନିର୍ଯାତନା ଘଟଣାରେ ନନ୍ଦନକାନନ ଥାନା ପୋଲିସ ଶନିବାର ଲାଇଭ୍ କଳିଙ୍ଗ ୱେବ୍ ପୋର୍ଟାଲର ସମ୍ପାଦିକାଙ୍କ ସମେତ ୫ଜଣଙ୍କୁ ଗିରଫ କରିଥିଲା। ତେବେ ଚଢ଼ାଉବେଳେ ଖସିଯାଇଥିବା ମୁଖ୍ୟ ଅଭିଯୁକ୍ତ ତଥା ପୋର୍ଟାଲ ସିଇଓ ରଘୁନାଥ ସାହୁ ଓରଫ ରାଜ୍ ରାଜ୍ୟ ବାହରକୁ ପଳାଇଯାଇଥିବା ପୋଲିସ ଜାଣିବାକୁ ପାଇଛି। ତାଙ୍କୁ ଗିରଫ କରିବାକୁ କମିଶନରେଟ ପୋଲିସ ଦୁଇଟି ଟିମ୍ ଗଠନ କରିଥିବାବେଳେ ଖୁବ୍‌ଶୀଘ୍ର ସେ ଧରାପଡିବେ ବୋଲି ନନ୍ଦନକାନନ ଥାନା ଅଧିକାରୀ ବିଶ୍ୱରଞ୍ଜନ ସେନାପତି କହିଛନ୍ତି। ଅନ୍ୟପକ୍ଷରେ ତାଙ୍କ ଗଣମାଧ୍ୟମକୁ ବ୍ୟବହାର କରି ଘଟାଇଥିବା ଆପରାଧିକ କାର୍ଯ୍ୟର ଗୁମର ଫିଟିବାରେ ଲାଗିଛି। ପୂର୍ବରୁ ରାଜ୍‌ଙ୍କ ନାମରେ ଚନ୍ଦ୍ରଶେଖରପୁର ଓ ଇନ୍‌ଫୋସିଟି ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିବାବେଳେ ବ୍ରହ୍ମପୁର ବଡ଼ବଜାର ଓ ନୟାପଲ୍ଲୀ ଥାନାରେ ଦୁଇଟି ମାମଲା ରୁଜୁ ହୋଇଥିବା ପୋଲିସ ଜାଣିବାକୁ ପାଇଛି।

**ଦୁଇ ବ୍ୟବସାୟୀଙ୍କୁ ମୁଣ୍ଡଜାମିନ ରଖି ନିର୍ଯାତନା ଘଟଣା**

- ରାଜ୍ୟ ବାହାରକୁ ଖସିଯାଇଥିବା ସୂଚନା
- ବ୍ରହ୍ମପୁର ଓ ଭୁବନେଶ୍ୱରରେ ୪ରୁ ଊର୍ଦ୍ଧ୍ୱ ମାମଲା

ପୋଲିସ ସୂଚନାନୁସାରେ, ୨୦୨୦ ଅଗଷ୍ଟ ୪ରେ ବଡ଼ବଜାର ଥାନା ଅଧୀନ ବାଲାଜିପେଣ୍ଠ ସାହିର ସନ୍ତୋଷ କୁମାର ବେହେରା ନାମକ ଜଣେ ମଦ ବ୍ୟବସାୟୀଙ୍କୁ ବ୍ଲାକ୍‌ମେଲ୍ କରିଥିଲେ। ମଦ ବ୍ୟବସାୟରେ ହେରଫେର ଓ ମିଶ୍ରଣ ଖବର ପରିବେଷଣ କରିବାକୁ ଧମକ ଦେଇ ରାଜ ତାଙ୍କୁ ୫ଲକ୍ଷ ଟଙ୍କା ଦାବି କରିଥିଲେ। ଏନେଇ ସନ୍ତୋଷ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ସେହିପରି ୨୦୨୧ ଜୁନ୍ ୮ରେ ନୟାପଲ୍ଲୀରେ ରହୁଥିବା ଜଣେ ଘରୋଇ କୋଚିଂ ସେଣ୍ଟର ମାଲିକ ଅଜୟ କୁମାର ବେହେରାଙ୍କୁ ରାଜ୍ ସାମ୍ବାଦିକ ପରିଚୟ ଦେଇ ଫୋନ୍ କରି କଳିଙ୍ଗ ଷ୍ଟାଡିୟମ ଗେଟ୍ ପାଖକୁ ଡାକିଥିଲେ। ଅଜୟ ସେଠାରେ ପହଞ୍ଚିବା ପରେ ରାଜ୍ ବ୍ଲାକ୍‌ମେଲ୍ କରିଥିଲେ। ଶୈଳଶ୍ରୀବିହାର ଏଚ୍‌ଆଇଜି-୧୬୭ରେ ଥିବା ଅଜୟଙ୍କ କୋଚିଂ ସେଣ୍ଟରରେ ଛାତ୍ରୀଙ୍କୁ ଖରାପ କାମରେ ଲଗାଯାଉଥିବାର ମିଛ ଆରୋପ କରି ରାଜ୍ ତାଙ୍କଠାରୁ ୨ଲକ୍ଷ ଟଙ୍କା ଦାବି କରିଥିଲେ। ନ ହେଲେ କୋଚିଙ୍ଗ ସେଣ୍ଟର ନାମରେ ଖବର ପ୍ରକାଶ ହେବ ବୋଲି କହିଥିଲେ। ଟଙ୍କା ଦେବାକୁ ରାଜି ନ ହେବାରୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ଅଜୟ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଏନେଇ ଥାନା ଅଧିକାରୀ ଶରତ କୁମାର ସାହୁ କହିଛନ୍ତି, ସେତେବେଳେ ଅଜୟ ଘଟଣା ସଂକ୍ରାନ୍ତରେ ଅଭିଯୋଗ କରିଥିଲେ। କିନ୍ତୁ ପରେ ସେ ତାଙ୍କ ଅଭିଯୋଗରେ ମାମଲା ରୁଜୁ ନ କରିବାକୁ କହିଥିଲେ।



ଜନ୍ମାଷ୍ଟମୀର ଅବ୍ୟବହିତ ପୂର୍ବରୁ ରବିବାର କଟକ ଓଡ଼ିଆ ବଜାରସ୍ଥିତ ଶ୍ରୀ ସଚ୍ଚିଦାନନ୍ଦ ମଠ ପରିସରରେ ରାଧାକୃଷ୍ଣଙ୍କ ମୂର୍ତ୍ତି ସଜ୍ଜିତ କରାଯାଉଛି।

**ସଂକ୍ଷେପରେ**

## ଯୁବକଙ୍କ ଆତ୍ମହତ୍ୟା

କଟକ ଅଫିସ,୨୯।୮: କଟକ ଓଏମ୍‌ପି ଫ୍ଲାଏଓଭର ରେଳଧାରଣା ନିକଟରେ ରବିବାର ଟ୍ରେନ୍ ଆଗକୁ ଡେଇଁ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଧୀନ ନହରଣା ଗ୍ରାମର ନୀଳମଣି ସାହୁ(୪୫)। ଅପରାହ୍ଣରେ ଏକ ମାଲବାହୀ ଟ୍ରେନ୍ ଆସୁଥିବାବେଳେ ନୀଳମଣି ତାହା ସମ୍ମୁଖକୁ ଡେଇଁ ପଡିଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ଟ୍ରେନ୍ ଡ୍ରାଇଭର ଜିଆରପି ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୪୯/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ତାଙ୍କ ମୃତଦେହ ହସ୍ତାନ୍ତର କରାଯିବ। ଟ୍ରେନ୍ ଡ୍ରାଇଭର ଏତଲା ଦେବାପରେ ପ୍ରକୃତ ଘଟଣା ଜଣାପଡିଥିବା ଜିଆରପି ଥାନାଧିକାରୀ ଉମାକାନ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି। ଆତ୍ମହତ୍ୟା କାରଣ ଅସ୍ପଷ୍ଟ ଥିବାବେଳେ ସେ ହାଇଦ୍ରାବାଦରେ ଚାକିରି କରିଥିବା ଜଣାପଡିଛି।

## 'ସାଧାରଣ ଲୋକଙ୍କୁ ଆଇନ ସହାୟତା ଜରୁରୀ'

ନିଶ୍ଚିନ୍ତକୋଇଲି, ୨୯।୮(ସ୍ୱ.ପ୍ର/ଡି.ଏନ୍.ଏ.) ନିଶ୍ଚିନ୍ତକୋଇଲି ବ୍ଲକ ସୁକରପଡା ଡାକବଙ୍ଗଳାରେ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ପକ୍ଷରୁ ସ୍ଥାନୀୟ ଆଇନଜୀବୀମାନଙ୍କ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ମଧୁବାବୁ ଆଇନ ସହାୟତା ଯୋଜନାରେ କାର୍ଯ୍ୟକରୁଥିବା ଆଇନଜୀବୀମାନେ ସାଧାରଣ ଲୋକଙ୍କୁ କିପରି ଆଇନ ସହାୟତା ଯୋଗାଇଦେବେ ସେନେଇ ଆଲୋଚନା ହୋଇଥିଲା। ସାଧାରଣ ଲୋକଙ୍କୁ ଆଇନ ସହାୟତା ଜରୁରୀ ବୋଲି ସେ କହିଥିଲେ। ଗ୍ରାମାଞ୍ଚଳରେ ହେଉଥିବା ଫୌଜଦାରୀ, ଜମିଜମା ଓ ଘରୋଇ ହିଂସା ରୋକିବା ପାଇଁ ଆଇନଜୀବୀମାନେ ଉଦ୍ୟମ ଜାରି ରଖିବା ଉଚିତ୍ ବୋଲି ଜେନା ପ୍ରକାଶ କରିଥିଲେ। ବୈଠକରେ ଅତିଥିଭାବେ ବ୍ଲକ ଅଧକ୍ଷାଙ୍କ ପ୍ରତିନିଧି ଅଶୋକ ଓଝା, ଗିରିଶ ରଞ୍ଜନ ମହାପାତ୍ର, ଉମାଶଙ୍କର ବିଶ୍ୱାଳ, ରମାକାନ୍ତ ମହାନ୍ତି ଓ ଜିତେନ୍ଦ୍ର କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସଂଘର ସମ୍ପାଦକ ବିନୋଦ ଚୌଧୁରୀ, ଆଇନଜୀବୀ ଚିତ୍ରଭାନୁ ମିଶ୍ର,ଦେବେରାଜ ନାୟକ ଓ ଅଶୋକ କୁମାର ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# କଟକରେ ବଢୁଛି ଡେଙ୍ଗୁ ସଂକ୍ରମଣ

କଟକ ଅଫିସ,୨୯।୮

**୧ ମାସରେ ୨୭ ରୋଗୀ ଚିହ୍ନଟ**

କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ଦିନକୁ ଦିନ ଡେଙ୍ଗୁ ସଂକ୍ରମଣ ବଢିବାରେ ଲାଗିଛି। ସହରରେ ବର୍ତ୍ତମାନ ଡେଙ୍ଗୁ ସଂକ୍ରମିତଙ୍କ ସଂଖ୍ୟା ୩୮ରେ ପହଞ୍ଚିଛି। କଟକ ଜଗତ୍‌ପୁର, ଶଙ୍କରପୁର, ମର୍କତନଗର, ମଙ୍ଗଳାବାଗ, ଯୋବ୍ରା ଅଞ୍ଚଳରୁ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି। ଜଗତ୍‌ପୁର ଅଞ୍ଚଳରୁ ଚିହ୍ନଟ ହୋଇଥିବା ସର୍ବାଧିକ ୭ ଜଣ ଡେଙ୍ଗୁରୋଗୀଙ୍କର ଭୁବନେଶ୍ୱର ଲିଙ୍କ୍ ରହିଛି। ଗତ ଏକମାସ ମଧ୍ୟରେ ସହରରେ ୨୭ ରୋଗୀ ଚିହ୍ନଟ ହୋଇଥିବା ସିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

ସହରରେ ଦିନକୁ ଦିନ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଅନେକ ସ୍ଥାନରେ ଆବର୍ଜନା ଗଦା ହେଉଥିବାବେଳେ ବିଭିନ୍ନ ୱାର୍ଡରେ ସପ୍ତାହରୁ ଅଧିକ ଦିନ ଧରି ବର୍ଷାଜଳ ଜମି ରହୁଛି। ଏଥିଯୋଗୁ ସେଠାରେ ଏଡିସ୍ ମଶା ବଂଶବିସ୍ତାର କରୁଥିବାରୁ ଡେଙ୍ଗୁ ବ୍ୟାପୁଥିବା ଅଭିଯୋଗ ହେଉଛି। ହେଲେ ଏ ଦିଗରେ ସିଏମ୍‌ସି ପକ୍ଷରୁ ପ୍ରତିକାର ବ୍ୟବସ୍ଥା କରାଯାଉନାହିଁ। ଏ ସମ୍ପର୍କରେ ନଗର ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି, ଡେଙ୍ଗୁ ନିରାକରଣ ପାଇଁ ସିଏମ୍‌ସି ପକ୍ଷରୁ ପଦକ୍ଷେପ ନିଆଯାଉଛି। ବୁସ୍ କଟିଂ ସହ ଲୋକମାନଙ୍କୁ ସଚେତନ କରାଯାଉଛି। ଏଥିସହ ପ୍ରତ୍ୟେକ ଶନିବାର ଡେଙ୍ଗୁ ପ୍ରବଣ ଅଞ୍ଚଳରେ ସଚେତନ ଶୋଭାଯାତ୍ରା କରାଯାଉଛି।

# ଦଳୀୟ ସଙ୍ଗଠନକୁ ମଜଭୁତ କରିବାକୁ ଆହ୍ୱାନ



କଂଗ୍ରେସରେ ଯୋଗଦେଲେ ଖ୍ରୀଷ୍ଟିଆନ ଯୁବ ସଙ୍ଗଠନର କର୍ମକର୍ତ୍ତା।

କଟକ ଅଫିସ,୨୯।୮

କଟକ ସଇଦାନୀ ବଗିଚାସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଯୁବ କଂଗ୍ରେସ ପକ୍ଷରୁ ରବିବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଟକ ନଗର ଯୁବ କଂଗ୍ରେସ କମିଟି ସଭାପତି ବିକି ଚକ୍ରବର୍ତ୍ତୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ମହମ୍ମଦ ମୋକିମ ଯୋଗଦେଇ ସହରରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବା ସହ ଆଗାମୀ ପୌର ନିର୍ବାଚନ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ କଟକ ସହର ଖ୍ରୀଷ୍ଟିଆନ ଯୁବ ସଙ୍ଗଠନର ବହୁ କର୍ମକର୍ତ୍ତା କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ବିଧାୟକ ମୋକିମ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ ନଗର କଂଗ୍ରେସ ସଭାନେତ୍ରୀ ଗିରିବାଳା ବେହେରା, ଶୈଳବାଳା ଜେନା, ଅନିତା ନାୟକ, ହିମାଂଶୁ ରାଉତ, ମହମ୍ମଦ ଅଲିମ, ସୌମ୍ୟରଞ୍ଜନ ରାହା, ଜନସନ ପିଟର, ଦିନେଶ ବେହେରା, ସାଗର ଦାସ, ଇସ୍‌ମାଇଲ ପରିଡାଙ୍କ ସହ ଅନ୍ୟମାନେ ଯୋଗଦେଇଥିଲେ।

# ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ସାଲେପୁର,୨୯।୮(ଡି.ଏନ୍.ଏ.)

ସାଲେପୁର ବ୍ଲକ୍ ଅନ୍ତର୍ଗତ ଭୀମ ଦାସ ପୁର ପଞ୍ଚାୟତସ୍ଥିତ ପାଟୁଆ ହାଟପଡିଆରେ ରବିବାର ୪୫ ନମ୍ବର ଜୋନସ୍ତରୀୟ ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାଲେପୁର ବ୍ଲକ ବିଜେଡି କାର୍ଯ୍ୟକାରୀ ସଭାପତି ତଥା ସାମାଜିକ କର୍ମୀ ନାରାୟଣ ପତି ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥିଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ସଙ୍ଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା ପାଇଁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସାଲେପୁର ବ୍ଲକ ଆମ୍ବା ସଭାପତି ଦିଲୀପ ଦାଶ, ଜିଲାପରିଷଦ ଅଧ୍ୟକ୍ଷ ଜ୍ୟୋତି ରେଖା ନାୟକ,ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରମେଶ ଜେନା, ଜିଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଯୁବ ନେତା ମନୋଜ ପ୍ରଧାନ, ପ୍ରଭାତ ନାୟକ ଓ ଅଜୟ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ବାଚନିକ ଇତିହାସକୁ ଗୁରୁତ୍ୱ ଦିଆଯିବା ଜରୁରୀ

ଭୁବନେଶ୍ୱର, ୨୯।୮(ବ୍ୟୁରୋ)




ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ ଏବଂ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ମିଳିତ ଉଦ୍ୟମରେ 'ଆଜାଦୀ କା ଅମୃତ ମହୋତ୍ସବ' ଶୀର୍ଷକ ୱେବିନାର ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପୂର୍ବତନ ମୁଖ୍ୟ ଡ. ସୋମାରାଣୀ ଚାନ୍ଦ ଯୋଗଦେଇ ପରାଧୀନତାରୁ ମୁକ୍ତି ଏବଂ ମୁକ୍ତିକାମୀ ମଣିଷର ସ୍ୱପ୍ନର ବିଶ୍ଳେଷଣ ଜରୁରୀ ବୋଲି କହିଛନ୍ତି। ସେ କହିଛନ୍ତି, ସ୍ୱାଧୀନତା ସଂଗ୍ରାମର ଇତିହାସରେ ନେତାମାନଙ୍କ ନାମ ପଛରେ ଅନ୍ୟ ସଂଗ୍ରାମୀମାନେ ଲୁଚି ଯାଇଛନ୍ତି। ଏବେ ଲୋକଙ୍କ ମୁହଁରେ ସେହି ସଂଗ୍ରାମୀମାନଙ୍କ ଅନେକ କାହାଣୀ ଜୀବନ୍ତ ଅଛି। ଏହି ବାଚନିକ ଇତିହାସକୁ ଗୁରୁତ୍ୱ ଦିଆଗଲେ ବହୁ ନାରୀ ସ୍ୱାଧୀନତା ସଂଗ୍ରାମୀ ଏବଂ ସ୍ଥାନୀୟ ଯୋଦ୍ଧାଙ୍କର ନାମ ଇତିହାସକୁ ଆସିବ ବୋଲି ସୋମାରାଣୀ କହିଛନ୍ତି। ଆଲୋଚନାରେ ଜୟପୁର ସରକାରୀ ମହିଳା ମହାବିଦ୍ୟାଳୟ ଇତିହାସ ବିଭାଗର ମୁଖ୍ୟ ଡ. କନକଲତା ମହାପାତ୍ର ଅଂଶଗ୍ରହଣ କରି କହିଛନ୍ତି ଯେ ସ୍ୱାଧୀନତା ଆନ୍ଦୋଳନ ସମୟରେ ସ୍ଥାନୀୟ ଭାବେ ବହୁ ସଂଗ୍ରାମୀ ଯୋଗଦେଇଥିଲେ। ଅବିଭକ୍ତ କୋରାପୁଟ ଜିଲାରୁ ଲକ୍ଷ୍ମୀ ପଣ୍ଡା, ଶାନ୍ତି ଶବରଙ୍କ ଭଳି ଅନେକ ମହିଳା ସଂଗ୍ରାମୀ ରହିଥିଲେ। ସେମାନଙ୍କ ତ୍ୟାଗକୁ ମନେ ନ ପକାଇଲେ ଇତିହାସ ଅପୂର୍ଣ୍ଣ ରହିଯିବ ବୋଲି କନକଲତା କହିଥିଲେ।

ପତ୍ରସୂଚନା କାର୍ଯ୍ୟାଳୟ ଏବଂ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ରାଜିନ୍ଦର ଚୌଧୁରୀ ପାଇକ ବିଦ୍ରୋହ ସମ୍ପର୍କରେ ଆଲୋଚନା କରି ଏଥିରେ ଓଡ଼ିଶାର ଯୋଗଦାନ ଏବଂ ଓଡ଼ିଶା ବୀରମାନଙ୍କର ଅବଦାନର ସ୍ମୃତିଚାରଣ କରିଥିଲେ। ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କହିଥିଲେ ଯେ ମନୁଷ୍ୟ ସ୍ୱାଧୀନ ହୋଇ ଜନ୍ମ ହୋଇଛି। କର୍ମ ଓ ଉନ୍ନତ ଚିନ୍ତାଧାରାର ଉପଯୋଗ ବିନା ସ୍ୱାଧୀନତା ମୂଲ୍ୟହୀନ ହୋଇପଡିବ। ଶୁଭେନ୍ଦୁ ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଞ୍ଚଳିକ ଜନସମ୍ପର୍କ କାର୍ଯ୍ୟାଳୟର ଅଧିକାରୀ ମହେନ୍ଦ୍ର ପ୍ରସାଦ ଜେନା, ମନମୋହନ ପାଢ଼ୀ ପ୍ରମୁଖ ବହୁ ଅଧିକାରୀ, ଛାତ୍ରୀଛାତ୍ର ଏବଂ ସାଧାରଣ ଜନତା ଅଂଶଗ୍ରହଣ କରିଥିଲେ।

## ସୂଚନା ଅଧିକାର ଆଇନ ସମ୍ପର୍କିତ କର୍ମଶାଳା

କଟକ ଅଫିସ,୨୯।୮

ଓଡ଼ିଶା ସୂଚନା ଅଧିକାର ଅଭିଯାନର କଟକ ଜିଲା କାର୍ଯ୍ୟକର୍ତ୍ତା ବୈଠକ ରବିବାର ସ୍ଥାନୀୟ ଏକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନିଆଳି, ମାହାଙ୍ଗା, ନରସିଂହପୁର, ଟାଙ୍ଗୀ-ଚୌଦ୍ୱାର, କଟକ ନଗର, ବାରଙ୍ଗ ଆଦି ତହସିଲ ଅଞ୍ଚଳରୁ ୨୫ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ସୂଚନା ଅଧିକାର ଆଇନର ବିଭିନ୍ନ ମୌଳିକ ପ୍ରଶ୍ନଗୁଡିକ ଉପରେ ରହିଥିବା ସନ୍ଦେହ ଦୂରୀଭୂତ ସହ ଏହି ଆଇନରେ ଥିବା ବ୍ୟବହାରିକ ଜ୍ଞାନ ଉପରେ ସେମାନଙ୍କୁ ଶିକ୍ଷା ଦିଆଯାଇଥିଲା। ରାଜ୍ୟରେ ଦିନକୁ ଦିନ ସୂଚନା ଅଧିକାରକର୍ମୀଙ୍କ ଉପରେ ହେଉଥିବା ଆକ୍ରମଣକୁ କିଭଳି ପ୍ରତିହତ କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସେହିଭଳି ବ୍ଲକସ୍ତରରେ କାର୍ଯ୍ୟକର୍ତ୍ତାଙ୍କ ସଂଖ୍ୟା ବୃଦ୍ଧି କରାଯାଇ ସଂଗଠନର ଶକ୍ତି କିଭଳି ବୃଦ୍ଧି କରାଯାଇପାରିବ ତା' ଉପରେ ମଧ ବ୍ୟାପକ ଆଲୋଚନା ହୋଇଥିଲା। ଏହି କର୍ମଶାଳାରେ ପିପୁଲସ ଭିଜିଲାନ୍ସ କାଉନସିଲର ଅଧ୍ୟକ୍ଷ ଲଳିତ ମିଶ୍ର ସୂଚନା ଅଧିକାର ଆଇନ ସମ୍ପର୍କିତ ବ୍ୟବହାରିକ ଜ୍ଞାନ ଉପରେ ବିସ୍ତୃତ ଆଲୋଚନା କରିଥିଲେ। କଟକ ଜିଲା ଆବାହକ ଶ୍ରୀକାନ୍ତ ପାକଳଙ୍କ ଅଧକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ଆଡ୍‌ଭୋକେଟ ରୋହନ ମହାନ୍ତି, ଆଡ୍‌ଭୋକେଟ ଆକାଶ ଭୂୟାଁ, ରଞ୍ଜିତ ମଲ୍ଲିକ, କେନ୍ଦ୍ରାପଡ଼ା ଜିଲା ସଂଯୋଜକ ପ୍ରତାପ ମହାନ୍ତି, ଭୀମସେନ ବିଶ୍ୱାଳ, ମନୋଜ ସାହୁ, କମଳ ମହାନ୍ତି, ନବକିଶୋର ଦାସ, ମନୋରଞ୍ଜନ ସାହୁ, ବସନ୍ତ ଜେନା, ନିରଞ୍ଜନ ଦାସ, ରଶ୍ମି ମଲ୍ଲିକ, ଦିଲ୍ଲୀପ ଜେନାଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଅନେକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ରାଖୀ ବାନ୍ଧି ବୃକ୍ଷର ସୁରକ୍ଷା ପାଇଁ ଶପଥ ନେଲେ

କଟକ ଅଫିସ, ୨୯।୮

ହିନ୍ଦୁ ସ୍ପିରିଚୁଆଲ ଏବଂ ସର୍ଭିସ ଫାଉଣ୍ଡେଶନର ଆହ୍ୱାନକ୍ରମେ ପ୍ରକୃତି ବନ୍ଦନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଟକ ଚହଟାଘାଟ ହାତୀଗଡ଼ାଠାରେ ନଦୀ ଓ ବୃକ୍ଷକୁ ପୂଜା କରାଯାଇଥିଲା। ଏହା ପୂର୍ବରୁ ଉକ୍ତ ଘାଟରେ ଅନୁଷ୍ଠାନ ପକ୍ଷରୁ ଆବର୍ଜନା ସଫା କରାଯାଇଥିଲା। ଉତ୍କଳ କେଶରୀ ସିଂହ ଓ ଛବୀନ୍ଦ୍ର କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶ୍ୱନାଥ ପଣ୍ଡା, ବିଭୁ ପ୍ରସାଦ ନାୟକ, ରବିନାରାୟଣ ରାଉତରାୟ, ରମେଶ ଚନ୍ଦ୍ର ସିଂହ, ନିକୁଞ୍ଜ କିଶୋର ମଙ୍ଗରାଜ, ପ୍ରଶାନ୍ତ କୁମାର ବେହେରା, ମହମ୍ମଦ ଅକିଲୁର ରେହେମନ, ବୃନ୍ଦାବନ ସାହୁ, କବିତାରାଣୀ ସିଂହ, ଲଳିତା ସାହୁଙ୍କ ସହ ଅନ୍ୟମାନେ ସାମିଲ ହୋଇଥିଲେ। ସେହିପରି ନୀଳଶୈଳ ଅନୁଷ୍ଠାନ ଓ ବିଶ୍ୱ ଓଡ଼ିଆ ସମ୍ମିଳନୀ ପକ୍ଷରୁ କେନ୍ଦ୍ରୀୟ କାର୍ଯ୍ୟାଳୟଠାରେ ପ୍ରକୃତି ବନ୍ଦନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଦସ୍ୟମାନେ ବୃକ୍ଷଗୁଡିକୁ ପୂଜା କରିବା ସହ ରାଖୀ ବାନ୍ଧି ସୁରକ୍ଷା ଦେବା ପାଇଁ ଶପଥ ନେଇଥିଲେ। ଶକ୍ତିଶଙ୍କର ରାଜ୍‌ଙ୍କ ନେତୃତ୍ୱରେ ଦିଲ୍ଲୀପ ମହାପାତ୍ର, ସୌମ୍ୟ ଶଙ୍କର ରାଜ, ସୌଭାଗ୍ୟ ରାଜ, ସବିତା ମହାନ୍ତି, ଅର୍ଣ୍ଣଭ ରାଜ, ନୀତା ରାଜ ପ୍ରମୁଖ ସୂର୍ଯ୍ୟଦେବ ଓ ତୁଳସୀ ବୃକ୍ଷକୁ ପୂଜା କରିଥିଲେ।

## ଭାଜପା ଅଭିଯୋଗକୁ ବିଜେଡିର ଖଣ୍ଡନ

ଆଠଗଡ଼, ୨୯।୮(ସ୍ୱ.ପ୍ର.)

**ଗୁରୁଡ଼ିଝାଟିଆ ସମବାୟ ବ୍ୟାଙ୍କ ଦୁର୍ନୀତି ପ୍ରସଙ୍ଗ**

କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଆଠଗଡ଼ ଶାଖାର ଗୁରୁଡ଼ିଝାଟିଆ ସମବାୟ ବ୍ୟାଙ୍କ ସମେତ ଅନ୍ୟ ୨୫ଟି ବ୍ୟାଙ୍କରେ ଦୁର୍ନୀତି ଅଭିଯୋଗ ହୋଇଛି। ଏଥିରେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ତାଙ୍କ ଭାଇ ତଥା କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ବୀରେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସମ୍ପୃକ୍ତି ଥିବା ନେଇ ଭାଜପା ପକ୍ଷରୁ ରବିବାର ରାମନାରାୟଣ ମହାନ୍ତି ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଥିଲେ। ଏହାକୁ ଆଠଗଡ଼ ବିଜେଡି ପକ୍ଷରୁ ଖଣ୍ଡନ କରାଯାଇଛି। ଆଠଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଏନେଇ ବିଜେଡି ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇଥିଲା। ଏଥିରେ କୁହାଯାଇଥିଲା, ମନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ଆଣିଥିବା ଭାଜପା ନେତା ଦଳରେ କୋଣଠେସା ହୋଇଯାଇଥିବାରୁ ଅସ୍ତିତ୍ୱ ବଞ୍ଚାଇବା ପାଇଁ ଏଭଳି ଉଦ୍ୟମ କରିଛନ୍ତି। ସମବାୟ ଦୁର୍ନୀତିକୁ ନେଇ ବିଭାଗୀୟ ମନ୍ତ୍ରୀ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଅଭିଯୁକ୍ତମାନେ ବର୍ତ୍ତମାନ ଜେଲରେ ଅଛନ୍ତି। ଏଭଳିସ୍ଥିତିରେ ମନ୍ତ୍ରୀ ଓ ତାଙ୍କ ଭାଇଙ୍କୁ ବଦନାମ କରିବା ପାଇଁ ଏହା ଏକ ବୃଥା ପ୍ରୟାସ। ଏହି ସମ୍ମିଳନୀରେ ଆଠଗଡ଼ ବିଜୁ ଯୁବ ଜନତା ଦଳ ସଭାପତି ଅଶୋକ କୁମାର ରାଉତ, ଉପସଭାପତି ନିମାଇଁ ଚରଣ ରାଉତ ଏବଂ ସମ୍ପାଦକ ପ୍ରଦୀପ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



କଟକ ଉପର ତେଲେଙ୍ଗା ବଜାର ଅଞ୍ଚଳରେ ରବିବାର ଯୁବତୀମାନେ ଖୁଦୁରୁକୁଣୀ ପୂଜା କରୁଛନ୍ତି।

## ପ୍ରାଣୀଧନ ନିରୀକ୍ଷକ ପଦବୀ ଖାଲି : ଗୋ ସେବା ବ୍ୟାହତ

କଣ୍ଟାପଡା, ୨୯।୮ (ଡି.ଏନ୍.ଏ.)

କଣ୍ଟାପଡା ବ୍ଲକ ପ୍ରାଣୀ ଚିକିତ୍ସା ବିଭାଗ ଅଧୀନରେ ଥିବା ଅଡ଼ଶପୁର ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ରର ନିରୀକ୍ଷକ ପଦବୀ ୮ ମାସ ହେବ ଖାଲିପଡିଛି। ଏଥିଯୋଗୁ ଗୋସେବା ବ୍ୟାହତ ହେଉଛି। ଫଳରେ ଏହି କେନ୍ଦ୍ର ଉପରେ ନିର୍ଭର କରୁଥିବା ଗୋପାଳକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅପରପକ୍ଷେ ଫାଟୁଆ ରୋଗ ବ୍ୟାପୁଥିବାରୁ ଗୋରୁମାନଙ୍କୁ ଏପର୍ଯ୍ୟନ୍ତ ଟିକାକରଣ କରାଯାଇନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଅଡ଼ଶପୁର ପ୍ରାଣୀଧନ ନିରୀକ୍ଷକ ୮ମାସ ତଳେ ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହୋଇଯାଇଛନ୍ତି। ସେହିଦିନଠାରୁ ଉକ୍ତ ପଦବୀରେ କାହାକୁ ଅବସ୍ଥାପିତ କରାଯାଇନାହିଁ। ଉକ୍ତ କେନ୍ଦ୍ର ଉପରେ ପ୍ରାୟ ୨୫ଟି ଗ୍ରାମର ଗୋପାଳକମାନେ ନିର୍ଭର କରୁଥିବାବେଳେ କର୍ମଚାରୀ ଅଭାବରୁ ସେମାନେ କ୍ୱାକମାନଙ୍କ ଦ୍ୱାରା ଗୋରୁମାନଙ୍କୁ ଚିକିତ୍ସା କରାଇବାକୁ ବାଧ୍ୟ ହେଉଛନ୍ତି। ଏ ସମ୍ପର୍କରେ କଣ୍ଟାପଡା ମୁଖ୍ୟ ପ୍ରାଣୀ ଚିକିତ୍ସକ ଜିତେନ୍ଦ୍ର ମହାରଣା କହିଛନ୍ତି, ଉତ୍ତାରଣ କେନ୍ଦ୍ରର ପ୍ରାଣୀଧନ ଚିକିତ୍ସକଙ୍କୁ ୩ ଦିନ ପାଇଁ ସେଠାକୁ ଡେପୁଟେଶନରେ ପଠାଯାଉଛି। ଏପର୍ଯ୍ୟନ୍ତ ଫାଟୁଆରୋଗ ପାଇଁ ଟିକା ମିଳି ନ ଥିବାରୁ ଟିକାକରଣ କାର୍ଯ୍ୟ ବିଳମ୍ବ ହେଉଛି।

**ସଂକ୍ଷେପରେ**

## ଘର ଆଗରୁ ବାଇକ୍ ଚୋରି: ୨ ଗିରଫ

**ଯାଁଳା,୨୯।୮(ଡି.ଏନ୍.ଏ.):** ଘର ଆଗରୁ ବାଇକ୍ ଚୋରି ଅଭିଯୋଗରେ ଯାଁଳା ଫାଣ୍ଡି ପୋଲିସ ଦୁଇ ଜଣଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଜଟଣୀ ଥାନା ଗଙ୍ଗପଡା ଭୋଇସାହିର ସାଗର ସାମଲ ଓରଫ କୁନା (୨୩), ପିତାପଲ୍ଲି ଗ୍ରାମର ଅଜୟ ସାହୁ ଓରଫ ଅଜୁ(୩୮)। ଏମାନଙ୍କ ନିକଟରୁ ଚୋରି ବାଇକ ଖଣ୍ଡ ଖଣ୍ଡ ଅବସ୍ଥାରେ ଜବତ ହୋଇଛି। ସୂଚନା ମୁତାବକ, ଗଙ୍ଗପଡା ପଦ୍ମାବତୀ ସାହିର ସନ୍ତୋଷ ମହାରଣା ଘର ଆଗରେ ଗାଡି ରଖିଥିଲେ। ଦ୍ୱିପହରରେ ସମସ୍ତେ ଘରେ ଥିବାବେଳେ ସାଗର ବାଇକକୁ ଚୋରି କରି ଅଜୟ ଙ୍କୁ ବିକ୍ରି କରିଥିଲେ। ଏନେଇ ସନ୍ତୋଷଙ୍କ ସ୍ତ୍ରୀ ମାମିନାଙ୍କ ଅଭିଯୋଗକ୍ରମେ ପୋଲିସ ତଦନ୍ତ ଚଳାଇଥିଲା।

## ଘରେ ପଶି ଚୋରି, ଅଭିଯୁକ୍ତ ଗିରଫ

**ଯାଁଳା,୨୯।୮(ଡି.ଏନ୍.ଏ.):** ଘରେ ପଶି ଚୋରି କରିବା ଅଭିଯୋଗରେ ଯାଁଳା ଫାଣ୍ଡି ପୋଲିସ ଜଣେ ଚୋରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଯାଁଳା ପଞ୍ଚାୟତ ଦକ୍ଷିଣ ମୁଣ୍ଡମୁହାଣ ଗ୍ରାମର ରବୀନ୍ଦ୍ର ପ୍ରଧାନ ଓରଫ ପମା (୩୨)। ତାଙ୍କ ନିକଟରୁ ଚୋରି କରିଥିବା ଏକ ଏଲଇଡି ଟିଭି ଓ ଅନ୍ୟାନ୍ୟ ଆସବାବପତ୍ର ଜବତ ହୋଇଛି। ସୂଚନା ମୁତାବକ, ଓଗାଲପଡା ଗ୍ରାମରେ ରହୁଥିବା ବିଜୟ ଦାସ ଶନିବାର ସକାଳେ ଏକ କମ୍ପାନୀ କାମରେ ବାହାରକୁ ଯାଇଥିଲେ। ଘରେ କେହି ନ ଥିବା ସୁଯୋଗରେ ଅଭିଯୁକ୍ତ ଜଣଙ୍କ ଘରର ତାଲା ଭାଙ୍ଗି ଟିଭି ଓ ଅନ୍ୟାନ୍ୟ ଆସବାବପତ୍ର ଚୋରି କରିଥିବା ନେଇ ବିଜୟ ଅଭିଯୋଗ କରିଥିଲେ। ତେବେ ଅଭିଯୁକ୍ତଙ୍କ ନାଁରେ ପୂର୍ବରୁ ଜଟଣୀ ଥାନାରେ ୩ରୁ ଊର୍ଦ୍ଧ୍ୱ ଚୋରି ଓ ଗଣ୍ଡଗୋଳ ମାମଲା ଥିବା ଜଣାପଡ଼ିଛି।

## ଗହୀରଗାଡ଼ିଆରେ ବିଶ୍ୱଶାନ୍ତି ମହାଯଜ୍ଞ

**ବେଗୁନିଆ, ୨୯।୮ (ଡି.ଏନ୍.ଏ.):** ବୈଦେଶ୍ୱର ଥାନା ଅନ୍ତର୍ଗତ ଗହୀରଗାଡିଆ ଗ୍ରାମ ନିକଟ ମା’ ବନଦୁର୍ଗାଙ୍କ ପୀଠ ପରିସରରେ ୩ଦିନ ଧରି ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବୈଦିକ ବ୍ରାହ୍ମଣ ସମାଜ ପୌରୋହିତ୍ୟରେ ଆୟୋଜିତ ଏହି ମହାଯଜ୍ଞରେ ବାଙ୍କୀ, ବେଗୁନିଆ, ବୋଲଗଡ଼ ଓ ଖଣ୍ଡପଡା ବ୍ଲକର ଶତାଧିକ ବୈଦିକ ବ୍ରାହ୍ମଣ ଯୋଗଦେଇଥିଲେ। ପୁରୀ ଗଜପତିଙ୍କ ପୁରୋହିତ ପଣ୍ଡିତ ବାସୁଦେବ ମହାପାତ୍ର ଓ ବାଙ୍କୀ ମହାରାଜାଙ୍କ ରାଜ ପୁରୋହିତ ପଣ୍ଡିତ ଭବାନୀଶଙ୍କର ମହାପାତ୍ର ଯୋଗଦେଇ ଅଙ୍କୁରାରୋପଣ, ଶାଳାମଣ୍ଡନ, ଗୋପୂଜା, ସୂର୍ଯ୍ୟପୂଜା ଆଦି ବିଧି ମୁତାବକ କରାଯାଇଥିଲା। ପଣ୍ଡିତ ମାଧବ ମିଶ୍ର ,ପଣ୍ଡିତ ନୃସିଂହଚରଣ ଦାସ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିଲେ। ସ୍ଥାନୀୟ ଅଞ୍ଚଳର ବିଶିଷ୍ଟ ପଣ୍ଡିତ ଅଶୋକ ମିଶ୍ର ବିଶ୍ୱ ଶାନ୍ତି ଚଣ୍ଡୀ ମହାଯଜ୍ଞର ମନ୍ତ୍ର ପାଠ କରିଥିଲେ। ରବିବାର ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଯଜ୍ଞ କର୍ତ୍ତା ସରୋଜ ମହାନ୍ତି ଓ କର୍ତ୍ତ୍ରି ଭାବେ ରୋଜାଲିନ ମହାନ୍ତି କାର୍ଯ୍ୟ ସମ୍ପାଦନ କରିଥିଲେ।

## ବିଧାୟକଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପଦାନ

**ନିରାକାରପୁର,୨୯।୮(ଡି.ଏନ୍.ଏ.):** ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର କରୋନାରେ ପୀଡିତ ଥିବାରୁ ତାଙ୍କ ଆଶୁ ଆରୋଗ୍ୟ କାମନାକରି ସ୍ଥାନୀୟ ରାମମନ୍ଦିର ମାରୁତି ମଣ୍ଡପରେ ନିରାକାରପୁର ଅଞ୍ଚଳର କର୍ମୀମାନେ ରବିବାର ସନ୍ଧ୍ୟାରେ ସମୂହ ଦୀପଦାନ କରି ତାଙ୍କ ଆରୋଗ୍ୟ କାମନା କରିଛନ୍ତି। ସ୍ଥାନୀୟ ସରପଞ୍ଚ ହୃଷୀକେଶ ରାଉତରାୟ, ଯୁବ ସଙ୍ଗଠକ ସୁକାନ୍ତ କୁମାର ବେହେରା, ପଞ୍ଚାୟତ ସଭାପତି ରାମକୃଷ୍ଣ ପଟ୍ଟନାୟକ, କୁନା ସାମନ୍ତରାୟଙ୍କ ସମେତ ବହୁ କର୍ମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ମଲ୍ଟି ଆକ୍ସିଲ ଟ୍ରକ୍ ମାଲିକ ସଂଘର ନୂତନ କର୍ମକର୍ତ୍ତା ଚୟନ

**ଜଟଣୀ,୨୯।୮(ଡି.ଏନ୍.ଏ.):** ଗଙ୍ଗପଡା ସ୍ଥିତ ଲତା ଭୂଆସୁଣୀ ମନ୍ଦିର ଠାରେ ଭୁବନେଶ୍ୱର ଏବଂ ଖୋର୍ଦ୍ଧା ମଲ୍ଟି ଆକ୍ସିଲ ଟ୍ରକ୍ ମାଲିକଙ୍କ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ବିଜେଡି ସଭାପତି ବିଭୂତି ବଳବନ୍ତରାୟଙ୍କୁ ସଂଘ ସଭାପତି କରିବା ନିମନ୍ତେ ନିଷ୍ପତ୍ତି ହୋଇଛି। କାର୍ଯ୍ୟକାରୀ ସଭାପତି ଭାବେ ଶୁଭେନ୍ଦ୍ର ଭୂଷଣ ଦାସ, ଉପ-ସଭାପତି ଆଲୋକ ନାୟକ, ସମ୍ପାଦକ ହୃଦାନନ୍ଦ କୋଦମାସିଂ, ସାଧାରଣ ସମ୍ପାଦକ ସରୋଜ ବଳିୟାରସିଂ, ସହ-ସମ୍ପାଦକ ଶିବଶମ୍ଭୁ ପ୍ରଧାନ, କୋଷାଧକ୍ଷ ଜିତେନ୍ଦ୍ର ସାହୁଙ୍କୁ ମନୋନୀତ କରାଯାଇଛି। ଆଇନ ପରାମର୍ଶଦାତା ଭାବେ ଅରୁଣ ସାହୁଙ୍କୁ ଦାଇତ୍ୱ ଦିଆଯାଇଛି।

# ଜଳସେଚନ ବ୍ୟବସ୍ଥା ସ୍ଥାଣୁ, ଉଜୁଡୁଛି ଫସଲ

**ବେଗୁନିଆ,୨୯।୮(ଡି.ଏନ୍.ଏ.)**



**ବେଗୁନିଆ ବ୍ଲକ**
- ବୋର୍ ପଏଣ୍ଟ ଅଚଳ, ବର୍ଷାକୁ ଭରସା
- ସବ୍‌ସିଡିରେ ପମ୍ପସେଟ ଯୋଗାଣ ପ୍ରହସନ

ଚାଷର ଉନ୍ନତି ପାଇଁ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ସେଥିମଧ୍ୟରୁ ଜଳସେଚନ ବ୍ୟବସ୍ଥା ଅନ୍ୟତମ। ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକରେ ଏହି ବ୍ୟବସ୍ଥା ସ୍ଥାଣୁ ପାଲଟିଛି। ଫଳରେ ହେକ୍ଟର ହେକ୍ଟର ଖରିଫ ଫସଲ ଉଜୁଡ଼ିଯିବାକୁ ବସିଛି। ସେହିପରି ସରକାରଙ୍କ ପକ୍ଷରୁ ରିଭର ଲିଫ୍ଟ, ବୋର୍ ପଏଣ୍ଟ, ଆଡ଼ିବନ୍ଧ ମାଧ୍ୟମରେ କିଛି ଚାଷଜମିକୁ ମରୁଡ଼ି ସମୟରେ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ମାତ୍ର ଏହି ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସବ୍‌ସିଡିରେ ପମ୍ପସେଟ ଯୋଗାଣ ବ୍ୟବସ୍ଥା ମଧ୍ୟ ପ୍ରହସନ ପାଲଟିଛି। ଏଥିଯୋଗୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସୂଚନାଯୋଗ୍ୟ, ଚଳିତ ଅଗଷ୍ଟ ମାସରେ ବେଗୁନିଆ ବ୍ଲକରେ ଆବଶ୍ୟକତା ଠାରୁ ପ୍ରାୟ ୩୭ପ୍ରତିଶତ କମ୍ ବୃଷ୍ଟିପାତ ହୋଇଛି। ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଖରିଫ ଧାନ ଚାଷ ଓ ଅନ୍ୟାନ୍ୟ ଫସଲ ପ୍ରଭାବିତ ହୋଇଛି। ସ୍ଥାୟୀ ଜଳସେଚନ ବ୍ୟବସ୍ଥା ନ ଥିବାରୁ ଉଚ୍ଚଜମିରେ ରୁଆଯାଇଥିବା ଧାନତଳି ଉଜୁଡ଼ିଯାଉଛି। ସେହିପରି ମଧ୍ୟମ ଜମିରେ ୫୦ ପ୍ରତିଶତ ତଳି ନଷ୍ଟ ହୋଇଥିବା ବେସରକାରୀ ଭାବେ ଜଣାପଡ଼ିଛି। ତେବେ ସମ୍ପ୍ରତି ବର୍ଷାଭାବ ପରିସ୍ଥିତିରେ ଯଦି ସ୍ଥାୟୀ ଜଳସେଚନ ବ୍ୟବସ୍ଥା ଥାଆନ୍ତା ତା’ହାଲେ ଫସଲ ନଷ୍ଟ ହୋଇ ନ ଥାନ୍ତା ବୋଲି ନବନିର୍ମାଣ କୃଷକ ସଙ୍ଗଠନ କହିଛି। ଏଥିଲାଗି ଜଳସେଚନ ବିଭାଗକୁ ସଙ୍ଗଠନ ଦାୟୀ କରିଛି। ଅନ୍ୟପକ୍ଷରେ ଏହି ବ୍ଲକ ଅଧୀନ ସିକୋ, ହଜ୍ ଅଞ୍ଚଳର ଚାଷୀଙ୍କ ଜମିକୁ ମଲାଗୁଣୀ ନଦୀରୁ ରିଭର ଲିଫ୍ଟ ମାଧ୍ୟମରେ ଜଳ ଯୋଗାଇ ଦିଆଯାଉଛି। ମାତ୍ର ଅନେକ ସମୟରେ ଏହି ଲିଫ୍ଟ ଅଚଳ ହୋଇପଡୁଛି। ପରିଛଳ, ଶଗଡ଼ଭଙ୍ଗା, ବଡବେରଣା, ଗଡ଼ମାଣତୀର, ରାଧାକାନ୍ତପୁର ଆଦି ପଞ୍ଚାୟତରେ ୧୨୦ଟି ଉଠାଜଳସେଚନ ପଏଣ୍ଟ ରହିଛି। ତେବେ ବିଦ୍ୟୁତ ଯୋଗାଣ ବିଚ୍ଛିନ୍ନ ଓ ମୋଟର ପୋଡ଼ି ଯାଇଥିବାରୁ ବହୁ ପଏଣ୍ଟ ଅଚଳ ହୋଇପଡ଼ିଛି। ସେହିପରି ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ବିଭିନ୍ନ ନାଳରେ ୮୫ଟି ଆଡ଼ିବନ୍ଧ ନିର୍ମାଣ କରାଯାଇଥିଲା। ଏହି ଆଡ଼ିବନ୍ଧ ଯୋଗୁ ପ୍ରାୟ ୧୧୦୦ ହେକ୍ଟର ଚାଷଜମି ପାଣି ପାଇପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। କିନ୍ତୁ ନିମ୍ନମାନର କାର୍ଯ୍ୟ ଓ ତଦାରଖ ଅଭାବ ଯୋଗୁ ଏଗୁଡ଼ିକ ଭାଙ୍ଗିରୁଜି ଗଲାଣି। ଫଳରେ ବର୍ଷାଭାବ ସମୟରେ ଚାଷୀଙ୍କ ହିତରେ ଲାଗିପାରୁନାହିଁ। ସେହିପରି ୫୦ ପ୍ରତିଶତ ସବ୍‌ସିଡିରେ ପମ୍ପସେଟ ଯୋଗାଣ ବ୍ୟବସ୍ଥା ଚାଷୀକୁଳକୁ ବ୍ୟଥିତ କରିଛି। କରୋନା ଚଡ଼କ ପରେ ଏବେ ମରୁଡ଼ି ଚିନ୍ତା ଘାରିଛି। ପମ୍ପସେଟ ପାଇଁ ୫୦ ପ୍ରତିଶତ ଅର୍ଥ କେଉଁଠୁ ଆଣିବୁ ବୋଲି ଚାଷୀ ମାୟାଧର ବେହେରା ଓ ମଙ୍ଗୁଳି ପ୍ରଧାନ କ୍ଷୋଭର ସହ ପ୍ରଶ୍ନ କରିଛନ୍ତି। ସେହିପରି ଚାଷଜମି ନିକଟରେ ବର୍ତ୍ତମାନ ଜଳ ଅଭାବ ରହିଛି, ଏଭଳି ସ୍ଥିତିରେ କେଉଁଠୁ ଜଳ ଆଣି ପମ୍ପସେଟ ମାଧ୍ୟମରେ ସେଚନ କରିବୁ ବୋଲି ଆଉ କେତେଜଣ ଚାଷୀ ପ୍ରଶ୍ନ କରିଛନ୍ତି। ଅଚଳ ବୋର୍ ପଏଣ୍ଟଗୁଡ଼ିକୁ କାର୍ଯ୍ୟକ୍ଷମ ସହ ସ୍ଥାୟୀ ଜଳସେଚନ ସୁବିଧା କରିବା ପାଇଁ ସରକାର ପଦକ୍ଷେପ ନେବାକୁ ଚାଷୀ ରବୀନ୍ଦ୍ର ପରିଡ଼ା, ଅଶୋକ ଚନ୍ଦ୍ର ସାହୁ ପ୍ରମୁଖ ଦାବି କରିଛନ୍ତି। ଅନ୍ୟପକ୍ଷରେ ବେଗୁନିଆ ବ୍ଲକ କୃଷି ଅଧିକାରୀ ପଦବୀ ବହୁ ଦିନ ଧରି ଖାଲିପଡ଼ିଛି। ବୋଲଗଡ଼ ବ୍ଲକ ପିଚୁକୁଳି ଜୋନ୍‌ର ଅତିରିକ୍ତ କୃଷି ଅଧିକାରୀ ସୀତାରତ୍ନ ମାଳା ଦାସ ଦାୟିତ୍ୱରେ ରହିଛନ୍ତି। ତେବେ ଏ ନେଇ ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଜବରଦଖଲକାରୀଙ୍କ କବ୍‌ଜାରେ ଡ୍ରେନ୍



ଜବରଦଖଲରେ ରହିଥିବା ଡ୍ରେନ୍।

**ବୋଲଗଡ଼,୨୯।୮(ଡି.ଏନ୍.ଏ.)**

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ବିଭାଗ ଜନସାଧାରଣଙ୍କ ଗମନା ଗମନ ସୁବିଧା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ରାସ୍ତା ନିର୍ମାଣ ଓ ଜଳ ନିଷ୍କାସନ ବ୍ୟବସ୍ଥା କରୁଛନ୍ତି। କିନ୍ତୁ ବୋଲଗଡ଼ ବ୍ଲକ ଅଧୀନ ବଡ଼ପାଟଣା ଗ୍ରାମର ଗଉଡସାହିରେ ତିଆରି ହୋଇଥିବା ଡ୍ରେନକୁ କେତେକ ପରିବାର ମାଟିଗୋଡ଼ି ପକାଇ ଅବରୋଧ କରିଛନ୍ତି। ବର୍ଷାଦିନେ ଗଉଡ ସାହି ଓ ମେଡିକାଲ ଛକରୁ ଆସୁଥିବା ପାଣି ବାହାରକୁ ନିଷ୍କାସନ ହୋଇ ନ ପାରି ରାସ୍ତା ଓ ଗାଁ ମୁଣ୍ଡରେ ଜମି ରହୁଛି। ଫଳରେ ମଶାଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ମ୍ୟାଲେରିଆ, ଡେଙ୍ଗୁଜ୍ୱର ହେବାର ଆଶଙ୍କା ରହିଛି। ସ୍ଥାନୀୟ ଜନସାଧାରଣ ଏହି ସମସ୍ୟାର ସମାଧାନ ପାଇଁ ବାଙ୍କୋଇଦେଶ ସରପଞ୍ଚ ଓ ବାଙ୍କୋଇ ଫାଣ୍ଡି ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ତୁରନ୍ତ ଏହି ସମସ୍ୟାର ସମାଧାନ ପାଇଁ ପୂର୍ବତନ ସରପଞ୍ଚ ମାଧବ ବିଶାଳ, ଭୀମସେନ ବିଶାଳ, ଭୁବନ ପାତ୍ର, ଲକ୍ଷ୍ମୀପ୍ରିୟା ଦଳାଇ ପ୍ରମୁଖ ଦାବି କରିଛନ୍ତି।




ଜଟଣୀ ଷ୍ଟଡ୍ସ କ୍ରିକେଟ୍ ଆସୋସିଏଶନ ପକ୍ଷରୁ ରବିବାର ଅନୁଷ୍ଠିତ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚରେ ଉଭୟ ଦଳର ଖେଳାଳିମାନେ।

## ଜାତୀୟ କ୍ରୀଡ଼ା ଦିବସ ପାଳିତ

**ଜଟଣୀ,୨୯।୮(ଡି.ଏନ୍.ଏ.)**

ଜଟଣୀର ବିଭିନ୍ନ ସାମାଜିକ ସଙ୍ଗଠନ ଏବଂ କ୍ରୀଡ଼ା ସଙ୍ଗଠନ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜଟଣୀସ୍ଥିତ ଷ୍ଟଡ୍ସ କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଏହି ଦିବସ ପାଳିତ ହୋଇଥିଲା। ଏହି ଅବସରରେ କ୍ରିକେଟ୍ ଆସୋସିଏଶନ ପକ୍ଷରୁ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ନାଇଜର ସମ୍ମୁଖ ଖେଳପଡିଆରେ ଆୟୋଜିତ ଏହି ମ୍ୟାଚରେ ସମ୍ପାଦକ ଏକାଦଶକୁ ୧୨ରନ୍‌ରେ ହରାଇ ସଭାପତି ଏକାଦଶ ବିଜୟୀ ହୋଇଥିଲା। କ୍ଲବ୍‌ର ସମସ୍ତ ଖେଳାଳି ଅଂଶଗ୍ରହଣ କରିଥିବା ନେଇ ସଭାପତି ରଙ୍ଗନାଥ ପଟ୍ଟନାୟକ କହିଛନ୍ତି।

## ଓଡ଼ିଶୀ ନୃତ୍ୟ ମୌଳିକତା ରକ୍ଷା ଉପରେ ଗୁରୁତ୍ୱ

**ଜଟଣୀ,୨୯।୮(ଡି.ଏନ୍.ଏ.)**

ଜଟଣୀ ନାଦଭେଦ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ଉପରେ ଭର୍ଚୁଆଲ ମାଧ୍ୟମରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ.ଜଗନ୍ନାଥ କୁଅଁର ମୁଖ୍ୟ ଅତିଥିଭାବେ ଯୋଗଦେଇଥିବା ବେଳେ ମୁଖ୍ୟ ଆଲୋଚକ ଭାବେ ଡ.ସ୍ନେହପ୍ରଭା ସାମନ୍ତରାୟ, ଅତିଥିଭାବେ ଡ.ମନୋରଞ୍ଜନ ପ୍ରଧାନ ଯୋଗଦେଇଥିଲେ। ଓଡ଼ିଶୀ ନୃତ୍ୟ ଏକ ମନୋରଞ୍ଜନ ଧର୍ମୀ ନୃତ୍ୟ ନୁହେଁ। ଏହା ମହାପ୍ରଭୁ ଜଗନ୍ନାଥଙ୍କ ଛତିଶା ନିଯୋଗ ସେବା ମଧ୍ୟରୁ ଏକ ସେବା। ବିଶ୍ୱ ଦରବାରରେ ଏହି ନୃତ୍ୟ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଏହାର ପ୍ରଚାର ଓ ପ୍ରସାର ଆବଶ୍ୟକ, ଏହାଠାରୁ ଗୁରୁତ୍ୱ ଧର୍ମ, ସଂସ୍କୃତି ଏବଂ ପରମ୍ପରାକୁ ବହନ କରୁଥିବା ଓଡ଼ିଶୀ ନୃତ୍ୟର ସୁରକ୍ଷା। ଓଡ଼ିଶୀ ନୃତ୍ୟର ମୌଳିକତା ରକ୍ଷା ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ଡ.ଅଜୟ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରଥିବା ବେଳେ ପ୍ରାରମ୍ଭରେ ଅଧ୍ୟାପକ ସୁକାନ୍ତ କୁଣ୍ଡୁ ଜଗନ୍ନାଥାଷ୍ଟକ ଗାନକରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ।

# ‘ଖାଲି ପଦବୀ ପୂରଣ ହେଉ, ପଦୋନ୍ନତି ମିଳୁ’

**ଖୋର୍ଦ୍ଧା ଅଫିସ,୨୯।୮**

ନିଖିଳ ଉତ୍କଳ ଚତୁର୍ଥ ଶ୍ରେଣୀ ସରକାରୀ କର୍ମଚାରୀ ସଂଘର ଏକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ଦେବରାଜ ବାରିକ ସଭାପତିତ୍ୱ କରିଥିଲେ। ସଂଘର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟ ସରକାରଙ୍କ ଜିଏ ଡିପାର୍ଟମେଣ୍ଟର ଚିଠି ନଂ. ୭୫୯୩/୮/୩/୨୦୧୯ ଓ ୧୩୦୧୨/୪/୬/୨୦୨୦ ଏବଂ ଖୋର୍ଦ୍ଧା ଜିଲାପାଳଙ୍କ ଚିଠି ନଂ. ୫୧୭୭/୫/୪/୨୦୨୧ ଅନୁଯାୟୀ ପ୍ରତ୍ୟେକ କାର୍ଯ୍ୟାଳୟରେ ଖାଲିପଡ଼ିଥିବା ଗ୍ରୁପ୍ ସି (ଜୁନିୟର ଆସିଷ୍ଟାଣ୍ଟ) ପଦବୀରେ କାର୍ଯ୍ୟରତ ମାଟ୍ରିକ ବା ତଦୂର୍ଦ୍ଧ୍ୱ କର୍ମଚାରୀଙ୍କୁ ପଦୋନ୍ନତି ଦିଆଯାଉନାହିଁ। ସେହିପରି ଖୋର୍ଦ୍ଧା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମେତ ବିଭିନ୍ନ କାର୍ଯ୍ୟାଳୟରେ ଶତାଧିକ ଗ୍ରୁପ୍ ସି ପଦବୀ ଖାଲିଥିବାବେଳେ ୪ର୍ଥ କର୍ମଚାରୀଙ୍କ ପଦନ୍ନୋତି ପ୍ରତି କେହି ଗୁରୁତ୍ୱ ଦେଉନାହାନ୍ତି। ଦୀର୍ଘ ଦିନ ଧରି ଏମ୍ଏ ପାସ୍ କରି କାର୍ଯ୍ୟରତ କର୍ମଚାରୀଙ୍କୁ ପଦୋନ୍ନତି ଦିଆଯାଉନାହିଁ। ଦ୍ୱିତୀୟତଃ ଜିଏ ଡିପାର୍ଟମେଣ୍ଟ ଚିଠି ନଂ. ୫୬୫୧/୧୭/୨/୨୦୨୦ ପ୍ରକାରେ ଜଣେ ମୃତ କର୍ମଚାରୀଙ୍କ ପରିବାରର ଜଣେ ସଦସ୍ୟଙ୍କୁ ସରକାରୀ ଚାକିରିରେ ନିଯୁକ୍ତି ଦିଆଯାଉ। ତୁରନ୍ତ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ସମସ୍ତ କାର୍ଯ୍ୟାଳୟ ଆଗରେ ଧାରଣା ଦିଆଯିବ। ଏହି ବୈଠକରେ ଜିଲା ସମ୍ପାଦକ ତ୍ରିନାଥ ସେଠୀ, ଦୀନବନ୍ଧୁ ମୁଦୁଲି, ଦିଲୀପ ସାହୁ, ପ୍ରମୋଦ ଦାସ, ଗୌରାଙ୍ଗ ବାରିକ, ପ୍ରବୀଣା ମହାନ୍ତି, ବିପିନ ବରାଳ, ଗୁଣନିଧି ମାନସିଂଙ୍କ ସମେତ ୧୦ଟି ବ୍ଲକ ସଂଘର ସଭାପତି ଓ ସମ୍ପାଦକ ଉପସ୍ଥିତ ଥିଲେ।

## ‘ସ୍ମୃତି ରତ୍ନ–ଜଗଦୀଶ’ ପୁସ୍ତକ ଉନ୍ମୋଚିତ

**ଜଟଣୀ,୨୯।୮(ଡି.ଏନ୍.ଏ.)**

ଜଟଣୀ ବ୍ଲକ ଅନ୍ତର୍ଗତ ଶକୁନ୍ତଳାଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ରଘୁନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବେଗୁନିଆ କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ଦାସ ଯୋଗଦେଇ ‘ସ୍ମୃତି ରତ୍ନ–ଜଗଦୀଶ’ ପୁସ୍ତକ ଉନ୍ମୋଚନ କରିଥିଲେ। ଅତିଥିଭାବେ ତରାବୋଇ ସରପଞ୍ଚ ସକିରା ଆବରାର, ସୁକାନ୍ତି ହରିଚନ୍ଦନ, ବିରଞ୍ଚି ସାହୁ, ସବିତା ଦାସ, ଆଶିଷ ପଣ୍ଡା, ଆଶିଷ ଦାସ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ଶିକ୍ଷାବିତ୍ ଜବାହରଲାଲ ସୁବୁଦ୍ଧି ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ଲୋପାମୁଦ୍ରା ବେହେରା, କ୍ଷେତ୍ରବାସୀ ମହାରଣା, ସ୍ୱର୍ଣ୍ଣଲତା ପଣ୍ଡା, ବୈଜୟନ୍ତୀ ରାଉତରାୟ, ପ୍ରତାପ ବେହେରା, ସଂଘମିତ୍ରା ମହାପାତ୍ର ପ୍ରମୁଖ ଉତ୍ସବରେ ଉପସ୍ଥିତ ଥିଲେ। ଟୁଲୁ ଦେଇ ଧନ୍ୟବାଦ ଦେଇଥିଲେ ।

# ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



କାର୍ଯ୍ୟକ୍ରମରେ ପୁରୀ ଏମ୍‌ପି ପିନାକୀ ମିଶ୍ର ଓ ଅନ୍ୟ ଅତିଥିମାନେ।

**ବାଲୁଗାଁ,୨୯।୮(ଡି.ଏନ୍.ଏ.)**

ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନ ପାଇଁ ଏବେଠାରୁ ଭାଜପା ଓ ବିଜେଡି ମଧ୍ୟରେ ରାଜନୈତିକ ଉଷ୍ମତା ଦେଖିବାକୁ ମିଳିଛି। ଭାଜପା ତୁଙ୍ଗ ନେତୃବୃନ୍ଦଙ୍କୁ ଧରି ସଭା କରି ଭୋଟରଙ୍କୁ ମନାଉଥିବା ବେଳେ ବିଜେଡି ବିଭିନ୍ନ ଜୋନ୍‌ରେ ପଞ୍ଚାୟତ ଓ ଏନ୍ଏସିରେ କାର୍ଯ୍ୟକର୍ତ୍ତା ବୈଠକ କରି ତୃଣମୂଳସ୍ତରରୁ ସଙ୍ଗଠନକୁ ସୁଦୃଢ଼ କରିବା ଲାଗି କର୍ମୀଙ୍କୁ ଆହ୍ୱାନ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ରବିବାର ପୁରୀ ଏମ୍‌ପି ପିନାକୀ ମିଶ୍ର ଏବଂ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ବାଲୁଗାଁରେ ପହଞ୍ଚି ମାମୁ ଭଣଜା ପାହାଡ ନିକଟରୁ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା କରିଥିଲେ। ପରେ ବାଲୁଗାଁସ୍ଥିତ ରାଜସ୍ୱ ଡାକବଙ୍ଗଳା ପରିସରରେ ପୂର୍ତ୍ତବିଭାଗ ଅଧୀନରେ ଏକ ନୂତନ ଡାକବଙ୍ଗଳାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବା ସହ ଆଗାମୀ ନିର୍ବାଚନରେ ସହଯୋଗ ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ। ବାଲୁଗାଁ ଏନ୍ଏସି ବିଧାୟକଙ୍କ ପ୍ରତିନିଧି ପ୍ରକାଶ ପ୍ରଧାନ ଧନ୍ୟବାଦ ଦେଇଥିଲେ। ବାଣପୁରରେ ମଧ୍ୟ ଅନୁରୂପଭାବେ ବିଶରପାଟଣା ଛକ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ଠାରେ ପହଞ୍ଚି ନୂତନ ତହସିଲ ଏବଂ ମହିଳା ମିଶନ ଶକ୍ତି କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ପଲଟଣ ପଡ଼ିଆରେ ଥିବା ଶହୀଦ କୃତ୍ତିବାସ ଭବନ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା।

# କଟକଣାରେ ପାଳନ ହେବ ଜଟଣୀ ଗଣେଶ ପୂଜା

**ଜଟଣୀ,୨୯।୮(ଡି.ଏନ୍.ଏ.)**

**ପୋଲିସ-ବ୍ୟବସାୟୀ ମହାସଂଘର ବୈଠକ**

କମିଶନରେଟ୍ ପୋଲିସ ଜଟଣୀ ପକ୍ଷରୁ ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା ନିମନ୍ତେ ଥାନା ପରିସରରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ବିଶ୍ୱରଞ୍ଜନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ଜୋନ-୩ ଏସିପି ଭରତ ଚନ୍ଦ୍ର ସାହୁ ଯୋଗଦେଇ କରୋନା ପାଇଁ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ୍ ଅନୁଯାୟୀ ପାଳନ କରିବାକୁ ସମସ୍ତ ବ୍ୟବସାୟୀ ସଂଘର ସଭାପତି, ସମ୍ପାଦକ ଏବଂ କର୍ମକର୍ତ୍ତାଙ୍କୁ କହିଥିଲେ। ପୂଜା ସମୟରେ ୭ଜଣ ସଦସ୍ୟ ରହିବା, ପୂଜା ମଣ୍ଡପର ୩ ପାଖରୁ ଆବଦ୍ଧ ହେବା ସହିତ ସମ୍ମୁଖ ଭାଗକୁ ସର୍ବସାଧାରଣ ଦର୍ଶନ ବାରଣ ନିମନ୍ତେ ବନ୍ଦରଖିବା ପାଇଁ କହିଥିଲେ। ବିସର୍ଜନ ଶୋଭାଯାତ୍ରାକୁ ବାରଣ କରାଯାଇଥିବା ବେଳେ ପୌରପ୍ରଶାସନ ପକ୍ଷରୁ ନିର୍ମିତ ଅସ୍ଥାୟୀ ବିସର୍ଜନ କୁଣ୍ଡରେ ମୂର୍ତ୍ତି ବିସର୍ଜନ କରାଯିବ। ସ୍ଥାୟୀ ପୂଜା ମଣ୍ଡପ ବ୍ୟତୀତ ଅସ୍ଥାୟୀ ମଣ୍ଡପରେ ପୂଜାକୁ ବାରଣ କରାଯାଇଛି। ବୈଠକରେ ଜଟଣୀ ବ୍ୟବସାୟୀ ମହାସଂଘର ସଭାପତି ସୁଦର୍ଶନ ସୁନ୍ଦରାୟଙ୍କ ସମେତ ଜଟଣୀର ସମସ୍ତ ପୂଜାକମିଟିର ସଭାପତି ଏବଂ ସମ୍ପାଦକ ଉପସ୍ଥିତ ଥିଲେ। ଥାନାଧିକାରୀ ସାହୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ସମସ୍ୟା ଶୁଣିଲେ, ପ୍ରତିଶ୍ରୁତି ଦେଲେ



ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

**ଯାଁଳା,୨୯।୮(ଡି.ଏନ୍.ଏ.)**

ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ରବିବାର ଜଟଣୀ ବ୍ଲକ ଯାଁଳା ପଞ୍ଚାୟତର ବିଭିନ୍ନ ସ୍ଥାନରେ ଜନସମ୍ପର୍କ ପଦଯାତ୍ରା କରିବା ସହ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ରଘୁନାଥ ଦେବ କୋଠଘର, ଗ୍ରାମେଶ୍ୱର ମନ୍ଦିର ପୁଷ୍କରିଣୀ, ଜାଗୁଳେଇ ମନ୍ଦିର ପାନୀୟ ଜଳ ପ୍ରକଳ୍ପ, ଗୋପାଳପୁର ହରିଜନସାହି ସୌର ଚାଳିତ ଜଳ ପ୍ରକଳ୍ପ, ଓଗାଳପଡା ଗ୍ରାମ ମା’ଲକ୍ଷ୍ମୀ କୋଠଘର, ରାଧାଚରଣପୁର ଆଦିବାସୀ ମହିଳା ଆଶ୍ରୟ କେନ୍ଦ୍ରର ଉଦ୍‌ଘାଟନ ହୋଇଛି। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ବିଶ୍ୱରଞ୍ଜନ ବଡ଼ଜେନା, ସରପଞ୍ଚ ପ୍ରଦୋଷ ଜେନାଙ୍କ ସମେତ ଶତାଧିକ ଭାଜପା କର୍ମୀ ଉପସ୍ଥିତ ଥିଲେ।

# ‘ପରିବେଶ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ’

**ଖୋର୍ଦ୍ଧା ଅଫିସ,୨୯।୮**



ସିଡ୍ ବ୍ୟାଙ୍କ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥିମାନେ।

- ସଂଗ୍ରହ ହେବ ଫୁଲ ଓ ଫଳଚାରା ମଞ୍ଜି
- ସଂଗ୍ରହକାରୀଙ୍କୁ ସମ୍ବର୍ଦ୍ଧିତ କରାଯିବ
- କମାଗୁରୁ କଲେଜରେ ସିଡ୍ ବ୍ୟାଙ୍କ ଉଦ୍‌ଘାଟିତ

ଦ୍ରୁତ ଶିଳ୍ପାୟନ ଓ ସହରାଞ୍ଚଳ ଯୋଗୁ ଗଛ କଟାଯାଉଛି। ଫଳରେ ଧୀରେ ଧୀରେ ଜଙ୍ଗଲ ଲୋପ ପାଉଛି। ଜୀବ ଓ ପ୍ରାଣୀଜଗତ ଉପରେ ଏହାର ପ୍ରଭାବ ପଡୁଛି। ଏଭଳି ଗଛକଟା ଚାଲିଲେ, ପରିବେଶ ନଷ୍ଟ ହେବା ସହ ଅମ୍ଳଜାନ ସମସ୍ୟା ଉପୁଜିବ। ମାନବ ସମାଜର କଲ୍ୟାଣ ଲାଗି ପରିବେଶ ସୁରକ୍ଷା ସମସ୍ତଙ୍କ ଦାୟିତ୍ୱ ବୋଲି ପ୍ରେରଣା ଗ୍ରୀନ ଆର୍ମିର ମୁଖ୍ୟ ପରିଚାଳକ ଡ. ଦିଲୀପ ଶ୍ରୀଚନ୍ଦନ କହିଛନ୍ତି। ପୂର୍ବରୁ ଶିକ୍ଷାନୁଷ୍ଠାନ, ଅନୁଷ୍ଠାନରେ ପାଇକ ବୀର, ବରପୁତ୍ରଙ୍କ ନାମରେ ଚାରାରୋପଣ ଅଭିଯାନ ହୋଇଥିଲା। ରବିବାର କମାଗୁରୁ କଲେଜ ପରିସରରେ ସିଡ୍ସ ବ୍ୟାଙ୍କ ଉଦ୍‌ଘାଟିତ ହୋଇଛି। ଏହା ମାଧ୍ୟମରେ ବିଭିନ୍ନ ଫଳ ଓ ଫୁଲଗଛର ମଞ୍ଜି ସଂଗ୍ରହ କରାଯିବ। ଆମ୍ବ, ପଣସ, ପିଜୁଳି, ଲିମ୍ବ, ବଡଚାକୁଣ୍ଡା, ଆକାଶିଆ, ଗିରିଶ, ହରିଡ଼ା, ବାହାଡ଼ା, ବଉଳ, ଖଜୁରି, କଦମ୍ବ, ମହାଲିମ୍ବ ପ୍ରଭୃତି ୨୦ ପ୍ରକାରରୁ ଊର୍ଦ୍ଧ୍ୱ ମଞ୍ଜି ସଂଗ୍ରହ କରାଯାଇଛି। ଏହି ମଞ୍ଜି କୌଣସି ଦୋକାନରୁ କିଣିବା ପରିବର୍ତ୍ତେ କଲେଜ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକମାନେ ନିଜସ୍ୱ ଉଦ୍ୟମରେ ସଂଗ୍ରହ କରିଛନ୍ତି। ଆମ୍ବ ଟାକୁଆ, ପଣସ ମଞ୍ଜି ଏଣେତେଣେ ଫିଙ୍ଗିବା ପରିବର୍ତ୍ତେ ଏହି ସିଡ୍ସ ବ୍ୟାଙ୍କରେ ଦେବାକୁ ଅନୁରୋଧ କରାଯାଇଛି। ଏହି ସଂରକ୍ଷିତ ମଞ୍ଜି ବର୍ଷାଋତୁରେ ପାହାଡ଼ ପାଦଦେଶ, ଗ୍ରାମାଞ୍ଚଳ, ଶିକ୍ଷାନୁଷ୍ଠାନ, ମନ୍ଦିର ପରିସରରେ ରୋପଣ କରାଯିବ। ମଞ୍ଜି ସଂଗ୍ରହ କରି ସିଡ୍ସ ବ୍ୟାଙ୍କକୁ ଦେଇଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଶ୍ରୀଚନ୍ଦନ କହିଛନ୍ତି। କାର୍ଯ୍ୟକ୍ରମରେ କମାଗୁରୁ କଲେଜ ଅଧ୍ୟକ୍ଷ ସୁଧାଂଶୁ ମହାନ୍ତି, ପରିବେଶପ୍ରେମୀ ଇଂ. ବିଶ୍ୱମୋହନ ପଟ୍ଟନାୟକ, ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ୧୨ଜଣଙ୍କୁ ଶ୍ରୀକ୍ଷେତ୍ର କ୍ରୀଡ଼ା ସମ୍ମାନ

**ପୁରୀ ଅଫିସ, ୨୯।୮:**

ଜାତୀୟ କ୍ରୀଡ଼ା ଦିବସ ଅବସରରେ ରବିବାର ସେଲ୍ଫ ଡିଫେନ୍ସ ଏକାଡେମୀ ଏବଂ ପୁରୀ ଜୁଡ଼ୋ ଏକାଡେମୀର ମିଳିତ ଆନୁକୂଲ୍ୟରେ ୟୁଥ୍ ହଷ୍ଟେଲ ପରିସରରେ ୧୬ତମ ଶ୍ରୀକ୍ଷେତ୍ର କ୍ରୀଡ଼ା ସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ କ୍ରୀଡ଼ା ପ୍ରଶାସକ ରବୀନ୍ଦ୍ରନାଥ ସେନାପତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି ଯୋଗଦେଇ ଖେଳାଳିମାନଙ୍କୁ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେବା ସହ ଓଡ଼ିଶା ସରକାରଙ୍କ ପ୍ରଚାର ଓ ପ୍ରସାର କାରଣରୁ ଭାରତରେ ହକି ଲୋକପ୍ରିୟ ହୋଇପାରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ବରିଷ୍ଠ ଖବରଦାତା ଜଗନ୍ନାଥ ବସ୍ତିଆ ଏବଂ ଅନ୍ତର୍ଜାତୀୟ ଚେସ୍ ତାରକା ଅପରାଜିତା ଗୋଚ୍ଛିକାର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ସବ୍ୟସାଚୀ ରଥ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମେଜର ଧ୍ୟାନଚାନ୍ଦଙ୍କୁ ଭାରତ ରତ୍ନ ପ୍ରଦାନ ପାଇଁ ସେ ଦାବି କରିଥିଲେ। ଏହି ଅବସରରେ ଜୀବନବ୍ୟାପୀ ସାଧନା ପାଇଁ ଦ୍ୱାରିକାନାଥ ମିଶ୍ର, କ୍ରୀଡ଼ା ସାମ୍ବାଦିକ ରଞ୍ଜିତ ମିଶ୍ର, କୋଚ ପ୍ରଦୀପ କୁମାର ସାହୁ, କ୍ରୀଡ଼ା ଶିକ୍ଷକ ରଞ୍ଜିତ ମିଶ୍ର, ଜୁଡ଼ୋ କୋଚ ଅକ୍ଷୟ କୁମାର ବ୍ରହ୍ମା, ଜିମ୍ନାଷ୍ଟିକ ବିଶ୍ୱଜିତ ବେହେରା, ଚେସ୍ ଖେଳାଳି ବୈଭବ ମିଶ୍ର, ଭଲିବଲ କୋଚ ଦିଲୀପ କୁମାର ଦଳାଇ, ହ୍ୟାଣ୍ଡବଲ କୋଚ ରଶ୍ମିରଞ୍ଜନ ତ୍ରିପାଠୀ, ଆଖଡ଼ା ପାଇଁ ଶକ୍ତିସ୍ୱରୂପା ସାହୁ, କୁସ୍ତିବିତ ପ୍ରତାପ ପ୍ରଧାନ ଏବଂ କ୍ରୀଡା ସଙ୍ଗଠକ ରଞ୍ଜନ ମହାନ୍ତିଙ୍କୁ ଶ୍ରୀକ୍ଷେତ୍ର କ୍ରୀଡ଼ା ସମ୍ମାନରେ ସମ୍ମାନିତ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ ରାଜକିଶୋର ମହାନ୍ତି, ସନ୍ତୋଷ କୁମାର ପାତ୍ର, ଲକ୍ଷ୍ମୀପ୍ରିୟା ନାଥ ଏବଂ ଗୋପାଳ ଚନ୍ଦ୍ର ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ ।



ଶ୍ରୀମନ୍ଦିର ହୁଣ୍ଡିରୁ ଆୟ
୨୯।୦୮।୨୦୨୧
୧୬୫୯ ଟଙ୍କା

## ସଂକ୍ଷେପରେ

### ଓଡ଼ିଶୀ ନୃତ୍ୟର ମୌଳିକତା ରକ୍ଷା ଉପରେ ଗୁରୁତ୍ୱ

ଜଟଣୀ,୨୯।୮(ଡି.ଏନ୍.ଏ.): ଜଟଣୀ ନାଦଭେଦ ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ ନୃତ୍ୟ ଉପରେ ଭର୍ଚ୍ଚୁଆଲ ମାଧ୍ୟମରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ.ଜଗନ୍ନାଥ କୁଅଁର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ । ମୁଖ୍ୟ ଆଲୋଚକଭାବେ ଡ. ସ୍ନେହପ୍ରଭା ସାମନ୍ତରାୟ, ଅତିଥିଭାବେ ଡ. ମନୋରଞ୍ଜନ ପ୍ରଧାନ ଯୋଗଦେଇଥିଲେ। ଓଡ଼ିଶୀ ନୃତ୍ୟ ଏକ ମନୋରଞ୍ଜନ ଧର୍ମୀ ନୃତ୍ୟ ନୁହେଁ ଏହା ମହାପ୍ରଭୁ ଜଗନ୍ନାଥଙ୍କ ଛତିଶା ନିଯୋଗ ସେବା ମଧ୍ୟରୁ ଏକ ସେବା। ବିଶ୍ୱ ଦରବାରରେ ଏହି ନୃତ୍ୟ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ଏହାର ପ୍ରଚାର ଓ ପ୍ରସାର ଆବଶ୍ୟକ। ଓଡ଼ିଶୀ ନୃତ୍ୟର ମୌଳିକତା ରକ୍ଷା ଉପରେ ଅତିଥିମାନେ ଗୁରୁତ୍ୱ ଦେଇଥିଲେ। ଡ.ଅଜୟ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରଥିବା ବେଳେ ପ୍ରାରମ୍ଭରେ ଅଧ୍ୟାପକ ସୁକାନ୍ତ କୁଣ୍ଡୁ ଜଗନ୍ନାଥାଷ୍ଟକ ଗାନକରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ।

### ଅବକାରୀ ଚଢ଼ାଉ, ଜଣେ ଗିରଫ

ଅସ୍ତରଙ୍ଗ,୨୯।୮(ଡି.ଏନ୍.ଏ.): ଅସ୍ତରଙ୍ଗ ଥାନା ଅଞ୍ଚଳରେ ଚୋରା ମଦ କାରବାର ବୃଦ୍ଧି ପାଇବାରେ ଲାଗିଛି। ଶନିବାର ନଗର ପଞ୍ଚାୟତ ଦକ୍ଷିଣପନ୍ତାଳ ଗ୍ରାମରେ ଚୋରା ମଦ ବ୍ୟବସାୟ ଚାଲିଥିବା ଖବରପାଇ ପୁରୀ ଅବକାରୀ ବିଭାଗ ଓ ନିମାପଡ଼ା ଅବକାରୀ ବିଭାଗର ଏକ ଟିମ୍ ଗ୍ରାମରେ ପହଞ୍ଚିଥିଲେ। ଅବକାରୀ ଅଧିକାରୀ ମମତା ଦାସଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇ ପର୍ଶୁରାମ ସ୍ୱାଇଁଙ୍କୁ ଗିରଫ କରାଯାଇଥିଲା। ତାଙ୍କ ନିକଟରୁ ୨୦ଲିଟର ମଦ ଜବତ ହୋଇଛି। ଏକ ମାମଲା(ନଂ. ୩୧/୨୧)ରୁଜୁ କରାଯାଇ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ଏହି ଚଢ଼ାଉରେ ଜିତେନ୍ଦ୍ର ବେହେରା, ସବିତା ସାହୁ ପ୍ରମୁଖ ସାମିଲ ଥିଲେ।

### ଏଏପିର ଜିଲା କାର୍ଯ୍ୟକାରିଣୀ ବୈଠକ

ପୁରୀ ଅଫିସ, ୨୯।୮: ଆମ୍ ଆଦମୀ ପାର୍ଟି (ଏଏପି)ର ପୁରୀ ଶାଖା ପକ୍ଷରୁ ଜିଲା କାର୍ଯ୍ୟାଳୟରେ ରବିବାର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟୁତ୍ ବିଲ୍ ବୃଦ୍ଧି, ତ୍ରୁଟିପୂର୍ଣ୍ଣ ବିଦ୍ୟୁତ୍ ବିଲ୍‌କୁ ବିରୋଧ, ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ଦେୟମୁକ୍ତ ବିଦ୍ୟୁତ ଦାବି ଓ ପୁରୀବାସୀଙ୍କୁ ମାସକୁ ୨୦ ହଜାର ଲିଟର ପର୍ଯ୍ୟନ୍ତ ପାଣି ମାଗଣା ଯୋଗାଇବା ପାଇଁ ଦାବି କରାଯାଇଛି। ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନକୁ ଆଖିରେ ରଖି ଦଳକୁ ମଜଭୁତ କରିବା ସହ ନିର୍ବାଚନ ଇସ୍ତାହାର ପ୍ରସ୍ତୁତି ସମ୍ପର୍କରେ ସେ ସମ୍ପର୍କରେ ଆଲୋଚନା ହୋଇଛି। ବୈଠକରେ ଏଏପି ରାଜ୍ୟ ପ୍ରବକ୍ତା ରଙ୍ଗଚରଣ ପ୍ରଧାନ ଯୋଗଦେଇଥିଲେ। ଜିଲା ଆବାହକ ସଞ୍ଜୀବ କୁମାର ମହାନ୍ତି, ଜିଲା ସମ୍ପାଦକ ରାଜେଶ ପଣ୍ଡା, ସମୀର ସାମନ୍ତରାୟ, ଜିଲା ମିଡିଆ ସଂଯୋଜକ ଅଭିଷେକ ପାଣିଗ୍ରାହୀ, ଅନିଲ କୁମାର ସେନାପତି, ଜିଲା ସୋସିଆଲ ମିଡିଆ ଅଧ୍ୟକ୍ଷ ସତ୍ୟଜିତ ମହାନ୍ତି, ଜିଲା ଲିଗାଲ ସେଲ୍ ଅଧ୍ୟକ୍ଷ ବଶିଷ୍ଠ ରଥ, ଶିଶିର କୁମାର ପାଢ଼ୀ, ପ୍ରକାଶ ପ୍ରଧାନ, ବିରଜା ପ୍ରସାଦ ନାଥ, ଆକାଶ ପଟ୍ଟନାୟକ, ଟୁଲୁ ପଣ୍ଡା ଏବଂ ବିଭୁ ପ୍ରସାଦ ରଥ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନ୍ୟ ଦଳର କେତେଜଣ ବ୍ୟକ୍ତି ଏଏପିରେ ସାମିଲ ହୋଇଥିଲେ।


ପୁରୀ ସହରର ଏକ ଘରେ କୁମାରୀମାନେ ରବିବାର ଖୁଦୁରୁକୁଣୀ ଓଷା ପାଳନ ଅବସରରେ ପୂଜାର୍ଚ୍ଚନା କରୁଛନ୍ତି ।

# ଜଙ୍ଗଲରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**କୋଣାର୍କ,୨୯।୮(ଡି.ଏନ୍.ଏ.):**

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

କୋଣାର୍କ-ପୁରୀ ବେଳାଭୂମି ରାସ୍ତାର କଇଁଛଘର ନିକଟ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରୁ ରବିବାର କୋଣାର୍କ ପୋଲିସ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ପିପିଲି ଥାନା ଅଧୀନ ଦୁର୍ଗାଦାସପୁର ଗ୍ରାମର ଆଦିତ୍ୟ ନାରାୟଣ ପଣ୍ଡା। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ଶୁକ୍ରବାର ସକାଳେ ଆଦିତ୍ୟ ସାଙ୍ଗମାନଙ୍କ ସହିତ ଭୋଜି କରିବା ପାଇଁ ଖୋର୍ଦ୍ଧାର ବରୁଣେଇକୁ ଯାଉଛି ବୋଲି ଘରେ କହି ବାଇକ୍ ନେଇ ଯାଇଥିଲେ। ସେ ଘରକୁ ଆଉ ନ ଫେରିବାରୁ ଶନିବାର ପରିବାର ଲୋକେ ପିପିଲି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଆଦିତ୍ୟଙ୍କ ମୋବାଇଲ ଫୋନକୁ ଟ୍ରାକିଂ କରି କୋଣାର୍କ ଅଞ୍ଚଳରେ ଥିବା ଜାଣିବାକୁ ପାଇଥିଲା। ରବିବାର ପୂର୍ବାହ୍ନ ୧୦ଟାରେ ବାଲୁଖଣ୍ଡ ଅଭୟାରଣ୍ୟ ଜଙ୍ଗଲରେ ଜଣେ ଯୁବକଙ୍କ ମୃତଦେହ ଝୁଲୁଥିବା ପୋଲିସ ଜାଣିବାକୁ ପାଇଥିଲା। କୋଣାର୍କ ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ଘଟଣାସ୍ଥଳରୁ ଗୋଟିଏ ବାଇକ୍, ମୋବାଇଲ ଫୋନ ଓ ଟଙ୍କା ଜବତ ହୋଇଛି। ଅନ୍ୟପଟେ ଆଦିତ୍ୟଙ୍କୁ ବଣଭୋଜି ନାଁରେ ଡାକି ଆଣି ହତ୍ୟା କରାଯାଇଛି ବୋଲି ଭାଇ ପ୍ରକାଶ ପଣ୍ଡା କୋଣାର୍କ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୧୫/୨୧)ରୁଜୁକରି ତଦନ୍ତ ଚଳାଇଛି।

# ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୨୯।୮:**

ସ୍ୱଦେଶୀ ଜାଗରଣ ମଞ୍ଚ ପୁରୀ ତରଫରୁ ରବିବାର ରାଣୀସତୀ ଭବନରେ ବିଚାର ବର୍ଗ ଓ ଦୈନନ୍ଦିନ ଜୀବନରେ ସ୍ୱଦେଶୀ ଓ ଦେଶର ବିକାଶରେ ସ୍ୱଦେଶୀ ଶୀର୍ଷକ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ଏସ୍‌ର ବରିଷ୍ଠ ଅଧିକାରୀ ରାଜକିଶୋର ସାହୁ, ମନୋରଞ୍ଜନ ସାହୁ, ସ୍ୱଦେଶୀ ଜାଗରଣ ମଞ୍ଚ ରାଜ୍ୟ ସଂଯୋଜକ ଶତ୍ରୁଘ୍ନ ତରାଇ ଏବଂ ସଂଘର୍ଷ ବାହିନୀ ପ୍ରମୁଖ ଶଙ୍କିନନ୍ଦନ ଦାଶ ଯୋଗଦେଇ ଦୈନନ୍ଦିନ ଜୀବନର ଆବଶ୍ୟକତା ଓ ଦେଶର ଅର୍ଥନୀତିକୁ ଶକ୍ତିଶାଳୀ କରିବା ପାଇଁ ସ୍ୱଦେଶୀ ଦ୍ରବ୍ୟର ବ୍ୟବହାର ଆବଶ୍ୟକ ବୋଲି କହିଥିଲେ। ସେହିପରି ସ୍ୱଦେଶୀ ବିକାଶ ଯାତ୍ରା ଉପରେ ଆଲୋଚନା ହୋଇଥିଲା। ଖବରଦାତା ଜଗନ୍ନାଥ ବସ୍ତିଆ, ସୁଦେଶା ପଣ୍ଡା, ଭବାନୀ ମିଶ୍ର, ବୀଣାପାଣି ପଣ୍ଡା ଏବଂ ସାରଙ୍ଗଧର ଷଡଙ୍ଗୀ ଆଲୋଚନାରେ ଭାଗନେଇଥିଲେ। ନଗର ସଂଯୋଜକ ମନୋଜ କୁମାର ଅଗ୍ରୱାଲ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରମୁଖ ସବିତା ବିଶୋଇ ଆଲୋଚନାଚକ୍ର ପରିଚାଳନା କରିଥିଲେ। ଉପେନ୍ଦ୍ର ବିଶୋଇ, ପୂର୍ଣ୍ଣଚନ୍ଦ୍ର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଦାସ, ଅଜୟ ଦାସ, ତରୁଣାଦିତ୍ୟ ମିଶ୍ର, ବିଚିତ୍ର ରଞ୍ଜନ ସାହୁ, କବିତା ପ୍ରଧାନ ଏବଂ ଅଶୋକ ଦାଶ ସହଯୋଗ କରିଥିଲେ। ଶେଷରେ ଜଗନ୍ନାଥ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।



ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥିମାନେ ।

# ଅଧାରୁ ଅଟକିଛି ଆବାସ ଗୃହ ତଦନ୍ତ

**ଗୋପ,୨୯।୮(ଡି.ଏନ୍.ଏ.)**

ଗୋପ ବ୍ଲକରେ ମାତ୍ର ୧୮୭ଟି ଚାଳଛପର ଘର ରହିଛି। କିନ୍ତୁ ଏହି ହିତାଧିକାରୀଙ୍କ ନାମ ଗୃହ ତଦନ୍ତ ତାଲିକାରେ ନ ଥିବାବେଳେ ଏବେ ଅଧାରୁ ଗୃହ ତଦନ୍ତ ବନ୍ଦ ହୋଇଯାଇଛି। ଫଳରେ ପକ୍କାଘର ପାଇବା ଆଶାରେ ଥିବା ହିତାଧିକାରୀମାନେ ଏବେ ଆଶଙ୍କାରେ ରହିଛନ୍ତି। ସୂଚନାଯୋଗ୍ୟ, ଫନୀରେ ଗୋପ ବ୍ଲକ ଶତାଧିକରୁ ଊର୍ଦ୍ଧ୍ୱ ଗରିବ ବାସହରା ହୋଇଥିଲେ। ପରେ ସରକାରୀ ସ୍ତରରେ ଏହି ବାସହରାଙ୍କୁ ତଦନ୍ତ କରି ଗୃହ ଯୋଗାଇ ଦିଆଯିବ ବୋଲି କୁହାଯିବା ସହ ବ୍ଲକ ଓ ତହସିଲ ପକ୍ଷରୁ ତଦନ୍ତ ମଧ୍ୟ ହୋଇଥିଲା। ହେଲେ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ପଲିଥିନ ତଳେ ରହୁଥିବା ଅଧିକାଂଶ ବାସହରାଙ୍କୁ ଗୃହ ନ ମିଳିବାରୁ ଅଭିଯୋଗ ହୋଇଆସୁଥିଲା। ଚଳିତମାସ ଆରମ୍ଭରୁ ୩୧ ପଞ୍ଚାୟତ ମଧ୍ୟରୁ ୨୮ଟିରେ ଆବାସ ଯୋଜନା ଗୃହ ତଦନ୍ତ ଆରମ୍ଭ ହୋଇଥିଲା। ହେଲେ ବିଡିଓ ଦୀପ୍ତିରାଣୀ ଦାସଙ୍କ ନିର୍ଦ୍ଦେଶ ପରେ ଗତ ଶନିବାର ଅଚାନକ ବନ୍ଦ କରି ଦିଆଯାଇଛି। ତେବେ ବ୍ଲକରେ ୧୮୭ଟି ଚାଳଛପର ଘର ରହିଥିବା ବେଳେ ତାଲିକାରେ ଅଯୋଗ୍ୟ ହିତାଧିକାରୀ, ଘର ଥିବା ଲୋକଙ୍କ ନାଁ ରହିଥିବା ବେଳେ ଅଧିକାଂଶ ଯୋଗ୍ୟ ହିତାଧିକାରୀ ନାଁ ତାଲିକାରୁ ବାଦ୍ ପାଇଥିବା ଭରତ ସାହୁ, ପ୍ରମିଳା ମଲ୍ଲିକ, ସନ୍ତୋଷ କୁମାର ସ୍ୱାଇଁ କହିଛନ୍ତି। ଏ ନେଇ ବିଡିଓ ଦାସ କହିଛନ୍ତି, ଉପରୁ ନିର୍ଦ୍ଦେଶ ଆସିବା ପରେ ତଦନ୍ତକୁ ବନ୍ଦ କରାଯାଇଛି। ପୁନଃ ତଦନ୍ତ କରାଯିବ ବୋଲି କହିବା ସହ ଅନ୍ୟ କଥାକୁ ଏଡ଼ାଇ ଦେଇଥିଲେ।

# ଭାଗନେଲେ ୪୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ


ଦୁଇ କୁସ୍ତି ପ୍ରତିଯୋଗୀଙ୍କ ମଧ୍ୟରେ ଲଢେଇ ଚାଲିଛି ।

**ପୁରୀ ଅଫିସ, ୨୯।୮:**

**ଜିଲାସ୍ତରୀୟ କୁସ୍ତି ପ୍ରତିଯୋଗିତା**

ପୁରୀ ଜିଲା କ୍ରୀଡ଼ା ସଂସଦ ତରଫରୁ ରବିବାର ସଦାଶିବ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ୨୩ବର୍ଷରୁ କମ୍ ବର୍ଗର ମହିଳା ଓ ପୁରୁଷ କୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଭାବେ ସଂସଦର ପୂର୍ବତନ ସମ୍ପାଦକ ବିଜୟ କୁମାର ପତି, ବରିଷ୍ଠ ସେବାୟତ ରାମଚନ୍ଦ୍ର ଦାସମହାପାତ୍ର, ପୂର୍ବତନ ଡିଏସ୍‌ଓ ରବୀନ୍ଦ୍ର ସେନାପତି, ପ୍ରିୟ ଦର୍ଶନ ପଟ୍ଟନାୟକ ଓ ଶ୍ୟାମସୁନ୍ଦର ପାତ୍ର ଯୋଗଦେଇଥିଲେ। ଅତିଥିମାନେ କୁସ୍ତିର ବିକାଶ ଉପରେ ଆଲୋକପାତ କରିଥିଲେ। ୧୨ଟି ଓଜନ ବର୍ଗରେ ପ୍ରତିଯୋଗିତା ହୋଇଥିଲା। ଜିଲାର ବିଭିନ୍ନ ଅଞ୍ଚଳରୁ ୪୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ପ୍ରତିଯୋଗୀ ଭାଗ ନେଇଥିଲେ। ପୁରୁଷ ବିଭାଗର ୫୩ କେଜି ବର୍ଗରେ ସଦାଶିବ ବାରିକ, ୬୧ କେଜିରେ ଲୋକନାଥ ଦଳାଇ, ୬୫ କେଜିରେ ଦେବଦତ୍ତ ସାମନ୍ତରାୟ, ୭୦ କେଜିରେ ଲୋକନାଥ ସୂପକାର, ୭୪ କେଜିରେ କିରଣ ଦଳାଇ ଏବଂ ଦିଲୀପ ବେହେରା କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ମହିଳା ବିଭାଗର ୫୦କେଜି ବର୍ଗରେ ସୁପ୍ରିୟା ମହାପାତ୍ର, ୫୩ କେଜିରେ ଫିଜା ମହାନ୍ତି, ୫୫ କେଜିରେ ଆଲୋକରଶ୍ମି ଗୁରୁ, ୫୩ କେଜିରେ ଶିବାନୀ ଜେନା ଏବଂ ୬୨ କେଜିରେ ପ୍ରଭାତି ଦଳାଇ କୃତକାର୍ଯ୍ୟ ହୋଇଛନ୍ତି। ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ଆସନ୍ତା ୩ତାରିଖରେ କଟକରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଜିଲାସ୍ତରୀୟ ପ୍ରତିଯୋଗିତାକୁ ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ପରିଚାଳନା କରିଥିଲେ। ଶିବନାରାୟଣ ମହାପାତ୍ର, ପ୍ରିୟରଞ୍ଜନ ମହାପାତ୍ର, ଶ୍ୟାମସୁନ୍ଦର ମହାପାତ୍ର, ମଦନ ମହାସୁଆର, ଲକ୍ଷ୍ମୀକାନ୍ତ ବେହେରା ଏବଂ କୃଷ୍ଣଚନ୍ଦ୍ର ଦାସ ପ୍ରମୁଖ ସହଯୋଗ କରିଥିଲେ।

## ଖେଲୋ ଇଣ୍ଡିଆ ଗେମ୍ସରେ ଭାଗନେବେ ମାଲଖମ୍ବ ପ୍ରତିଯୋଗୀ

**ପୁରୀ ଅଫିସ, ୨୯।୮:**

ଖେଲୋ ଇଣ୍ଡିଆ ଗେମ୍ସ-୨୦୨୧ରେ ଓଡ଼ିଶା ମାଲଖମ୍ବର ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିବେ। ଏଥିଲାଗି ଆସନ୍ତା ୩୧ ଏବଂ ସେପ୍ଟେମ୍ବର ୧ ତାରିଖରେ ପୁରୀ ନିଳାଦ୍ରୀ ବିଚ୍‌ରେ ଓଡ଼ିଶା ଷ୍ଟେଟ ମାଲଖମ୍ବ ଅସୋସିଏଶନ୍ ଆନୁକୂଲ୍ୟରେ ୧୮ ବର୍ଷରୁ କମ୍ ବୟସର ବାଳକ ଓ ବାଳିକା ପ୍ରତିଯୋଗୀ ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ସ୍କୁଲ ଓ କଲେଜର ଛାତ୍ରୀଛାତ୍ର ଅଂଶଗ୍ରହଣ କରିପାରିବେ। ଏହି ଶିବିରରେ ଯେଉଁ ପ୍ରତିଯୋଗୀଙ୍କୁ ଚୟନ କରାଯିବ ସେମାନେ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ ୨୦୨୧ରେ ଓଡିଶା ତରଫରୁ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ।

## ସ୍ୱଭାବ କବିଙ୍କ ଜୀବନୀ ଉପରେ ଆଲୋକପାତ

**କାକଟପୁର,୨୯।୮(ଡି.ଏନ୍.ଏ.)**

କାକଟପୁରସ୍ଥିତ ସ୍ୱମେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଥମ ଅଧିବେଶନରେ କୈଳାସ ଚନ୍ଦ୍ର ଦାଶଙ୍କ ସଂଯୋଜନାରେ କବିତା ପାଠ କରାଯାଇଥିଲା। ଗାୟକ ଅତିବଡ଼ି ମଙ୍ଗରାଜ ବିଶ୍ୱାଳ ଓ ବ୍ୟଙ୍ଗକବି ସମ୍ପଦ କୁମାର ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷାବିତ ସ୍ୱପ୍ନେଶ୍ୱର ସାହୁ ସ୍ୱଭାବ କବିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସଂସଦ ସଭାପତି ବନବିହାରୀ ଗ୍ରହାଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଚିରସନ୍ଧାନର ସମ୍ପାଦକ ପାର୍ଥସାରଥୀ ଅଜୟ ବାରିକ, ମୁଖ୍ୟବକ୍ତା ଗାୟକ ସିଦ୍ଧାନ୍ତଦର୍ଶୀ ମଦନ ମୋହନ ଜେନା, ବରେଣ୍ୟ ଅତିଥି ଖୋର୍ଦ୍ଧା ଉପଜିଲାପାଳ ଶୁଭ୍ରାଂଶୁ ଶେଖର ପଣ୍ଡା, ନାଟ୍ୟକାର ଗୀତିମୟ ନନ୍ଦ ପ୍ରମୁଖ ବକ୍ତା ମାନେ ଗଙ୍ଗାଧର ମେହେରଙ୍କ ପ୍ରଣୟ ବଲ୍ଲରୀ ଉପରେ ଆଲୋଚନା କରିଥିଲେ। ସଂସଦ ପକ୍ଷରୁ ପୂର୍ବତନ ଓଡ଼ିଶା ପ୍ରଶାସନିକ ଅଧିକାରୀ କୈଳାସ ଚନ୍ଦ୍ର ବରାଳ, ଗାୟକ ଉପେନ୍ଦ୍ର ବେହେରା, ଶିକ୍ଷାବିତ ହୃଦାନନ୍ଦ ଶାସମଲ, ପ୍ରଦୀପ ପଣ୍ଡାଙ୍କୁ ପ୍ରକୃତି କବି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସାଧାରଣ ସମ୍ପାଦକ ମନୋଜ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଉତ୍କଳ ସମ୍ମିଳନୀ ସଭାପତି ମଞ୍ଜୁଳା ଷଡ଼ଙ୍ଗୀ, ସମ୍ପାଦକ କ୍ଷେତ୍ରବାସିନୀ ତ୍ରିପାଠୀ ଯୋଗଦେଇଥିଲେ। ସ୍ଥିତପ୍ରଜ୍ଞ ଅଜୟ ଦୀକ୍ଷିତ ଧନ୍ୟବାଦ ଦେଇଥିଲେ।



ପୁରୀ ବେଳାଭୂମିରେ ରବିବାର ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକାକଳା ।

# ‘ବରିଷ୍ଠ ନାଗରିକ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି’

**ପୁରୀ ଅଫିସ,୨୯।୮:**

ପୁରୀ ଜିଲା ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ସାଧାରଣ ଅଧିବେଶନ ରବିବାର ବାଲିଘାଟ ନିକଟ ନାରାୟଣୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ଅଧ୍ୟକ୍ଷ ଡ. କାର୍ତ୍ତିକ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ବରିଷ୍ଠ ନାଗରିକଙ୍କ ମୌଳିକ ଅଧିକାର ଓ ଆବଶ୍ୟକତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବର୍ତ୍ତମାନ ସମାଜରେ ବରିଷ୍ଠ ନାଗରିକମାନେ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଏଥିପ୍ରତି ସରକାର ଗୁରୁତ୍ୱ ଦେବା ଅତ୍ୟନ୍ତ ଜରୁରୀ। ବୈଠକରେ ବିଭିନ୍ନ ବ୍ଲକର ପ୍ରତିନିଧିମାନେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସମ୍ପାଦକ ଦେବେନ୍ଦ୍ର କୁମାର ଦାଶ ବିବରଣୀ ପାଠ କରିବା ସହିତ ମଞ୍ଚର ଗଠନ, ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବରିଷ୍ଠ ସଦସ୍ୟ ଡ. ଶରତ କୁମାର ସାହୁ ଯୋଗଦେଇ ବର୍ତ୍ତମାନ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିବା ଏବଂ ଆଗାମୀ ଦିନରେ ସ୍ୱପ୍ନକୁ ସାର୍ଥକ କରିବା ପାଇଁ ଦୃଢ଼ ପ୍ରତିଜ୍ଞାବଦ୍ଧ ବୋଲି କହିଥିଲେ। ସତ୍ୟବାଦୀ ବ୍ଲକ ପ୍ରତିନିଧି ଗୁଣ୍ଡୁଚି ବରାଳ, ଅମର ନନ୍ଦ, ପ୍ରଫୁଲ୍ଲ ମହାପାତ୍ର, ରବୀନ୍ଦ୍ର ଦତ୍ତ, କଣାସ ବ୍ଲକର ବିଭୂତି ଭୂଷଣ ପଟ୍ଟନାୟକ, ଡେଲାଙ୍ଗ ବ୍ଲକ୍‌ର କ୍ଷେତ୍ରବାସୀ ପ୍ରଧାନ, ଗୋପ ବ୍ଲକ୍‌ର କୈଳାସଚନ୍ଦ୍ର ଦାଶ, ନିମାପଡ଼ା ବ୍ଲକ୍‌ର ନରହରି ସ୍ୱାଇଁ, ନାଗରିକ ମଞ୍ଚ ଉପସଭାପତି ଦେବୀପ୍ରସାଦ ତ୍ରିପାଠୀ, ପୁରୀର ଶିକ୍ଷାବିତ ବିଜୟ ଚରଣ ମହାନ୍ତି, କୋଷାଧ୍ୟକ୍ଷ ବିଜୟଚନ୍ଦ୍ର ଜେନା, ପ୍ରଫୁଲ୍ଲ ଚନ୍ଦ୍ର ମିଶ୍ର, ସୁଧୀର ରଞ୍ଜନ ମିଶ୍ର, ରବି ନାରାୟଣ ପଟ୍ଟନାୟକ, ଗୁରୁପ୍ରସାଦ ମିଶ୍ର ଏବଂ ଗୋବିନ୍ଦ ପ୍ରସାଦ ମହାନ୍ତି ପ୍ରମୁଖ ନିଜ ମତାମତ ଉପସ୍ଥାପନ କରିଥିଲେ। କୈଳାସ ରାୟ ଧନ୍ୟବାଦ ଦେଇଥିଲେ।


ଅଧିବେଶନରେ ଉପସ୍ଥିତ ବରିଷ୍ଠ ନାଗରିକମାନେ ।

# ଜାତୀୟ କ୍ରୀଡ଼ା ଦିବସରେ ଗଣଦୌଡ଼, ସାଇକେଲ ଶୋଭାଯାତ୍ରା

**କଣାସ/ଡେଲାଙ୍ଗ, ୨୯।୮(ସ୍ୱ.ପ୍ର./ଡି.ଏନ୍.ଏ.):**

ଜାତୀୟ କ୍ରିଡ଼ା ଦିବସ ପାଳନ ଅବସରରେ ରବିବାର କଣାସଠାରେ ଆଞ୍ଚଳିକ କ୍ରୀଡା ସଂସଦ ପକ୍ଷରୁ ଗଣଦୌଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ସୁକାନ୍ତ ସାମନ୍ତରାୟ ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ସାଗର ବେହେରା ପତାକା ଦେଖାଇ ଏହି ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ପ୍ରତିଯୋଗୀମାନେ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟରୁ ବାହାରି ନୂଆପଡ଼ା ଗ୍ରାମଠାରେ ପହଞ୍ଚିଥିଲେ। କ୍ରୀଡା ସାଂସ୍କୃତିକ ପରିଷଦ ସଭାପତି ସଞ୍ଜୟ ଛୁଆଳସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ସାମନ୍ତରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ବେହେରା, ଜୟଶଙ୍କର ଯୋଶୀ, ମହେନ୍ଦ୍ର ରଣସିଂହ, ବିଭୂତି ଭୂଷଣ ମହାପାତ୍ର, ବିଭୂତି ଭୂଷଣ ପଟ୍ଟନାୟକ, ପରିକ୍ଷିତ ବଡଜେନା, ଧନେଶ୍ୱର ରାଉତ ଅତିଥିଭାବେ ଯୋଗଦେଇଥିଲେ। ଗଣଦୌଡ଼ରେ ପ୍ରଥମ ସ୍ଥାନରେ ବିଭୂତି ଭୂଷଣ ସାହୁ, ଦ୍ୱିତୀୟ ଜିତେନ୍ଦ୍ର ହରିଚନ୍ଦନ, ତୃତୀୟ ସ୍ଥାନ ଅଧିକାର କରିଥିବା ରାକେଶ ପ୍ରଧାନଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ମନୋରଞ୍ଜନ ସୁନ୍ଦରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂସଦ ସଭାପତି ଛୁଆଳସିଂହ ଧନ୍ୟବାଦ ଦେଇଥିଲେ। ସେହିପରି ମଣ୍ଡଳସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ଡେଲାଙ୍ଗ ବ୍ଲକ ଅଫିସ ପରିସରରେ ପାଳିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କ୍ରୀଡ଼ା ଦିବସରେ ବିଡିଓ ଦିଲୀପ ଷଡ଼ଙ୍ଗୀ, ମହିଳା ମିଶନ ଶକ୍ତି ସମ୍ପାଦିକା ବାସନ୍ତୀ ସାହୁ, ପ୍ରସନ୍ନ ତ୍ରିପାଠୀ, ନଟବର ସେଠୀ, କାଳନ୍ଦୀ ଜେନା ପ୍ରମୁଖ ଯୋଗଦେଇଥିଲେ। ପ୍ରଭାତରେ ମହତାବ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ଦାସ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଛାତ୍ରୀଛାତ୍ରମାନେ ସାଇକେଲ ଶୋଭାଯାତ୍ରାରେ ବାହାରି ଡେଲାଙ୍ଗ ହାଟ ବଜାର, ବେରବୋଇ ବଜାର, ଡେଲାଙ୍ଗ ଷ୍ଟେଶନ ବଜାର ପରିକ୍ରମା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଓ ପ୍ରଶିକ୍ଷକଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।



ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମାନପତ୍ର ସହ କ୍ୟାଡେଟ୍ ଏବଂ କୃତୀ ପ୍ରତିଯୋଗୀମାନେ ।